# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୪/୨୦୨୦ (୧୬ ପୃଷ୍ଠା) | Bhubaneswar, Saturday, July 4/2020 | ★★★★★★

୪୬ଶ ଭାଗ ୨୧୯ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





### ସୋସିଆଲ ମିଡିଆରେ ମାଧୁରୀଙ୍କ ଯାଦୁ

ବଲିଉଡ୍‌ର ଧକ୍ ଧକ୍ ଗର୍ଲ ମାଧୁରୀ ଦୀକ୍ଷିତଙ୍କ ଏକ ପୁରୁଣା ଭିଡିଓ ସୋସିଆଲ ମିଡିଆରେ ଧୁମ୍ ମଚେଇଛି। କେବଳ ଡ୍ୟାନ୍ସ ନୁହେଁ ଏଥିରେ ମାଧୁରୀଙ୍କ ଏକ୍ସପ୍ରେଶନ ବି ଦର୍ଶକଙ୍କ ହୃଦୟକୁ ଛୁଇଁଛି। **୧୦**

**୧୬** 
### ହାମିଲଟନ୍ ଦ୍ରୁତତମ

ସିଜନ ଓପନିଂ ଫର୍ମୁଲାୱାନ୍ ରେସ୍ ଅଷ୍ଟ୍ରିଆନ ଗ୍ରାଁ ପ୍ରିର ପ୍ରଥମ ପ୍ରାକ୍ଟିସ୍ ସେସନରେ ଲୁଇସ୍ ହାମିଲଟନ ଦ୍ରୁତତମ ବିବେଚିତ ହୋଇଛନ୍ତି।






ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଥିବା ନନ୍ଦିଘୋଷ ରଥ ଉପରେ ଶୁକ୍ରବାର ଶ୍ରୀଜଗନ୍ନାଥଙ୍କୁ ଅଧରପଣା ଲାଗି କରାଯାଉଛି।

# ବିସ୍ତାରବାଦର ଯୁଗ ଶେଷ ହୋଇଛି

**ନୂଆଦିଲ୍ଲୀ,୩।୭(ପି.ଟି./ଆଇଏଏନ୍ଏସ୍)**

ସୀମାବିବାଦକୁ ନେଇ ଚାଇନା ଓ ଭାରତ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଅଚାନକ ଲଦାଖ ଗସ୍ତରେ ଯାଇଥିଲେ। ଲେହଠାରେ ଭାରତୀୟ ଯବାନମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ବିସ୍ତାରବାଦର ଯୁଗ ଶେଷ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ଚାଇନାର ନାଁ ନ ନେଇ ଚେତାବନୀ ଦେଇଛନ୍ତି। ବିସ୍ତାରବାଦର ଯୁଗ ଆଉ ନାହିଁ, ଏହା ବିକାଶର ଯୁଗ। ବିସ୍ତାରବାଦୀ ଶକ୍ତି ପରାଜିତ ହୋଇଛନ୍ତି କିମ୍ବା ପଛକୁ ଫେରିବାକୁ ବାଧ୍ୟ ହୋଇଛନ୍ତି, ଇତିହାସ ତା'ର ସାକ୍ଷୀ ହୋଇ ରହିଆସିଛି ବୋଲି ମୋଦି କହିଥିଲେ।

ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ଉତ୍ତେଜନା ସହ ପୂର୍ବ ଲଦାଖସ୍ଥିତ ଗଲ୍‌ୱାନ ଉପତ୍ୟକାରେ ଭାରତୀୟ ଯବାନ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷର ୧୮ ଦିନ ପରେ ପ୍ରଧାନମନ୍ତ୍ରୀଙ୍କ ଲଦାଖ ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀଙ୍କ ସହ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ୍ ପୂର୍ବାହ୍ନ ୯ଟା ୩୦ରେ ଲେହଠାରେ ପହଞ୍ଚିଥିଲେ। ସେନାମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ ମଧ୍ୟ ସେମାନଙ୍କ ସହ ଥିଲେ। ୧୧ ହଜାର ଫୁଟ୍ ଉଚ୍ଚରେ ଅବସ୍ଥିତ ନିମୁ ଆଗୁଆ ଘାଟିଠାରେ ମୋଦି ସ୍ଥଳସେନା, ବାୟୁସେନା ଏବଂ ଭାରତ-ତିବ୍ବତୀୟ ସୀମା ପୋଲିସ୍ (ଆଇଟିବିପି)ର ଯବାନମାନଙ୍କ ☞ପୃଷ୍ଠା-୪

### ଲଦାଖକୁ ମୋଦିଙ୍କ ଅଚାନକ ଗସ୍ତ



ଲେହଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯବାନମାନଙ୍କୁ ସମ୍ବୋଧନ କରୁଛନ୍ତି।

## କେହି ଜଣେ ମିଛ କହୁଛନ୍ତି: ରାହୁଲ



ନୂଆଦିଲ୍ଲୀ,୩।୭(ଆଇଏଏନ୍ଏସ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଲେହ ଗସ୍ତ କରି ଭାରତ-ଚାଇନା ସୀମାବର୍ତ୍ତୀ ଅଞ୍ଚଳ ପରିଦର୍ଶନ କରିଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟ୍ କରି ତାଙ୍କୁ ଘେରିଥିଲେ। ଚାଇନା ଆମର ଭୂମି ଛଡ଼ାଇ ନେଇଛି ବୋଲି ଲଦାଖବାସୀ ଅଭିଯୋଗ ଆଣୁଥିବାବେଳେ ପ୍ରଧାନମନ୍ତ୍ରୀ କହୁଛନ୍ତି ଆମ ଜମି କେହି ନେଇନାହାନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ର ସ୍ଥିତିକୁ ନେଇ କେହି ଜଣେ ମିଛ କହୁଛନ୍ତି।

## ସୀମା ବିବାଦକୁ ଜଟିଳ କରା ନ ଯାଉ: ଚାଇନା

ବେଜିଂ,୩।୭(ପି.ଟି.): ଉଭୟ ଭାରତ ଓ ଚାଇନା ଏପରି କୌଣସି ପଦକ୍ଷେପ ନେବା ଅନୁଚିତ, ଯଦ୍ଦ୍ୱାରା ସୀମା ବିବାଦ ଅଧିକ ଜଟିଳ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲେହ ଗସ୍ତ ପରେ ଚାଇନା ପକ୍ଷରୁ ଏପରି ପ୍ରତିକ୍ରିୟା ଆସିଛି। ଚାଇନା ବହିର୍ବ୍ୟାପାର ମୁଖପାତ୍ର ଝାଓ ଲିଜିଆନ୍ ବେଜିଂରେ ଖବରଦାତାମାନଙ୍କୁ କହିଛନ୍ତି, ଭାରତ ଓ ଚାଇନା ସାମରିକ ଓ କୂଟନୈତିକ ଚ୍ୟାନେଲ ଜରିଆରେ ପରସ୍ପର ସହିତ ଯୋଗସୂତ୍ରରେ ରହିଛନ୍ତି। ଏହିସ୍ଥଳେ ଉଭୟ ପକ୍ଷ ଏଭଳି କୌଣସି କାର୍ଯ୍ୟ କରିବା ଅନୁଚିତ, ଯାହା ସୀମାରେ ଲାଗି ରହିଥିବା ସ୍ଥିତିକୁ ଜଟିଳ କରିବ। ସେହିପରି ଭାରତରେ ବ୍ୟବସାୟ ପାଇଁ ନିଜର ଆଇନଗତ ଅଧିକାରକୁ ବଜାୟ ରଖିବା ଲାଗି ବେଜିଂ ଆବଶ୍ୟକ ପଦକ୍ଷେପ ନେବ। ଭାରତୀୟ ପକ୍ଷ ଚାଇନା ସମ୍ପର୍କରେ କୌଣସି ରଣନୈତିକ ଭୁଲ ଆକଳନ କରିବା ଅନୁଚିତ ବୋଲି ଝାଓ ଚେତାଇ ଦେଇଛନ୍ତି।

# ଅପରାଧୀଙ୍କ ଗୁଳିରେ ଡିଏସ୍‌ପିଙ୍କ ସମେତ ୮ ପୋଲିସ ମୃତ

**କାନପୁର,୩।୭(ପି.ଟି./ଆଇଏଏନ୍ଏସ୍)**

ଉତ୍ତରପ୍ରଦେଶ(ୟୁପି)ର କୁଖ୍ୟାତ ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କୁ ଧରିବାକୁ ଯାଇ ଶୁକ୍ରବାର ଭୋର ସମୟରେ କାନପୁର ନିକଟରେ ଜଣେ ଡିଏସ୍‌ପିଙ୍କ ସମେତ ୮ ପୋଲିସ ପ୍ରାଣ ହରାଇଛନ୍ତି। ଏନ୍‌କାଉଣ୍ଟର ପୂର୍ବରୁ ଅପରାଧୀଙ୍କ ଅତର୍କିତ ଆକ୍ରମଣରେ ଅନ୍ୟ ୭ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଦୁର୍ଦ୍ଦାନ୍ତ ବିକାଶ ଖସିପଳାଇବାରେ ସକ୍ଷମ ହୋଇଥିବାବେଳେ ଅନ୍ୟ ଏକ ଏନ୍‌କାଉଣ୍ଟରରେ ୨ ଅପରାଧୀ ନିହତ ହୋଇଛନ୍ତି। ୟୁପି ପୋଲିସର ନିଦ ହଜାଇଦେଇଥିବା ବିକାଶ ଦୁବେଙ୍କ ବିରୋଧରେ ୬୦ଟି ଆପରାଧିକ ମାମଲା ରହିଛି। କାନପୁରସ୍ଥିତ ଚୌବେପୁର ଥାନା ଅଧୀନ ବିଖ୍‌ରୁ ଗ୍ରାମରେ ବିକାଶଙ୍କ ଉପସ୍ଥିତି ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସର ୫୦ ଜଣିଆ ଟିମ୍ ଶୁକ୍ରବାର ଭୋର ୩ଟା ୩୦ରେ ବିକାଶଙ୍କୁ ଧରିବା ପାଇଁ ଉକ୍ତ ଗ୍ରାମରେ ଥିବା ତାଙ୍କ ଆଡ୍ଡା ଉପରେ ଚଢ଼ାଉ କରିବାକୁ ଯାଉଥିଲା। ଏତିକିବେଳେ ପୋଲିସ ଉପରେ ଗୁଳିବର୍ଷା ହୋଇଥିଲା। ଗୁଳିମାଡ଼ରେ ଡିଏସ୍‌ପି ଦେବେନ୍ଦ୍ର ମିଶ୍ର, ୩ ସବ୍‌ଇନ୍ସପେକ୍ଟର ଓ ୪ କନଷ୍ଟେବଳ ଟଳିପଡ଼ିଥିଲେ। କୁଖ୍ୟାତ୍ ଅପରାଧୀମାନେ ଚଢ଼ାଉ ନେଇ ଆଗୁଆ ସୂଚନା ପାଇଥିଲେ। ସେମାନେ ଜେସିବି ରଖି ରାସ୍ତା ଅବରୋଧ କରି ଆକ୍ରମଣ ପାଇଁ ପ୍ରସ୍ତୁତ ☞ପୃଷ୍ଠା-୪



ଉତ୍ତରପ୍ରଦେଶର ବିଖ୍‌ରୁ ଗ୍ରାମରେ ପୋଲିସର ତନାଘନା।

### ଏନ୍‌କାଉଣ୍ଟର ପୂର୍ବରୁ ଅତର୍କିତ ଆକ୍ରମଣ

- ବିକାଶ ଦୁବେଙ୍କୁ ଧରିବାକୁ ଯାଇଥିଲା ୫୦ ଜଣିଆ ଟିମ୍
- ଜେସିବି ରଖି ରାସ୍ତା ଅବରୋଧ କରିଥିଲେ ଅପରାଧୀ
- ବିଲ୍ଡିଂ ଛାତ ଉପରୁ ଗୁଳିବର୍ଷା, ଟେକାମାଡ଼ କଲେ
- ଜଣେ ଡିଏସ୍‌ପି, ୩ ସବ୍‌ଇନ୍ସପେକ୍ଟର ଓ ୪ କନଷ୍ଟେବଳ ପ୍ରାଣ ହରାଇଲେ




## ସରୋଜ ଖାନ୍‌ଙ୍କ ଦେହାନ୍ତ

**ମୁମ୍ବାଇ,୩।୭**



ସରୋଜ ଖାନ୍

ବଲିଉଡ୍‌ର ଭେଟେରାନ୍ ଡ୍ୟାନ୍ସ କୋରିଓଗ୍ରାଫର ତଥା ତିନିଥର ଜାତୀୟ ପୁରସ୍କାର ବିଜେତା ସରୋଜ୍ ଖାନ୍‌ଙ୍କ ଗୁରୁବାର ରାତି ୨ଟା ୩୦ରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ଜୁନ୍ ୨୦ରେ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ମୁମ୍ବାଇସ୍ଥିତ ଗୁରୁ ନାନାକ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସରୋଜଙ୍କ ପୁତୁରା ମନୀଷ୍ ଜଗୱାନି ପ୍ରକାଶ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମାଷ୍ଟରଜୀ ଭାବେ ଜଣାଶୁଣା ସରୋଜ୍ ୨ ହଜାରରୁ ଊର୍ଦ୍ଧ୍ୱ ଗୀତରେ କୋରିଓଗ୍ରାଫି କରିଥିଲେ। ଅମିତାଭ, ଶାହରୁଖ, ମାଧୁରୀଙ୍କ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

### ଖର୍ଚ୍ଚ କମାଇବ ରେଲ୍‌ୱେ


# ସାଇବର ମାମଲା:ସଫଳତା ଶୂନ

**ତ୍ରିନାଥ ମହାନ୍ତି**

**ଭୁବନେଶ୍ୱର,୩।୭ (ବ୍ୟୁରୋ)**

କରୋନା କଟକଣା ପାଇଁ ଲୋକେ ଘରେ ରହିଲେ। ଇ-କାରବାର ଉପରେ ଅଧିକ ନିର୍ଭରଶୀଳ ହୋଇପଡିଲେ। ଏହାର ସୁଯୋଗ ନେଇ ସାଇବର ଅପରାଧୀମାନେ ଏବେ ବେଶ୍ ସକ୍ରିୟ ହୋଇଉଠିଛନ୍ତି। ନାନା ଉପାୟରେ ନିମିଷକରେ ବ୍ୟାଙ୍କ୍ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଛନ୍ତି। ସାଇବର ଅପରାଧୀମାନେ ଦିଲ୍ଲୀ, ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ ଆଦି ବଡ଼ ବଡ଼ ସହରରେ ରହି ଓଡ଼ିଶାରେ ରହୁଥିବା ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ଅଜଣା ଲିଙ୍କ୍ ପଠାଇ ପ୍ରଲୋଭିତ କରି ଠକୁଛନ୍ତି। କେତେବେଳେ ପେଟିଏମ୍ କେୱାଇସି ଅପ୍‌ଡେଟ୍ ଆଳରେ ଟଙ୍କା ଲୁଟୁଛନ୍ତି, ତ ଆଉ କେତେବେଳେ ଅନଲାଇନ୍‌ରେ ଫେକ୍ ବିଜ୍ଞାପନ ଦେଇ ଓ ହ୍ୟାକିଂ କରି ଠକେଇ କରୁଛନ୍ତି। ବିଶେଷକରି ଲକ୍‌ଡାଉନ୍ ଆରମ୍ଭରୁ ରାଜ୍ୟରେ ସାଇବର ଅପରାଧ ଦୁଇଗୁଣା ବଢ଼ିଥିବାବେଳେ କେବଳ ୩ ମାସରେ ରାଜଧାନୀର ବିଭିନ୍ନ ଥାନାରେ ୩୩ ମାମଲା ରୁଜୁ ହୋଇଛି। କେବଳ ୧୨ଟି ମାମଲାରେ ପେଟିଏମ୍ କେୱାଇସି ବନ୍ଦ ଭୟ ଦେଖାଇ ଅପରାଧୀମାନେ ଲୁଟିଛନ୍ତି ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ଏସବୁ ମାମଲାର ତଦନ୍ତ ନିଜେ ଥାନାଧିକାରୀ ନେଇଥିଲେ ମଧ୍ୟ ଏଯାଏ କୌଣସି ଗୋଟିଏରେ ସଫଳତା ମିଳିପାରିନି। ଅପରାଧୀମାନେ ବାହାର ରାଜ୍ୟରେ ରହି ର୍‍ୟାକେଟ ଚଲାଉଥିବାରୁ ଏବଂ ଓଡ଼ିଶା ପୋଲିସ ସେମାନଙ୍କ ନିକଟରେ ପହଞ୍ଚିପାରୁ ନ ଥିବାରୁ ମାମଲାର ତଦନ୍ତ ଆଗେଇପାରୁନି। ☞ପୃଷ୍ଠା-୪

### ଭୁବନେଶ୍ୱର କମିଶନରେଟ ପୋଲିସ



- ୩ ମାସରେ ୩୩ ସାଇବର ମାମଲା
- ବହୁ କୋଟି ଲୁଟି ନେଇଛନ୍ତି ଅପରାଧୀ
- ପେଟିଏମ୍ ବନ୍ଦ ଭୟ ଦେଖାଇ ଅଧିକାଂଶ ଠକେଇ
- ମାମଲାଗୁଡ଼ିକର ତଦନ୍ତ ଫଳ ଶୂନ

### ଲୋକେ ସଚେତନ ହେବା ଆବଶ୍ୟକ



ଭୁବନେଶ୍ୱରେ ହେବାକୁ ଥିବା ସାଇବର ଥାନା କରୋନା ପାଇଁ କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର ଏହାର ପ୍ରତିଷ୍ଠା ହେବା ପରେ ସାଇବର ଅପରାଧ ମାମଲାଗୁଡ଼ିକର ତଦନ୍ତକୁ ତ୍ୱରାନ୍ୱିତ କରାଯିବ। ଅପରାଧୀ ଓ ର୍‍ୟାକେଟକୁ ଠାବ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଗଲେ ମାମଲା କମିଯିବ। କେବଳ ପୋଲିସ ଉପରେ ଛାଡି ଦେଲେ ହେବ ନାହିଁ, ଲୋକେମାନେ ମଧ ସଚେତନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। - **ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି, କ୍ରାଇମବ୍ରାଞ୍ଚ**

### ଲୋଭରେ ପଡ଼ନ୍ତୁ ନାହିଁ, ଅଜଣାବ୍ୟକ୍ତିଙ୍କୁ ତଥ୍ୟ ଦିଅନ୍ତୁନି



ସାଇବର ଅପରାଧୀମାନେ ବିଭିନ୍ନ ତରିକା ଆପଣାଉଛନ୍ତି। ତେଣୁ କୌଣସି ପରିସ୍ଥିତିରେ ବି ନିଜର ବ୍ୟକ୍ତିଗତ ତଥ୍ୟ କିମ୍ବା ବ୍ୟାଙ୍କ୍ ସମ୍ପର୍କିତ ତଥ୍ୟ ଫୋନରେ ଅଜଣା ବ୍ୟକ୍ତିଙ୍କୁ ଜଣାନ୍ତୁ ନାହିଁ। ଯେଉଁମାନେ ଲୋଭରେ ପଡିବେ, ନିଶ୍ଚିତ ଠକେଇର ଶିକାର ହେବେ। - **ଦେବାଶିଷ ଜେନା, ସାଇବର ବିଶେଷଜ୍ଞ ତଥା ଆଇଆଇଆଇଟି ପ୍ରଫେସର**

## ନିଟ୍, ଜେଇଇ ପରୀକ୍ଷା ସ୍ଥଗିତ

**ନୂଆଦିଲ୍ଲୀ,୩।୭**

କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷର ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ ମେନ୍ ଏବଂ ଆଡଭାନ୍ସଡ୍) ଏବଂ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ନିଟ୍ ଅଣ୍ଡରଗ୍ରାଜୁଏଟ୍)କୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଗଠିତ ବିଶେଷଜ୍ଞ କମିଟିର ସୁପାରିସ୍ ଆଧାରରେ ଶୁକ୍ରବାର ଏହି ନିଷ୍ପତ୍ତି ନିଆଯାଇଛି। କମ୍ପ୍ୟୁଟର ଭିତ୍ତିକ ଜେଇଇ(ମୁଖ୍ୟ) ପରୀକ୍ଷା ସେପ୍ଟେମ୍ବର ୧ରୁ ୬ ତାରିଖ ମଧ୍ୟରେ ହେବାକୁ ଥିବାବେଳେ ଜେଇଇ (ଆଡଭାନ୍ସଡ୍) ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ହେବ। ମେଡିକାଲ କଲେଜରେ ନାମଲେଖା ପାଇଁ ନିଟ୍-ୟୁଜି ପରୀକ୍ଷା ସେପ୍ଟେମ୍ବର ୧୩ରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଫଳରେ ଉପରୋକ୍ତ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିବା ପ୍ରାୟ ୨୫ ଲକ୍ଷ ଛାତ୍ରୀଛାତ୍ର ଆଶ୍ୱସ୍ତ ହୋଇଛନ୍ତି। ପିଲାମାନଙ୍କ ନିରାପତ୍ତା ଓ ଶିକ୍ଷାର ମାନ ସୁନିଶ୍ଚିତ କରିବା ପାଇଁ ପରୀକ୍ଷା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ କହିଛନ୍ତି।



୧୯୯୦ ବ୍ୟାଚ୍ ଆଇଏଫ୍ଏସ୍ ଅଧିକାରୀ ଇନ୍ଦ୍ରମଣି ପାଣ୍ଡେ ଜାତିସଂଘ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ଜାତିସଂଘ ମାନବାଧିକାର ପରିଷଦରେ ଭାରତର ସ୍ଥାୟୀ ପ୍ରତିନିଧି ହେବାକୁ ଯାଉଛନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଥିବା ପାଣ୍ଡେ ୩ ଦଶନ୍ଧି କ୍ୟାରିୟର ମଧ୍ୟରେ ଡାମାସ୍କସ୍, କାଏରୋ,ଇସ୍ଲାମାବାଦ୍, କାବୁଲ, ମସ୍କାଟ୍ ଭାରତୀୟ ମିଶନରେ ସାମିଲ ହୋଇଥିଲେ।




ରେଲୱେର ଘରୋଇକରଣ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ବିରୋଧରେ ନୂଆଦିଲ୍ଲୀରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ।




ଚାଇନା ସାମଗ୍ରୀ ବର୍ଜନ ବାର୍ତ୍ତା ଦେବା ପାଇଁ ଆଜମେରରେ ଶିଳ୍ପୀ ଅଜୟ ରାୱତ୍ ପ୍ରସ୍ତୁତ କରିଥିବା ବାଲୁକା କଳା।

## ଜିନ୍ କାଷ୍ଟେକ୍ସ ଫ୍ରାନ୍ସ ପ୍ରଧାନମନ୍ତ୍ରୀ

ପ୍ୟାରିସ,୩।୭



ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ ଶୁକ୍ରବାର ଜିନ୍ କାଷ୍ଟେକ୍ସଙ୍କୁ ଦେଶର ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ସେ ଏଡୁଆର୍ଡ ଫିଲିପ୍ଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ଫିଲିପ୍ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଲକ୍ଡାଉନ ପରେ ଦେଶର ଅର୍ଥନୀତିକୁ ସଜାଡ଼ିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱ ଦେଉଥିବାରୁ କ୍ୟାବିନେଟରେ ପରିବର୍ତ୍ତନ କରିଛନ୍ତି। ୫୫ ବର୍ଷୀୟ କାଷ୍ଟେକ୍ସ ପେସାରେ ଜଣେ ପବ୍ଲିକ୍ ସର୍ଭ୍ୟାଣ୍ଟ। ସେ ବିଭିନ୍ନ ସରକାରରେ କାର୍ଯ୍ୟ କରିଆସିଛନ୍ତି। କରୋନା ମହାମାରୀ ପରେ ସେ ଦେଶର ଅନ୍ଲକ୍ ରଣନୀତି ପ୍ରସ୍ତୁତିରେ ସହଯୋଗ କରିଥିଲେ, ଯାହା ବେଶ୍ ସଫଳ ହୋଇଛି। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ଫିଲିପ୍ଙ୍କ ଗତ ୩ ବର୍ଷର କାର୍ଯ୍ୟକୁ ମଧ୍ୟ ରାଷ୍ଟ୍ରପତି ଇମାନୁଏଲ୍ ଉଚ୍ଚ ପ୍ରଶଂସା କରିଛନ୍ତି। କିଛିଦିନ ପୂର୍ବରୁ ଫ୍ରାନ୍ସରେ ହୋଇଥିବା ସ୍ଥାନୀୟ ନିର୍ବାଚନରେ ଇମାନୁଏଲ୍ଙ୍କ ଦଳ ଦେଶର ବୃହତ ସହର ସମେତ ବିଭିନ୍ନ ସ୍ଥାନରେ ପରାଜିତ ହୋଇଥିଲା। କରୋନା ସଙ୍କଟ ବେଳେ ସରକାର ସମାଲୋଚିତ ହେବା ସହ ବିରୋଧର ସମ୍ମୁଖୀନ ହୋଇଥିଲେ। ତେଣୁ ରବିବାର ଭୋଟ ପୂର୍ବରୁ ଇମାନୁଏଲ୍ କ୍ୟାବିନେଟରେ ପରିବର୍ତ୍ତନ କରିଛନ୍ତି।

**ଓଲିଙ୍କ ଭାଗ୍ୟ ନିର୍ଦ୍ଧାରଣ ଆଜି**

# ପ୍ରଚଣ୍ଡ କହିଲେ ଗାଦି ଛାଡ଼

କାଠମାଣ୍ଡୁ,୩।୭(ପି.ଟି.)

- ନେପାଳ ଶାସକ ଦଳ ଷ୍ଟାଣ୍ଡିଂ କମିଟି ବୈଠକରେ ହେବ ନିଷ୍ପତ୍ତି
- ଅଡୁଆରେ ପକାଇଛି ଭାରତ ବିରୋଧୀ ଆଭିମୁଖ୍ୟ



କେ.ପି. ଶର୍ମା ଓଲି



ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'

ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ତାଙ୍କୁ ଅଡୁଆରେ ପକାଇଛି। ଶାସକ ଦଳରେ ତାଙ୍କ ଇସ୍ତଫା ଦାବି ଜୋର୍ ଧରିଥିବାବେଳେ ଶନିବାର ଦଳ ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ବସୁଛି। ଏହି ବୈଠକରେ ଓଲିଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି। ଶାସକ ଦଳ ନେପାଳ କମ୍ୟୁନିଷ୍ଟ ପାର୍ଟି (ଏନ୍ସିପି)ରେ ଦେଖାଦେଇଥିବା ମତଭେଦର ଅନୁଧ୍ୟାନ କରିବେ ବୋଲି ରାଷ୍ଟ୍ରପତି ତଥା ଦଳର ପୂର୍ବତନ ନେତା ବିଦ୍ୟାଦେବୀ ଭଣ୍ଡାରୀ କହିଛନ୍ତି।

ଏନ୍ସିପିର ୪୫ ସଦସ୍ୟ ବିଶିଷ୍ଟ ଷ୍ଟାଣ୍ଡିଂ କମିଟି ହେଉଛି ଦଳର ସବୁଠୁ କ୍ଷମତାଶାଳୀ ସଂଗଠନ। ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି ଉପରେ ଦଳର ଶୀର୍ଷ ନେତୃତ୍ୱ ନିଷ୍ପତ୍ତି ନେବାରେ ବିଫଳ ହେବା ପରେ ଉକ୍ତ କମିଟିର ବୈଠକ ଡକାଯାଇଛି। ନିକଟରେ ପ୍ରଧାନମନ୍ତ୍ରୀ ଓଲି ଦେଇଥିବା ଭାରତ ବିରୋଧୀ ମନ୍ତବ୍ୟ ନା ରାଜନୈତିକ ଦୃଷ୍ଟିରୁ ଠିକ୍ ନା କୂଟନୈତିକ ଦୃଷ୍ଟିରୁ ଉପଯୁକ୍ତ ବୋଲି ଏନ୍ସିପିର ବରିଷ୍ଠ ନେତାମାନେ କହିଥିଲେ। ଏଭଳି ମନ୍ତବ୍ୟ ଦେଇଥିବା ପ୍ରଧାନମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ମଙ୍ଗଳବାର ଦାବି କରିଥିଲେ। ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ହଟାଇବା ଲାଗି ଭାରତ ଷଡ଼ଯନ୍ତ୍ର କରୁଛି ବୋଲି ଓଲି ଅଭିଯୋଗ କରିଥିଲେ। ଏଥିପାଇଁ ଦୂତାବାସ ଓ ହୋଟେଲରେ ବିଭିନ୍ନ ମନ୍ତ୍ରଣା ଚାଲିଛି। ଏଥିରେ କେତେଜଣ ନେପାଳୀ ନେତା ସମ୍ପୃକ୍ତ ଥିବା ସେ ରବିବାର କହିଥିଲେ। ଏଭଳି ଅଭିଯୋଗ ଠିକ୍ ନୁହେଁ ବୋଲି ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' କହିଛନ୍ତି।

ସୂଚନାଯୋଗ୍ୟ, ନେପାଳ ପ୍ରଧାନମନ୍ତ୍ରୀ ଦେଶର ରାଜନୈତିକ ମାନଚିତ୍ରରେ ସଂଶୋଧନ ଆଣି ସେଥିରେ ଭାରତର ୩ଟି ଅଞ୍ଚଳ ଲିପୁଲେଖ, କାଲାପାନି ଏବଂ ଲିମ୍ପିୟାଧୁରାକୁ ସାମିଲ କରିଥିଲେ। ଭାରତ ପ୍ରତିବାଦ ସତ୍ତ୍ୱେ ଓଲି ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ କରାଇ ମାନଚିତ୍ରରେ ସଂଶୋଧନ ଆଣିଥିଲେ। ଏହା ପରେ କେତେଜଣ ନେପାଳୀ ନେତା ଓଲିଙ୍କୁ କ୍ଷମତାରୁ ହଟାଇବା ପାଇଁ ଅଣ୍ଟା ଭିଡ଼ିଥିବା ସେ ଅଭିଯୋଗ କରିଛନ୍ତି। ତେବେ ସରକାର ଓ ଦଳ ଭିତରେ ସମନ୍ୱୟ ନ ଥିବା ପ୍ରଚଣ୍ଡ ଅଭିଯୋଗ କରିଛନ୍ତି। ଏନ୍ସିପିରେ ଜଣେ ବ୍ୟକ୍ତି ଗୋଟିଏ ପଦବୀ ନୀତି ପ୍ରଚଳନ ଉପରେ ସେ ଜୋର୍ ଦେଇଛନ୍ତି। ଏନ୍ସିପି ଏବେ ଦୁଇଟି ଗୋଷ୍ଠୀରେ ପରିଣତ ହୋଇଛି। ଗୋଟିଏ ଗୋଷ୍ଠୀ ପ୍ରଧାନମନ୍ତ୍ରୀ ଓଲିଙ୍କ ନେତୃତ୍ୱରେ କାର୍ଯ୍ୟ କରୁଥିବାବେଳେ ଅନ୍ୟ ଗୋଷ୍ଠୀ ପ୍ରଚଣ୍ଡଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଗୁରୁବାର ପ୍ରଧାନମନ୍ତ୍ରୀ ଏକତରଫା ଭାବେ ପାର୍ଲାମେଣ୍ଟର ବଜେଟ ଅଧିବେଶନକୁ ବନ୍ଦ କରିଦେବା ପରେ ମତଭେଦ ବୃଦ୍ଧି ପାଇଛି। ଓଲିଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ପ୍ରଚଣ୍ଡ ଷ୍ଟାଣ୍ଡିଂ କମିଟି ବୈଠକ ଡାକିଛନ୍ତି। ମତଭେଦ ଦୂର ଲାଗି ଦଳ ଓ ସରକାରରେ କେତେକ ନୂଆ ନିୟମ କାର୍ଯ୍ୟକାରୀ ହୋଇପାରେ ବୋଲି ଷ୍ଟାଣ୍ଡିଂ କମିଟି ସଦସ୍ୟ ଗଣେଶ ଶାହା କହିଛନ୍ତି।

## କେନ୍ଦ୍ର ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ

**ଝାଡ଼ଖଣ୍ଡ କୋଲ୍ବ୍ଲକ ନିଲାମ ପ୍ରସଙ୍ଗ**

ନୂଆଦିଲ୍ଲୀ,୩।୭

ଝାଡ଼ଖଣ୍ଡରେ ଥିବା କୋଲ୍ବ୍ଲକ ନିଲାମ ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ବେଳେ ଏହା ବିରୋଧରେ ଝାଡ଼ଖଣ୍ଡ ସରକାର ସୁପ୍ରିମକୋର୍ଟ ଯାଇଛନ୍ତି। ରାଜ୍ୟ ସରକାରଙ୍କ ସହ କୌଣସି ଆଲୋଚନା ନ କରି ଏକପାଖିଆ ଭାବେ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି ବିରୋଧରେ ଏହି ଅପିଲ କରାଯାଇଛି। ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ନେତୃତ୍ୱାଧୀନ ରାଜ୍ୟ ସରକାର ସମ୍ବିଧାନର ଧାରା ୧୩୧ ଅନୁଯାୟୀ ଏହି ଆବେଦନ କରିଛନ୍ତି। କେନ୍ଦ୍ର ସହ କୌଣସି ମାମଲାରେ ମତାନ୍ତର ହେଲେ ଏହି ଧାରା ଅନୁଯାୟୀ ରାଜ୍ୟ ସରକାର ସର୍ବୋଚ୍ଚ ଅଦାଲତରେ ଆବେଦନ କରିପାରିବେ। ପ୍ରକାଶଥାଉ କି, ବାଣିଜ୍ୟିକ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାର ୪୧ଟି କୋଲ୍ବ୍ଲକ ନିଲାମ ଲାଗି ପ୍ରକ୍ରିୟା ଆରମ୍ଭ କରିବାର ସପ୍ତାହକ ପରେ ଝାଡ଼ଖଣ୍ଡ ଆପତ୍ତି ଉଠାଇଛି। ମହାମାରୀ କରୋନାର ପ୍ରକୋପ ଜାରି ରହିଥିବା ବେଳେ ଏଭଳି ପ୍ରକ୍ରିୟାକୁ ଝାଡ଼ଖଣ୍ଡ ସରକାର ଅନୁମତି ଦେବେନାହିଁ ବୋଲି କହିଛନ୍ତି।

## ଅଗଷ୍ଟ ୧୫ ସୁଦ୍ଧା ଆସିପାରେ କୋଭିଡ୍ ଟିକା

ନୂଆଦିଲ୍ଲୀ,୩।୭(ପି.ଟି.)

ଅଗଷ୍ଟ ୧୫ ସୁଦ୍ଧା ସ୍ୱଦେଶୀ କୋଭିଡ୍-୧୯ ଟିକା ଶୁଭାରମ୍ଭ କରିବା ପାଇଁ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ବିଚାର କରୁଛି। ତେଣୁ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ୍ର କ୍ଲିନିକାଲ ପରୀକ୍ଷା ତୁରନ୍ତ କରାଇବା ପାଇଁ ଆଇସିଏମ୍ଆର୍ ନିର୍ଦ୍ଦିଷ୍ଟ କେତେକ ମେଡିକାଲ ଓ ହସ୍ପିଟାଲକୁ ପତ୍ର ଲେଖିଛି। ୧୨ଟି ହସ୍ପିଟାଲରେ ଏହାର ପରୀକ୍ଷା କରାଯିବାକୁ ଚୟନ କରାଯାଇଛି। ଏହାର ଫଳାଫଳ ଜୁଲାଇ ୭ ସୁଦ୍ଧା ଜଣାଇବାକୁ ସେମାନଙ୍କୁ କୁହାଯାଇଛି। ହାଇଦ୍ରାବାଦର ଭାରତ ବାୟୋଟେକ୍ ଆଇସିଏମ୍ଆର ଏବଂ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି (ଏନ୍ଆଇଭି) ମିଳିତ ଭାବେ କୋଭାକ୍ସିନ୍ ଟିକାର ବିକାଶ କରିଥିବାବେଳେ ମାନବ ଶରୀରରେ ଏହାର ପରୀକ୍ଷା ପାଇଁ ଡିସିଜିଆଇ ଦୁଇଦିନ ତଳେ ଅନୁମତି ଦେଇଥିଲା।

ଅନ୍ୟପକ୍ଷରେ ଅହମଦାବାଦର ଜାଇଡସ୍ କାଡିଲା ହେଲ୍ଥକେୟାର ଲିଃ ପ୍ରସ୍ତୁତ କରିଥିବା ଅନ୍ୟ ଏକ ଟିକାକୁ ମାନବ ଶରୀରରେ ପରୀକ୍ଷା ଲାଗି ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ଅନୁମତି ଦେଇଛି। ଜାଇଡସ୍ କାଡିଲା କମ୍ପାନୀ ପ୍ରସ୍ତୁତ ଟିକାର ପ୍ରାଣୀ ଶରୀରରେ ପରୀକ୍ଷା ସଫଳ ହୋଇଥିବାରୁ ଏହାର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ୍ ପରୀକ୍ଷା (ମାନବ ଶରୀରରେ ପରୀକ୍ଷା) ପାଇଁ ଗୁରୁବାର ଡିସିଜିଆଇ ଡ. ଭି.ଜି. ସୋମାନି ଅନୁମୋଦନ କରିଛନ୍ତି।

## ହାଜତ ମୃତ୍ୟୁ ମାମଲାରେ ୪ ପୋଲିସ ନିଲମ୍ବିତ

ଲକ୍ଷ୍ନୌ,୩।୭: ଲକ୍ଷ୍ନୌସ୍ଥିତ ଗୋମ୍ତି ନଗର ଥାନାରେ ସୀତାପୁର ଜିଲାର ଜଣେ ଯୁବକଙ୍କ ହାଜତ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ପୋଲିସ କମିଶନର ସଞ୍ଜୟ ସିଂଘଲ ଏହି ଘଟଣାରେ ୪ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି। ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଘରେ ପଶିଥିବା ଅଭିଯୋଗରେ ଉମେଶ ନାମକ ଜଣେ ଯୁବକଙ୍କୁ ଶୁକ୍ରବାର ସକାଳେ ଥାନାକୁ ଆଣି ପୋଲିସ ଜେରା କରିଥିଲା। ଶୁକ୍ରବାର ସନ୍ଧ୍ୟାରେ ସେ ହାଜତ ଭିତରେ ନିଜ ବେକରେ ବେଲ୍ଟ ବାନ୍ଧି ଆତ୍ମହତ୍ୟା କରିଥିବା ପୋଲିସ କହିଛି।

# ଲଦାଖ ପ୍ରସଙ୍ଗରେ ଭାରତକୁ ଜାପାନର ସମର୍ଥନ

ନୂଆଦିଲ୍ଲୀ,୩।୭(ଆଇଏଏନ୍ଏସ୍)

ଲଦାଖ ପ୍ରସଙ୍ଗରେ ଜାପାନ ଭାରତକୁ ଦୃଢ଼ ସମର୍ଥନ ଜଣାଇଛି। ଗତମାସରେ ଚାଇନା ସୈନ୍ୟଙ୍କ ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହୋଇଥିଲେ। ଲଦାଖସ୍ଥିତ ପ୍ରକୃତ ନିୟନ୍ତ୍ରଣ ରେଖାକୁ ବେଜିଂ ଏକତରଫା ଭାବେ ବଦଳାଇବାକୁ ଉଦ୍ୟମ ଚଳାଇଛି। ଜାପାନ ଏହାକୁ ବିରୋଧ କରେ ବୋଲି ଶୁକ୍ରବାର କହିଛି। ଲଦାଖରେ ଭାରତ ଓ ଚାଇନା ସୈନ୍ୟ ମୁହାଁମୁହିଁ ସ୍ଥିତିରେ ଥିବାବେଳେ ଏହାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତ ସରକାର ଉଦ୍ୟମ ଚଳାଇଛନ୍ତି। ଭାରତର ବହିର୍ବ୍ୟାପାର ସଚିବ ହର୍ଷ ଶ୍ରୀଙ୍ଗଲାଙ୍କ ସହ ଏନେଇ ଆଲୋଚନା କରିଥିବା ନୂଆଦିଲ୍ଲୀରେ ଜାପାନ ରାଷ୍ଟ୍ରଦୂତ ସାତୋଶୀ ସୁଜୁକୀ କହିଛନ୍ତି। ଆଲୋଚନା ମାଧ୍ୟମରେ ସୀମା ଉତ୍ତେଜନାର ଶାନ୍ତିପୂର୍ଣ୍ଣ ସମାଧାନ ଜାପାନ ଚାହେଁ, କିନ୍ତୁ ଏକପାଖିଆ ଭାବେ ସୀମା ସ୍ଥିତିରେ ପରିବର୍ତ୍ତନ ଉଦ୍ୟମକୁ ବିରୋଧ କରେ ବୋଲି ସୁଜୁକୀ କହିଛନ୍ତି।

ଇତିମଧ୍ୟରେ ଜାପାନ ଏହାର କେତେକ ଆଇନରେ ସଂଶୋଧନ କରି ଭାରତ, ଅଷ୍ଟ୍ରେଲିଆ ଓ ବ୍ରିଟେନ ସହ ପ୍ରତିରକ୍ଷା ଗୋଇନ୍ଦା ତଥ୍ୟ ବିନିମୟ ପାଇଁ ଅନୁମତି ଦେଇଛି। ଏପର୍ଯ୍ୟନ୍ତ ଏହି ତଥ୍ୟ କେବଳ ଜାପାନ ଏହାର ଘନିଷ୍ଠ ସହଯୋଗୀ ଆମେରିକାକୁ ଦେଉଥିଲା। ଏହି ପଦକ୍ଷେପ ଫଳରେ ଜାପାନ ସହ ଭାରତର ପ୍ରତିରକ୍ଷା ସମ୍ପର୍କ ବୃଦ୍ଧି ପାଇଛି। ଚାଇନାର ସୈନ୍ୟ ଗତିବିଧି ସମ୍ପର୍କରେ ଭାରତ ଜାପାନଠାରୁ ତଥ୍ୟ ପାଇପାରିବ। ଏଥିସହିତ ଦୁଇ ଦେଶ ମିଳିତ ଭାବେ ବିଭିନ୍ନ ଯୁଦ୍ଧ ସରଞ୍ଜାମର ବିକାଶ କରିପାରିବେ।

## ଓବିସି ଛାତ୍ରଙ୍କ ଲାଗି ନିଟ୍ କୋଟା ବଢ଼ାଅ



ପ୍ରଧାନମନ୍ତ୍ରୀଙ୍କୁ ସୋନିଆଙ୍କ ଚିଠି

ନୂଆଦିଲ୍ଲୀ,୩।୭: ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ର ଛାତ୍ରୀଛାତ୍ରଙ୍କ ଲାଗି ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) କୋଟା ବୃଦ୍ଧି ଲାଗି କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ମେଡିକାଲ ଇନ୍ଷ୍ଟିଚ୍ୟୁଟ୍ରେ ଓବିସି ପ୍ରାର୍ଥୀଙ୍କ ଲାଗି ସର୍ବଭାରତୀୟ କୋଟା ବୃଦ୍ଧି କରାଯିବା ଉଚିତ ବୋଲି ସେ କହିଛନ୍ତି। ମେଡିକାଲ ଓ ଡେଣ୍ଟାଲ ସିଟ୍ କୋଟା ବଢ଼ାଯିବା ଉପରେ ସୋନିଆ ଗୁରୁତ୍ୱ ଦେଇଛନ୍ତି। ଅନ୍ୟାନ୍ୟ ପଛୁଆ ବର୍ଗର ସର୍ବଭାରତୀୟ ମହାସଂଘର ତଥ୍ୟ ଅନୁଯାୟୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସର୍ବଭାରତୀୟ କୋଟା ଲାଗୁ ନ କରିବାରୁ ୨୦୧୭ ପରଠାରୁ ୧୧ ହଜାର ସିଟ୍ ଓବିସି ପ୍ରାର୍ଥୀମାନେ ହରାଇଥିବା ସେ ଦର୍ଶାଇଛନ୍ତି। ୯୩ତମ ସମ୍ବିଧାନ ସଂଶୋଧନରେ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କୁ ଏଭଳି ସୁବିଧା ଦିଆଯିବା ସମ୍ପର୍କରେ ଉଲ୍ଲେଖ ରହିଛି। ରାଜ୍ୟ ମେଡିକାଲ ଇନ୍ଷ୍ଟିଚ୍ୟୁଟ୍ରେ ଏହାକୁ ଅଣଦେଖା କରାଯିବାର ଅର୍ଥ ସମ୍ବିଧାନର ରୀତି ନୀତିକୁ ଅମାନ୍ୟ କରିବା ବୋଲି ସୋନିଆ କହିଛନ୍ତି। ସର୍ବଭାରତୀୟ କୋଟା ଅନୁଯାୟୀ ଅନୁସୂଚିତ ଜାତି ଲାଗି ୧୫%, ଅନୁସୂଚିତ ଜନଜାତି ଲାଗି ୭.୫% ଓ ଆର୍ଥିକ ଅନଗ୍ରସର ବର୍ଗ ଲାଗି ୧୦% ସଂରକ୍ଷଣ ପ୍ରତ୍ୟେକ ମେଡିକାଲ ଇନ୍ଷ୍ଟିଚ୍ୟୁଟ୍ରେ ମିଳିବା ଉଚିତ ବୋଲି ସୋନିଆ ଦର୍ଶାଇଛନ୍ତି।

**ବସ୍କୁ ଧକ୍କାଦେଲା ଟ୍ରେନ**

## ୨୯ ଶିଖ୍ ତୀର୍ଥଯାତ୍ରୀ ମୃତ

ଲାହୋର,୩।୭



ପାକିସ୍ତାନର ଶେଖୁପୁରା ଜିଲାରେ ଏକ ଯାତ୍ରୀବାହୀ ବସ୍କୁ ଏକ ଟ୍ରେନ ଧକ୍କା ଦେବାରୁ ୨୯ ଜଣ ଶିଖ୍ ତୀର୍ଥଯାତ୍ରୀ ପ୍ରାଣ ହରାଇବା ସହ କେତେଜଣ ଆହତ ହୋଇଛନ୍ତି। ନନ୍କନ ସାହିବ୍ରୁ ୨୫ ଶିଖ୍ ତୀର୍ଥଯାତ୍ରୀଙ୍କୁ ନେଇ ବସ୍ଟି ଲାହୋର ଅଭିମୁଖେ ଯାତ୍ରା କରୁଥିଲା। ରେଳ ଟ୍ରାକ୍ ଦେଇ ବସ୍ଟି ଅତିକ୍ରମ କଲାବେଳେ ଶାହ ହୁସେନ୍ ଏକ୍ସପ୍ରେସ ଟ୍ରେନ୍ ଏହାକୁ ଧକ୍କା ଦେଇଥିଲା। ଫାରୁକାବାଦ ଓ ବାହାଲିୱାଲା ମଝିରେ ଥିବା ରେଳଧାରଣା ନିକଟରେ ଏଭଳି ଦୁର୍ଘଟଣା ହୋଇଥିବା ପାକିସ୍ତାନର ରେଲୱେ ମୁଖପାତ୍ର ପ୍ରକାଶ କରିଛନ୍ତି। ମୋଟ ୬୦ ଜଣ ଆହତଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏନେଇ ଦୁଃଖ ପ୍ରକାଶ କରିବା ସହ ଆହତଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଦୁର୍ଘଟଣାର ତଦନ୍ତ ଲାଗି ପାକ୍ ରେଳମନ୍ତ୍ରୀ ଶେଖ୍ ରଶିଦ୍ ଅହମଦ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଟ୍ରେନ୍ରେ ଧକ୍କା ଖାଇବା ପରେ ବସ୍ଟି ବହୁ ଦୂରକୁ ଛିଟିକି ପଡ଼ିବା ସହ ବିସ୍ଫୋରଣ ହୋଇଥିଲା।

## ସମୁଦ୍ରରେ ଚାଇନାକୁ ଚ୍ୟାଲେଞ୍ଜ

ୱାଶିଂଟନ/ଟୋକିଓ,୩।୭

ସମୁଦ୍ରରେ ଚାଇନାକୁ ଚ୍ୟାଲେଞ୍ଜ କରିଛନ୍ତି ଆମେରିକା ଓ ଜାପାନ। ଦକ୍ଷିଣ ଚାଇନା ସାଗରର ପାର୍ସଲ ଦ୍ୱୀପରେ ଚାଇନା ପକ୍ଷରୁ ଚାଲିଥିବା ଯୁଦ୍ଧାଭ୍ୟାସ ଜଳରାଶି ଉପରେ ବେଆଇନ ଆଧିପତ୍ୟ ବିସ୍ତାର ପାଇଁ ଉଦ୍ଦିଷ୍ଟ। ଏଥିଯୋଗୁ ଚାଇନାର ଦକ୍ଷିଣପୂର୍ବ ଏସୀୟ ପଡ଼ୋଶୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ଶୁକ୍ରବାର ଆମେରିକା ଆପତ୍ତି ଉଠାଇଛି। ସେହିପରି ପୂର୍ବ ଚାଇନା ସାଗରର ବିବାଦୀୟ ସେନକାକୁ ଦ୍ୱୀପକୁ ଗୁରୁବାର ଚାଇନା କୋଷ୍ଟ ଗାର୍ଡର ଦୁଇଟି ଜାହାଜ ପ୍ରବେଶ କରିଥିଲା। ଏହାସହ ଜାପାନର ଏକ ମାଛଧରା ବୋଟ୍ର ନିକଟତର ହୋଇଥିଲା। ସମ୍ପୃକ୍ତ ଅଞ୍ଚଳରୁ ଚାଇନା ତୁରନ୍ତ ନିଜ ଜାହାଜଗୁଡ଼ିକୁ ପ୍ରତ୍ୟାହାର କରିନେଉ ବୋଲି ଜାପାନର ଚିଫ୍ କ୍ୟାବିନେଟ ସେକ୍ରେଟାରି ୟୋଶିହିଦେ ସୁଗା ଦାବି କରିଛନ୍ତି।

**ଚାଇନା ସୈନ୍ୟଙ୍କୁ ମୁହଁତୋଡ଼ ଜବାବ ଦେଇଛ**



ଗଲୱାନ ସଂଘର୍ଷବେଳେ ଆହତ ହୋଇଥିବା ଜଣେ ଯବାନଙ୍କୁ ଲେହସ୍ଥିତ ସେନା ହସ୍ପିଟାଲରେ ଭେଟୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

**ଗୋଲ୍ଡେନ ଷ୍ଟେଟ୍ କିଲରଙ୍କ ସ୍ୱୀକାରୋକ୍ତି**

# ଏସବୁ ଅପରାଧ ମୁଁ କରିଛି

**ପୂର୍ବତନ ପୋଲିସ ଅଧିକାରୀଙ୍କ ବିରୋଧରେ ୫୦ ବଳାତ୍କାର ଓ ୧୩ ହତ୍ୟା ମାମଲା**

ୱାଶିଂଟନ,୩।୭



ଯୋସେଫ ଜେମ୍ସ ଡିଏଙ୍ଗେଲୋ ଜୁନିୟର

ଆମେରିକାର କାଲିଫର୍ନିଆରେ ଅପରାଧ ପରେ ଅପରାଧ ଘଟାଇ ଆତଙ୍କ ସୃଷ୍ଟି କରିଥିବା ପୂର୍ବତନ ପୋଲିସ ଅଧିକାରୀ ଯୋସେଫ ଜେମ୍ସ ଡିଏଙ୍ଗେଲୋ ଜୁନିୟର ୧୩ ହତ୍ୟା ପାଇଁ ସୋମବାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୮ରେ ଗିରଫ ହେବା ପରଠୁ କୋର୍ଟରେ ଶୁଣାଣି ବେଳେ ସେ ପ୍ରାୟ ନୀରବ ରହୁଥିଲେ। କୋର୍ଟରେ ବିଚାର ଚାଲିଥିବାବେଳେ ସେ ହଠାତ୍ ବାରମ୍ବାର କର୍କଶ ସ୍ୱରରେ 'ଦୋଷୀ' ଓ 'ମୁଁ ସ୍ୱୀକାର କରୁଛି' ଭଳି ଶବ୍ଦ ଉଚ୍ଚାରଣ କଲେ। ଏହି ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ପରିବର୍ତ୍ତେ ଆଜୀବନ କାରାଦଣ୍ଡାଦେଶ ଦିଆଯିବ। କିନ୍ତୁ ପାରୋଲରେ କେବେହେଲେ ଛଡ଼ାଯିବ ନାହିଁ।

ଗୋଲ୍ଡେନ୍ ଷ୍ଟେଟ୍ କିଲର' ଭଳି ଏକାଧିକ ଉପନାମରେ ପରିଚିତ ଯୋସେଫ ଜେମ୍ସ ଡିଏଙ୍ଗେଲୋ ଜୁନିୟର ଜଣେ ପୂର୍ବତନ ପୋଲିସ ଅଧିକାରୀ, ଯିଏକି ଅତି ନିର୍ମମ ଭାବେ ଲୋକଙ୍କୁ ହତ୍ୟା କରୁଥିଲେ। ପୀଡ଼ିତାଙ୍କୁ ବଳାତ୍କାର କରି ହତ୍ୟା କରିବା ପରେ ସ୍ନାକିଂ କରିବା ଥିଲା ତାଙ୍କର ସଉକ। ଜଣେ ସିରିଏଲ୍ କିଲର, ସିରିଏଲ୍ ରେପିଷ୍ଟ ଓ ଡକାୟତ ଭାବେ ତାଙ୍କର କୁଖ୍ୟାତି ରହିଛି। ତାଙ୍କ ବିରୋଧରେ ଅନ୍ୟୂନ ୧୩ ଜଣଙ୍କୁ ହତ୍ୟା, ୫୦ରୁ ଅଧିକ ଜଣଙ୍କୁ ବଳାତ୍କାର ଓ ଶତାଧିକ ଚୋରି ଭଳି ସଙ୍ଗିନ ଅଭିଯୋଗ ଥିବାବେଳେ କେତେକ ଦୋଷ ପ୍ରମାଣିତ ହୋଇଛି। କାଲିଫର୍ନିଆରେ ୧୯୭୪ରୁ ୧୯୮୬ ମଧ୍ୟରେ ସେ ଏହି ସବୁ ଅପରାଧ ଘଟାଇଥିଲେ।

୧୯୪୫ ନଭେମ୍ବର ୮ରେ ଜନ୍ମିତ ଡିଏଙ୍ଗେଲୋ ଜୁନିୟର ୧୯୭୩ରୁ ୧୯୭୯ ପର୍ଯ୍ୟନ୍ତ ଆମେରିକା ନୌସେନା ଓ ଆଇନ ପ୍ରବର୍ତ୍ତନ କ୍ଷେତ୍ରରେ ନିୟୋଜିତ ଥିଲେ। ସେ ଜୁନ ୩୦ରେ (ସୋମବାର) ୧୩ ହତ୍ୟା ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କାଲିଫର୍ନିଆରେ ଅନ୍ୟୂନ ୩ଟି ଅପରାଧ ଘଟାଇଥିଲେ, ଯାହାକି ଭିନ୍ନ ଭିନ୍ନ ନାମରେ ପରିଚିତ। ପ୍ରଥମେ ସେ ଜଣେ ଚୋର (ଭିସାଲିଆ ରାନ୍ସେକର) ଭାବେ ଅପରାଧ ଆରମ୍ଭ କରିଥିଲେ। ପରେ ସକ୍ରାମେଣ୍ଟୋ ଏରିଆକୁ ଯାଇ ଇଷ୍ଟ ଏରିଆ ରେପିଷ୍ଟ ଭାବେ ଜଣାଶୁଣା ହେଲେ। ସାଉଥ୍ କାଲିଫର୍ନିଆରେ ଅପରାଧ ଘଟାଇବା ପରେ ଲୋକେ ତାଙ୍କୁ 'ଓରିଜିନାଲ ନାଇଟ ଷ୍ଟକର' ବୋଲି କହିଲେ। ଡିଏଙ୍ଗେଲୋ ଚୋରି କରିବା ପାଇଁ ଘରେ ପଶୁଥିଲେ। ସେଠାରେ ସେ ହତ୍ୟା ଓ ବଳାତ୍କାର କରୁଥିଲେ। ସେ ଅପହରଣ ପରେ ମୁଣ୍ଡ ଜାମିନ ଆକାରରେ ଅର୍ଥ ମଧ୍ୟ ଅସୁଲ କରୁଥିଲେ। ଏପରି କି ପୀଡ଼ିତ ବ୍ୟକ୍ତି ଓ ପୋଲିସ କର୍ମଚାରୀମାନଙ୍କୁ ଫୋନ୍ କରି ଧମକ ମଧ୍ୟ ଦେଉଥିଲେ। ୨୦୧୮ ଏପ୍ରିଲରେ ପୋଲିସ ତାଙ୍କୁ ଗିରଫ କରି ଥାନାକୁ ନେଇଥିଲା।

ଅନେକ ଦଶନ୍ଧି ଧରି ତଦନ୍ତ କରାଯିବାବେଳେ ଡିଏନ୍ଏ ପ୍ରମାଣ, ଆଲିବି ବା ଅନ୍ୟ ତଦନ୍ତ ପ୍ରଣାଳୀ ଜରିଆରେ କେତେକ ସନ୍ଦେହ ଦୂରୀଭୂତ ହୋଇଥିଲା। ୨୦୦୧ରେ ଡିଏନ୍ଏ ଟେଷ୍ଟରୁ ଜଣାପଡ଼ିଥିଲା ଯେ, 'ଇଷ୍ଟ ଏରିଆ ରେପିଷ୍ଟ' ଓ 'ଓରିଜିନାଲ ନାଇଟ୍ ଷ୍ଟକର' ହେଉଛନ୍ତି ସେହି ଜଣେ ବ୍ୟକ୍ତି। ତାଙ୍କ ବିରୋଧରେ ସବୁଠୁ ବଡ଼ ଅପରାଧର ଅଭିଯୋଗ ଥିଲା ୧୯୭୮ରେ ବ୍ରିଏନ୍ ଓ କାଟିଏ ମୋଗିଓରେଙ୍କ ହତ୍ୟା। ସକ୍ରାମେଣ୍ଟୋର ରାଞ୍ଚୋ କୋର୍ଡୋଭୋରେ ଏହି ନବଦମ୍ପତି ନିଜ କୁକୁରକୁ ବୁଲାଉଥିବାବେଳେ ଡିଏଙ୍ଗେଲୋ ଗୁଳି କରି ହତ୍ୟା କରିଥିଲେ।

୭୪ ବର୍ଷୀୟ ଡିଏଙ୍ଗେଲୋ ତଦନ୍ତକାରୀ ଅଧିକାରୀମାନଙ୍କୁ ସହଯୋଗ କରୁ ନ ଥିଲେ। କିନ୍ତୁ ନିଜେ ଭିଆଇଥିବା ଅପରାଧଗୁଡ଼ିକୁ ନେଇ ସେ ଗୁଣୁଗୁଣୁ ହୋଇ କିଛି କହୁଥିଲେ। ଇଣ୍ଟେରୋଗେଶନ ରୁମ୍ରେ ସେ ନିଜକୁ ନିଜେ କହି ହେଉଥିଲେ, 'ଏସବୁ ମୁଁ କରିଛି'। ବିଚାରପତିଙ୍କ ପ୍ରଶ୍ନର ଉତ୍ତରରେ ସେ କେବଳ ଏତିକି କହୁଥିଲେ, ହଁ, ନାହିଁ, ଦୋଷୀ, ମୁଁ ସ୍ୱୀକାର କରୁଛି। ଜେଲ୍ର ଗେରୁଆ ଜମ୍ପଶୁଟ ଧାରଣ କରିଥିବା ଡିଏଙ୍ଗେଲୋଙ୍କ ମୁହଁକୁ ପ୍ଲାଷ୍ଟିକ୍ରେ ଢଙ୍କାଯାଇଥିଲା କରୋନା ଭାଇରସ୍ ସଂକ୍ରମଣ ଏଡ଼ାଇବା ପାଇଁ। ତାଙ୍କୁ ଏକ ହ୍ୱିଲ୍ ଚେୟାରରେ ବସାଇ କୋର୍ଟକୁ ନିଆଯାଇଥିଲା। ଅଭିଯୋଜନକାରୀ ପକ୍ଷର ଓକିଲ ଆମି ହୋଲିଡେ କହିଛନ୍ତି, ଭିଏତନାମ ଯୁଦ୍ଧ ଭେଟେରାନଙ୍କ ଏହି ଅପରାଧ ପାଇଁ ମୃତ୍ୟୁ ଦଣ୍ଡାଦେଶ ବଦଳରେ ୧୧ ଥର ଲଗାତର ଆଜୀବନ କାରାଦଣ୍ଡ ଭୋଗିବାକୁ ପଡ଼ିବ।

## ୩ ଓଏଏସ୍ ଅଧିକାରୀଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୩।୭(ବ୍ୟୁରୋ):** ରାଜ୍ୟ ସରକାର ସୁପରଟାଇମ ସ୍କେଲ୍‌ରେ ଥିବା ୩ ଜଣ ଓଏଏସ୍ ଅଫିସରଙ୍କୁ ସୁପରିୟର ଆଡମିନିଷ୍ଟ୍ରେଟିଭ ଗ୍ରେଡ୍‌କୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ ଆରଡିସି କାର୍ଯ୍ୟାଳୟରେ ଥିବା ପ୍ରଦୀପ କୁମାର ମିଶ୍ର, ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଯୁଗ୍ମ ସଚିବ ଥିବା ପ୍ରତାପ କୁମାର ମିଶ୍ର ଏବଂ ସମ୍ବଲପୁର ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଥିବା ସୁକାନ୍ତ ତ୍ରିପାଠୀଙ୍କୁ ଏହି ପଦୋନ୍ନତି ମିଳିଛି। ସେହି ଅଫିସରମାନେ ପଦୋନ୍ନତି ପାଇବା ପରେ ମଧ୍ୟ ସେହି ପଦବୀରେ କାର୍ଯ୍ୟ କରିବେ। କେବଳ ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ବ୍ରହ୍ମପୁର ସେଟଲମେଣ୍ଟ ଆଣ୍ଡ କନ୍‌ସୋଲିଡେଶନ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

### ସଂକ୍ଷେପରେ

## କିନ୍ନରଙ୍କୁ ମିଳିବ ଭତ୍ତା

### ୪୮ ଲକ୍ଷ ହିତାଧିକାରୀଙ୍କୁ ଅତିରିକ୍ତ ୧ ହଜାର ଟଙ୍କା

**ଭୁବନେଶ୍ୱର,୩।୭(ବ୍ୟୁରୋ):** ମଧୁବାବୁ ପେନ୍‌ସନ ଯୋଜନାରେ କିନ୍ନରମାନଙ୍କୁ ସାମିଲ କରାଯାଇଛି। ଏହି ଯୋଜନାରେ କିନ୍ନରମାନଙ୍କୁ ଭତ୍ତା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଅନୁମୋଦନ କରିଛନ୍ତି। ଭତ୍ତା ପାଇବା ପାଇଁ କିନ୍ନରମାନେ ମଧୁବାବୁ ପେନ୍‌ସନ ୱେବ୍‌ସାଇଟ୍ ଜରିଆରେ ଆବେଦନ କରିପାରିବେ। ଭିନ୍ନକ୍ଷମ ଓ ସାମାଜିକ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, କିନ୍ନରମାନଙ୍କ ବୟସ ଅନୁସାରେ ୫୦୦ରୁ ୯୦୦ ଟଙ୍କା ପର୍ଯ୍ୟନ୍ତ ଭତ୍ତା ଦିଆଯିବ। ରାଜ୍ୟରେ ଥିବା ପ୍ରାୟ ୬ ହଜାର କିନ୍ନର ଏହାଦ୍ୱାରା ଉପକୃତ ହେବେ। ବିଜୁ ଜନତା ଦଳ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କିନ୍ନରମାନଙ୍କୁ ଭତ୍ତା ଦେବା ଲାଗି ନିର୍ବାଚନ ଇସ୍ତାହାରରେ ଘୋଷଣା କରିଥିଲା। ଦଳ ନିଜର ପ୍ରତିଶ୍ରୁତି ପାଳନ କରିଛି ବୋଲି ମନ୍ତ୍ରୀ କହିଛନ୍ତି। ଏହା ଛଡ଼ା ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ହୋଇଥିବା ୪୮ ଲକ୍ଷ ହିତାଧିକାରୀଙ୍କୁ ଆଉ ୧ ହଜାର ଟଙ୍କା ଅତିରିକ୍ତ ଭତ୍ତା ପ୍ରଦାନ କରାଯିବ। ଟଙ୍କା ଆସିସାରିଛି। ଖୁବ୍‌ଶୀଘ୍ର ହିତାଧିକାରୀଙ୍କୁ ବଣ୍ଟନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ଆଗୁଆ ୪ ମାସ(ଏପ୍ରିଲ, ମେ, ଜୁନ୍ ଓ ଜୁଲାଇ)ର ଭତ୍ତା ପ୍ରଦାନ କରିଛନ୍ତି।

## ବହିଷ୍କୃତ ଆଇଆଇସିଙ୍କୁ ମାରାଥନ ଜେରା

- ବୀରମିତ୍ରପୁର ଥାନା ନାବାଳିକା ବଳାତ୍କାର ଘଟଣା
- ଆଇନସେବା ପ୍ରାଧିକରଣ ପକ୍ଷରୁ ପୀଡିତା ନାବାଳିକାଙ୍କୁ ୪ଲକ୍ଷ ଟଙ୍କା ସହାୟତା

**ସୁନ୍ଦରଗଡ଼,୩।୭(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନାରେ ଘଟିଥିବା ନାବାଳିକା ବଳାତ୍କାର ଓ ଗର୍ଭପାତ ମାମଲାରେ ବହିଷ୍କୃତ ଆଇଆଇସି ଆନନ୍ଦ ଚନ୍ଦ୍ର ମାଝିଙ୍କୁ କ୍ରାଇମବ୍ରାଞ୍ଚ ଗୁରୁବାର ରାତିରେ ୪ଦିନ ପାଇଁ ରିମାଣ୍ଡରେ ନେବା ପରେ ତାଙ୍କୁ ମାରାଥନ ଜେରା କରୁଛି। ତେବେ ତାଙ୍କୁ ଜେରା କେଉଁଠାରେ କରାଯାଉଛି ତାକୁ ଗୁପ୍ତ ରଖାଯାଇଛି। କ୍ରାଇମବ୍ରାଞ୍ଚର ଅନ୍ୟ ଏକ ଟିମ୍ ବୀରମିତ୍ରପୁର ଥାନାରେ ପହଞ୍ଚି ଏହି ମାମଲାର ବିଭିନ୍ନ ନଥିପତ୍ର ଯାଞ୍ଚ କରିଛି। ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ସବୁ ତଥ୍ୟ ଓ ଅଭିଯୁକ୍ତ ଆଇଆଇସି ମାଝି ତାଙ୍କ ବୟାନରେ କ'ଣ କହୁଛନ୍ତି ତାକୁ ସମ୍ପୂର୍ଣ୍ଣ ଗୁପ୍ତ ରଖିଛି। ଅନ୍ୟପକ୍ଷେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପୀଡିତା ନାବାଳିକାଙ୍କୁ ୪ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ହେଲେ ପୀଡିତାଙ୍କ ବ୍ୟାଙ୍କ ଖାତା ଖୋଲିବା ପାଇଁ ଆବଶ୍ୟକୀୟ ଆଧାର କାର୍ଡ ନ ଥିବାରୁ ଏହି ଅର୍ଥ ଅନ୍‌ଲାଇନ ଟ୍ରାନ୍ସଫର କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ ପୀଡିତାଙ୍କ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ କରାଯାଇ ବ୍ୟାଙ୍କ ଖାତା ଖୋଲାଯିବ ବୋଲି ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା କହିଛନ୍ତି।

# ଶାଲ୍ ପରେ ଡଙ୍ଗରିଆ ମାସ୍କର ଚାହିଦା

### ଦକ୍ଷତା କରିଛି ସ୍ୱାବଲମ୍ବୀ



**ରାୟଗଡ଼ା ଅଫିସ,୩।୭**

ଲକ୍‌ଡାଉନ୍ ଘୋଷଣା ପରଠାରୁ ସମସ୍ତ ବର୍ଗର ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଏଥିରୁ ବାଦ୍ ପଡ଼ିନାହାନ୍ତି ରାୟଗଡ଼ା ଜିଲା ନିୟମଗିରି ପାହାଡ଼ ଅଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆ କନ୍ଧମାନେ। ଶାଲ ବୁଣାରେ ସିଦ୍ଧହସ୍ତ ଏହି ଡଙ୍ଗରିଆ ମହିଳାମାନେ ରୋଜଗାର ବଞ୍ଚାଇବାକୁ ଏବେ ମାସ୍କ ପ୍ରସ୍ତୁତିକୁ ଗୁରୁତ୍ୱ ଦେଉଛନ୍ତି। ଫଳରେ ସେମାନଙ୍କ ଦକ୍ଷତା ଏବଂ ରାଜ୍ୟ ସରକାରଙ୍କ ପ୍ରୟାସ ଏପରି ଏକ ଘଡ଼ିସନ୍ଧି ସମୟରେ ବି ଡଙ୍ଗରିଆମାନଙ୍କୁ ସ୍ୱାବଲମ୍ବୀ କରିପାରିଛି।

ଏହି ଆଦିବାସୀ ଜନଜାତିର ମହିଳାମାନେ ସାଧାରଣତଃ ପାରମ୍ପରିକ 'କପଡ଼ା ଗୁନ୍ଦା' ବୁଣା ଏବଂ ଏମ୍ବ୍ରୋଡରି କାମ କରିଥାନ୍ତି। ସେମାନଙ୍କ ଦ୍ୱାରା ତିଆରି ଶାଲ୍‌ର ଚାହିଦା ଜାତୀୟ ଏବଂ ଅନ୍ତର୍ଜାତୀୟ ବଜାରରେ ରହିଛି। କିନ୍ତୁ ଲକ୍‌ଡାଉନ୍ ପରେ ଉକ୍ତ କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇଯିବାରୁ ଏହି ଡଙ୍ଗରିଆ ମହିଳାମାନେ ବେକାର ହୋଇଯାଇଥିଲେ। ଏହି ସମୟରେ ଡଙ୍ଗରିଆ ଉନ୍ନୟନ ସଂସ୍ଥା(ଡିକେଡିଏ) ସେମାନଙ୍କୁ ରୋଜଗାରର ନୂଆ ମାଧ୍ୟମ ଦେଖାଇଥିଲା। କୋଭିଡ୍-୧୯ ସମୟରେ ମାସ୍କ ଏକ ଅତ୍ୟାବଶ୍ୟକ ସାମଗ୍ରୀ ହୋଇଥିବାରୁ ମାସ୍କ ସିଲେଇ ଏବଂ ଏମ୍ବ୍ରୋଡରି କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି। ଫଳରେ ହାତବୁଣା ଶାଲ୍ ପରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ମାସ୍କର ଚାହିଦା ବୃଦ୍ଧିପାଉଛି ଓ ରୋଜଗାର ମଧ୍ୟ ବଢ଼ୁଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ କୁର୍ଲୀ ପଞ୍ଚାୟତର ଖମ୍ବେଶି, ଖଜୁରି, କୁର୍ଲୀ ଏବଂ ହୁଣ୍ଡିଜାଲି ଗ୍ରାମର ପ୍ରାୟ ୪୦ ଡଙ୍ଗରିଆ ମହିଳା ଏହି ମାସ୍କ ତିଆରି କାର୍ଯ୍ୟ କରୁଛନ୍ତି। ପ୍ରଥମେ ଏସ୍‌ଏଚ୍‌ଜି(ସ୍ୱୟଂ ସହାୟିକା ଗୋଷ୍ଠୀ)ର ମହିଳାମାନେ ମାସ୍କ ସିଲେଇ କରିଥାନ୍ତି। ପରେ ଡଙ୍ଗରିଆ ମହିଳାମାନେ ସେଥିରେ ପାରମ୍ପରିକ ଏମ୍ବ୍ରୋଡରି ଡିଜାଇନ କରିଥାନ୍ତି। ଏଥିପାଇଁ ପ୍ରତି ମାସ୍କ ପିଛା ଡିକେଡିଏ ପକ୍ଷରୁ ସେମାନଙ୍କୁ ୫୦ ଟଙ୍କା ପାରିଶ୍ରମିକ ପ୍ରଦାନ କରାଯାଇଥାଏ। ଏ ସମ୍ପର୍କରେ ଡଙ୍ଗରିଆ ମହିଳା ଶୁକ୍ରୀ କାଡ୍ରାକା କହିଛନ୍ତି, ଶାଲ ବୁଣା ବନ୍ଦ ହୋଇଯାଇଥିବାରୁ ଏବେ ମାସ୍କ ତିଆରିକରି କିଛି ଆୟ କରିପାରୁଛୁ। ଏଥିସହ ମହାମାରୀ ସମୟରେ ଲୋକଙ୍କୁ ମାସ୍କ ଯୋଗାଇ ଖୁସି ଅନୁଭବ କରୁଛୁ। ଡିକେଡିଏ ପକ୍ଷରୁ କପଡ଼ା, ଛୁଞ୍ଚି ଏବଂ ଏମ୍ବ୍ରୋଡରି ପାଇଁ ସୂତା ଯୋଗାଇ ଦିଆଯାଉଛି। ଗୋଟିଏ ମାସ୍କ ତିଆରି ପାଇଁ ୯୫ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ୧୦୦ ଟଙ୍କାରେ ବିକ୍ରି କରାଯାଉଛି। ମେ୨୧ରୁ ଇତିମଧ୍ୟରେ ୭୫୦ ମାସ୍କ ତିଆରି ସରିଲାଣି। ଆହୁରି ବରାଦ ରହିଛି। ପ୍ରସ୍ତୁତ ମାସ୍କଗୁଡ଼ିକୁ ଭୁବନେଶ୍ୱରସ୍ଥିତ ଟିଡିସିସି (ଟ୍ରାଇବାଲ୍ ଡେଭଲପ୍‌ମେଣ୍ଟ କୋଅପରେଟିଭ୍ କର୍ପୋରେଶନ) ବିଷମକଟକସ୍ଥିତ ଡିକେଡିଏ କାର୍ଯ୍ୟାଳୟରୁ କିଣି ନେଉଛି। ଆଗାମୀ ଦିନରେ ଏହି ମାସ୍କ ଜାତୀୟ ଓ ଅନ୍ତର୍ଜାତୀୟ ବଜାରକୁ ପଠାଯିବା ଲକ୍ଷ୍ୟ ରହିଛି। ଡିକେଡିଏର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ କହିଛନ୍ତି, ରାଜ୍ୟସ୍ତରରୁ ନିର୍ଦ୍ଦେଶ ଅନୁଯାୟୀ ଏହି ପ୍ରକଳ୍ପ ଆରମ୍ଭ କରିଥିଲୁ। ଏହା ଡଙ୍ଗରିଆଙ୍କ ରୋଜଗାରର ମାଧ୍ୟମ ହୋଇପାରିଛି। ଏହା ମାଧ୍ୟମରେ ଡଙ୍ଗରିଆ କନ୍ଧଙ୍କ ପ୍ରାଚୀନ ଚିତ୍ରକଳାର ମଧ୍ୟ ପ୍ରଚାର ପ୍ରସାର ହୋଇପାରୁଛି ବୋଲି ପାଢ଼ୀ ପ୍ରକାଶ କରିଛନ୍ତି।

# ୩୧ ଯାଏ ଅନ୍ତର୍ଜାତୀୟ ବିମାନ ସେବା ବାତିଲ

**ନୂଆଦିଲ୍ଲୀ,୩।୭**

ଚଳିତ ମାସ ଶେଷ ଯାଏ ଅନ୍ତର୍ଜାତୀୟ ବିମାନ ସେବା ଉପଲବ୍ଧ ହେବ ନାହିଁ। ମାତ୍ର କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିମାନ ସେବାକୁ ଅନୁମତି ମିଳିପାରେ। ବିଭିନ୍ନ ପ୍ରସଙ୍ଗକୁ ବିଚାରକରି ଏଭଳି ମଞ୍ଜୁରୀ ମିଳିପାରେ ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ସରକାର ମାର୍ଚ୍ଚ ୨୫ରୁ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ୧୫ରୁ ଅନ୍ତର୍ଜାତୀୟ ବିମାନ ସେବା ଯୋଗାଣ ନେଇ ଜୁନ ୨୬ରେ ଆସିଥିବା ସର୍କୁଲାରରେ କୁହାଯାଇଥିଲା। ଏହାକୁ ଚଳିତ ମାସ ଶେଷ ଯାଏ ବଢ଼ାଯାଇଥିବା ଡିଜିସିଏ କହିଛି। ବିଦେଶରେ ଫସି ରହିଥିବା ଲୋକଙ୍କୁ ଦେଶକୁ ଫେରାଇ ଆଣିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ବନ୍ଦେ ଭାରତ ମିଶନ' ଆରମ୍ଭ ହୋଇଛି। ଏଥିରେ ଏୟାର ଇଣ୍ଡିଆ ସମେତ ଅନ୍ୟ ଘରୋଇ ବିମାନ ସେବା ଯୋଗାଣ କରୁଥିବା କମ୍ପାନୀଗୁଡିକ ସେବା ଯୋଗାଇ ଦେଉଛନ୍ତି। ମେ ମାସ ୨୫ ତାରିଖଠାରୁ ଦେଶ ମଧ୍ୟରେ ବିମାନ ସେବାକୁ ସରକାର ଅନୁମତି ପ୍ରଦାନ କରିଥିବା ଜଣାପଡିଛି।

# ଖାଲକୁ ବାଇକ୍ ଖସି ୪ ନାବାଳକଙ୍କ ମୃତ୍ୟୁ

**କୋରାପୁଟ,୩।୭(ସ୍ୱ.ପ୍ର.)**



ଖାଲକୁ ଖସିପଡିଥିବା ବାଇକ୍।

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅନ୍ତର୍ଗତ ପାଡୁଆଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ଏକ ବାଇକ୍ ଦୁର୍ଘଟଣାରେ ୪ ଜଣ ନାବାଳକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କୃଷ୍ଣ ହନ୍ତାଳ (୧୪), ଶଶୀକାନ୍ତ ଖିଲ(୧୭), ପଙ୍କଜ ମହାନ୍ତି(୧୪) ଓ ଏସ୍. ଖରା (୧୪)। ଗୁରୁବାର ରାତି ୮ଟାରେ ଏହି ୪ଜଣ ସାଙ୍ଗ ପାଡୁଆ ଗ୍ରାମସ୍ଥିତ ନିଜ ଘରୁ ବାଇକ୍ (ଏପି୩୧ଟି ଡବ୍ଲ୍ୟୁ-୯୨୭୨) ଧରି ବୁଲି ବାହାରିଥିଲେ। ବୁଲାବୁଲି ସାରି ରାତି ୧୨ଟାରେ ସେମାନେ ପାଡୁଆ ଫେରୁଥିଲେ। ଲମତାପୁଟ-ପାଡୁଆ ଛକର ବୁଲାଣିଠାରେ ଥିବା ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଖାଲ ଭିତରକୁ ଖସିପଡିଥିଲା। ଫଳରେ ଘଟଣା ସ୍ଥଳରେ ସମସ୍ତଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଶୁକ୍ରବାର ପାଡୁଆ ପୋଲିସ ପହଞ୍ଚି ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ଲାଗି ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପାଡୁଆ ଗ୍ରାମ ଶ୍ମଶାନରେ ସମସ୍ତଙ୍କ ମୃତଦେହ ଏକ ସମୟରେ ଦାହ କରାଯାଇଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପିଲାଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଲେଖାଏ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ସମ୍ପୃକ୍ତ ୪ ପରିବାରକୁ ସହାୟତା ଲାଗି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଜିଲା ଜରୁରୀକାଳୀନ ଅଧିକାରୀ ଜ୍ଞାନଦୀପ ତ୍ରିପାଠୀ କହିଛନ୍ତି।

# ଦିନକରେ ସର୍ବାଧିକ ୫୬୧ ପଜିଟିଭ୍ ଚିହ୍ନଟ

- ଆଉ ୨ଜଣଙ୍କ ମୃତ୍ୟୁ
- ସୁସ୍ଥ ହେଲେ ୨୦୩
- ବିଗୁଡ଼ିଛି ଗଞ୍ଜାମ ସ୍ଥିତି

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହାକୁ କିପରି ରୋକାଯାଇ ପାରିବ ସେ ନେଇ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏହା ଥମିବାର ନାଁ ନେଉନାହିଁ। ଗତ ୨୪ଘଣ୍ଟାରେ ସର୍ବାଧିକ ରେକର୍ଡ ସଂଖ୍ୟକ ୫୬୧ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଖ୍ୟା ୮,୧୦୬ରେ ପହଞ୍ଚିଛି। ସେପଟେ ଗଞ୍ଜାମର ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ଏହି ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସହ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଶୁକ୍ରବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗଞ୍ଜାମ ଜିଲାରୁ ସର୍ବାଧିକ ୨୮୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଏହି ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୮୫୦ରେ ପହଞ୍ଚିଛି। ସେହିଭଳି ଆଉ ଦୁଇଜଣଙ୍କର କରୋନରେ ମୃତ୍ୟୁ ହୋଇଛି। ମୃତକ ଦୁଇଜଣ ଗଞ୍ଜାମ ଜିଲାର ଓ ଉଭୟ ପୁରୁଷ ଅଟନ୍ତି। ଏମାନଙ୍କ ମଧ୍ୟରୁ ଜଣେ ୬୬ ବର୍ଷୀୟ ବ୍ୟକ୍ତି ଯିଏକି ହାଇପରଟେନ୍‌ଶନ୍‌ରେ ପୀଡ଼ିତ ଥିଲେ। ଅନ୍ୟଜଣଙ୍କ ୪୦ବର୍ଷ ବୟସ୍କ ବ୍ୟକ୍ତି ଏବଂ ସେ ମଧ୍ୟ ଡାଇବେଟିସ୍‌ରେ ଆକ୍ରାନ୍ତ ଥିଲେ। ଗଞ୍ଜାମ ଜିଲାରେ ମୃତ୍ୟୁ ସଂଖ୍ୟା ୧୭ ଛୁଇଁଛି। ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୯କୁ ବୃଦ୍ଧି ପାଇଯାଇଛି। ସୂଚନାଯୋଗ୍ୟ, କରୋନାରେ ଖୋର୍ଦ୍ଧା ଜିଲାରୁ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କଟକରୁ ୪, ପୁରୀ, ବରଗଡ଼ ଓ ଅନୁଗୋଳରୁ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ସେପଟେ ଶୁକ୍ରବାର ରାଜ୍ୟରେ ୨୦୩ କରୋନା ରୋଗୀ ସୁସ୍ଥ ହୋଇଛନ୍ତି।




ଜୁଲାଇ ୪ ନିଳାଦ୍ରୀବିଜେ ରସଗୋଲା ଦିବସ ପୂର୍ବରୁ ପୁରୀ ସମୁଦ୍ର ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ରାୟଗଡ଼ାର କେବଳ ବିଜୟପୁର ଗାଁରେ ୭୪ ଆକ୍ରାନ୍ତ

**ଗୁଣପୁର/ରାୟଗଡ଼ା ଅଫିସ,୩।୭(ଡି.ଏନ୍.ଏ.)**

ରାୟଗଡ଼ା ଜିଲାରେ ଶୁକ୍ରବାର ଗୋଟିଏ ଦିନରେ ୭୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କେବଳ ଗୁଣପୁର ବ୍ଲକ୍ ଶିରିଝୋଲି ପଞ୍ଚାୟତ ଅନ୍ତର୍ଗତ ବିଜୟପୁର ଗାଁର ୭୪ଜଣ ରହିଛନ୍ତି। ସେହିପରି ଗୁଣପୁର ଶାନ୍ତିନଗର ଅଞ୍ଚଳରୁ ଜଣେ ଏବଂ ରାୟଗଡ଼ା ସହରସ୍ଥିତ କସ୍ତୁରୀନଗରରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ୭୬ ଜଣଙ୍କ ମଧ୍ୟରୁ ୪୫ ମହିଳା। ତେବେ ଦିନକରେ ଏତେ ସଂଖ୍ୟାରେ ପଜିଟିଭ ବାହାରିବା ପ୍ରଶାସନର ଚିନ୍ତା ବଢ଼ାଇଛି। ପ୍ରଶାସନ ପକ୍ଷରୁ ଗୁଣପୁର ପୌରାଞ୍ଚଳ ଏବଂ ଶିରିଝୋଲି ପଞ୍ଚାୟତକୁ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଛି।

ବିଜୟପୁର ଗ୍ରାମରୁ ଏତେ ସଂଖ୍ୟାରେ ପଜିଟିଭ ବାହାରିବା ପରେ ଅଗ୍ନିଶମ ବିଭାଗ ପକ୍ଷରୁ ଗାଁକୁ ସାନିଟାଇଜ୍ କରାଯାଇଛି। ରାୟଗଡ଼ା ଏସ୍‌ପି ଶ୍ରବଣା ବିବେକ ଏମ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ଜିଲାପାଳ ପ୍ରମୋଦ କୁମାର ବେହେରା, ଗୁଣପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ଆଦର୍ଶ ବିଦ୍ୟାଳୟସ୍ଥିତ କୋଭିଡ କେୟାର ସେଣ୍ଟରକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରଛନ୍ତି।

# ସ୍ତ୍ରୀ ଚରିତ୍ରକୁ ସନ୍ଦେହକରି ନବଜାତ ଶିଶୁପୁତ୍ରକୁ ହତ୍ୟା

**ଝରିଗାଁ, ୩।୭(ସ୍ୱ.ପ୍ର.)**

ସନ୍ଦେହ ଯେ କୌଣସି ସମ୍ପର୍କକୁ ବିଷାକ୍ତ କରିପକାଏ। ଯାହା ପରିଣତି ମଧ୍ୟ ଭୟଙ୍କର। ଏପରି ଏକ ଘଟଣା ଘଟିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତ ଗାଇବନ୍ଧା ଗ୍ରାମରେ। ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ୧୯ ଦିନର ଶିଶୁ ପୁତ୍ରକୁ ହତ୍ୟା କରିଛି ବାପା। ଖବର ପାଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମୃତଦେହ ଉଦ୍ଧାର କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଗାଇବନ୍ଧା ଗ୍ରାମର ବାସୁଦେବ ଜାନୀ (୩୨)।

ପ୍ରକାଶ ଯେ, ବାସୁଦେବ ବିବାହିତ ଏବଂ ତାଙ୍କର ଗୋଟିଏ ଝିଅ ଅଛି। ଏହା ସତ୍ତ୍ୱେ ପ୍ରାୟ ବର୍ଷକ ତଳେ ସେ କମାଇ ପୁଜାରୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଦୁଇଜଣ ସ୍ତ୍ରୀ ବାସୁଦେବଙ୍କ ଘରେ ରହୁଥିଲେ। ତେଣୁ ସବୁବେଳେ ପାରିବାରିକ କଳହ ଲାଗି ରହିଥିଲା। ଏହା ମଧ୍ୟରେ ଗତ ଜୁନ ୧୦ରେ କମାଇ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ପିଲାଟି କିନ୍ତୁ ତାଙ୍କର ନୁହେଁ ବୋଲି ବାସୁଦେବଙ୍କ ସନ୍ଦେହ ଥିଲା। ଜୁନ ୨୯ରେ କମାଇଙ୍କ ଅଜାଣତରେ ବାସୁଦେବ ୧୯ ଦିନର ଶିଶୁ ପୁତ୍ରକୁ ଧରି ଘରୁ କେଉଁଆଡ଼େ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ନ ପାଇବାରୁ କମାଇ ୩୦ ତାରିଖରେ ଝରିଗାଁ ଥାନାରେ ପୁଅ ନିଖୋଜ ନେଇ ଏତଲା ଦେଇଥିଲେ। ପୋଲିସ କେଶ ନଂ.୧୧୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ୧ ତାରିଖରେ ବାସୁଦେବ ଘରକୁ ଫେରିଥିଲେ, କିନ୍ତୁ ଶିଶୁପୁତ୍ର ତାଙ୍କ ସହ ନ ଥିଲା। ଏହାପରେ ପୋଲିସ ବାସୁଦେବଙ୍କୁ ଥାନାକୁ ଆଣି ପଚରା ଉଚରା ଚଳାଇଥିଲେ। ପୁଅକୁ ତଣ୍ଟି ଚିପି ହତ୍ୟା କରି କନ୍ଦାସାଲ ନାଳରେ ଫିଙ୍ଗି ଦେଇଥିବା କଥା ଶୁକ୍ରବାର ବାସୁଦେବ ମାନିଥିଲେ। ଏହାପରେ ଝରିଗାଁ ଥାନାଧିକାରୀ ଉମେଶ ଚନ୍ଦ୍ର ସାହୁ, ଏଏସ୍‌ଆଇ ଏମ୍‌ସିଏଚ୍. ଦେଉରୀ କେତେଜଣ କର୍ମଚାରୀଙ୍କ ସହ କନ୍ଦାସାଲ ନାଳ ନିକଟରେ ପହଞ୍ଚି ଶିଶୁପୁତ୍ରର ଗଳିତ ମୃତଦେହ ଉଦ୍ଧାର କରିଥିଲେ। ଏହି ସମୟରେ ମାଜିଷ୍ଟ୍ରେଟ ଭାବେ ଝରିଗାଁ ତହସିଲଦାର ଚିନ୍ମୟ ସାଗର ଉପସ୍ଥିତ ଥିଲେ। ବାସୁଦେବଙ୍କୁ ପୋଲିସ ଗିରଫ କରି ଘଟଣାର ତଦନ୍ତ ଚଳାଇଛି।

# ହୋମ୍ କ୍ୱାରାଣ୍ଟାଇନ ନିୟମ କଡ଼ାକଡ଼ି ପାଳନ କର

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ଓଡ଼ିଶାରେ କୋଭିଡ୍ ସଂକ୍ରମଣର ସ୍ଥିତି ବିପର୍ଯ୍ୟସ୍ତ ହୋଇନାହିଁ। କିନ୍ତୁ କରୋନାକୁ ନେଇ ଉଭୟ ଭୟ ଓ ସାବଧାନତା ମଧ୍ୟରେ ଚଳିବାକୁ ପଡ଼ିବ। ଭୟ କମାଇବାକୁ ପଡ଼ିବ ଓ ସାବଧାନତାର ପରିମାଣ ବଢ଼ାଇବାକୁ ପଡ଼ିବ। ସାବଧାନତାରେ ସାମାନ୍ୟ ଏପଟ ସେପଟ ହୋଇଗଲେ ଭୟଙ୍କର ସ୍ଥିତି ସାମ୍ନା କରିବାକୁ ପଡ଼ିବ ବୋଲି ରାଜ୍ୟ ସରକାରଙ୍କ କୋଭିଡ୍ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଏଥିସହିତ ହୋମ୍ କ୍ୱାରାଣ୍ଟାଇନ ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଏନେଇ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି ଅସାବଧାନତା ଯୋଗୁ କ'ଣ ସମସ୍ୟା ହେଉଛି ସେ ସମ୍ପର୍କରେ ସୂଚନା ଦେବା ସହ ଦୁଇଜଣ ବ୍ୟକ୍ତିଙ୍କ ଉଦାହରଣ ଦେଇ ସଂକ୍ରମଣର ଭୟାବହତା ସମ୍ପର୍କରେ କହିଥିଲେ ବାଗ୍‌ଚୀ।

ଭୁବନେଶ୍ୱରରେ ଜଣେ ଯୁବକ କିଛିଦିନ ତଳେ ବେଙ୍ଗାଲୁରୁରୁ ବିମାନରେ ଆସିଥିଲେ। ଆସିବା ସମୟରେ ପିପିଇ ପିନ୍ଧିବାଠାରୁ ଆରମ୍ଭ କରି ସବୁ ପ୍ରକାର ପ୍ରତିଷେଧମୂଳକ ନିୟମ ମାନିଥିଲେ। ଘରକୁ ଯିବା ପରେ ଦୁଇରୁ ତିନିଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। କିନ୍ତୁ ପରେ ସେ ସମସ୍ତଙ୍କ ସହିତ ମିଳାମିଶା କରିଦେଇଥିଲେ। କୌଣସି ଲକ୍ଷଣ ଦେଖା ନ ଯିବାରୁ କିଛିଦିନ ପରେ ସେ ସାଙ୍ଗସାଥୀଙ୍କ ସହିତ ମଧ୍ୟ ବୁଲାବୁଲି କଲେ। କିନ୍ତୁ ପରେ ତାଙ୍କର କରୋନା ପଜିଟିଭ୍ ବାହାରିଥିଲା। ଏବେ ତାଙ୍କ ସହ ସଂକ୍ରମିତ ମା' ଓ ବାପା ମଧ୍ୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସରକାର ତାଙ୍କ ସାଙ୍ଗସାଥୀଙ୍କୁ ଖୋଜୁଛନ୍ତି ବୋଲି ବାଗ୍‌ଚୀ କହିଛନ୍ତି।

### ଟାଇମ ପାସ୍ ପାଇଁ ଲାଇଫ୍ ଫେଲ୍ ହୋଇ ନ ଯାଉ

କୋଭିଡ ସମସ୍ତଙ୍କୁ ମାରୁନାହିଁ। କିନ୍ତୁ ସୁସ୍ଥ ଦେଖାଯିବା ଏବଂ ଭେଣ୍ଟିଲେଟର ପର୍ଯ୍ୟନ୍ତ ପହଞ୍ଚିବାର ବ୍ୟବଧାନ ବହୁ କମ୍ ରହୁଛି। ସୁସ୍ଥ ଥିବା ଲୋକକୁ ଭେଣ୍ଟିଲେଟରକୁ ଯିବା ପାଇଁ ୨୪ଘଣ୍ଟାରୁ ମଧ୍ୟ କମ୍ ସମୟ ଲାଗୁଛି। ଏବେ ଘରେ ରହିଲେ ବୋର୍ ଲାଗିବ। ସେଥିପାଇଁ ଦୁଇଚକିଆ ଯାନ ଧରି ଟାଇମ୍ ପାସ୍ କରିବାକୁ କୁଆଡ଼େ ପଳାଇବା ଅର୍ଥ ଜୀବନ ପ୍ରତି ବିପଦ ଆଣିବା। ଟାଇମ୍ ପାସ୍ ପାଇଁ ଲାଇଫ୍ ଫେଲ୍ ହୋଇଯିବ ବୋଲି ରାଜ୍ୟ ସରକାରଙ୍କ କୋଭିଡ୍ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ ସତର୍କ କରାଇ ଦେଇଛନ୍ତି।

# ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୩।୭(ବ୍ୟୁରୋ)**

କରୋନା ମହାମାରୀ ସଂକ୍ରମଣର ୯୦ଦିନ ପରେ ମଧ୍ୟ ବାରମ୍ବାର ନିବେଦନ ସତ୍ତ୍ୱେ କେତେଜଣ ବ୍ୟକ୍ତି ଜାଣିଶୁଣି ନିୟମ ଭଙ୍ଗ କରୁଛନ୍ତି। ଅନ୍ୟମାନଙ୍କ ଜୀବନକୁ ବିପଦରେ ପକାଉଛନ୍ତି। ଯଦି ସେହି ବ୍ୟକ୍ତିମାନେ ନିଜର ସ୍ୱଭାବରେ ପରିବର୍ତ୍ତନ ନ କରିବେ, ତେବେ ସମସ୍ତଙ୍କୁ ଏହାର କୁପରିଣାମ ଭୋଗିବାକୁ ପଡ଼ିବ। ଲୋକମାନଙ୍କ ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ନିୟମ ଭାଙ୍ଗୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଭିମୁଖ୍ୟ କଠୋର କରିବାକୁ ସରକାର ଘୋଷଣା କରିଛନ୍ତି।

ରାଜ୍ୟରେ କରୋନା ନିୟନ୍ତ୍ରଣରେ ରହିଛି। ଘରକୁ ଘର ବୁଲି କରୋନା ସଂକ୍ରମିତକୁ ଚିହ୍ନଟ କାର୍ଯ୍ୟ ଚାଲିଛି। ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର) ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଗାଇଡ୍‌ଲାଇନ ଅନୁଯାୟୀ କରୋନା ଲକ୍ଷଣଥିବା ବ୍ୟକ୍ତିଙ୍କ ନମୁନା ପରୀକ୍ଷା କରାଯାଉଛି। ଘର ଘର ବୁଲି ସର୍ଭେ କରିବା ଏବଂ ନମୁନା ପରୀକ୍ଷଣ ବୃଦ୍ଧି ହେବା କାରଣରୁ ସଂକ୍ରମିତଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ଠିକ୍ ସମୟରେ ସଂକ୍ରମିତଙ୍କୁ ଚିହ୍ନଟ କରିବା, ପରୀକ୍ଷା କରିବା ଏବଂ ଚିକିତ୍ସା କରିବା ଦ୍ୱାରା କୋଭିଡ୍-୧୯ ଭୂତାଣ ସଂକ୍ରମଣକୁ ରୋକାଯାଇପାରିବ। ଏସବୁ କରାଯାଉଥିବାରୁ ଓଡ଼ିଶା କୋଭିଡ୍ ମୃତ୍ୟୁହାର ନିୟନ୍ତ୍ରଣ କରିବାରେ ସଫଳ ହୋଇପାରିଛି। ୱାର୍ଡସ୍ତରରେ କୋଭିଡ୍ କେୟାର କମିଟି ଗଠନ କରି ଘରଘର ବୁଲି ସର୍ଭେ କରିବା ଦ୍ୱାରା ଏହି ମହାମାରୀକୁ ନିୟନ୍ତ୍ରଣ କରାଯାଇପାରିଛି। ଏଥିପାଇଁ ଓଡ଼ିଶା ଜାତୀୟସ୍ତରରେ ପ୍ରଶଂସିତ। କରୋନା ମହାମାରୀ ସମୟରେ ରାଜ୍ୟର ୪.୫ କୋଟି ଲୋକଙ୍କ ଜୀବନ ସୁରକ୍ଷା କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅକ୍ଳାନ୍ତ ପରିଶ୍ରମ ଜାରି ରଖିଛନ୍ତି। ଏବେକାର ସମୟରେ ଲୋକଙ୍କ ଜୀବନର ସୁରକ୍ଷା ପ୍ରଧାନ କର୍ତ୍ତବ୍ୟ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ଲକ୍ଷଣ ଥିଲେ ଲୁଚାନ୍ତୁ ନାହିଁ

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

କୋଭିଡ୍-୧୯କୁ ପ୍ରତିରୋଧ କରିବା ପାଇଁ ରାଜ୍ୟ ସରକାର ଟ୍ରେସ୍, ଟେଷ୍ଟ ଏବଂ ଟ୍ରିଟ୍ (ସଂକ୍ରମିତଙ୍କୁ ଚିହ୍ନଟ, ପରୀକ୍ଷଣ ଓ ଚିକିତ୍ସା) ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ତେଣୁ ଲକ୍ଷଣ ପ୍ରକାଶ ପାଇଲେ ଜନସାଧାରଣ ଆଦୌ ଲୁଚାନ୍ତୁ ନାହିଁ। ଯେଉଁମାନଙ୍କର ସାମାନ୍ୟତମ ଲକ୍ଷଣ ପ୍ରକାଶ ପାଉଛି, ସେମାନେ ହୋମ୍ କ୍ୱାରାଣ୍ଟାଇନ୍ ନିୟମକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ରାଜ୍ୟ ସରକାରଙ୍କ କୋଭିଡ୍ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଶୁକ୍ରବାର ରାଜ୍ୟର କରୋନା ସ୍ଥିତି ସମ୍ପର୍କରେ ସୂଚନା ଦେଇ ବାଗ୍‌ଚୀ କହିଛନ୍ତି, କରୋନାର ସଫଳ ମୁକାବିଲା ପାଇଁ ରାଜ୍ୟରେ ଏବେ କୋଭିଡ୍ ସର୍ଭେ ଚାଲିଛି। ଆଶା ଦିଦିଙ୍କ ସହାୟତାରେ ଗତ୧୬ ତାରିଖରୁ ଚାଲିଥିବା ଏହି ଅଭିଯାନ ଚଳିତମାସ ଶେଷ ପର୍ଯ୍ୟନ୍ତ ଚାଲିବ। ଖୁବ୍‌ଶୀଘ୍ର ରାଜ୍ୟର ସବୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବସ୍ତିଗୁଡ଼ିକରେ ଏହା ପହଞ୍ଚିବ। ଏଥିପାଇଁ ରାଜ୍ୟ ସରକାର 'ଟ୍ରେସ୍, ଟେଷ୍ଟ ଓ ଟ୍ରିଟ୍' ଫର୍ମୁଲା ଆପଣାଇଛନ୍ତି। ଏହି ସର୍ଭେ ବେଳେ କୋଭିଡ୍ ଲକ୍ଷଣ ସହ ବୟସଜନିତ ରୋଗ ଯଥା ଡାଇବେଟିସ୍, ବ୍ଲଡ୍‌ପ୍ରେସର ଓ ଯକ୍ଷ୍ମା ଆଦି ରୋଗୀଙ୍କୁ ମଧ୍ୟ ଚିହ୍ନଟ କରାଯାଉଛି।

THANKS TO ALL HAVING TRUST US FROM LAST 10 YEARS
ORIGINAL
NAVRATNA BHAVISHYA
NAVRATNA YANTRA
Live NEPAL 1 TV
Lucky Yantra In Every 15 Minutes
Check Your Lucky Yantra on NEPAL 1 TV

| DTH Platform | Channel No. |
|---|---|
| TATA SKY | 1956 |
| DISH TV | 1537 |
| VIDEOCONE | 848 |
| AIRTEL | 672 |
| BIG TV | 783 |
| SUN | 693 |

also available on Jain HITS - 949 & AO TV (Mobile Arlin ) A

| 03.07.2020 | NAVRATNA | RAJARANI | ROYAL | CHETAK |
|---|---|---|---|---|
| 08.30 | 33 | 63 | 85 | 33 |
| 09.00 | 26 | 99 | 15 | 05 |
| 09.30 | 82 | 73 | 81 | 93 |
| 10.00 | 93 | 75 | 78 | 41 |
| 10.30 | 04 | 97 | 95 | 21 |
| 11.00 | 12 | 22 | 92 | 46 |
| 11.30 | 40 | 11 | 42 | 20 |
| 12.00 | 62 | 31 | 70 | 98 |
| 12.30 | 87 | 60 | 87 | 28 |
| 01.00 | 70 | 24 | 57 | 83 |
| 01.30 | 98 | 47 | 02 | 34 |
| 02.00 | 51 | 08 | 85 | 86 |
| 02.30 | 53 | 69 | 87 | 04 |
| 03.00 | 26 | 50 | 05 | 22 |
| 03.30 | 78 | 93 | 25 | 79 |
| 04.00 | 71 | 60 | 25 | 29 |
| 04.30 | 88 | 53 | 58 | 30 |
| 05.00 | 76 | 83 | 03 | 47 |
| 05.30 | 05 | 33 | 30 | 66 |
| 06.00 | 85 | 40 | 30 | 30 |

Contact for Bulk Booking of Ring
Contact for Subh Ank on This Phone Numbers :
Ph.: 8657216263, 9136183911, 9967910136, 9967793681
Website :
navratnayantracoupon.com
goldennavratnacoupon.com

ଧରିତ୍ରୀ
DHARITRI
ଶନିବାର, ୪ ଜୁଲାଇ,୨୦୨୦



**ଆଜିର ମନ୍ତବ୍ୟ**

“ଚାଇନା ଓ ପାକିସ୍ତାନଠାରୁ ଭାରତ କୌଣସି ଶକ୍ତି ଉପକରଣ ଆମଦାନୀ କରିବ ନାହିଁ।
**-ଆର୍.କେ. ସିଂ, କେନ୍ଦ୍ର ଶକ୍ତିମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଦିକୁ
ପରିବାରବର୍ଗ


ମୌସୁମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩୧ ଯାଏ କେବଳ ଜରୁରୀ ମାମଲାର ଶୁଣାଣି

କଟକ ଅଫିସ,୩।୭

କେନ୍ଦ୍ର ସରକାର ଦ୍ୱିତୀୟ ପର୍ଯ୍ୟାୟ ଅନ୍‌ଲକ୍ ଜାରି କରିଛନ୍ତି। ଏହା ଜୁଲାଇ ୩୧ ପର୍ଯ୍ୟନ୍ତ ରହିବା ସହ ଏହି ସମୟରେ ଅନେକ ପ୍ରକାର କଟକଣା ଜାରି କରାଯାଇଛି। ସେ ପର୍ଯ୍ୟନ୍ତ କେବଳ ଜରୁରୀ ମାମଲାର ଶୁଣାଣି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ହାଇକୋର୍ଟର ଫୁଲ୍‌କୋର୍ଟରେ ଏନେଇ ନିଷ୍ପତ୍ତି ନିଆଯାଇଛି। କରୋନା ସ୍ଥିତିକୁ ଦେଖି ବର୍ତ୍ତମାନ ଭର୍ଚୁଆଲ୍ ଶୁଣାଣିକୁ ଗୁରୁତ୍ୱ ଦିଆଯାଉଛି। ଜୁଲାଇ ୩୧ ପର୍ଯ୍ୟନ୍ତ ଏହା ଜାରି ରହିବ। ଏହି ସମୟରେ କେବଳ ଜରୁରୀ ମାମଲାର ହିଁ ଶୁଣାଣି କରାଯିବ। ନିମ୍ନକୋର୍ଟଗୁଡ଼ିକ ପାଇଁ ମଧ୍ୟ ଏହି ନିର୍ଦ୍ଦେଶ ଲାଗୁ ହେବ। ଯଦି କୌଣସି ଜିଲାରେ କରୋନା ସଂକ୍ରମଣ କମ୍ ରହିଛି କିମ୍ବା ସ୍ଥିତି ସ୍ୱାଭାବିକ ରହିଛି, ସେହି ଜିଲାରେ ଦେୱାନୀ ଓ ଫୌଜଦାରି ମାମଲାର ମଧ୍ୟ ଶୁଣାଣି ହୋଇପାରିବ। ଯେଉଁ ମାମଲାରେ ବିଚାରାଧୀନ କଏଦୀମାନେ ବନ୍ଦୀ ରହିଛନ୍ତି, ସେହି ମାମଲା କିମ୍ବା ପୁରୁଣା ମାମଲାର ଶୁଣାଣିକୁ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଉଭୟ ପକ୍ଷର ଓକିଲ ସମ୍ମତି ଦେବା ଆବଶ୍ୟକ। ଜିଲାପାଳ କିମ୍ବା କ୍ଷମତାସମ୍ପନ୍ନ ଅଧିକାରୀ କୌଣସି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ କିମ୍ବା ଶଟ୍‌ଡାଉନ୍ ଘୋଷଣା କଲେ, ଜିଲା ଜଜ୍‌ମାନେ ନିଜ ଅଧୀନସ୍ଥ କୋର୍ଟଗୁଡ଼ିକୁ ବନ୍ଦ ରଖିବା ନିଷ୍ପତ୍ତି ନେଇପାରିବେ। ହାଇକୋର୍ଟ ଏନେଇ ଜିଲା ଜଜ୍‌ମାନଙ୍କୁ କ୍ଷମତା ଦେଇଛନ୍ତି। ଯେଉଁ ଜିଲାରେ ସପ୍ତାହାନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଛି କିମ୍ବା ଭବିଷ୍ୟତରେ କରାଯିବ, ସେହି ଜିଲାରେ ଶନିବାର ଓ ରବିବାର ସମସ୍ତ କୋର୍ଟ ବନ୍ଦ ରହିବ। ହାଇକୋର୍ଟ ମଧ୍ୟ ଜୁଲାଇର ସମସ୍ତ ଶନିବାର ବନ୍ଦ ରଖାଯିବ। ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ୍ ଏହି ନିର୍ଦ୍ଦେଶ ଜାରି କରିଛନ୍ତି।

**ଦ୍ୱିତୀୟ ପର୍ଯ୍ୟାୟ ଅନ୍‌ଲକ୍ ପରେ ହାଇକୋର୍ଟଙ୍କ ନିଷ୍ପତ୍ତି**

# କରୋନାରେ ପୁଅ ମୃତ୍ୟୁ ଖବର ଶୁଣି ମା’, ବାପାଙ୍କ ଆତ୍ମହତ୍ୟା

କବିସୂର୍ଯ୍ୟନଗର,୩।୭(ଡି.ଏନ୍.ଏ.)

କରୋନାରେ ଏକମାତ୍ର ପୁଅଙ୍କ ମୃତ୍ୟୁ ଖବର ଶୁଣି ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ମା’ ଓ ବାପା। ଏଭଳି ଦୁଃଖଦ ଘଟଣା ଘଟିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳରେ। ମୃତକ ହେଲେ କବିସୂର୍ଯ୍ୟନଗର ଏନ୍‌ଏସିର ଟ୍ୟାକ୍ସ କଲେକ୍ଟ ଅଫିସର ରାଜକିଶୋର ଶତପଥୀ ଓ ତାଙ୍କ ସ୍ତ୍ରୀ ସୁଲୋଚନା। କବିସୂର୍ଯ୍ୟନଗର ନାରାୟଣପୁରଶାସନ ନିବାସୀ ରାଜକିଶୋରଙ୍କ ପୁଅ ସୀମାଞ୍ଚଳ (୨୭) ସୁନାରିଖୋଳା ପଞ୍ଚାୟତ ସ୍କୁଲରେ ଶିକ୍ଷକତା କରୁଥିଲେ। ନିଶ୍ୱାସ ନେବାରେ ଅସୁବିଧା ଯୋଗୁ ସୀମାଞ୍ଚଳଙ୍କୁ ଗତ ୧ତାରିଖରେ ଭୁବନେଶ୍ୱରସ୍ଥିତ ସମ୍ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ଗୁରୁବାର ରିପୋର୍ଟ ପଜିଟିଭ ଆସିଥିଲା। ଶୁକ୍ରବାର ସକାଳୁ ତାଙ୍କର ମୃତ୍ୟୁ ଘଟିଥିଲା। ବନ୍ଧୁ, ସମ୍ପର୍କୀୟ ଏହା ଜାଣିଥିଲେ ମଧ୍ୟ ସୀମାଞ୍ଚଳଙ୍କ ବାପା ଓ ମା’ଙ୍କୁ ଜଣାଇ ନ ଥିଲେ। ବାପା ରାଜକିଶୋର ଅପରାହ୍ନରେ ଏହା ଜାଣିବା ପରେ ଦୁଃଖରେ ଭାଙ୍ଗି ପଡିଥିଲେ। ସନ୍ଧ୍ୟାରେ କାହାକୁ କିଛି ନ ଜଣାଇ ଘରୁ କେଉଁଆଡେ ପଳାଇଥିଲେ। ସାପୁଆବସା ଜଙ୍ଗଲରେ ଏକ ଗଛରେ ରାଜକିଶୋରଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ଲୋକେ ଦେଖି ପରିବାରକୁ ଜଣାଇଥିଲେ। ଏହାର କିଛି ସମୟ ପରେ ରାତି ପ୍ରାୟ ୯ଟାରେ ମା’ ସୁଲୋଚନା ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ମଧ୍ୟ କବିସୂର୍ଯ୍ୟନଗର ଅଞ୍ଚଳରେ ଏପରି ଏକ ଅଭାବନୀୟ ଘଟଣା ଘଟିଥିଲା। ଜଣେ ସୁନା ବ୍ୟବସାୟୀଙ୍କ କରୋନା ରିପୋର୍ଟ ପଜିଟିଭ ଆସିବାପରେ ହୃଦ୍‌ଘାତରେ ତାଙ୍କ ବାପାଙ୍କର ମୃତ୍ୟୁ ଘଟିଥିଲା।

# ସୁନାଚେନ୍ ପାଇଁ ଜୀବନ ହାରିଲେ ନାବାଳିକା

ବାରିପଦା ଅଫିସ,୩।୭

ମା’ଙ୍କ ସହିତ ପୋଖରୀରେ ଗାଧୋଉଥିବା ବେଳେ ଜଣେ ନାବାଳିକାଙ୍କ ବେକ୍‌ରୁ ସୁନାଚେନ୍ ଖସିପଡ଼ିଥିଲା। ଘର ଲୋକେ କାଳେ ମାଡ଼ ଗାଳି କରିବେ ସେହି ଭୟରେ ନାବାଳିକା ଜଣଙ୍କ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏଭଳି ଦୁଃଖଦ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ବେତନଟୀ ଥାନା ଅଧୀନ ହରିକୋଟ ଗ୍ରାମରେ। ପୋଲିସ ସୂଚନା ଅନୁଯାୟୀ, ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ୧୫ ବର୍ଷୀୟ ଉକ୍ତ ନାବାଳିକା ଗୁରୁବାର ସକାଳେ ମା’ଙ୍କ ସହିତ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତାବଶତଃ ତାଙ୍କ ବେକରୁ ସୁନାଚେନ ଖସି ପଡ଼ିଥିଲା। ପୋଖରୀରେ ଖୋଜାଖୋଜି କରିଥିଲେ ମଧ୍ୟ ଉକ୍ତ ଚେନ୍ ମିଳି ନ ଥିଲା। ପରେ ଘରେ କାଳେ ମାଡ଼ ଗାଳି ହେବ ସେହି ଭୟରେ ସନ୍ଧ୍ୟାରେ ସେ ଘର ଛାଡ଼ି ପଳାଇଯାଇଥିଲେ। ପରିବାର ଲୋକେ ବିଭିନ୍ନ ଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଶୁକ୍ରବାର ସକାଳେ ନିକଟରେ ଥିବା ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ବେତନଟୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପାଇଁ ପିଆର୍‌ଏମ୍ ମେଡ଼ିକାଲ୍‌କୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୪/୨୦୨୦) ରୁଜୁ ହୋଇଥିବା ଥାନା ଅଧିକାରୀ ଅଶୋକ କୁମାର ନାୟକ କହିଛନ୍ତି। ଏହି ଘଟଣା ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି।

**classifieds** **Everyday**
0674-2580101, 2549302




**SALE**

**Gharabari boundary plot at Chhatabara, NH-5 bypass near Infocity-II. 7008563697.** D-17645

**LAND FOR SALE- at- Jajpur road, Bank Street near Suryansh, Hotel, 68,000sqft. Contact: 9338812345 abhishek7422@gmail.com.** D-17617

**Gharabari boundary ସହିତ developed plot ଫୁଲନଖରା ଛକ ନିକଟରେ କିଣନ୍ତୁ। 9937166932.** D-69320

ଭୁବନେଶ୍ୱର ସୁନ୍ଦରପଦାରେ ଘର କରିବା ପ୍ଲଟ୍ sqft.-950/, Xavier University ପାଖରେ 310/-, plot booking 20,000/-, 9938016295. D-69125

**Bhubaneswar-Khordha NH side ରେ boundary wall road ସହିତ plot ମିଳୁଅଛି। 6372852525.** D-69124

Commercial Gharabari 14000sft. Corner plot just 4Km from Phulnakhara-Niali near Indian Oil. 8658182243. D-68093

**2000sqft. plot with 30ft road, boundary wall, Electricity near Infosys-II, Janla, Bhuasuni Temple. 9438400633.** D-69126

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, outright. 9348232008, 6371569855. D-69128

Readymade 2BHK flat at Utkal Vatika, Jharapada canal road, Bhubaneswar with all amenities 80lakh. 9437018423. D-69519

**GENERAL SALE**

ଗାୟତ୍ରୀ କ୍ଲୋନ୍‌ସ ନର୍ସରୀ ଇଉକାଲିପଟାସ୍ କ୍ଲୋନ୍‌ସ ଚାରାପାଇଁ ଯୋଗାଯୋଗ କରନ୍ତୁ। 9658244357, 8249372486. D-69517

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




1200sqft. Office space available for rent at Goutam Nagar, Bhubaneswar. 9337117523. D-67558

300sq. feet at 3rd Floor for Office use only at Plot No. 23 (E) Ashok Nagar, Janpath, Bhubaneswar. Contact: 9439471328. D-68354




Monalisa massage club : All types body massage with hiprofile smart lady rooms service available 9708545108. D-17661

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାହିଁଲେ ଦିଶେ,**
**ଚାଲିଲେ କୋଶେ ।**

ଆଖିରେ ଦେଖିଲେ ଦୂରରେ ଥିବା ଜିନିଷ ପାଖରେ ବୋଲି ଜଣାପଡ଼େ। ପରନ୍ତୁ ସେ ସ୍ଥାନକୁ ଚାଲି ଚାଲି ଗଲେ ତା’ର ପ୍ରକୃତ ଦୂରତ୍ୱ ବିଷୟରେ ଜାଣିହୁଏ । ଦୂରରେ ରହି ବା ଥାଇ କୌଣସି ବିଷୟରେ ଠିକ ଅନୁମାନ ଲଗାଇବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚଷା, ମୂଷା ସମାନ ।**

ଚାଷୀ ବରଷକ ବାରମାସ ବିଲବାରିରେ ଖଟିଥାଏ। ମାଟି ସଙ୍ଗେ ସାଙ୍ଗ ହୋଇ କ୍ଷେତରେ ସୁନା ଫଳେଇଥାଏ। ସେହିପରି ମୂଷା ସବୁବେଳେ ତା’ ମୁନିଆ ଦାନ୍ତ ସାହାଯ୍ୟରେ କିଛି ନା କିଛି କଟାକଟି କରିଚାଲିଥାଏ, ନ ହେଲେ କାନ୍ଥ କି ଗାତ ଖୋଳିବାରେ ବ୍ୟସ୍ତଥାଏ। ଗୋଟିଏ ଜାଗାରେ ସେ କେବେ ଥୟଧରି ରହିପାରି ନ ଥାଏ। ଉଭୟେ କଠିନ ପରିଶ୍ରମୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ବିସ୍ତାରବାଦର ଯୁଗ ...

ସହ କଥା ହୋଇଥିଲେ। ବରିଷ୍ଠ ସେନା ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କୁ ସେଠାକାର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଗଲୱାନ ଉପତ୍ୟକା ସଂଘର୍ଷରେ ଶହୀଦ ହୋଇଥିବା ୨୦ ଜଣ ଭାରତୀୟ ଯବାନଙ୍କ ପ୍ରତି ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଲଦାଖରେ ଭାରତ ଭିତ୍ତିଭୂମି ନିର୍ମାଣ କରୁଥିବା ନେଇ ବେଜିଂ ଚିନ୍ତା ପ୍ରକଟ କରିଆସୁଛି। ଉକ୍ତ ଅଞ୍ଚଳରେ ବିଚ୍ଛିନ୍ନତାବାଦ ସୃଷ୍ଟି କରିବା ଲାଗି ବେଜିଂ ଚଳାଇଆସିଥିବା ସବୁ ଉଦ୍ୟମକୁ ଲଦାଖ ଜନସାଧାରଣ ପ୍ରତ୍ୟାଖ୍ୟାନ କରିଆସିଛନ୍ତି। ଲଦାଖ ଦେଶର ମସ୍ତକ। ଏହା ୧୩୦ କୋଟି ଦେଶବାସୀଙ୍କ ପାଇଁ ଗର୍ବର ପ୍ରତୀକ। ଏହି ଅଞ୍ଚଳ ସେମାନଙ୍କର ଏବଂ ଏଥିପାଇଁ ଯେକୌଣସି ବଳିଦାନ ଦେବାକୁ ସେମାନେ ପ୍ରସ୍ତୁତ ବୋଲି ମୋଦି କହିଥିଲେ। ସୀମାନ୍ତ ଅଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ସରକାର ବ୍ୟୟବରାଦ ପରିମାଣ ୩ ଗୁଣ ବଢ଼ାଇଥିବା ମୋଦି କହିଥିଲେ। ଗଲୱାନ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷବେଳେ ଭାରତୀୟ ଯବାନଙ୍କ ବୀରତ୍ୱକୁ ସମସ୍ତେ ଦେଖିଛନ୍ତି। ଆମେ ସେହି ଲୋକ ଯିଏ ବଂଶୀଧାରୀ କୃଷ୍ଣ ଏବଂ ସୁଦର୍ଶନ ଚକ୍ରଧାରୀଙ୍କ ପୂଜା କରିଥାନ୍ତି। ଆମ ପାଖରେ ସଂଯମ ଅଛି ଓ ପରାକ୍ରମ ରହିଛି। ୧୪ କର୍‌ପସ୍‌ର ଯବାନମାନଙ୍କ ସାହସିକତାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହ ଏହା ଏବେ ପ୍ରତି ପରିବାରରେ ଆଲୋଚନାର ବିଷୟ ହୋଇଥିବା କହିଥିଲେ। ଯବାନମାନେ ଯେଉଁ ଉଚ୍ଚ ସ୍ଥାନରେ ମୁତୟନ ହୋଇଛନ୍ତି, ତାହାଠାରୁ ସେମାନଙ୍କ ସାହସ ଆହୁରି ଉଚ୍ଚରେ। ଆତ୍ମନିର୍ଭର ଭାରତର ସଂକଳ୍ପ ଯବାନମାନଙ୍କ ତ୍ୟାଗ, ବଳିଦାନ ଏବଂ ପୁରୁଷାର୍ଥ କାରଣରୁ ଆହୁରି ମଜଭୁତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପରେ ସେ ଲେହସ୍ଥିତ ସେନା ହସ୍ପିଟାଲକୁ ଯାଇ ଆହତ ଯବାନମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କ ମନୋବଳ ବଢ଼ାଇଥିଲେ। ୨୦ ଯବାନଙ୍କ ବଳିଦାନ କଦାପି ବ୍ୟର୍ଥ ଯିବନାହିଁ ବୋଲି ଗଲୱାନ୍ ସଂଘର୍ଷ ପରେ ପ୍ରଧାନମନ୍ତ୍ରୀ ଜୁନ୍ ୧୭ରେ କହିଥିଲେ। ଭାରତ ଶାନ୍ତି ଚାହେଁ, ଏଥିସହିତ ଠିକଣା ଜବାବ ଦେଇ ଜାଣେ। ଭାରତର ସଂହତି ଓ ସାର୍ବଭୌମତ୍ୱ ଆମପାଇଁ ସବୁଠୁ ବଡ଼। ଏହାକୁ ସୁରକ୍ଷା ଦେବାରେ ଆମକୁ କେହି ଅଟକାଇପାରିବ ନାହିଁ ବୋଲି ମୋଦି କହିଥିଲେ। ଧାନମନ୍ତ୍ରୀଙ୍କ ଲଦାଖ ଗସ୍ତକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଅନ୍ୟ କ୍ୟାବିନେଟ ସହଯୋଗୀ ଏବଂ ଭାଜପା ନେତାମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ମୋଦିଙ୍କ ଏହି ଗସ୍ତ ବୀର ଯବାନମାନଙ୍କ ମନୋବଳ ବୃଦ୍ଧି କରିବ ବୋଲି ଶାହା କହିଛନ୍ତି। ପ୍ରକାଶ ଯେ ଲଦାଖ ସୀମାକୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଯିବାର କାର୍ଯ୍ୟକ୍ରମ ଥିଲା। ତେବେ ହଠାତ୍ ତାଙ୍କ ଗସ୍ତ ବାତିଲ କରାଯାଇଥିଲା, ଯାହାର କାରଣ ଜଣାପଡ଼ିନାହିଁ।

### ଅପରାଧୀଙ୍କ ଗୁଳିରେ ...

ହୋଇରହିଥିଲେ। ଆଗକୁ ବଢ଼ିବା ପାଇଁ ପୋଲିସ ବାଟ ନ ପାଇବାରୁ ବିକାଶଙ୍କ ସହଯୋଗୀମାନେ ଏକ ବିଲ୍ଡିଂର ଛାତ ଉପରୁ ଆଖିବୁଜା ଗୁଳିବର୍ଷା ସହ ଟେକାମାଡ଼ କରିଥିଲେ। ଏପରି କି ପୋଲିସ କର୍ମଚାରୀମାନେ ପ୍ରାଣ ହରାଇବା ପରେ ସେମାନଙ୍କ ବନ୍ଧୁକ ମଧ୍ୟ ଛଡ଼ାଇ ନେଇଥିଲେ ବୋଲି ଶୁକ୍ରବାର ୟୁପି ପୋଲିସ ମହାନିର୍ଦ୍ଦେଶକ ଏଚ୍.ସି. ଅୱସ୍ତି ସୂଚନା ଦେଇଛନ୍ତି। ଖବର ପାଇ ଅତିରିକ୍ତ ଡିଜି (ଆଇନଶୃଙ୍ଖଳା), ଆଇଜି (କାନପୁର) ଏବଂ କାନପୁର ଏସ୍‌ଏସ୍‌ପିଙ୍କ ସମେତ ଫରେନ୍‌ସିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପରେ ନିଭାଦା ଗ୍ରାମରେ ଅନ୍ୟ ଏକ ପୋଲିସ କାର୍ଯ୍ୟାନୁଷ୍ଠାନରେ ୨ ଜଣ ଅପରାଧୀ ନିହତ ହୋଇଛନ୍ତି। ସେମାନେ ହେଲେ ପ୍ରେମ ପ୍ରକାଶ ପାଣ୍ଡେ ଓ ଅତୁଲ ଦୁବେ। ପ୍ରଥମ ଏନ୍‌କାଉଣ୍ଟର ବେଳେ ପୋଲିସଠାରୁ ଛଡ଼ାଇନେଇଥିବା ଏକ ପିସ୍ତଲ ଦୁହିଁଙ୍କ ମୃତଦେହ ନିକଟରୁ ଜବତ ହୋଇଛି। ୨୦୦୧ରେ ବିକାଶ ଦୁବେ ଶିଭ୍‌ଲି ଥାନା ଭିତରେ ବରିଷ୍ଠ ଭାଜପା ନେତା ତଥା କଣ୍ଟ୍ରାକ୍ଟ ଲେବର ବୋର୍ଡ ଅଧ୍ୟକ୍ଷ ସନ୍ତୋଷ ଶୁକ୍ଲାଙ୍କୁ ହତ୍ୟା କରିଥିଲେ। ତାଙ୍କୁ ଧରାଇଦେଲେ ୨୫ ହଜାର ଟଙ୍କା ପୁରସ୍କାର ଦେବା ପାଇଁ ପୂର୍ବରୁ ଘୋଷଣା କରାଯାଇଥିଲା। ଆଇଜି ଏସ୍‌ଟିଏଫ୍ ଅମିତାଭ ଯଶ ଗଣମାଧ୍ୟମକୁ କହିଛନ୍ତି, ୨୦୧୭ରେ ଲକ୍ଷ୍ନୌ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବିକାଶ ଦୁବେଙ୍କୁ ଗିରଫ କରିବାବେଳେ ତାଙ୍କଠାରୁ ଏକ ୩୦ ସ୍ପ୍ରିଙ୍ଗ ଅଟୋମେଟିକ୍ ରାଇଫଲ ଜବତ କରିଥିଲା, ଯାହାକୁ ପରବର୍ତ୍ତୀ ସମୟରେ ଲକ୍ଷ୍ନୌସ୍ଥିତ ଏକ କୋର୍ଟ ଜଣଙ୍କ ପାଇଁ ରିଲିଜ କରିଥିଲେ। ପୋଲିସ ଉପରେ ସଦ୍ୟ ଆକ୍ରମଣ ବେଳେ ଉକ୍ତ ବନ୍ଧୁକ ବ୍ୟବହାର କରାଯାଇଛି। ସେହି ମାରଣାସ୍ତ୍ର କାହା ପାଇଁ ଓ କେଉଁ ପରିସ୍ଥିତିରେ ରିଲିଜ କରାଯାଇଥିଲା ସେନେଇ ତଦନ୍ତ ଚାଲିଛି। ଜିଲାର ସୀମାଗୁଡ଼ିକୁ ସିଲ୍ କରି ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଚାଲିଛି। ଡିଏସ୍‌ପି ଦେବେନ୍ଦ୍ର ମିଶ୍ରଙ୍କ ବ୍ୟତୀତ ଆକ୍ରମଣରେ ପ୍ରାଣ ହରାଇଥିବା ଅନ୍ୟ ପୋଲିସ କର୍ମଚାରୀମାନେ ହେଲେ ସବ୍‌ଇନ୍ସପେକ୍ଟର ମହେଶ ଚନ୍ଦ୍ର ଯାଦବ, ଅନୁପ କୁମାର ସିଂ, ନେବୁ ଲାଲ। ସେହିପରି ୪ କନ୍‌ଷ୍ଟେବଲ ହେଉଛନ୍ତି ଜିତେନ୍ଦ୍ର ପାଲ, ସୁଲତାନ ସିଂ, ବାବଲୁ କୁମାର ଓ ରାହୁଲ କୁମାର। ଆହତ ୭ ପୋଲିସ କର୍ମଚାରୀମାନେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତ ପୋଲିସ କର୍ମଚାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଏସ୍‌ଟିଏଫ୍‌କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ସମ୍ବେଦନଶୀଳ ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ରାଜ୍ୟରେ କେହି ସୁରକ୍ଷିତ ନୁହନ୍ତି ବୋଲି କଂଗ୍ରେସ, ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଯୋଗୀ ସରକାରଙ୍କୁ ଘେରିଛନ୍ତି। ୟୁପିରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିପଡ଼ିଛି ଏବଂ ପୋଲିସ ପ୍ରତି ଅପରାଧୀଙ୍କ ଭୟ ନାହିଁ। ସାଧାରଣ ଲୋକଙ୍କଠାରୁ ନେଇ ପୋଲିସ କର୍ମଚାରୀ କାହା ଜୀବନ ସୁରକ୍ଷିତ ନୁହେଁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସମାଲୋଚନା କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମତରେ ଏହି କାଣ୍ଡ ୟୁପିରେ ଗୁଣ୍ଡାରାଜର ଆଉ ଏକ ପ୍ରମାଣ। ସେହିପରି ୟୁପିରେ ଭାଜପା ସରକାର ଡ୍ରାମା କରୁଛି ବୋଲି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଟୁଇଟ୍ କରିଛନ୍ତି। ବିଏସ୍‌ପି ସୁପ୍ରିମୋ ମାୟାବତୀ ଏହାକୁ ଅତ୍ୟନ୍ତ ଲଜ୍ଜାକର ଓ ଦୁର୍ଭାଗ୍ୟଜନକ ଘଟଣା ଭାବେ ଅଭିହିତ କରି ସରକାରଙ୍କୁ ଅଧିକ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।

### ସରୋଜ ଖାନ୍‌ଙ୍କ ...

ଭଳି ବିଭିନ୍ନ ବଡ଼ ଅଭିନେତାଙ୍କ ସହ ସେ କାମ କରିଛନ୍ତି। ୧୯୪୮ ନଭେମ୍ବର ୨୨ରେ ମୁମ୍ବାଇରେ ଜନ୍ମିତ ସରୋଜ ଫିଲ୍ମ କୋରିଓଗ୍ରାଫର ବି, ସୋହନ୍‌ଲାଲଙ୍କଠାରୁ ନୃତ୍ୟ ଶିକ୍ଷାଲାଭ କରିଥିଲେ। ମାତ୍ର ୧୩ ବର୍ଷ ବୟସରେ ସେ ୪୩ ବର୍ଷୀୟ ସୋହନ୍‌ଲାଲ୍‌ଙ୍କୁ ବିବାହ କରିଥିଲେ। ପରେ ୧୯୭୫ରେ ସରୋଜ ବ୍ୟବସାୟୀ ସର୍ଦ୍ଦାର ରୋସନ ଖାନ୍‌ଙ୍କୁ ବିବାହ କରିଥିଲେ। ନିଜର ଦକ୍ଷତା ବଳରେ ପ୍ରଥମେ ସେ ଆସିଷ୍ଟାଣ୍ଟ କୋରିଓଗ୍ରାଫର ଓ ପରେ ସ୍ୱାଧୀନ ଭାବେ ‘ଗୀତା ମେରା ନାମ୍’, ‘ମିଷ୍ଟର ଇଣ୍ଡିଆ’, ‘ତେଜାବ୍’, ‘ନାଗିନା’, ‘ଚାନ୍ଦ୍‌ନୀ’, ‘ଥାନେଦାର’, ‘ବେଟା’ ଭଳି ଅନେକ ବଲିଉଡ୍ ହିଟ୍ ସିନେମା ଗୀତରେ କୋରିଓଗ୍ରାଫି କରିଥିଲେ। ବିଭିନ୍ନ ରିୟଲିଟି ଶୋ’ରେ ସେ ବିଚାରକ ଭାବେ ରହିଆସିଛନ୍ତି। ତାଙ୍କ ପରଲୋକରେ ବଲିଉଡ୍‌ର ବିଭିନ୍ନ କଳାକାର ଶୋକବ୍ୟକ୍ତ କରିବା ସହ ମାଷ୍ଟରଜୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

### ସାଇବର ମାମଲା: ସଫଳତା...

କମିଶନରେଟ ପୋଲିସ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ମାର୍ଚ୍ଚ ମାସରେ ଏୟାରଫିଲ୍ଡ ଥାନାରେ ୩ଟି ସାଇବର ମାମଲା ରୁଜୁ ହୋଇଛି। ସେହିଭଳି କ୍ୟାପିଟାଲ, ଲିଙ୍ଗରାଜ, ଶହୀଦନଗର ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ ହୋଇଥିବାବେଳେ ଭୁବନେଶ୍ୱର କମିଶନରେଟ ପୋଲିସ ଅନ୍ତର୍ଗତ ଜଟଣୀ ଥାନାରେ ୨ଟି ମାମଲା ହୋଇଛି। ଏପ୍ରିଲରେ କେବଳ ଇନ୍‌ଫୋସିଟି ଥାନାରେ ଗୋଟିଏ ମାମଲା ରୁଜୁ ହୋଇଛି। ହେଲେ ମେ’ ଓ ଜୁନ୍ ମାସରେ ସର୍ବାଧିକ ସାଇବର ଅଭିଯୋଗ ଆସିଥିଲା। ମେ’ରେ ଏୟାରଫିଲ୍ଡ, ବାଲିଅନ୍ତା, ଚନ୍ଦକା, ଶହୀଦନଗର, ନୟାପଲ୍ଲୀ ଥାନାରେ ଗୋଟିଏ ଲେଖାଏ ଓ ଚନ୍ଦ୍ରଶେଖରପୁର ଥାନାରେ ୨ଟି ମାମଲା ହୋଇଛି। ଜୁନ୍‌ରେ ଏୟାରପୋର୍ଟ, କ୍ୟାପିଟାଲ ଥାନାରେ ୨ଟି ଲେଖାଏ ସାଇବର ମାମଲା ହୋଇଥିବାବେଳେ ଚନ୍ଦକା, ଇନ୍‌ଫୋସିଟି, ଖାରବେଳନଗର, ଲିଙ୍ଗରାଜ, ମଞ୍ଚେଶ୍ୱର, ତମାଣ୍ଡୋ ଥାନାରେ ଗୋଟିଏ ଲେଖାଏ ମାମଲା ହୋଇଛି। ସେହିପରି ଖଣ୍ଡଗିରି ଥାନାରେ ୩ଟି ଓ ଚନ୍ଦ୍ରଶେଖରପୁର ଥାନାରେ ୪ଟି ସାଇବର ମାମଲା ରୁଜୁ ହୋଇଛି।

**ପୋଲିସ ଅଧିକାରୀଙ୍କ ଅଭିଜ୍ଞତା ଅଭାବ ଅପରାଧୀଙ୍କୁ ସୁହାଉଛି**

ସାଇବର ଅପରାଧୀମାନେ ହେଉଛନ୍ତି ଉଚ୍ଚ ଶିକ୍ଷିତ। ସେମାନଙ୍କର ସାଇବର ଜ୍ଞାନ ବେଶ୍ ଅଧିକ ରହୁଛି। ଏ କ୍ଷେତ୍ରରେ ପୋଲିସ ଅଧିକାରୀଙ୍କ ଦକ୍ଷତାର ଅଭାବ ସେମାନଙ୍କୁ ବେଶ୍ ସୁହାଉଛି। ଏପରି କି ଇନ୍ସପେକ୍ଟର ର୍‍ୟାଙ୍କ୍‌ର ଅଧିକାରୀ ଏହି ମାମଲାର ତଦନ୍ତ ଭାର ନେଉଥିଲେ ମଧ୍ୟ ର୍‍ୟାକେଟର ଚେରମୂଳ ଖୋଜି ପାଉନାହାନ୍ତି। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ୨୦୧୮ ରିପୋର୍ଟ ଅନୁସାରେ ଓଡ଼ିଶା ପୋଲିସର ୨୦୦୬ଟି ସାଇବର ମାମଲା ତଦନ୍ତାଧୀନ ଥିଲା। ଏହାର ୭୬ ପ୍ରତିଶତ କେସ୍ ଏପର୍ଯ୍ୟନ୍ତ ପଡିରହିଛି। ଫଳରେ ସାଇବର ଅପରାଧୀମାନେ ଖସିଯାଉଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି, ଏହି ଅଧିକାରୀଙ୍କୁ ଆଇଟି ବିଶେଷଜ୍ଞଙ୍କ ଦ୍ୱାରା ଆବଶ୍ୟକ ଟ୍ରେନିଂ ଦିଆଯାଇ ପାରୁନାହିଁ। ଅନ୍ୟପକ୍ଷରେ ଜଣେ ଥାନା ଅଧିକାରୀ କହିଛନ୍ତି ଯେ, ସାଇବର ଅପରାଧ ମାମଲାର ତଦନ୍ତ ପାଇଁ ଆବଶ୍ୟକ ଜ୍ଞାନ ସହ ସମୟ ଦରକାର। ଲ’ ଆଣ୍ଡ ଅର୍ଡର ସହ ଥାନାର ଅନ୍ୟ ମାମଲା ବୁଝିବା ଯୋଗୁ ଏସବୁ ମାମଲା ଉପରେ ସେତେଟା ଗୁରୁତ୍ୱ ଦିଆଯାଇପାରୁନି। ଏଥିପାଇଁ ସ୍ପେଶାଲ ଥାନା ଓ ଅଧିକାରୀ ନିୟୋଜିତ ରହିଲେ ହିଁ ଅପରାଧୀଙ୍କ ନିକଟରେ ପହଞ୍ଚିହେବ।

**କ୍ରାଇମବ୍ରାଞ୍ଚ ମଧ୍ୟ ଅଣଦେଖା କରୁଛି**

ପୂର୍ବରୁ ସାଇବର ଅପରାଧଜନିତ ଅଭିଯୋଗ କଟକ କ୍ରାଇମବ୍ରାଞ୍ଚ ଅଫିସ୍‌ରେ ଥିବା ରାଜ୍ୟ ସାଇବର ସେଲ୍‌ରେ ପଞ୍ଜୀକୃତ ହେଉଥିଲା। ଅଭିଯୋଗ ବଢ଼ିବାରୁ ରାଜ୍ୟର ସମସ୍ତ ଥାନାରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦିଆଗଲା। ଏହାପରଠାରୁ କ୍ରାଇମବ୍ରାଞ୍ଚ ସାଇବର ମାମଲାକୁ ଅଣଦେଖା କରୁଥିବା କୁହାଯାଉଛି। ଅନେକ ସମୟରେ ସାଇବର ଅପରାଧୀଙ୍କ ନୂଆ ନୂଆ ତରିକା ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ କ୍ରାଇମବ୍ରାଞ୍ଚ ସର୍କୁଲାର ଜାରି କରୁଛି। ହେଲେ ତାହା ଅଧିକ ପ୍ରଚାର ପ୍ରସାର ହୋଇପାରୁ ନ ଥିବାରୁ ଲୋକେ ଠକେଇର ଶିକାର ହେଉଛନ୍ତି।

**ପ୍ରତିବର୍ଷ ସାଇବରଜନିତ ମାମଲା ବଢୁଛି**

ରାଜ୍ୟ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ, ୨୦୧୭ରେ ଓଡ଼ିଶା ପୋଲିସ ୭୧୯ଟି ଓ ୨୦୧୮ରେ ୭୩୮ଟି ମାମଲା ରୁଜୁ କରିଥିଲା। ସେହିପରି ୨୦୧୯ରେ ୮୪୩ଟି ମାମଲା ହୋଇଥିବାବେଳେ ୨୦୨୦ ମେ’ ସୁଦ୍ଧା ରାଜ୍ୟରେ ୭ଶହରୁ ଊର୍ଦ୍ଧ୍ୱ ମାମଲା ହୋଇଛି। ବର୍ଷ ଶେଷବେଳକୁ ମାମଲା ସଂଖ୍ୟା ୨ହଜାର ପାଖାପାଖି ହୋଇଯାଇଥିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଶନି ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ । ବନ୍ଧୁମାନଙ୍କ କାର୍ଯ୍ୟ ପରିପ୍ରେକ୍ଷୀରେ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ । ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ବୃଷ** ଦୀର୍ଘଦିନର ସୁଚିନ୍ତିତ ନୂତନ ଗୃହ, ଅନୁଷ୍ଠାନ,ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ। ହଠାତ୍ ବାହାରକୁ ଯିବା ସମୟକୁ କୌଣସି ଦରକାରି କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି।

**ମିଥୁନ** ପାରିବାରିକ ଅସ୍ଥିରତା ଓ ଅଶାନ୍ତି ସକାଶରୁ ମନ ଭଲ ରହିବ ନାହିଁ। ଅବଶ୍ୟ ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧି ବଳ ଖଟାଇ ଅର୍ଥଲାଭ କରିବେ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କଳା, ସାହିତ୍ୟ,ସାମ୍ବାଦିକତା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେତୁ ମନ ଅସ୍ଥିର ରହିବ।

**କର୍କଟ** ସାମାଜିକ ସ୍ତରରେ ଯାହା ପାଇଁ କିଛି କରିବେ, ତାହାଠାରୁ ପ୍ରତିବଦଳରେ କିଛି ପାଇବେ ନାହିଁ। ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତା କରି ମନରେ ସରସତା ରହିବ ନାହିଁ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତି ବିଶେଷ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ ।

**କନ୍ୟା** ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ନିଜର ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବାରେ ସମର୍ଥ ହୋଇପାରନ୍ତି।

**ତୁଳା** ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରୁ ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ମନର ବଳ ଖୁବ୍ ଟାଣ ରହିବା ଯୋଗୁଁ ନିର୍ବିଘ୍ନରେ କାର୍ଯ୍ୟ ସମାପ୍ତ କରିପାରିବେ । ବିବାଦୀୟ ପରିସ୍ଥିତି କିମ୍ବା କଚେରି ମାମଲା ସକାଶେ ଚିନ୍ତା ବଢିପାରେ ।

**ବିଛା** କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡିବ । ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ତଥାପି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣ ହେତୁ ଚିନ୍ତା ପ୍ରକଟ କରିପାରନ୍ତି।

**ଧନୁ** ଦୀର୍ଘଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟ ସ୍ୱଜନମାନଙ୍କ ଉପସ୍ଥିତି ଯୋଗୁଁ ଖୁସୀ ହେବେ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିପାରେ।

**ମକର** ଉତ୍ତମ ବ୍ୟବହାର ଦ୍ୱାରା ବନ୍ଧୁଙ୍କୁ ଆପ୍ୟାୟିତ କରିପାରନ୍ତି। ସାମାନ୍ୟ ବ୍ୟତିକ୍ରମ ଓ ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ ବ୍ୟବସାୟ,ବାଣିଜ୍ୟରେ ଉନ୍ନତି ଘଟିବ। ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ। ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହୋଇପାରେ।

**କୁମ୍ଭ** ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି । ନୂତନକର୍ମାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି । ସାମୟିକ ଭାବପ୍ରବଣତାରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ଚେଷ୍ଟା କଲେ ଉପକାର ମିଳିବ ।

**ମୀନ** ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ନହେବା କିଛି ଜିନିଷ ହରାଇବାକୁ ପଡିପାରେ । ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ ଓ ସମସ୍ୟା ସମାଧାନ ବଦଳରେ ବଢେଇଦେବେ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

ଆଜି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନୀଳାଦ୍ରିବିଜେ,ରସଗୋଲା ଦିବସ, ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା,ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ଶନିବାର, ଜୁଲାଇ ୪ ତାରିଖ,ସ୍ୱାମୀ ବିବେକାନନ୍ଦଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର- ମୂଳା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୨.୦୨ମି. ଗତେ ଘ.୦୩.୪୮ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୯ମି. ଗତେ ଘ.୦୭.୫୨ମି. ମଧ୍ୟେ, ରାତ୍ରି ଘ.୧୧.୨୯ମି ଗତେ ଘ.୦୧.୩୯ମି. ମଧ୍ୟେ, ଘ.୦୩.୦୬ମି. ଗତେ ଘ.୦୫.୧୬ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୫.୧୬ମି. ଗତେ ଘ.୦୬.୦୮ମି. ମଧ୍ୟେ, ଘ.୦୯.୩୯ମି. ଗତେ ଘ. ୧୨.୧୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୮.୩୩ମି. ଗତେ ଘ. ୧୦.୧୨ମି. ମଧ୍ୟେ ରାହୁକାଳ।

## ୩ ହସ୍ପିଟାଲରୁ ୧୭ ଆକ୍ରାନ୍ତ ଚିହ୍ନଟ

କଟକ ଅଫିସ,୩।୭: ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ କରୋନା ସଂକ୍ରମଣ ସ୍ଥିତି ଅଣାୟତ୍ତ ହୋଇଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଆଉ ୫ ଜଣ (୪ଜଣ ରୋଗୀ ଓ ଜଣେ ସମ୍ପର୍କୀୟ) ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏମାନଙ୍କୁ ମିଶାଇ ଏଠାରେ ଏବେ ଯାଏ ଆକ୍ରାନ୍ତଙ୍କ ସଂଖ୍ୟା ୭୭ ଛୁଇଁଲାଣି। ସେହିପରି ଏସ୍‌ସିବି ଆଇସୋଲେଶନ ୱାର୍ଡରୁ ମଧ୍ୟ ୪ ଜଣ, ଗ୍ୟାଷ୍ଟ୍ରୋ ସର୍ଜରୀ ବିଭାଗରୁ ଜଣେ ନର୍ସ ଓ କଟକ ଚାଉଳିଆଗଞ୍ଜସ୍ଥିତ ଏକ ବେସରକାରୀ ହସ୍ପିଟାଲରୁ ୭ଜଣ କରୋନା ସଂକ୍ରମିତ ବାହାରିଛନ୍ତି। ଗୁରୁବାର କ୍ୟାନ୍ସର ହସ୍ପିଟାଲରୁ ଏକକାଳୀନ ୫୫ ଜଣ ଚିହ୍ନଟ ହେବା ପରେ ଏଠାରେ ସଙ୍କଟ ବଢ଼ିବାରେ ଲାଗିଛି।

# ରଥରେ ଭାଙ୍ଗିଲା ଅଧରପଣା ହାଣ୍ଡି

**ପୁରୀ ଅଫିସ,୩।୭**

ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ଶୁକ୍ରବାର ଅଧରପଣା ନୀତି ସମ୍ପନ୍ନ ହୋଇଛି। ବିନା ଭକ୍ତରେ ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ତିନିରଥରେ ମଧ୍ୟାହ୍ନ ଧୂପ ବଢ଼ିବାପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ଲାଗି ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୁର, ଜାଇଫଳ ଓ କର୍ପୁର ଆଣି ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧାଯାଇଥିଲା। ଏହାପରେ ମହାସୁଆରମାନେ ଛେନା, ଛାଚି, ସର, କଦଳୀ, ଗୋଲମରିଚ, ଜାଇଫଳ ଆଦି ପକାଇ ଅଧର ପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗା ଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହି ଯାଇଥିଲା। ଉକ୍ତ ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ରାକ୍ଷାସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି।



ନନ୍ଦିଘୋଷ ରଥ ଉପରେ ଅଧରପଣା ହାଣ୍ଡି ଭଙ୍ଗାଯାଇଛି।

ରାତି ୮ଟାରେ ଅଧରପଣା ନୀତି ଶେଷ ହେବାକୁ ଥିବାବେଳେ ଏହା ରାତି ୮ଟା ୧୨ରେ ସରିଥିଲା। ପ୍ରଥମେ ତାଳଧ୍ୱଜ ରଥରେ ସନ୍ଧ୍ୟା ୭ଟା ୫୪ରେ, ନନ୍ଦିଘୋଷ ରଥରେ ରାତି ୮ଟା ୯ରେ ଏବଂ ଶେଷରେ ଦର୍ପଦଳନ ରଥରେ ୮ଟା ୧୨ରେ ଅଧରପଣା ହାଣ୍ଡି ଭଙ୍ଗା ଯାଇଥିଲା। ଏହି ନୀତି ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ବଡ଼ ଓଡ଼ିଆ ମଠ, ରାଘବ ଦାସ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେଇଥିଲେ।

ତେବେ ଏଥର ବିନା ଭକ୍ତରେ ଅଧରପଣା ନୀତି ସମ୍ପନ୍ନ ହୋଇଛି। ଗତବର୍ଷ ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଏହି ଅଧରପଣା ନୀତି ଦର୍ଶନ କରିଥିଲେ। କିନ୍ତୁ ଏବର୍ଷ କୌଣସି ଭକ୍ତ ନାହାନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବିନା ଭକ୍ତରେ ଏହି ନୀତି ସମ୍ପନ୍ନ କରାଯାଇଛି। ଏଥିପାଇଁ ବଡ଼ଦାଣ୍ଡର ମାର୍କେଟ ଛକରୁ ସିଂହଦ୍ୱାର ଏବଂ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ମଧ୍ୟ ଜାରି କରାଯାଇଥିଲା।

### ବିଧି ପୂର୍ବରୁ ଭାଙ୍ଗିଗଲା ଅଧରହାଣ୍ଡି

ଅଧରପଣା ନୀତିରେ ପ୍ରତି ରଥରେ ତିନୋଟି ଲେଖାଏ ମୋଟ ୯ଟି ଅଧରହାଣ୍ଡି ଭଙ୍ଗା ଯାଇଥାଏ। ହାଣ୍ଡିଗୁଡ଼ିକରେ ପଣା ଭର୍ତ୍ତି ହେବା ପରେ ଅଧରପଣା ଭୋଗ ହୋଇଥାଏ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ସାରିବା ପରେ ହାଣ୍ଡିଗୁଡ଼ିକୁ ଭାଙ୍ଗି ଦିଆଯାଏ। ମାତ୍ର ବଳଭଦ୍ରଙ୍କ ରଥରେ ଅଧର ହାଣ୍ଡିରେ ପଣା ଭର୍ତ୍ତି କରାଯାଉଥିବାବେଳେ ତିନୋଟି ହାଣ୍ଡି ମଧ୍ୟରୁ ମଝି ହାଣ୍ଡିଟି ଭାଙ୍ଗି ଯାଇଥିଲା। ଫଳରେ ପଣା ସବୁ ବୋହି ଯାଇଥିଲା।



ପରେ ଗୋଟିଏ ଛୋଟିଆ ହାଣ୍ଡି ସେହି ସ୍ଥାନରେ ରଖାଯାଇ ଅଧର ପଣା ନୀତି ସମ୍ପନ୍ନ ହୋଇଥିଲା। ଯଦିଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଉ ଗୋଟିଏ ନୂଆ ହାଣ୍ଡି ଯୋଗାଇ ଦିଆଯାଇଥିଲା କିନ୍ତୁ ତାହା ବ୍ୟବହାର ହୋଇ ନ ଥିଲା। ତାଳଧ୍ୱଜ ରଥରେ ଏକ ଛୋଟ ହାଣ୍ଡିରେ ହିଁ ନୀତି ସମ୍ପନ୍ନ କରାଯାଇଥିଲା।

# ଆଜି ରତ୍ନବେଦିକୁ ବିଜେ କରିବେ ଦାରୁଦିଅଁ

- ଅପରାହ୍ନ ୪ଟାରେ ପହଣ୍ଡି ଆରମ୍ଭ
- ରବିବାରଠୁ ମିଳିବ ନୀଳାଚଳ ଅବଢ଼ା

**ପୁରୀ ଅଫିସ,୩।୭:** ଜନ୍ମବେଦିରୁ ବାହୁଡ଼ି ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ଏବେ ଚତୁର୍ଦ୍ଧାବିଗ୍ରହ। ଭକ୍ତଶୂନ୍ୟ ସୁନାବେଶ ପରେ ଶୁକ୍ରବାର ରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ଶନିବାର ନୀଳାଦ୍ରିବିଜେ। ରତ୍ନବେଦିକୁ ବିଜେ କରିବେ ଦାରୁଦିଅଁ। ଏଥିସହିତ ଶେଷ ହେବ ଶ୍ରୀଗୁଣ୍ଡିଚା ଯାତ୍ରା। ଆଉ ରବିବାରଠୁ ଭକ୍ତ ପାଇବେ ନୀଳାଚଳ ଅବଢ଼ା। କିନ୍ତୁ ଶ୍ରଦ୍ଧାଳୁଙ୍କୁ ମିଳିବନି ଦର୍ଶନ ସୁଯୋଗ। ମହାମାରୀ କରୋନା ପାଇଁ ବିନା ଭକ୍ତରେ ସ୍ନାନପୂର୍ଣ୍ଣିମା, ରଥଯାତ୍ରା, ବାହୁଡ଼ା, ସୁନାବେଶ ଓ ଅଧରପଣା ଆଦି ପର୍ବ କରାଯାଇଛି। ନୀଳାଦ୍ରିବିଜେ ବି ସେହିଭଳି ଭକ୍ତ ଶୂନ୍ୟ ରହିବ। ପ୍ରାୟ ସାଢ଼େ ୩ମାସ ହେବ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି। ତେଣୁ ବଡ଼ଦେଉଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଆହୁରି କିଛିଦିନ ଅପେକ୍ଷା କରିବାକୁ ପଡ଼ିବ ବୋଲି କୁହାଯାଉଛି। ନୀଳାଦ୍ରିବଜେ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ କରାଯାଇଛି। ରଥ ଉପରେ ଠାକୁରଙ୍କ ନୀତିକୁ ତ୍ୱରାନ୍ୱିତ କରି ଅପରାହ୍ନ ୪ଟା ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ଆରମ୍ଭ ହେବ ବୋଲି ସ୍ଥିର ହୋଇଛି।

### ନୀଳାଦ୍ରିବିଜେ ନୀତି ନିର୍ଘଣ୍ଟ

ତିନି ରଥରେ ମଙ୍ଗଳ ଆଳତି ପ୍ରାତଃ ୪ଟା, ମଇଲମ-ତଡ଼ପଲାଗି ୪ଟା ୩୦, ଅବକାଶ ଭୋର ୫ଟା, ବେଶ ଶେଷ ୫ଟା ୩୦, ଗୋପାଳବଲ୍ଲଭ ସକାଳ ୬ଟା ୩୦, ସକାଳ ଧୂପ ୭ଟାରୁ ୮ଟା, ମଇଲମ ୮ଟା ୩୦, ମହାସ୍ନାନ ଓ ସର୍ବାଙ୍ଗ ୯ଟା ୩୦, ବେଶ ଶେଷ ୧୦ଟା, ମଧ୍ୟାହ୍ନ ଧୂପ ସାଢ଼େ ୧୦ଟାରୁ ସାଢ଼େ ୧୧, ମଇଲମ ଓ ବେଶ ୧୧ଟା ୪୫ରୁ ୧୨ଟା, ସନ୍ଧ୍ୟା ଆଳତି ୧୨ଟା ୧୫, ସନ୍ଧ୍ୟାଧୂପ ସାଢ଼େ ୧୨ଟାରୁ ୧ଟା ୩୦, ଚାରବନ୍ଧା ସାଢ଼େ୧ଟାରୁ ସାଢ଼େ ୩ଟା, ସିଂହାସନ ମାଜଣା ୩ଟା ୩୦, ପୁଷ୍ପାଞ୍ଜଳି ୩ଟା ୫୦, ପହଣ୍ଡି ଆରମ୍ଭ ୪ଟା, ପହଣ୍ଡି ଶେଷ ରାତି ୧୦ଟା, ରୁନ୍ଧା ଶେଷ ରାତି ସାଢ଼େ ୧୨ଟା, ଦଇତାପତି ସର୍ବାଙ୍ଗ ୧ଟା, ଶ୍ରୀମୁଖ ଖଣ୍ଡୁଆ ୧ଟା ୧୦, ଚାରମାଳ ଫିଟା ୧ଟା ୧୫ରୁ ୨ଟା ୧୫, ସୁଦର୍ଶନ ସିଂହାସନକୁ ବିଜେ ୨ଟା ୩୦, ଶ୍ରୀମୁଖ ଖଣ୍ଡୁଆ ମଇଲମ ୨ଟା ୩୦, ଚକା ପୋଛା ୨ଟା ୪୫, ସିଂହାସନ ଧୁଆ ୩ଟା, ମାଧବ, ଶ୍ରୀଦେବୀ ଓ ଭୂଦେବୀ ସିଂହାସନକୁ ବିଜେ ୩ଟା ୧୦, ମହାସ୍ନାନ ଶେଷ ୩ଟା ୩୦, ରୋଷହୋମ ୩ଟା ୩୫, ମଇଲମ ୩ଟା ୩୫, ଚନ୍ଦନଲାଗି ୩ଟା ୪୫, ସୂର୍ଯ୍ୟପୂଜା ୪ଟା, ଦ୍ୱାରପାଳ ପୂଜା ୪ଟା ୧୫, ବଡ଼ସିଂହାର ବେଶ ୪ଟା ୧୫, ବଡ଼ସିଂହାର ଭୋଗ ୪ଟା ୪୫ ଓ ରାତ୍ର ପହୁଡ଼ ଭୋର ୫ଟାରେ ହେବାକୁ ନୀତି ନିର୍ଘଣ୍ଟ କରାଯାଇଛି।

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଠିକା କର୍ମଚାରୀ

**କଟକ ଅଫିସ,୩।୭:** ସମ୍ବଲପୁର ଜିଲା ଖଣ୍ଡୁଆଳ ତରଳ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟରେ କାର୍ଯ୍ୟରତ ୬ ଜଣ ଠିକା କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରାଯାଇଛି। ଏହାକୁ ଚ୍ୟାଲେଞ୍ଜ କରି କର୍ମଚାରୀମାନେ ଶୁକ୍ରବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିରେ ରାଜ୍ୟ ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ, ପୌର ପ୍ରଶାସନର ନିର୍ଦ୍ଦେଶକ, ସମ୍ବଲପୁର ଜିଲାପାଳ, ସମ୍ବଲପୁର ମହାନଗର ନିଗମ କମିଶନର, ଓଡ଼ିଶା ଜଳ ଯୋଗାଣ ଏବଂ ସ୍ୱେରେଜ୍ ବୋର୍ଡ଼, ନୀଳାଦ୍ରି ସିକ୍ୟୁରିଟି ସର୍ଭିସେସ୍ ଓ ମା' ପାଟଣେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ଉକ୍ତ

### ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟରୁ ଛଟେଇ

କର୍ମଚାରୀମାନେ ୨୦୧୯ ଫେବୃୟାରୀରେ ନୀଳାଦ୍ରି ସିକ୍ୟୁରିଟି ଠିକା ସଂସ୍ଥା ଜରିଆରେ ପ୍ଲାଣ୍ଟରେ ଯୋଗଦେଇ ସ୍ୱେରେଜ୍ ବୋର୍ଡ଼ ଅଧୀନରେ କାମ କରୁଥିଲେ। ପରେ ଏହି ପ୍ଲାଣ୍ଟ ସମ୍ବଲପୁର ମହାନଗର ନିଗମକୁ ହସ୍ତାନ୍ତର ହେଲା। ଗତ ମାସରେ ରାଜ୍ୟ ସରକାର ପ୍ଲାଣ୍ଟଗୁଡ଼ିକର ପରିଚାଳନା ଦାୟିତ୍ୱ ଏସ୍‌ଏଚ୍‌ଜିକୁ ଦେଇଛନ୍ତି। ଏହି ପ୍ଲାଣ୍ଟ ଦାୟିତ୍ୱ ପାଇଛି ମା' ପାଟଣେଶ୍ୱରୀ ଏସ୍‌ଏଚ୍‌ଜି। କିନ୍ତୁ କରୋନା ବିପତ୍ତି ବେଳେ ଗତ ୨୬ ତାରିଖରେ ସେମାନଙ୍କୁ କାମକୁ ନ ଆସିବା ପାଇଁ କୁହାଯାଇଥିଲା। ପ୍ଲାଣ୍ଟ ଚଳାଇବାର ଅଭିଜ୍ଞତା ଥିବା ଯୋଗୁ ସେମାନଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀମାନେ ପ୍ରାର୍ଥନା କରିଛନ୍ତି।

# ମୁଦ୍ରା, ନୋଟ୍‌ର ତରୁଣ ସଂଗ୍ରାହକ

**କଟକ ଅଫିସ,୩।୭**

ବୟସ ମାତ୍ର ୧୭ ବର୍ଷ। ଏ ବୟସରେ ସେ ୧୪୦ଟି ରାଷ୍ଟ୍ରର ନୋଟ୍ ଓ ୧୬୦ ରାଷ୍ଟ୍ରର ମୁଦ୍ରା ସଂଗ୍ରହ କଲେଣି। ମୁଦ୍ରା ସଂଗ୍ରହ ପ୍ରତି ତାଙ୍କର ଦୁର୍ବଳତା ଓ ଆବେଗ ରହିଛି। ଏଭଳି ନିଆରା ରୁଚି ରଖୁଥିବା କିଶୋର ଜଣକ ହେଲେ ଦେବାର୍ଚ୍ଚନ ଦିବ୍ୟାଙ୍ଗ। ନିଜ ଘରେ 'ମାଇଁ ମିନି ମ୍ୟୁଜିୟମ' ନାମରେ ଏକ ଆଲବମ୍ ରଖିଛନ୍ତି, ଯେଉଁଥିରେ ଏହି ସମସ୍ତ ମୁଦ୍ରା ରହିଛି। ସମଗ୍ର ବିଶ୍ୱର ମୁଦ୍ରାକୁ ଏଥିରେ ସ୍ଥାନିତ କରିବା ତାଙ୍କ ଲକ୍ଷ୍ୟ। ପାଠପଢ଼ା ସହ ବିଭିନ୍ନ ଦେଶର ମୁଦ୍ରା ସଂଗ୍ରହ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି କଟକ ଶିଖରପୁର ଅଞ୍ଚଳର ଏହି ତରୁଣ।

ମାତ୍ର ୭ ବର୍ଷ ବୟସରେ ବିଭିନ୍ନ ଦେଶର ମୁଦ୍ରା ଓ ନୋଟ୍ ସଂଗ୍ରହ କରିବାରେ ତାଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା। ଦେବାର୍ଚ୍ଚନଙ୍କ ପରିବାର ବର୍ଷରେ ଥରେ ବିଭିନ୍ନ ଦେଶକୁ ବୁଲିବାକୁ ଯାଆନ୍ତି। ପିଲାଦିନେ ସେ ନିଜ ପରିବାର ସହ ନେପାଳ ଯାଇଥିଲେ। ଫେରିବା ବେଳେ ନେପାଳର କିଛି ମୁଦ୍ରା ତାଙ୍କ ବାପା ସାଙ୍ଗରେ ଆଣି ଆସିଥିଲେ। ଦେବାର୍ଚ୍ଚନଙ୍କୁ ୬ ବର୍ଷ ବୟସ ହୋଇଥିବା ବେଳେ ନିଜ ଘରେ ସେହି ଟଙ୍କା ଥିବା ଦେଖିଥିଲେ। ସେବେଠାରୁ ସେ ବିଭିନ୍ନ ଦେଶର ଟଙ୍କା ସଂଗ୍ରହ କରିବା ଆରମ୍ଭ କରିଥିଲେ। ତାଙ୍କ ଜେଜେବାପାଙ୍କ ପାଖରେ ଥିବା କିଛି ପୁରାତନ ଭାରତୀୟ ମୁଦ୍ରାକୁ ମଧ୍ୟ ସେ ନିଜ ଆଲବମ୍‌ରେ ରଖିଥିଲେ। ପରେ ନିଜ ସାଙ୍ଗସାଥୀ କିମ୍ବା ଯଦି କେହି ସମ୍ପର୍କୀୟ ବିଦେଶ ବୁଲିବାକୁ ଯାଆନ୍ତି, ସେମାନଙ୍କ ନିକଟରୁ ସେହି ଦେଶର ମୁଦ୍ରାକୁ ସେ ଆଣି ନିଜ ମିନି ମ୍ୟୁଜିୟମରେ ସଜାଇ ରଖୁଛନ୍ତି। ବିଭିନ୍ନ ୱେବ୍‌ସାଇଟ୍ ମାଧ୍ୟମରେ ବି ବିଭିନ୍ନ ଦେଶର ମୁଦ୍ରା ଅର୍ଡର କରିଥାନ୍ତି ବୋଲି ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ନିଜ ଆଲବମ୍‌ରେ ପ୍ରାୟ ୧୪୦ଟି ଦେଶର ନୋଟ୍ ଏବଂ ୧୬୦ଟି ଦେଶର ମୁଦ୍ରା ସଂଗ୍ରହ କରି ରଖିପାରିଛନ୍ତି। ସେଥିମଧ୍ୟରୁ ଆମେରିକା, ଇଣ୍ଡୋନେସିଆ, ମ୍ୟାନ୍‌ମାରର ଟଙ୍କାକୁ ନିଜ ଆଲବମ୍‌ରେ ସ୍ଥାନିତ କରିଛନ୍ତି। ଏହାଛଡ଼ା ସୁଲତାନ ଓ ମୋଗଲ ସାମ୍ରାଜ୍ୟ ସମୟର ମୁଦ୍ରା ରହିଛି। ତେବେ ଏଥିପାଇଁ ସେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ଏହି ପ୍ରୟାସ ଆଗାମୀ ଦିନରେ ଜାରି ରହିବ ବୋଲି ଦେବାର୍ଚ୍ଚନ କହିଛନ୍ତି।



ଦେବାର୍ଚ୍ଚନ ଦିବ୍ୟାଙ୍ଗ

### ଦେବାର୍ଚ୍ଚନଙ୍କ ମିନି ମ୍ୟୁଜିୟମ

- ୭ ବର୍ଷ ବୟସରୁ ସଂଗ୍ରହ କରିବା ନିଶା
- ୧୪୦ ଦେଶର ନୋଟ୍, ୧୬୦ ଦେଶର ମୁଦ୍ରା ସଂଗ୍ରହ କରିଛନ୍ତି


**इंस्टीट्यूट ऑफ बैंकिंग पर्सोनेल सिलेक्शन**
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
**INSTITUTE OF BANKING PERSONNEL SELECTION**
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
ୱେବ୍‌ସାଇଟ୍: www.ibps.in | କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ

**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟ (ମଲ୍‌ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - ସିଆର୍‌ପି ଆର୍‌ଆର୍‌ବି - IX**

ଆର୍‌ଆର୍‌ବି (ସିଆର୍‌ପି ଆର୍‌ଆର୍‌ବିଏସ୍ IX)ଗୁଡ଼ିକରେ ଗ୍ରୁପ୍ "ଏ" – ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଗ୍ରୁପ୍ "ବି" – ଅଫିସ୍ ଆସିଷ୍ଟାଣ୍ଟ (ମଲ୍‌ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ସମ୍ଭବତଃ ସେପ୍ଟେମ୍ବର ଏବଂ ଅକ୍ଟୋବର/ନଭେମ୍ବର ୨୦୨୦ରେ ସଞ୍ଚାଳନ କରାଯିବ। ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍‌କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ୍ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର ୨୦୨୦ରେ ସଂଯୋଜିତ ହେବ। ସିଆର୍‌ପି ଆର୍‌ଆର୍‌ବିଏସ୍ – IX ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍-ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ | ୦୧।୦୭।୨୦୨୦ରୁ ୨୧।୦୭।୨୦୨୦ |
| ପ୍ରାକ୍-ପରୀକ୍ଷା ତାଲିମ୍ (ପିଇଟି)* ସଞ୍ଚାଳନ | ୨୪।୦୮।୨୦୨୦ରୁ ୨୯।୦୮।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ସେପ୍ଟେମ୍ବର/ଅକ୍ଟୋବର, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ଅକ୍ଟୋବର, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ଅକ୍ଟୋବର/ନଭେମ୍ବର, ୨୦୨୦ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୦୧।୦୭।୨୦୨୦ — ନିର୍ଦ୍ଦେଶକ



**NOTICE**
We wish to notify to all our esteemed Customer and Educator that our Cuttack Help Center situated at At- Surya Vihar, P.O.- Arunodaya Market, P. No. 604, Infront of BSNL Office, Link Road, Badambadi- 753012, Odhisha is being merged with Bhubaneswar Help center w.e.f 1st Apr. 2020 for the improvement of services.
For any future information and communication, you may please contact our Bhubaneswar Executive to the below mentioned address. Contact. Person: Mr. Manas Kanungo, Mob: 9337001227.
UNIQUE MERCANTILE INDIA LIMITED: 3rd Floor, Ratna Comm, Subas Bose Marg, Cuttack Puri Road, Infront of Jena Armoury, Bhubaneswar - 751006, Phone: 0674-6571249.



**WESCO ୱେସ୍କୋ ୟୁଟିଲିଟି**
ଓସିଏଲ୍ କ୍ୟାମ୍ପସ୍, ରାଜଗାଙ୍ଗପୁର, ଜି- ସୁନ୍ଦରଗଡ (ଓଡ଼ିଶା)
**ବିଦ୍ୟୁତ ଦେୟ ରସିଦ୍ (Money receipt) ନାକଚ ସମ୍ପର୍କରେ ଉପଭୋକ୍ତାଙ୍କୁ ଜରୁରୀ ସୂଚନା**
ଏତଦ୍ୱାରା ବିଦ୍ୟୁତ ଗ୍ରାହକମାନଙ୍କୁ ଜଣାଇ ଦିଆଯାଉଛି କି ଯେ, ରାଜଗାଙ୍ଗପୁର ୱେସ୍କୋ ବିଦ୍ୟୁତ୍ ଡିଭିଜନ (RED, RAJGANGAPUR) ର ଏକ ବିଦ୍ୟୁତ ଦେୟ ଆଦାୟ ରସିଦ ବହି (Money receipt Book) ଗତ ୦୧.୦୭.୨୦୨୦ ଠାରୁ ହଜିଯାଇଛି। ଏହି ରସିଦ ବହିରେ ରସିଦ୍ ନମ୍ବର B56592001 ରୁ B56592028 ମୋଟ୍ ୨୮ ଗୋଟି ବ୍ୟବହୃତ ଓ B56592029 ରୁ B56592200 ମୋଟ ୧୭୨ ଗୋଟି ଅବ୍ୟବହୃତ ରସିଦ୍ ରହିଛି।
ଉପରୋକ୍ତ ଅବ୍ୟବହୃତ ରସିଦ୍‌ଗୁଡିକୁ ୱେସ୍କୋ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ନାକଚ୍ କରିଦିଆଯାଇଛି। ଏଣୁ ବିଦ୍ୟୁତ ଗ୍ରାହକମାନେ ଏହି ରସିଦ୍ ମାଧ୍ୟମରେ କୌଣସି ଦେୟ ପୈଠ ନ କରିବା ପାଇଁ ଏତଦ୍ୱାରା ସତର୍କ କରି ଦିଆଯାଉଅଛି। ଏହି ନାକଚ ରସିଦ ମାଧ୍ୟମରେ ଯଦି କୌଣସି ଉପଭୋକ୍ତା ବିଦ୍ୟୁତ ଦେୟ ପୈଠ କରନ୍ତି, ସେଥିପାଇଁ ୱେସ୍କୋ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଅନ୍ୟ ପକ୍ଷରେ ଯଦି କୌଣସି ବ୍ୟକ୍ତି ଉକ୍ତ ହଜି ଯାଇଥିବା ରସିଦ୍ ବହି ପାଇଥାନ୍ତି, ତେବେ ତୁରନ୍ତ ଉପରୋକ୍ତ ଠିକଣାରେ ଜଣାଇବାକୁ ଅନୁରୋଧ।
ସ୍ୱା/- ନିର୍ବାହୀ ଯନ୍ତ୍ରୀ, ୱେସ୍କୋ ରାଜଗାଙ୍ଗପୁର ବିଦ୍ୟୁତ୍ ଡିଭିଜନ



**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, KANDHAMAL**
E-mail: cdmophulbani@gmail.com, Phone/Fax: 06842-253249
Advt. No.: 8558 — Date: 02.07.2020
**ADVERTISEMENT ON WALK-IN-INTERVIEW FOR COVID-19 (Daily Wages)**
No. E-94: Applications are invited for eligible fresh candidates for selection & engagement on contactual (Daily Wages) basis of Microbiologist (Medico), Microbiologist (Non Medico) & Laboratory Technician under the administrative control of the CDM & PHO Kandhamal. The applications will be received by e-mail cdmophulbani@gmail.com or by hand.

| Sl. No. | Name of the Post | No. of the Post | Eligibility Criteria | Monthly consolidated Remuneration (Daily Wages) Per Month | Venue, Date & Time of Interview |
|---|---|---|---|---|---|
| 1 | Microbiologist (Medico) | 01 | Only fresh candidate. The candidate must have passed MBBS degree from an Institution recognized by Medical Council of India. She/He must have valid registration from the Odisha Council of Medical Registration. S/He must also have Post Graduate Degree/Diploma in Microbiology or Virology or Pathology Sciences from any recognized University/Institution | As per the Order No. 9242/Dated 27.03.2020 of Govt. HEALTH & FAMILY WELFARE Department, Odisha, Bhubaneswar. The candidates will avail remuneration only in daily wages manner as per remuneration structure in the given below. Daily Wages remuneration per day @ Rs.5000/- for Microbiologist (Medico) and Daily Wages remuneration per day @ Rs.2500/- for Microbiologist (Non Medico) | The Office Chamber of CDM & PHO, Kandhamal on 07.07.2020 (10.00 A.M.) |
| 2 | Microbiologist (Non Medico) | 01 | The candidate must have passed M.Sc. in Medical Microbiology or Passed M.Sc. in Microbiology from a recognized University/ Institution with 02 years Post qualification experience in Clinical Laboratory Services. | | |
| 3 | DMLT | 04 | Fresh candidate course most be completed DMLT, with recognzied institution including retired candidates | • Remuneration as per the Labourand ESI Dept. Notification = @ Rs.488/- per day. • COVID-19 incentive = @ Rs.512/- • Total daily wages remuneration per day @ Rs.1000/- | |

Sd./- Chief District Medical & Public Health Officer
Kandhamal, Phulbani
OIPR-10015/11/0001/2021



Bhubaneswar based Food Processing Unit REQUIRE
MARKETING REPRESENTATIVES
For districts of Odisha : Deogarh, Nayagarh, Ganjam, Dhenkanal, Jajpur, Jagatsinghpur, Keonjhar, Balasore & Mayurbhanj.
CONTACT: 9338873400



GOVERNMENT OF ODISHA
**OFFICE OF THE EXECUTIVE ENGINEER, N.H. DIVISION, BHUBANESWAR**
Email-eenh_bbsr@yahoo.co.in, Ph No-0674-2972908
**INVITATION FOR BIDS**
No. b-06
BID IDENTIFICATION NO. 04 EE NH, BBSR of 2020-21
1. The Executive Engineer, National Highways Division, Bhubaneswar on behalf of Governor of Orissa invites percentage rate bids in single cover system on online mode for construction of works as detailed in the table below from eligible contractors as mentioned in Col. 7 registered with the State Govt. and Contractors of equivalent Grade or Class registered with Central Government/Other State Government/MES/Railways for execution of Civil Works, on production of definite proof from the appropriate authority.

| Sl. No. | Name of Work | Approximate Estimated Cost put to tender | Concerned Sub-Division | Bid Security EMD (Online) | Cost of Bid Documents (Rs. Online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | SR to NH-316 (Puri - Satapada Link) such as providing 30mm thick BC from Km 33/000 to 34/000 Km for the year 2020-21 | Rs.18,00,049.25/- (Excluding GST) | NH sub Division, Puri | Rs.18000/- | Rs.6000/- | "D" & "C" | 01 (One) Calendar Month |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in.
2. Bid documents will be available in above website from Dt. 07.07.2020 to Dt.18.07.2020 up to 17.00 hours. The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened at 11.30 hours on Dt.20.07.2020. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendersodisha.gov.in.
3. Subsequent corrigendum / addendum if required shall be available in the website as indicated above.
4. The authority reserves the right to cancel any/all bids without assigning any reason.

Sd./- Executive Engineer, N.H. Division, Bhubaneswar
OIPR-34044/11/0001/2021



idco — Your power to grow — ISO 9001 & 14001 Corporation | ODISHA NEW OPPORTUNITIES
ISO 9001 & 14001 CORPORATION
**OFFICE OF THE CHIEF GENERAL MANAGER (P&C) IDCO**
**IDCO TOWER, BHUBANESWAR**
No. IDCO/HO/S&IP/483/2020-9520 — Date: 29.06.2020
**EXPRESSION OF INTEREST**
No. CAD-237: Odisha Industrial Infrastructure Development Corporation invites request for Proposal from renowned Firms/Agencies through offline mode for **"Empanelment of Architecture/Engineering consulting firms for providing comprehensive architectural services including structural design for Civil Projects of IDCO".**
Firms/Agencies those having experience in similar work can submit their expression of interest for this proposal. The bid document comprising of eligibility criteria, instruction to bidders, scope of the work, BOQ, etc. can be seen in e-procurement portal of Government of Odisha **from 17.00 hours of Dated 06.07.2020 to 17.00 hours of dated 23.07.2020.**
Interested firms who may like to visit the site may seek clarification from Chief General Manager (P&C), IDCO Towers, Janpath, Bhubaneswar - 751022, Odisha on any working day during office hours.
EoI for the above mentioned work should be submitted in hard copy between **from 17.00 hours of dated 06.07.2020 to 17.00 hours of dated 23.07.2020.**
The EoOI should consist of Credentials of the firm, completed/substantially completed works of similar nature, turn over, PAN, GST Registration Number and all other documetns as mentioned in the bid document, **Cost of Bid document amounting to Rs.2,360/- (including GST 18% Non-refundable)** online only and **EMD/Bid Security amounting to Nil.**
The EoI will be opened offline on **dated 24.07.2020 at 11.30 hours** at IDCO Tower, Bhubaneswar in presence of the bidder or their authorized representatives who choose to be present.
Any addendum/corrigendum/cancellation notice of EoI can also be seen in the IDCO website **www.idco.in** and will not be published in Newspapers.
IDCO has the right to accept or reject any or all the EoI without assigning any reasons thereof.
Sd./- Chief General Manager (P&C)
OIPR-14003/11/0040/2021



**ବିଜ୍ଞାପନ**
No.D-32:-
**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା**
ନାମ:- ମୃଗେଶ୍ୱର ରାଉତ
କନ୍‌ଷ୍ଟେବଳ ନଂ.-୬୫୨
ପିତା:- ରତ୍ନାକର ରାଉତ
ଗ୍ରାମ:- ରଙ୍କବହାଲ୍
ପୋ:- ବଡଫୁର୍ଲା
ଥାନା:- ଧର୍ମଗଡ଼
ଜିଲ୍ଲା:- କଳାହାଣ୍ଡି
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଯେ, ଆପଣ ତା୦୨।୦୯।୨୦୧୯ରିଖ ଅପରାହ୍ନଠାରୁ ତା୦୫।୦୯।୨୦୧୯ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୩ ଦିନ ସାମୂହିକ ଛୁଟି ନେଇଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୦୬।୦୯।୨୦୧୯ରିଖ ପୂର୍ବାହ୍ନରେ ଯୋଗଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି।
ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ
ଭାମିନୀ, ରାୟଗଡ଼ା

**ବିଜ୍ଞାପନ**
**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ, ଭାମିନୀ, ରାୟଗଡ଼ା**
ନାମ:- ବିଶ୍ୱଜିତ୍ ନାୟକ୍
କନ୍‌ଷ୍ଟେବଳ ନଂ.-୪୭୮
ପିତା:- ଗୋପାଳକୃଷ୍ଣ ନାୟକ୍
ଗ୍ରାମ:- ଗୋଡ଼ିବନ୍ଧ
ପୋ:- ଗୋଡ଼ିବନ୍ଧ
ଥାନା:- କାନ୍‌ପୁର
ଜିଲ୍ଲା:- କଟକ
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଯେ, ଆପଣ ତା୩୦।୦୯।୨୦୧୯ରିଖ ଅପରାହ୍ନଠାରୁ ତା୦୪।୧୦।୨୦୧୯ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୪ ଦିନ ସାମୂହିକ ଛୁଟି ନେଇଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୦୫।୧୦।୨୦୧୯ରିଖ ପୂର୍ବାହ୍ନରେ ଯୋଗଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି।
ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ
ଭାମିନୀ, ରାୟଗଡ଼ା
OIPR-12015/11/0010/2021

> ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଊର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉତ୍ସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। -ଶ୍ରୀଅରବିନ୍ଦ

# ଖର୍ଚ୍ଚ କମାଇବ ରେଲ୍‌ୱେ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କୋଭିଡ୍-୧୯ ମହାମାରୀ ଯୋଗୁ ରେଲ୍‌ୱେର ଆୟ ଗୁରୁତର ଭାବରେ ହ୍ରାସ ପାଇଛି। ତେଣୁ ଏହା ନାନା ଉପାୟରେ ଖର୍ଚ୍ଚକାଟ କରିବାକୁ ନିଷ୍ପତ୍ତି ନେଇଛି। ସେଥି ମଧ୍ୟରେ ନୂତନ ପଦବୀ ସୃଷ୍ଟି ଉପରେ ରୋକ ଲଗାଇବାଠାରୁ ଆରମ୍ଭକରି ୱାର୍କଶପ୍‌ଗୁଡ଼ିକରେ ଯେତିକି ନିହାତି ଆବଶ୍ୟକ ସେତିକି କର୍ମଚାରୀ ରଖିବା, ଆଉଟ୍‌ସୋର୍ସ କାର୍ଯ୍ୟକୁ ସିଏସ୍‌ଆର୍ (କର୍ପୋରେଟ୍ ସୋସିଆଲ୍ ରେସ୍‌ପନ୍ସିବିଲିଟି)କୁ ହସ୍ତାନ୍ତର କରିବା, ଉତ୍ସବାଦି ପାଳନକୁ କେବଳ ଡିଜିଟାଲ୍ ପ୍ଲାଟଫର୍ମରେ ସୀମିତ ରଖିବା ଏବଂ ଷ୍ଟେସନାରି ଉପକରଣଗୁଡ଼ିକର ବ୍ୟବହାରକୁ ଅଧା କମାଇଦେବା ପର୍ଯ୍ୟନ୍ତ ପଦକ୍ଷେପମାନ ରହିଛି। ସୂଚନାନୁସାରେ, ରେଳବାଇର ଫାଇନାନ୍‌ସିଆଲ କମିଶନର ଏ ସମ୍ପର୍କରେ ସମସ୍ତ ଜୋନ୍‌ର ସାଧାରଣ ପରିଚାଳକଙ୍କୁ ଚିଠି ଲେଖିଛନ୍ତି। ପ୍ରକାଶ ଥାଉ କି, ଗତ ବର୍ଷ ମେ ଶେଷସୁଦ୍ଧା ରେଲ୍‌ୱେର ଯାତ୍ରୀ ପରିବହନରୁ ଯେତିକି ଆୟ ହୋଇଥିଲା ଚଳିତବର୍ଷ ସେହି ଏକା ସମୟରେ ତାହା ୫୮ ପ୍ରତିଶତ ହ୍ରାସ ପାଇଛି। ଖର୍ଚ୍ଚକାଟ ପଦକ୍ଷେପ ଭିତରେ ସମସ୍ତ ଜୋନ୍‌ରେ କର୍ମଚାରୀଙ୍କ ପାଇଁ ହେଉଥିବା ବ୍ୟୟ ହ୍ରାସ କରିବା, ସେମାନଙ୍କ କାର୍ଯ୍ୟକୁ ତର୍କସଂଗତ କରିବା, ଚୁକ୍ତିନାମାଗୁଡ଼ିକର ସମୀକ୍ଷା କରିବା, ଶକ୍ତି ବ୍ୟବହାର ହ୍ରାସ କରିବା ଏବଂ ପ୍ରଶାସନିକ ତଥା ଅନ୍ୟାନ୍ୟ ଖର୍ଚ୍ଚ ହ୍ରାସ କରି ଜୋନ୍‌ଗୁଡ଼ିକୁ ଖର୍ଚ୍ଚ ନିୟନ୍ତ୍ରଣ କରିବାକୁ କୁହାଯାଇଛି। ସମସ୍ତ କାର୍ଯ୍ୟ ଡିଜିଟାଲ ମାଧ୍ୟମରେ କରାଯିବା ଏବଂ ସମସ୍ତ ଯୋଗାଯୋଗ ସୁରକ୍ଷିତ ଇମେଲ୍ ମାଧ୍ୟମରେ କରାଯିବାକୁ ଫାଇନାନ୍‌ସିଆଲ କମିଶନର ମଧ୍ୟ ପରାମର୍ଶ ଦେଇଛନ୍ତି।

### ପଦୋନ୍ନତି ନ ମିଳିବାରୁ ଇସ୍ତଫା

ପୂର୍ବରୁ ଏହି ସ୍ତମ୍ଭରେ (ଜୁନ୍ ୧୨) ମୁଁ ଲେଖିଥିଲି ଯେ ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ତେଲଙ୍ଗାନା ଷ୍ଟେଟ୍ ଏକାଡେମୀର ନିର୍ଦ୍ଦେଶକ ବିନୟ କୁମାର ସିଂ ଅସନ୍ତୁଷ୍ଟ ଅଛନ୍ତି ଏବଂ ଚାକିରିରୁ ଇସ୍ତଫା ଦେବାକୁ ଧମକ ଦେଇଛନ୍ତି। ସେ ତାଙ୍କର ଧମକକୁ କାର୍ଯ୍ୟକାରୀ କରିଛନ୍ତି ଏବଂ ଇସ୍ତଫାପତ୍ର ଦାଖଲ କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ସଚିବଙ୍କୁ ଲେଖିଥିବା ଏକ ପତ୍ରରେ ସିଂ କହିଛନ୍ତି ଯେ, ସେ 'ସରକାରଙ୍କ ଉପରେ ବୋଝ' ହେବାକୁ ଚାହୁଁନାହାନ୍ତି। ସିଂ ତାଙ୍କ ଚିଠିରେ କହିଛନ୍ତି ଯେ, ମହାତ୍ମା ଗାନ୍ଧୀଙ୍କ ଜନ୍ମବାର୍ଷିକୀ ଅକ୍ଟୋବର ୨ ତାରିଖରୁ ସେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବାକୁ ଚାହୁଁଛନ୍ତି। ଯେଉଁମାନେ ସିଂଙ୍କ ବିଷୟରେ ଜାଣିଛନ୍ତି ସେମାନେ କହିଛନ୍ତି ଯେ ସେ ଚାକିରିରୁ ବିଦାୟ ନେବା ଆଶା କରାଯାଉଥିଲା, ଯେହେତୁ ଯୋଗ୍ୟତା ଥାଇ ବି ତାଙ୍କୁ ପୋଲିସ୍ ମହାନିର୍ଦ୍ଦେଶକ (ଡିଜିପି) ପଦକୁ ପଦୋନ୍ନତି ଦିଆଯାଇ ନ ଥିଲା। ଏହାପୂର୍ବରୁ ମେ ମାସରେ ରାଜ୍ୟ ମୁଖ୍ୟ ଶାସନ ସଚିବ ସୋମେଶ କୁମାରଙ୍କୁ ଲେଖିଥିବା ଏକ ପତ୍ରରେ ସିଂ ଅଭିଯୋଗ କରିଥିଲେ ଯେ, ତାଙ୍କୁ ତିନି ମାସ ପୂର୍ବେ ଡିଜିପି ପଦବୀ ପାଇଁ ତାଲିକାଭୁକ୍ତ କରାଯାଇଥିଲେ ବି ସରକାର ପଦୋନ୍ନତି ଦେବା ନେଇ କିଛି ପଦକ୍ଷେପ ନେଇନାହାନ୍ତି। ୧୯୮୭ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସିଂ ଅଭିଯୋଗ କରିଛନ୍ତି ଯେ, ୧୯୮୬ ବ୍ୟାଚ୍‌ର ତେଲଙ୍ଗାନା କ୍ୟାଡରର ନିୟମିତ ନିଯୁକ୍ତିପ୍ରାପ୍ତ ଅଧିକାରୀମାନେ ତିନିବର୍ଷ ପୂର୍ବେ ଖାଲି ପଦବୀ ନ ଥାଇ ବି ପଦୋନ୍ନତି ପାଇଥିଲେ। ସେହିଭଳି ୧୯୮୯ ବ୍ୟାଚ୍ ତେଲଙ୍ଗାନା କ୍ୟାଡରର ଆଇଏଏସ୍ ଅଧିକାରୀମାନେ ମଧ୍ୟ ଖାଲି ପଦବୀ ନ ଥାଇ ପଦୋନ୍ନତି ପାଇଥିଲେ। ଆନ୍ଧ୍ରପ୍ରଦେଶ ସମେତ ଅନେକ ରାଜ୍ୟରେ ୧୯୮୯ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀମାନେ ବହୁ ଆଗରୁ ପଦୋନ୍ନତି ପାଇଛନ୍ତି। ସେ କହିଛନ୍ତି ଯେ, ଅବସର ପରେ ସେ ତେଲଙ୍ଗାନାର ଲୋକଙ୍କ ମଧ୍ୟରେ ସଂସ୍କାର ଆଣିବା ପାଇଁ କାମ କରିବେ। ବୋଧହୁଏ ସେ ଏକ ନୂଆ କ୍ୟାରିଅରର ଇଙ୍ଗିତ କରିଛନ୍ତି।

### ତାମିଲନାଡୁ ପୋଲିସ ପାଇଁ ଲଜ୍ଜା

ତାମିଲନାଡୁର ଥୁଥୁକୁଡିରେ ପି. ଜୟରାଜ ଏବଂ ତାଙ୍କ ପୁଅ ଜେ. ବେନିକ୍ସଙ୍କ ହାଜତ ମୃତ୍ୟୁ ଘଟଣା ଏବଂ ପୋଲିସ ଅତ୍ୟାଚାରର ବିବରଣୀ ପଦାକୁ ଆସିବା ପରେ ମାଡ୍ରାସ ହାଇକୋର୍ଟ ଏକ ଅଭୂତପୂର୍ବ ରାୟରେ ଘଟଣା ଘଟିଥିବା ସାଥାନକୁଲମ୍ ଥାନାକୁ ନିଜ ନିୟନ୍ତ୍ରଣକୁ ନେବା ପାଇଁ ରାଜସ୍ୱ ଅଧିକାରୀଙ୍କୁ ଦାୟିତ୍ୱ ଦେବାକୁ ଜିଲାପାଳଙ୍କୁ ଆଦେଶ ଦେଇଛନ୍ତି। ଏହି ମୃତ୍ୟୁ ଘଟଣା ପଦାକୁ ଆସିବା ପରେ ପୋଲିସ ନିର୍ଯାତନା ଓ ନୃଶଂସତାକୁ ନେଇ ସାରା ଦେଶ ଚକିତ ହୋଇଯାଇଛି। ବୋଧହୁଏ ୧୮୬୧ ମସିହାରେ ଭାରତୀୟ ପୋଲିସ୍ ଆକ୍ଟ ଲାଗୁ ହେବା ପରେ ଏବେ ପ୍ରଥମ ଥର ପାଇଁ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା କୌଣସି ପୋଲିସ ଷ୍ଟେଶନକୁ ହାତକୁ ନେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରମାଣ ନଷ୍ଟ କରିବା, ଅନୁସନ୍ଧାନରେ ସହଯୋଗ ନ କରିବା ଏବଂ ଅନୁସନ୍ଧାନ କରୁଥିବା ନ୍ୟାୟିକ ଦଳକୁ ଭୟଭୀତ କରିବା ପାଇଁ କୋର୍ଟ ଅତିରିକ୍ତ ଏସ୍‌ପି ଡି. କୁମାର, ଡେପୁଟି ଏସ୍‌ପି ପ୍ରଥାପନ୍ ଏବଂ କନଷ୍ଟେବଲ ମହାରାଜନଙ୍କ ବିରୋଧରେ ଆପରାଧିକ କୋର୍ଟ ଅବମାନନା ନେଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଜନ ଅସନ୍ତୋଷ ପ୍ରକାଶ ପାଇବା ପରେ ଜୟରାଜ ଓ ତାଙ୍କ ପୁଅଙ୍କ ହାଜତ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ପାଇଁ ତାମିଲନାଡୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟାନ୍ୟ ପଦକ୍ଷେପ ମଧ୍ୟ ନିଆଯାଉଛି। ତିରୁଚି ରେଞ୍ଜ୍ ଡିଆଇଜି ଭି. ବାଲକ୍ରିଷ୍ଣନ୍ ୮୦ ଜଣ ପୋଲିସଙ୍କୁ ଦାୟିତ୍ୱରୁ ଅପସାରିତ କରିଛନ୍ତି ଏବଂ ସେମାନଙ୍କୁ ଏକ ମାସ ପାଇଁ ଆଚରଣ ଶିକ୍ଷା କରିବାକୁ କହିଛନ୍ତି। ଠିକ୍ ଏହି ସମୟରେ ୩୯ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ବଦଳି କରାଯାଇଛି। କିନ୍ତୁ ରାଜ୍ୟ ପୋଲିସ୍ ଏହି ଲଜ୍ଜାଜନକ ଘଟଣାକୁ ସହଜରେ ହଜମ କରିପାରିବ ବୋଲି ମନେହୁଏ ନାହିଁ।

Dilipthecherian@twitter.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | 9 | 1 | | | | 4 | E | 7 | | | A |
| | 1 | B | | | | E | | | | | 2 | 5 | | 9 |
| | | 5 | | C | | 3 | 9 | | | | B | | D | 4 |
| C | | | | | | | | 6 | | 0 | | E | | |
| | | 7 | | 3 | 0 | 8 | 4 | | | | D | | B | C |
| 0 | | 9 | | 6 | | | | | | B | | | | 7 |
| | 4 | D | | | 5 | 2 | | | E | | | 8 | | |
| | | | B | A | 7 | | | | C | | 3 | 4 | 5 | |
| | | | 0 | | | 4 | | | | | 1 | | A | |
| 7 | | 2 | | | 8 | D | | | | 5 | | 6 | 1 | |
| 3 | | | 1 | | | | | | 9 | D | | C | | |
| | | | | | B | | | | | 3 | | | | |
| | | 6 | | D | | | | C | | | E | | 8 | |
| 4 | | | 7 | | | 6 | | | | | | | | 1 |
| E | B | | | 2 | | | | D | | 6 | | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 6 | 1 | 5 | 8 | E | B | 4 | A | C | 3 | D | 0 | 9 | 2 |
| A | 3 | 0 | 4 | 7 | B | 1 | 8 | C | 9 | 5 | 2 | 6 | D | E |
| C | B | 2 | 3 | D | 9 | 0 | 7 | 6 | E | 1 | A | 5 | 8 | 4 |
| 4 | E | 9 | 2 | 6 | C | D | 5 | 3 | B | 8 | 0 | A | 1 | 7 |
| 8 | 5 | D | 1 | A | 0 | 2 | E | 9 | 4 | 7 | 6 | B | 3 | C |
| 5 | 2 | 3 | A | 0 | D | E | 1 | B | 6 | 9 | C | 4 | 7 | 8 |
| 1 | 0 | 7 | E | 4 | 6 | 9 | 3 | 8 | 5 | A | B | C | 2 | D |
| D | C | B | 7 | 9 | 2 | 5 | 6 | 0 | 8 | 4 | 3 | E | A | 1 |
| E | 8 | A | C | B | 3 | 7 | D | 4 | 2 | 0 | 1 | 9 | 5 | 6 |
| 6 | 9 | 4 | 8 | 5 | 1 | C | A | 2 | 7 | D | E | 3 | 0 | B |
| 0 | D | 8 | B | 3 | 7 | 4 | C | 5 | 1 | 6 | 9 | 2 | E | A |
| 2 | 7 | 5 | 6 | E | 4 | 3 | 0 | 1 | A | C | 8 | D | B | 9 |
| B | 4 | 6 | 0 | 2 | 8 | A | 9 | D | 3 | E | 7 | 1 | C | 5 |
| 3 | A | C | 9 | 1 | 5 | 8 | 2 | E | D | B | 4 | 7 | 6 | 0 |
| 9 | 1 | E | D | C | A | 6 | B | 7 | 0 | 2 | 5 | 8 | 4 | 3 |

ଗତକାଲିର ଉତ୍ତର

# ନେଡ଼ିଗୁଡ଼ କହୁଣିକୁ ବୋହିଗଲା ପରେ

ଉପେନ୍ଦ୍ର ବିଶ୍ୱାଳ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟର କଥା। ସେତେବେଳେ ଆମେରିକା ଅଧୀନ ଥିଲା ଜାପାନ। ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା ତା' ଆର୍ଥିକ ସ୍ଥିତି ଓ ବେପାର ବଣିଜ। କାଲିଫର୍ନିଆର ସୁସ୍ୱାଦୁ କମଳା ଶୋଭା ପାଉଥାଏ ଜାପାନ ବଜାରରେ। ମାଆମାନଙ୍କ ସହିତ ବଜାର ବାହାରିଥିବା କୁନିପିଲାଙ୍କ ମନ ଅଥୟ ହୋଇଉଠେ ଲୋଭନୀୟ କମଳା ଦେଖି। ସେଇଠୁ ଅଳି କରନ୍ତି ମାଆଙ୍କଠାରେ। ''ଜାଣିଛୁ ସେ କମଳାସବୁ କେଉଁଠୁ ଆସିଛି?'' ପ୍ରଶ୍ନିଳ ଆଖିରେ ମାଆକୁ ଚାହିଁ ପିଲାଟି ପଚାରେ- କେଉଁଠୁ ଆସିଛି ମାଆ? ''ଏସବୁ ସେ ଦେଶରୁ ଆସିଛି, ଯେଉଁ ଦେଶ ଆମ ଉପରେ ବୋମା ପକେଇ ଆମଦେଶକୁ ଉଡ଼ାଇଦେବାକୁ ଚେଷ୍ଟା କରୁଥିଲା। ଆମ ସଭିଙ୍କୁ ମାରିଦେବାକୁ ଚାହୁଁଥିଲା। ତୁ କ'ଣ ସେଦେଶର କମଳା ଖାଇବୁ?'' ବାସ୍ ଶାନ୍ତ ପଡ଼ିଗଲା ପିଲାର ଅଝଟ ମନ। ମାନସ ପଟରେ ଆଙ୍କି ହୋଇଗଲା, ମାଟି ପ୍ରତି ମମତାଭାବ। ଶୈଶବରୁ ଶିଖିଲା ଏମିତି। ସେଇଠୁ ଜାପାନ ଆଗେଇ ଚାଲିଛି ଆଗକୁ ଆଗକୁ। ଆଉ ଆମେ ଭାରତୀୟମାନେ? ଶତ୍ରୁର ସାହାରା ସାଜିବା ବିଭିନ୍ନ ଉପାୟରେ। ଏଇ ଯେମିତି ଚାଇନା ତିଆରି ଜିନିଷ କିଣିବାରେ ଆମେ ହେଳା କରୁନା। ବେଜିଂକୁ ଆମେ ଏମିତି ବଳଶାଳୀ କରିବୁ ଯେ ସେ ଯେମିତି ଅଧିକ ଗୋଳାବାରୁଦ କିଣିବ ଆମକୁ ମାରିବାକୁ। ଆହୁରି ହଜାର ହଜାର ଏକର ଜମି ଆମର ମାଡ଼ିବସିବ। ଆମେ ଭୁଲିଗଲୁ ଅତୀତର ସେ ଜ୍ୱାଳାକୁ, ଅପମାନକୁ। ବେଇମାନିର ବାଦଶାହ ଥିବା ବିଶ୍ୱାସଘାତୀ ବେଜିଂର ବର୍ବରାଚାରଣକୁ। କେବଳ ଆର୍ଥିକ ବଳ ନୁହଁ, ନୈତିକ ଓ ମାନସିକ ବଳରେ ବି କ୍ରୂର କମ୍ରେଡ ମାଟିକୁ ବି କମର କଷିବାରେ ସାହାଯ୍ୟ କରୁଛୁ। ଡୋକଲାମ୍ ବିବାଦ ସମୟରେ ଜଣେ ବୟସ୍କ ଓକିଲ ତ ଚାଇନା ବିରୋଧରେ ନ ଲେଖିବାକୁ ପରାମର୍ଶ ଦେଇ ମୋତେ କହୁଥିଲେ ''ତୁମେମାନେ ଚାଇନା ସମ୍ବନ୍ଧେ କିଛି ଜାଣିନାହିଁ। ମୁଁ ୫/୬ ଥର ସେଠାକୁ ଯାଇଛି। ବିଭିନ୍ନ ସ୍ତରର ଲୋକଙ୍କ ସହିତ ମିଶିଛି। ଚାଇନା କଦାପି ଭାରତ ବିରୋଧୀ ନୁହେଁ। ଏଇ ସରକାର ହିଁ ତାକୁ ତତାଉଛନ୍ତି। ତୁମେମାନେ ତା' ବିରୋଧରେ ଲେଖି କ'ଣ ପାଇବ?''

ଏବେ ଆସିବା ମୁଖ୍ୟ ପ୍ରସଙ୍ଗକୁ। ଗତ ଜୁନ ୨୫ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ତାମିଲନାଡୁର ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଭର୍ଚ୍ଚୁଆଲ୍ ଜରିଆରେ ସମ୍ବୋଧିତ କରୁଥିଲାବେଳେ ଆଶ୍ଚର୍ଯ୍ୟ ହୋଇ ପଚାରୁଥିଲେ ''ଚାଇନାନିର୍ମିତ ଗଣେଶ ମୂର୍ତ୍ତି ପ୍ରତି କାହିଁକି ଆମର ଏତେ ଦୁର୍ବଳତା? କାହିଁକି ସ୍ଥାନୀୟ ସ୍ତରରେ ତିଆରି ଅତି ସାଧାରଣ ସାମଗ୍ରୀ, ତାକୁ ବି ନ କିଣି ଚାଇନା ସାମଗ୍ରୀ କିଣି ଚାଲିଛୁ? କାହିଁକି ଏ ପରିସ୍ଥିତି ସୃଷ୍ଟି ହେଲା?'' ମୂଳ କଥା ହେଉଛି, ସାଧାରଣ ସ୍ତରରୁ ଶାସକ ସ୍ତର ପର୍ଯ୍ୟନ୍ତ ଆମେ ସମସ୍ତେ ଏକ ପ୍ରକାର ରୁଗ୍‌ଣ ମାନସିକତାର ଶିକାର। ନା ଅଛି ମାଟି ପ୍ରତି ମମତା ବା ସମ୍ମାନବୋଧ ଅବା ସ୍ୱାଭିମାନ। ରାତାରାତି ଯେ ସେ କମ୍ରେଡ୍ ମାଟି ଏଠି ଚର ମାଡ଼ିଗଲା ତାହା ନୁହଁ, ଗତ ଅଶୀ ଦଶକରୁ ଆରମ୍ଭ ହେଇଥିବା ଦ୍ରୁତ ଶିଳ୍ପାୟନ, ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ଅଭିଯାନ ଯୋଗୁ ସେ ଦେଶରେ ଉଭାହେଲା ଉତ୍କଟ ସମସ୍ୟା। ତାହା ଏମିତି ଭୟଙ୍କର ରୂପ ଧାରଣ କଲା ଯେ ଚାଇନା ବାଧହେଲା ବଡ଼ ବଡ଼ ଶିଳ୍ପଗୁଡ଼ିକୁ ବନ୍ଦ କରିଦେବାକୁ। କେବଳ ୨୦୦୬ ମସିହାରେ ୩୦ରୁ ଅଧିକ ବୃହତ୍ ଶିଳ୍ପକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଗଲା। ସେଇଠୁ ସେ ଦେଶର କମ୍ପାନୀମାନେ ବିକଳ୍ପ ବ୍ୟବସ୍ଥା ଆପଣାଇଲେ ଭାରତର ବିଶାଳ ବଜାରକୁ ଆଖି ଆଗରେ ରଖି। ସେମାନେ ତାଙ୍କର ସୁଦକ୍ଷ ଗୋଷ୍ଠୀଙ୍କୁ ଭାରତ ପଠେଇଲେ ବଜାର ଅଧ୍ୟୟନ କରିବାକୁ। ସେମାନେ ପ୍ରଥମେ ବିଭିନ୍ନ ପ୍ରାନ୍ତରେ ବୁଲି ବୁଲି ଜନମାନସିକତାକୁ ଆକଳନ କଲେ। ଭାରତର ମେଳା ମହୋତ୍ସବ ଆଦିରୁ ବିଭିନ୍ନ ଖେଳନା ସାମଗ୍ରୀ କ୍ରୟ କରିନେଲେ। ତାହାକୁ ବିଭିନ୍ନ ଧାତୁ, ଯନ୍ତ୍ରପାତି ଓ ବୈଦ୍ୟୁତିକ ସରଞ୍ଜାମ ଆଦିରେ ଅଧିକ ଆକର୍ଷଣୀୟ ଓ ନବୀକରଣ କରି ଶସ୍ତାରେ ଭାରତକୁ ଛାଡ଼ିଲେ। ସରକାରଙ୍କ ପ୍ରୋତ୍ସାହନ ବି ରହିଲା ତାଙ୍କ ପଛରେ। ଏହିପରି ଧୀରେ ଧୀରେ ଭାରତର କ୍ଷୁଦ୍ରଶିଳ୍ପ, ହସ୍ତଶିଳ୍ପ, କୁଟୀର ଶିଳ୍ପ ଓ ପାରମ୍ପରିକ କାରିଗରି ଶିଳ୍ପକୁ ଏକପ୍ରକାର ଅପହରଣ କରିନେଲେ। ଇଣ୍ଡିଆ ଭିତରେ ଚାଇନା ବିରାଜମାନ କଲା। ମାତ୍ର ଗୋଟେ ଦଶନ୍ଧିରେ ଆମର ୭୦ଭାଗରୁ ଅଧିକ କଣ୍ଢେଇ ଓ ହସ୍ତକଳା ବଜାରକୁ ଦଖଲ କରିନେଲେ ସେମାନେ। ଭିନ୍ନ ଭିନ୍ନ ଆକୃତି ଓ ଆକାରର ବୈଦ୍ୟୁତିକ ଝଲକ ମଧ୍ୟରେ ଜୀବନ୍ତ ମନେହେଉଥିବା ଚାଇନାନିର୍ମିତ ଆକର୍ଷଣୀୟ ପ୍ରଭୁ ଗଣେଶଙ୍କ ମୂର୍ତ୍ତି ସାରା ଭାରତରେ ଭରପୂର। ବିଶେଷ କରି ପ୍ରସିଦ୍ଧ ଗଣପତି ପର୍ବ ପୂର୍ବରୁ ଦକ୍ଷିଣ ଭାରତରେ ଏହା ପ୍ରଚୁର ବିକ୍ରି ହେଉଥିବାରୁ ସେଠାକାର କାରିଗରମାନେ ମଥାରେ ହାତଦେଇ ବସୁଛନ୍ତି। ସେମିତି ବି ପଶ୍ଚିମବଙ୍ଗର କାରିଗରମାନଙ୍କର ସମଦଶା, ଚାଇନାର ଦେବୀ ଦୁର୍ଗାଙ୍କ ମୂର୍ତ୍ତିକୁ ନେଇ। ବିଶ୍ୱପ୍ରସିଦ୍ଧ ଆଲିଗଡ ତାଲା ଶିଳ୍ପରେ ତ ତାଲା ପଡିଗଲାଣି। ଚାଇନା ତାଲା ଛାଇ ହୋଇଯାଇଛି ଚାରିଆଡ଼େ। ଉତ୍ତରପ୍ରଦେଶର ଫିରୋଜାବାଦ, ଯାହା କି ଦେଶର ଆବଶ୍ୟକ କାଚ ସାମଗ୍ରୀ ଚାହିଦାକୁ ପୂରଣ କରିସାରି ବାହାରକୁ ରପ୍ତାନି କରିଥାଏ। ଚାଇନାର ଶିଳ୍ପୀମାନେ ଖୁବ୍ ଶସ୍ତା, ସୁନ୍ଦର ଓ ସୌଖୀନ ସାମଗ୍ରୀ ଯୋଗାଇ ଫିରୋଜାବାଦର ଶିଳ୍ପକୁ ସମାଧି ଦେବାକୁ ବସିଲେଣି। ସେମିତି ବି ବିଦେଶରେ ଖୁବ୍ ଚାହିଦା ଥିବା ତାମିଲନାଡୁର ଶିବକାଶୀର ବାଣ ଶିଳ୍ପ ଆଜି ମୁମୂର୍ଷୁ ଅବସ୍ଥାରେ। ଆମ ଅର୍ଥନୀତିକୁ ଏହା ଖୁବ୍ ମଜଭୁତ କରୁଥିଲା। ସଂପ୍ରତି ଚାଇନା ସାମଗ୍ରୀଗୁଡିକ ଆମ ଚାରିପଟେ ରହି ଆମକୁ ବିଦ୍ରୂପ କରୁଛନ୍ତି। ଭାରତ ହେଉଛି ବିଶ୍ୱର ୨ୟ ବୃହତ୍ତମ ମୋବାଇଲ ବ୍ୟବହାରକାରୀ ଦେଶ। ପ୍ରାୟ ଅର୍ଦ୍ଧାଧିକ ଭାରତୀୟଙ୍କ ହସ୍ତରେ ଆଜି ଏକାଧିକ ଦାମିକା ମୋବାଇଲ, ତାହା ପୁଣି ବିଦେଶୀ କମ୍ପାନୀଙ୍କ। ଏଠାରେ ଏ କ୍ଷେତ୍ର ବି ଆଜି ଚାଇନା କମ୍ପାନୀଙ୍କ କବ୍‌ଜାରେ। ଏଇ ଟିକେ ଆଗରୁ ଆମ ସରକାର ଚାଇନାର ୫୯ଟି ଆପ୍‌କୁ ନିଷିଦ୍ଧ କରିଛନ୍ତି। ଛତିଶଗଡ଼ର ଆଇ.ଟି. ବିଶେଷଜ୍ଞ ସୁମିତ୍ ଘୋଷ, ଓଡ଼ିଶାର ବିଶ୍ୱାତ୍ମା ନାୟକ ଓ କର୍ନାଟକର ସିଦ୍ଧାର୍ଥ ଗୌତମଙ୍କ ମିଳିତ ଉଦ୍ୟମରେ ବହୁଳ ଲୋକପ୍ରିୟ 'ଟିକ୍‌ଟକ୍' ଆପର ବିକଳ୍ପ ଭାବେ 'ଚିଙ୍ଗାରି' ଆପ୍‌ଟି ବିକଶିତ ହୋଇପାରିଛି। କଥା ହେଉଛି, ନେଡ଼ିଗୁଡ଼ କହୁଣିକୁ ବୋହିଗଲା ପରେ ଆମର ବୁଦ୍ଧି ପଶେ। ସରକାରଙ୍କ 'ଷ୍ଟାର୍ଟ ଅପ୍' ଯୋଜନା ଷ୍ଟାର୍ଟ ହୁଏ। 'ଆତ୍ମନିର୍ଭର ଭାରତ' କଥା ମନେପଡେ। ଚାଇନା ଜିନିଷ ଯେବେ ଧସେଇ ପଶୁଥିଲା ସରକାର ସେତେବେଳେ କମ୍ରେଡ୍ ମାଟିର କମ୍ପାନୀଗୁଡିକ ପାଇଁ ଲାଲ୍ କାର୍ପେଟ୍ ବିଛେଇ ଚାଲିଥିଲେ। ଠିକ୍ ସେତିକି ବେଳର ଭାରତର ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ଜୟରାମ ରମେଶଙ୍କ ସ୍ୱୀକାରୋକ୍ତି ବି ବେଶ୍ ପ୍ରଣିଧାନଯୋଗ୍ୟ। ଦେଶର ୨ୟ ବୃହତ୍ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନି କେନ୍ଦ୍ର, ଯୋଧପୁରରେ ସେତେବେଳେ ଥିବା ଛୋଟବଡ ପ୍ରାୟ ୪୦୦ଟି ହସ୍ତଶିଳ୍ପ ୟୁନିଟରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିଯୁକ୍ତିପ୍ରାପ୍ତ ଏବଂ ବାର୍ଷିକ ଅନ୍ୟୂନ ୭୦୦ କୋଟି ଟଙ୍କାର ସାମଗ୍ରୀ ରପ୍ତାନି ହୋଇଥାଏ ବୋଲି ସଂସଦରେ ଉତ୍ତର ରଖିଥିଲେ ସେ। ସେ ଦେଖାଇଥିବା ଯୋଧପୁର ଆଇନାରେ ହିଁ ଆମେ ଦେଖିପାରିବା ଭାରତର କ୍ଷୁଦ୍ରଶିଳ୍ପ, ହସ୍ତଶିଳ୍ପ, କୌଳିକ ଶିଳ୍ପ ଆଦିରେ ସମ୍ଭାବନାଭରା ଉଜ୍ଜ୍ୱଳ ଭବିଷ୍ୟତକୁ, ଯେଉଁଥିରେ ମଜଭୁତ ଅର୍ଥନୀତିର ସମ୍ଭାବନା ସହିତ ବ୍ୟାପକ ରୋଜଗାରର ଉତ୍ସ ନିହିତ। ଏସବୁ ସତ୍ତ୍ୱେ ଏହି କ୍ଷେତ୍ରଗୁଡିକୁ ଏକପ୍ରକାର ଅଣଦେଖା କରାହେଲା। ସରକାର ନାମକ ସଂସ୍ଥାଟି ଚାଇନା ପାଇଁ ସାହାଣମେଳା କରି ଶୋଇପଡ଼ିଲେ ଦେଢ଼ ଦଶନ୍ଧି ଧରି। ଠିକି ଶିଖିଲା ପରେ ଅନ୍ତତଃ ଏବେ ସରକାରଙ୍କଠାରୁ ସାଧାରଣସ୍ତର ପର୍ଯ୍ୟନ୍ତ ସଭିଙ୍କ ଚୈତନ୍ୟ ଉଦୟ ହେଉ। ମାଟିକୁ ଗଢିବାର, ସୁରକ୍ଷିତ ରଖିବାର ମାନସିକତା ଟିକକ ଜାଗି ଉଠୁ। ବାଜି ଉଠୁ ଜାଗୃତିର ତୂର୍ଯ୍ୟନାଦ। ଶୁଭୁ ସ୍ୱଦେଶୀ ସଂକଳ୍ପର ଶଙ୍ଖନାଦ।

ମୋ: ୯୪୩୭୪୩୬୦୭୩

# ଅନ୍‌ଲାଇନ ଶିକ୍ଷା: ସମସ୍ୟା ଓ ସମାଧାନ

ଡ. ଜ୍ୟୋତି ପ୍ରକାଶ ମହାପାତ୍ର

କରୋନା ମହାମାରୀ ଆରମ୍ଭ ହେବା ପରେ ପରେ ସାରା ରାଜ୍ୟରେ ବିଦ୍ୟାଳୟଗୁଡ଼ିକ ମାର୍ଚ୍ଚ ମାସ ଅଧାରୁ ବନ୍ଦ ରହିଛି। ତାହା କେବେ ଖୋଲିବ, ସେ ସମ୍ପର୍କରେ କେହି ସ୍ପଷ୍ଟ ଭାବେ କହୁ ନାହାନ୍ତି। ଫଳରେ ରାଜ୍ୟରେ ବିଦ୍ୟାଳୟ ଶିକ୍ଷା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଦଶମ ଶ୍ରେଣୀ ପରୀକ୍ଷା ସରିଯାଇଥିବା ବେଳେ ବାକି କୌଣସି ଶ୍ରେଣୀର ପରୀକ୍ଷା ସରି ନ ଥିଲା। ସରକାରୀ ଭାବେ ସେହି ଛାତ୍ରୀଛାତ୍ରମାନଙ୍କୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ କରି ଦିଆଗଲା। ଫଳରେ ସେମାନେ ନୂଆ କ୍ଲାସ ଓ ନୂଆ ଶିକ୍ଷାବର୍ଷକୁ ଆସିଗଲେ। କିନ୍ତୁ ପଢିବେ କ'ଣ ଓ ପଢାଯିବ କେମିତି? ତାହା ହିଁ ବଡ଼ ପ୍ରଶ୍ନ ହୋଇ ଆଜିଯାଏ ସଭିଙ୍କ ସାମ୍ନାରେ ଛିଡ଼ା ହୋଇଛି।

ସରକାରୀ ଭାବେ ଏପ୍ରିଲ ମାସ ମଝି ସମୟରୁ ହ୍ୱାଟ୍‌ସଆପ୍ କ୍ଲାସ୍ କରିବା ପାଇଁ କୁହାଗଲା, ଯାହାକୁ ସରକାରୀ ଅଧିକାରୀମାନେ ବୁଲେଇ ବଙ୍କେଇ ଅନ୍‌ଲାଇନ କ୍ଲାସ ବୋଲି କହିଲେ। ହ୍ୱାଟ୍‌ସଆପ୍ କ୍ଲାସ୍ ତ ଆଉ ଅନ୍‌ଲାଇନ କ୍ଲାସ ନୁହେଁ। ସେଥିରେ ସ୍କୁଲଗୁଡ଼ିକରେ ସମୟ ଦେଇ ଦିଆଗଲା ଓ ପିଲାଙ୍କୁ କୁହାଗଲା, ସେହି ସମୟରେ ମୋବାଇଲରେ ଉପସ୍ଥିତ ରୁହ। କିନ୍ତୁ ହ୍ୱାଟ୍‌ସଆପ୍ କ୍ଲାସରେ ଶିକ୍ଷକମାନେ ଯାହା ଜାଣିଛନ୍ତି ଛୁଟିରେ ରହି କେବଳ ନୋଟ୍ ପଠେଇବାକୁ ଲାଗିଲେ। ପିଲା ତାହା ପଢିଲେ କି ନ ପଢିଲେ, ତାହାର କୌଣସି ପ୍ରମାଣ କାହା ପାଖରେ ରହିଲା ନାହିଁ। ପୁଣି ଶିକ୍ଷକମାନେ ଯଦି କୌଣସି ପ୍ରଶ୍ନ ଦେଲେ, ଛାତ୍ରୀଛାତ୍ର ଏହାର ଉତ୍ତର ଲେଖିଲେ କି ନ ଲେଖିଲେ, ତାହାର ଖବର ମଧ୍ୟ ରହିଲା ନାହିଁ। ଫଳରେ ଏହା ଏକପାଖିଆ ହୋଇ ଚାଲିଲା, ଯେଉଁଥିରେ ଛାତ୍ରୀଛାତ୍ରଙ୍କ ଭାଗୀଦାରି ବହୁତ କମ୍ ରହିଲା। ଭାଗୀଦାରି ନ ରହିଲେ, ଶିକ୍ଷା ଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବନାହିଁ। ଗାଁ ଗହଳି, ଦୂରନ୍ତ, ଆଦିବାସୀ ଇଲାକାର ପିଲାଟିଏ କିପରି ମୋବାଇଲ୍ ପାଇବ, ସେଠି ନେଟୱର୍କ ଅଛି କି ନାହିଁ- ତାହା ପ୍ରାରମ୍ଭିକ ପର୍ଯ୍ୟାୟରେ କେହି ଦେଖିଲେ ନାହିଁ। ଫଳରେ ଏହା ଏମିତି ଜୁନ ମାସ ପର୍ଯ୍ୟନ୍ତ ଚାଲିଲା।

ପରେ ଜୁନ ମାସ ମଝିରେ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଗଲା ୩୨ ଲକ୍ଷ ପିଲା ଅନ୍‌ଲାଇନ ଶିକ୍ଷାରେ ସାମିଲ ହୋଇପାରୁ ନାହାନ୍ତି। ସମୁଦାୟ ପିଲାଙ୍କ ସଂଖ୍ୟା ୬୦ ଲକ୍ଷ ବୋଲି କୁହାଯାଇଥିବା ବେଳେ ମାତ୍ର ୨୮ ଲକ୍ଷ ଅନ୍‌ଲାଇନ ଶିକ୍ଷାରେ ସାମିଲ ହୋଇଛନ୍ତି ବୋଲି ସରକାରୀ ହିସାବ କହିଲା। ଫଳରେ ଆଦିବାସୀ, ଅନୁନ୍ନତ ଇଲାକାର କୌଣସି ପିଲା ପ୍ରାୟତଃ ଏହି ପ୍ରକ୍ରିୟାରେ ସାମିଲ ହୋଇପାରିଲେ ନାହିଁ କି ପଢିପାରିଲେ ନାହିଁ। ଏକଥା ସାମ୍ନାକୁ ଆସିବା ବେଳକୁ ସରକାରୀ ଭାବେ ଖରାଛୁଟି ସରିଗଲାଣି। ଯଦିଓ ବିଦ୍ୟାଳୟଗୁଡ଼ିକ ଆଜିଯାଏ ଖୋଲି ନାହିଁ, ତେବେ ପୂରା ଖରାଛୁଟିରେ ୩୨ ଲକ୍ଷ ପିଲା ସରକାରୀ ଭାବେ ଚାରି ମାସ ପାଠପଢାରୁ ବଞ୍ଚିତ ରହିଲେ।

ରାଜ୍ୟର କେତେକ ସ୍କୁଲ, ଯେମିତି କି ଆଦର୍ଶ ବିଦ୍ୟାଳୟଗୁଡ଼ିକ, ଯେଉଁଠି ସରକାର ଖୁବ ଭଲ ଭିତ୍ତିଭୂମି ଓ ଦରମା ଯୋଗାଇ ଦେଇଛନ୍ତି, ସେମାନେ ବି ଅନ୍‌ଲାଇନ ଶିକ୍ଷାଦାନକୁ ଆପଣାଇଲେ ନାହିଁ। ଏଥିପ୍ରତି କେହି ଦୃଷ୍ଟି ଦେଲେ ନାହିଁ ଓ ଶିକ୍ଷାବର୍ଷ ଆରମ୍ଭରୁ ଚାରି ମାସ ବେକାର ହୋଇଗଲା। ସେମାନେ ଗୁଗଲ ମିଟ୍ କି ଜୁମ୍ ପ୍ଲାଟଫର୍ମରେ ଶିକ୍ଷା ଦେଲେ ନାହିଁ। ଏମିତି ଶିକ୍ଷା ଦେବାକୁ ହେଲେ ଶିକ୍ଷକଙ୍କୁ ତାଲିମ ଦେବା ଆବଶ୍ୟକ। ମାତ୍ର ଶିକ୍ଷକଙ୍କୁ ତାଲିମ ଦେବା ଦିଗରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଅନ୍‌ଲାଇନରେ ଶିକ୍ଷକଙ୍କୁ ଏ ସମ୍ପର୍କିତ ତାଲିମ ଦିଆଯାଇ ପାରି ଥାଆନ୍ତା। ମାତ୍ର ତାହା ହେଲା ନାହିଁ।

ଦ୍ୱିତୀୟ ହେଉ କି ପଞ୍ଚମ କି ଅଷ୍ଟମ ପିଲାଙ୍କୁ ଅନ୍‌ଲାଇନରେ ପଢାଇବା କଷ୍ଟ। ସଭିଙ୍କ ଘରେ ଆଣ୍ଡ୍ରଏଡ୍ ଫୋନ ନାହିଁ। ପୁଣି ଯଦି ଘରେ ଏକାଧିକ ପିଲା ହେଲେ ତେବେ କିଏ ମୋବାଇଲ ଧରି ପଢିବ, ତାହା ହିଁ ସବୁଠାରୁ ବଡ଼ ପ୍ରଶ୍ନ।

ଏମିତିରେ ଆମ ରାଜ୍ୟ ପାଇଁ ସବୁଠାରୁ ସରଳ ଉପାୟଟି ହେଉଛି ଗାଁ ଗାଁରେ ଶିକ୍ଷା ପ୍ରଦାନ। ଖରାଛୁଟି ସମୟ ବିତି ସାରିଛି। ଏଣିକି ଶିକ୍ଷକମାନେ ନିଜ ନିଜ ସ୍କୁଲକୁ ଯାଆନ୍ତୁ। ମନେକରନ୍ତୁ ଗୋଟିଏ ଉଚ୍ଚ ବିଦ୍ୟାଳୟ ଅଛି ଓ ଏହା ଅଧୀନରେ ୧୦ଟି ଗାଁ ଅଛି। ୧୦ଟି ଗାଁକୁ ୫ଟି କ୍ଲଷ୍ଟରରେ ବିଭକ୍ତ କରାଯାଉ। ପ୍ରତି କ୍ଲଷ୍ଟରରେ ଦୁଇଟି ଗାଁ ରହୁ। ପ୍ରାୟ ପ୍ରତି ଗାଁରେ ପ୍ରାଥମିକ ସ୍କୁଲ, କୋଠଘର, ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଠାକୁ ଯାଇ ଗୋଟିଏ ଶ୍ରେଣୀର ପିଲାଙ୍କୁ ଶିକ୍ଷକ ଶିକ୍ଷାଦାନ କରନ୍ତୁ। ଦୁଇ ଦିନ ଗୋଟିଏ ଗାଁରେ ଜଣେ ଶିକ୍ଷକ ରହି ଗଣିତ ପଢାଇଲା ପରେ ସେ ଆର ଗାଁକୁ ଚାଲିଯିବେ। ପୁଣି ସେହି ଗାଁକୁ ଇଂଲିଶ ଶିକ୍ଷକ ଯାଇ ଇଂଲିଶ ପଢାଇବେ। ଅଦଳବଦଳ କରି ଏକାଥରେ ଅନେକ କ୍ଲାସ କରି ହେବ। ୨୦୦ ପିଲାଙ୍କୁ ଏକାଥରେ ଗୋଟିଏ ଜାଗାରେ ବସାଇବାର ଆଉ ଆବଶ୍ୟକତା ପଡ଼ିବ ନାହିଁ। ଆଦିବାସୀବହୁଳ ଜିଲାଠାରୁ ଆରମ୍ଭ କରି ଉପକୂଳ ଜିଲାରେ ଏହା ଆରମ୍ଭ ହେଉ। ଶିକ୍ଷକ ଗାଁକୁ ଗାଁ ଯାଆନ୍ତୁ। ସେଠାରେ ରୁହନ୍ତୁ ଓ ପଢାନ୍ତୁ। ଗୋଟିଏ ଗାଁରେ ପଢା ସରିଲେ ଅନ୍ୟ ଗାଁକୁ ଯାଆନ୍ତୁ। ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଓ କୋଠଘରକୁ ଏକାଥରେ ଏହି କାମରେ ବ୍ୟବହାର କରାଯାଉ।

ସେହିପରି ଶିକ୍ଷକମାନେ ଯେଉଁ ନୋଟ୍ ଖରାଛୁଟିରେ ରହି ହ୍ୱାଟ୍‌ସଆପରେ ପଠାଇଛନ୍ତି, ସେମାନେ ଏବେ ତାହା ଜେରକ୍ସ କରି ପିଲାମାନଙ୍କୁ ଦିଅନ୍ତୁ। ପିଲାମାନଙ୍କ ଘରେ ନେଇ ଏହା ଦେଇହେବ। ଏଠାରେ ପ୍ରଶ୍ନ ଉଠିବ, ଜଣେ ଶିକ୍ଷକ କେତେବାଟ ବୁଲିବ କି? ମନେ କରନ୍ତୁ ବିଦ୍ୟାଳୟରେ ୬ଟି କ୍ଲାସ ଅଛି। ସେହି ବିଦ୍ୟାଳୟ ଅତି ବେଶିରେ ଦୁଇରୁ ଚାରିଟି ଗାଁକୁ ନେଇ ହୋଇଥିବ କିମ୍ବା ତା'ଠାରୁ କମ୍। ତେଣୁ ୬ ଜଣ ଯାକ ଶ୍ରେଣୀ ଶିକ୍ଷକ ପାଖ ଗାଁରେ ନେଇ ନୋଟ୍ ଦିଅନ୍ତୁ ଓ ପିଲାଙ୍କ ଅସୁବିଧା ବୁଝନ୍ତୁ। ସେଠାରେ ପଢାନ୍ତୁ। ପରଦିନ ଅନ୍ୟ ଶିକ୍ଷକ ଅଲଗା ବିଷୟର ନୋଟ୍ ନେଇ ଦିଅନ୍ତୁ ଓ ପଢାନ୍ତୁ। ଏଠି ପ୍ରଶ୍ନ ଉଠିବ- ଶିକ୍ଷକ କେତେ କାମ କରିବ କି? ଉତ୍ତରରେ କହିହେବ- ପିଲାଙ୍କୁ ପଢାଇବା ତ ଶିକ୍ଷକର କାମ। ଚାରି ମାସରୁ ଅଧିକ ସମୟ ଛୁଟିରେ ଗଲାଣି। ପୁଣି ବିଦ୍ୟାଳୟ କେବେ ଖୋଲିବ ତାହା ଜଣାନାହିଁ। ପୁଣି ଏଥର ମହାମାରୀ ଯୋଗୁ ସବୁଆଡ଼େ ସେମିତି ସ୍ଥିତି। ତେଣୁ ବିଦ୍ୟାଳୟ ଖୋଲିବା ପର୍ଯ୍ୟନ୍ତ ଓ ନିୟମିତ କ୍ଲାସ ଆରମ୍ଭ ହେବା ପର୍ଯ୍ୟନ୍ତ ଏହା ଚାଲୁ।

ଆଉ ଗୋଟେ କଥା। ଅନ୍‌ଲାଇନ କ୍ଲାସ ସମ୍ପର୍କରେ କଲେଜ ଶିକ୍ଷକମାନଙ୍କର ବି ଅଭିଜ୍ଞତା ନାହିଁ। ତେଣୁ ସ୍କୁଲ ଶିକ୍ଷକଙ୍କର ଆଦୌ ନ ଥିବ ବା ବହୁତ କମ୍ ଥିବ। ତେଣୁ ସରକାର ତାଙ୍କୁ ତାଲିମରେ ପଠାନ୍ତୁ। ଜୁମ କି ୱେବେକ୍ସ କି ଗୁଗଲ ମିଟରେ କେମିତି ପଢାଯିବ, ସେଥିନେଇ ତାଲିମ ଦିଅନ୍ତୁ। ଫଳରେ ଏ ଶିକ୍ଷାବର୍ଷରେ ୬୦ ଲକ୍ଷ ଛାତ୍ରୀଛାତ୍ର ଯେମିତି ଆଉ ସମସ୍ୟାର ସାମ୍ନା କରିବେ ନାହିଁ। ହେଲେ ଅଫ୍‌ଲାଇନ କ୍ଲାସ ଉପରେ ଗୁରୁତ୍ୱ ଦେବା ହିଁ ସମୟର ଆବଶ୍ୟକତା। ନ ହେଲେ ଅନ୍‌ଲାଇନ ବିଜ୍ଞାପନ ଓ ସରକାରୀ କମିଟି ଗଠନ ଭିତରେ ପିଲାଏ ପାଠ ପଢ଼ିପାରିବେ ନାହିଁ।

ସହକାରୀ ପ୍ରଫେସର
ଭାରତୀୟ ଜନସଞ୍ଚାର ସଂସ୍ଥାନ, ଢେଙ୍କାନାଳ
ମୋ-୯୪୩୭୦୮୦୦୪୮

## ଏଇ ଭାରତରେ

କୋଭିଡ୍-୧୯ ମହାମାରୀରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି ଶ୍ରମିକମାନେ। କାମଧନ୍ଦା ହରାଇ ଏମାନେ ରୋଜଗାରଶୂନ୍ୟ ହୋଇଯାଉଥିବାବେଳେ ଅରୁଣାଚଳ ପ୍ରଦେଶର ଆଇଏଏସ୍ ଅଧିକାରୀ ଦେବାଂଶ ଯାଦବ ହଜାର ହଜାର ମହିଳାଙ୍କୁ ବିଭିନ୍ନ ମାଧ୍ୟମରେ କାମ ଯୋଗାଇ ଦେଉଛନ୍ତି। ସେ ଏବେ ଚାଙ୍ଗଲାଙ୍ଗ ଜିଲାରେ ଡେପୁଟି କମିଶନର ଭାବେ କାର୍ଯ୍ୟ କରୁଛନ୍ତି। ସ୍ଥାନୀୟ ସ୍ୱୟଂସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡିକୁ ସଶକ୍ତ କରିବା ପାଇଁ ଦେବାଂଶ ସାନିଟାରୀ ପ୍ୟାଡ୍ ଓ ବାଉଁଶ ଫର୍ନିଚର ତିଆରି ୟୁନିଟ୍ ଆରମ୍ଭ କରିଛନ୍ତି। ଏପରି କି ତାଙ୍କ ଜିଲାର ବୋର୍ଡୁମସା ସର୍କଲର ଏକ ଏସ୍‌ଏଚ୍‌ଜି ୟୁନିଟ୍‌ରେ ମହିଳାମାନେ ସାନିଟାରୀ ପ୍ୟାଡ୍ ତିଆରି କରି କ୍ୱାରାଣ୍ଟାଇନ ସେଣ୍ଟରକୁ ଯୋଗାଇ ୩,୫୦,୦୦୦ ଟଙ୍କା ରୋଜଗାର କରିଛନ୍ତି। ପ୍ରତ୍ୟେକ ଏସ୍‌ଏଚ୍‌ଜିରେ ୧୦-୨୦ ଜଣଙ୍କୁ ସେ କାମ ଯୋଗାଇ ଦେଇଛନ୍ତି। ଏସ୍‌ଏଚ୍‌ଜିରେ ଶହ ଶହ ମହିଳା ବାଉଁଶ ଫର୍ନିଚର ତିଆରି କରି ଭଲ ରୋଜଗାର କରୁଛନ୍ତି। ଡିଉନ ଅଞ୍ଚଳରେ ଏକ ହାଟର ବ୍ୟବସ୍ଥା ମଧ୍ୟ କରିଛନ୍ତି, ଯେଉଁଠି କେବଳ ମହିଳାମାନେ ବିଭିନ୍ନ ଜିନିଷ ବିକ୍ରି କରୁଛନ୍ତି। ଜିଲାରେ ୧୦ଟି ଫୁଡ୍ ପ୍ରୋସେସିଂ ୟୁନିଟ୍ ସ୍ଥାପନ କରାଯାଇଛି ଓ ଏଥିରେ ମହିଳାମାନଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରଶାସନ କୃଷିଜାତ ଦ୍ରବ୍ୟ ସେମାନଙ୍କୁ ଯୋଗାଇ ଦେଉଛନ୍ତି, ଯାହାଦ୍ୱାରା ସେମାନେ ସହଜରେ କାମ କରି ଲାଭ ପାଇପାରୁଛନ୍ତି। ପ୍ଲାଷ୍ଟିକ ଶ୍ରେଡ୍ଡର ମେଶିନ୍‌ର ବ୍ୟବସ୍ଥା କରି ଲୋକମାନଙ୍କୁ ନିଯୁକ୍ତ କରିଛନ୍ତି ଦେବାଂଶ। ଏଥିରୁ ପ୍ରସ୍ତୁତ ପ୍ଲାଷ୍ଟିକକୁ ନ୍ୟାସନାଲ ହାଇୱେଜ୍ ଆଣ୍ଡ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭେଲପ୍‌ମେଣ୍ଟ କର୍ପୋରେଶନକୁ ବିକ୍ରି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଜୁଲାଇ ୧୯୯୫

- ତାମିଲ ଉଗ୍ରବାଦୀମାନେ ଉତ୍ତର ପୂର୍ବ ଶ୍ରୀଲଙ୍କାରେ ଏକ ଯାତ୍ରୀବାହୀ ବସ୍‌କୁ ଅପହରଣ କରି ସେଥିରେ ଥିବା ୧୦ ସୈନ୍ୟଙ୍କୁ ହତ୍ୟା କରିଛନ୍ତି।
- ଚେକ୍ ରିପବ୍ଲିକ୍‌ର ମହିଳା ପୋଲ ଭଲ୍ଟର ଡାନିଏଲ୍ ବାରଟୋଭା ୪.୧୪ ମିଟର ପୋଲଭଲଟିଂ କରି ନିଜ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱରେକର୍ଡ ଭଙ୍ଗ କରିଛନ୍ତି।

## ଚିରନ୍ତନୀ

ତରୁପୁଞ୍ଜ କି ଧିଆନେ ରହିଥିଲା ତବଧ
ଛାୟା ଅଙ୍ଗେ ଅଙ୍ଗ ଢାଳି, ନ ଥିଲା ତ ଶବଦ
ଜୋଛନାର ସଙ୍ଗତେ ମୃଦୁ ମଧୁ ହିଲ୍ଲୋଳ
ଦୂର ନଦୀ ବାଲୁକାରେ କରୁଥିଲା ବିକଳ,
ମନେ ମନେ ପୀରତିରେ ବଢୁଥିଲା ରଜନୀ
ତୁମେ କିମ୍ପା ଧୀର ପଦେ ଉଭାହେଲ ସଜନୀ!
(ଛନ୍ଦ ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

### ନଗର ଉନ୍ନୟନ ବିଭାଗର ଦୃଷ୍ଟିପଡୁ

ମହାଶୟ,

କରୋନା ମହାମାରୀ ବର୍ତ୍ତମାନ ବିଶ୍ୱ ପାଇଁ ଏକ ବଡ଼ ସମସ୍ୟା। ଏହାର ନିରାକରଣ ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ମୁଖ୍ୟତଃ ଜଳ, ବାୟୁ ହିଁ ଅନେକ ରୋଗର କାରଣ ହୋଇଥାଏ। ଆମ ଜଟଣୀ ମ୍ୟୁନିସିପାଲିଟିର ଖାମ୍‌ଖିଆଲ କାର୍ଯ୍ୟ ପାଇଁ ଆମ ସହର ବଜାରରେ ଏବଂ ଗାଁଗଣ୍ଡାରେ କୁଢ଼ କୁଢ଼ ମଇଳା ସାଙ୍ଗକୁ ଡ୍ରେନ୍‌ରେ ମଧ୍ୟ ଅଳିଆ ଆବର୍ଜନାମାନ ବହୁଦିନ ପଡ଼ିରହିଛି। ଲୋକମାନେ ଟିକସ ଦେଉଥିଲେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ। ଗାଁର ଲୋକମାନେ ପାଇଖାନାକୁ ସିଧାସଳଖ ନାଳ ସହ ସଂଯୋଗ କରିଥିଲେ ମଧ୍ୟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ କରୁନାହାନ୍ତି। ସ୍ୱଚ୍ଛଭାରତ ମିଶନ ମାଧ୍ୟମରେ ଲୋକମାନେ ନିଜ ହାତରୁ ପାଇଖାନା କରିଥିଲେ ମଧ୍ୟ ସେମାନଙ୍କ ପଇସା ବର୍ତ୍ତମାନ ସୁଦ୍ଧା ପାଇପାରି ନାହାନ୍ତି। ରାସ୍ତା କଡ଼ରେ ମାଛ, ମାଂସ ଆଦି ଖୋଲାମେଲାରେ ବିକୁଥିଲେ ମଧ୍ୟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଚୁପ୍ ହୋଇ ରହିଛନ୍ତି। ଛୋଟ ପିଲାମାନେ ସ୍କୁଲ ଯିବା ରାସ୍ତାରେ ଛେଳି, କୁକୁଡ଼ା ଆଦି କାଟିବାର ନିୟମ ନ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଏଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବେ। ନଚେତ୍ କେବଳ କରୋନା ନୁହେଁ, ଅନେକ ଭୟାନକ ରୋଗ ବ୍ୟାପିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ସରକାରୀ ଧାନ ମୂଲ୍ୟ ଓ ଅଭାବୀ ବିକ୍ରି

ଗଣମାଧ୍ୟମ ଖବରରୁ ଧାନର ମୂଲ୍ୟ ସରକାର ୧୮୬୮ ଟଙ୍କା ଧାର୍ଯ୍ୟ କରିଥିବା ଜାଣିବାକୁ ପାଇଲି। କିନ୍ତୁ ଆମ ପୂର୍ବ ସତ୍ୟବାଦୀର ସାହୁ ମହାଜନ କୁଇଣ୍ଟାଲ ୧୩୫୦ ଟଙ୍କାରେ କ୍ରୟ କରୁଥିବା ଖବର ଆଶ୍ଚର୍ଯ୍ୟଜନକ ନୁହେଁ କି? ଧାନ ମଣ୍ଡିରେ ଚାଷୀଙ୍କଠାରୁ ସବୁ ସମୟରେ ଧାନ କ୍ରୟକରାଯାଉ ନ ଥିବାରୁ ଏବଂ ବ୍ୟାଙ୍କ ଜରିଆରେ ଧାନ ବିକ୍ରୟ ଟଙ୍କା ଚାଷୀ ପାଉ ନ ଥିବା କାରଣରୁ ଲୋକେ ବାଧହୋଇ ଗ୍ରାମର ମହାଜନଙ୍କୁ ୧୩୫୦ ଟଙ୍କାରେ ବିକ୍ରି କରୁଛନ୍ତି। ଏହା ଦ୍ୱାରା କେତେ ଲାଭ କେତେ କ୍ଷତି ହେଉଛି ତାହା ଦେଖିବା ଉଚିତ ମନେ ହୁଏ।

ଶ୍ରୀରାମଚନ୍ଦ୍ର ଦାଶ, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କୋଭିଡ୍ ହସ୍ପିଟାଲ ସେବିକାଙ୍କ ବିକ୍ଷୋଭ

**କଟକ ଅଫିସ,୩।୭:** କୋଭିଡ୍ ହସ୍ପିଟାଲରେ କାମ କରିବା ପାଇଁ କଟକ ସିଡିଏମ୍ଓଙ୍କ କାର୍ଯ୍ୟାଳୟ ଦୈନିକ ପାରିଶ୍ରମିକରେ ପାରାମେଡିକାଲ କର୍ମଚାରୀଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇଛି। ଚୁକ୍ତି ଅନୁଯାୟୀ ଷ୍ଟାଫ୍ ନର୍ସଙ୍କୁ ଦୈନିକ ୧୦୦୦ ଟଙ୍କା ଲେଖାଏ ପାରିଶ୍ରମିକ ଦିଆଯିବ। କିନ୍ତୁ ଏବେ ମାସ ଶେଷରେ ଦରମା ପାଇଲା ବେଳକୁ ୧୧ ହଜାର ଟଙ୍କା କଟାଯାଇଥିବା ଅଶ୍ୱିନୀ କୋଭିଡ ହସ୍ପିଟାଲରେ କାମ କରୁଥିବା ସେବିକାମାନେ ଅଭିଯୋଗ କରିଛନ୍ତି। ପ୍ରତି ମାସରେ ୧୫ ଦିନ ଡ୍ୟୁଟି ସହ ୧୫ ଦିନ କ୍ୱାରାଣ୍ଟାଇନ କିମ୍ବା ଡ୍ୟୁଟି ରୋଟେସନ ଆଧାରରେ ୧୫ ଦିନ କୋଭିଡ ହସ୍ପିଟାଲରେ କାମ କରିବା ପରେ ବାକି ପନ୍ଦର ଦିନ ଅଣ କୋଭିଡ୍ ହସ୍ପିଟାଲରେ ଡ୍ୟୁଟି ପାଇଁ ସେମାନେ ଦାବି ଜଣାଇଛନ୍ତି। ଉପରୋକ୍ତ ହସ୍ପିଟାଲରେ ମିଳୁଥିବା ରହିବା ଓ ଖାଇବା ବ୍ୟବସ୍ଥାରେ ଅସନ୍ତୋଷ ବ୍ୟକ୍ତ କରି ଶୁକ୍ରବାର ୪୮ ଜଣ ସେବିକା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉପଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ସେଠାରେ ପହଞ୍ଚି ସମସ୍ୟା ବୁଝାଶୁଝା କରିଥିଲେ। ସମସ୍ୟା ସମାଧାନ ପ୍ରତିଶ୍ରୁତି ମିଳିବା ପରେ ସେବିକାମାନେ ଧାରଣାରୁ ଓହରିଛନ୍ତି।

### ତତ୍କାଳୀନ କୁଳପତିଙ୍କ ଆଦେଶ ରଦ୍ଦ
#### ପ୍ରଫେସରରୁ ରିଡର ର୍ୟାଙ୍କ୍‌କୁ ଡିଗ୍ରେଡେଶନ ମାମଲା

**କଟକ ଅଫିସ,୩।୭:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଗଣିତ ପ୍ରଫେସର ଡ. ଶୈଳେନ୍ଦ୍ର ନାୟକଙ୍କୁ ପ୍ରଫେସର ର୍ୟାଙ୍କ୍‌ରୁ ରିଡର୍ ର୍ୟାଙ୍କ୍‌କୁ ଡିଗ୍ରେଡେସନ୍ କରାଯାଇଥିଲା। ଏହି ନିଷ୍ପତ୍ତିକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶୁକ୍ରବାର ମାମଲାର ବିଚାରକରି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତିଙ୍କ ଆଦେଶକୁ ରଦ୍ଦ କରିଛନ୍ତି। ନୋଟିସ୍ ନ ଦେଇ କିମ୍ବା କୌଣସି ପ୍ରକାର ନିୟମ ନ ଥାଇ ଜଣେ ପ୍ରଫେସର୍‌ଙ୍କୁ ରିଡର୍ ର୍ୟାଙ୍କ୍‌କୁ ଖସାଇଦେବା ବେଆଇନ୍ ବୋଲି ନିର୍ଦ୍ଦେଶରେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଡ. ନାୟକଙ୍କୁ ୨୦୦୩ରେ ପ୍ରଫେସର୍‌ରୁ ରିଡର୍ ପଦବୀକୁ ଡିଗ୍ରେଡେସନ୍ କରାଯାଇଥିଲା। ତତ୍କାଳୀନ କୁଳପତି ଜାରି କରିଥିବା ଏହି ନିର୍ଦ୍ଦେଶକୁ ବିରୋଧ କରି ଡ. ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି ବେଳେ ହାଇକୋର୍ଟ ସେହି ସମୟରେ କୁଳପତିଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିଥିଲେ। ଶୁକ୍ରବାର ଶୁଣାଣି କରି ତତ୍କାଳୀନ କୁଳପତି ଜାରି କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି।

# ଅବହେଳା ପାଇଁ ଗୋଷ୍ଠୀ ସଂକ୍ରମଣ ସ୍ଥିତି

**ଭୁବନେଶ୍ୱର, ୩।୭(ବ୍ୟୁରୋ)**


ୟୁନିଟ୍-୧ ଅସ୍ଥାୟୀ ପରିବା ହାଟରେ ଶୁକ୍ରବାର ଦେଖାଦେଇଥିବା ଅସମ୍ଭାଳ ଭିଡ଼।

କରୋନା ମୁକାବିଲା ପାଇଁ ସବୁଠାରୁ ଅଧିକ କଟକଣା ଓ ନିର୍ଦ୍ଦେଶନାମା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଜାରି କରୁଛି। ହେଲେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ସଂକ୍ରମଣ ଥମିବାରେ ନାଁ ଧରୁନି। ଆରମ୍ଭରୁ ଢିଲା ପଦକ୍ଷେପ ଓ ଅବହେଳା ଯୋଗୁ ଏବେ ସ୍ଥିତି ପୂରା ବିଗିଡିବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ପୁଣି ହୁହୁ ହୋଇ ବଢ଼ିଚାଲିଥିବାବେଳେ ସହରର ବିଭିନ୍ନ ବସ୍ତି ଓ କଲୋନୀରେ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇଯାଇଥିବା ସ୍ଥିତି ଉପୁଜିଛି। ସହରର ହାଟ ଓ ବଜାରରେ ଗହଳିର ବାସ୍ତବତାକୁ ଦେଖିଲେ ବିଏମ୍‌ସିର ଅବହେଳା ସହଜରେ ବାରି ହୋଇଯାଉଛି। ସାମାଜିକ ଦୂରତ୍ୱ ଆଦୌ ନ ଥିବାବେଳେ ଜଗିବାକୁ ବା ସଚେତନ କରିବାକୁ ସତେଯେମିତି କାହାର ଚିନ୍ତା ନାହିଁ। ଯେଉଁଠି ସଂକ୍ରମଣ ନେଡ଼ିଗୁଡ଼ କହୁଣିକୁ ବୋହିଯାଉଛି ସେଇଠି ଅଧିକାରୀମାନେ ଅଣ୍ଟାଭିଡିବାବେଳକୁ ଲୋକଙ୍କ ଜୀବନ ବିପଦମୁହଁକୁ ଚାଲିଯାଉଛି। ଅନ୍ୟପକ୍ଷରେ ବିଏମ୍‌ସି ପକ୍ଷରୁ ସହରର ଜନସଂଖ୍ୟା ଅନୁଯାୟୀ ଆବଶ୍ୟକ ସଂଖ୍ୟକ ମାଗଣା କ୍ୱାରାଣ୍ଟାଇନ୍ ସେଣ୍ଟର ନାହିଁ। ହୋମ୍ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା କରି ଉଭୟ ଖର୍ଚ୍ଚ ଓ ଦାୟିତ୍ୱ ବୋଝ ଖସାଇ ଦେଇଛି ବିଏମ୍‌ସି। ହେଲେ ସନ୍ଦିଗ୍ଧମାନେ ହୋମ୍ କ୍ୱାରାଣ୍ଟାଇନ୍ ଗାଇଡ୍‌ଲାଇନ୍ ଠିକ୍ ଭାବେ ପାଳନ କରୁ ନ ଥିବାରୁ ପରିବାରରୁ ପଡୋଶୀ ଓ ଗୋଷ୍ଠୀ ସଂକ୍ରମଣ ହୋଇଯାଉଛି। ପ୍ରତିଦିନ ଏଭଳି ଘଟଣା ନଜରକୁ ଆସୁଥିଲେ ମଧ୍ୟ ସହରରେ ଏଯାଏ ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବା କହି ବିଏମ୍‌ସିର ଅଧିକାରୀମାନେ ଦୋଷ ଖସାଇବାରେ ଲାଗିଛନ୍ତି। ସ୍ଥିତି ସମ୍ପର୍କରେ ବିଏମ୍‌ସି କମିଶନର ପ୍ରେମଚାନ୍ଦ ଚୌଧାରୀଙ୍କୁ ପଚାରିବାରେ ସେ ଗୋଷ୍ଠୀ ସଂକ୍ରମଣ ରୋକିବା ନେଇ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ବୋଲି କହିଛନ୍ତି।

**ରାଜଧାନୀରେ ସ୍ଥିତି ଗମ୍ଭୀର**
- ସାମାଜିକ କଟକଣା ଲଗାଇ ଶୋଇଛନ୍ତି ଅଧିକାରୀ
- ହାଟ, ବଜାରରେ ଅଣନିଃଶ୍ୱାସୀ ଗହଳି
- ଆଉ ୨୪ ପଜିଟିଭ୍, ୪ ସ୍ଥାନୀୟ ସଂକ୍ରମିତ
- ୩୬୯ରେ ପହଞ୍ଚିଲାଣି ଆକ୍ରାନ୍ତଙ୍କ ସଂଖ୍ୟା

ଶୁକ୍ରବାର ବିଏମ୍‌ସି ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ, ଭୁବନେଶ୍ୱରରୁ ଆଉ ୨୪ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨୦ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବାବେଳେ ୪ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସବୁଠୁ ବଡ଼ କଥା ହେଲା, ହୋମ୍ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ଅଧିକାଂଶ ବ୍ୟକ୍ତି ପୁରୁଣା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଏହି ପୁରୁଣା ଆକ୍ରାନ୍ତମାନେ ପଡୋଶୀ, ଘରର ସଦସ୍ୟ ଓ ସମ୍ପର୍କୀୟ ବୋଲି ଜଣାପଡିଛି। ଏମାନଙ୍କୁ ମିଶାଇଲେ ଭୁବନେଶ୍ୱରରେ ବର୍ତ୍ତମାନ ୩୬୯ଜଣ ସଂକ୍ରମଣର ଶିକାର ହୋଇଛନ୍ତି।

ବିଏମ୍‌ସିର ସୂଚନାନୁସାରେ, ହୋମ୍ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟଙ୍କ ମଧ୍ୟରେ ଏୟାରପୋର୍ଟ କଲୋନୀରୁ ଜଣେ ୨୮ ବର୍ଷୀୟ ଯୁବକ, କୋଳଥିଆର ପିପିଏଲ୍ କଲୋନୀରୁ ଜଣେ ୩୭ ବର୍ଷୀୟ ପୁରୁଷ, ସାଲିଆସାହି ଶ୍ରୀକ୍ରିଷ୍ଣା ନଗରରୁ ୨ ଜଣ (୩୮ ଓ ୪୦ ବର୍ଷୀୟ ପୁରୁଷ), ଅନ୍ୟ ଜିଲାରୁ ଆସି ସଙ୍ଗରୋଧରେ ଥିବା ୨ଜଣ (୪୨ ଓ ୧୮ ବର୍ଷୀୟ ପୁରୁଷ), ଶୈଳଶ୍ରୀ ବିହାର ଫେଜ୍-୭ରୁ ଜଣେ ୨୮ ବର୍ଷୀୟା ମହିଳା, ବରମୁଣ୍ଡା ହାଉସିଂବୋର୍ଡ କଲୋନୀରୁ ଜଣେ ୪୦ ବର୍ଷୀୟା ମହିଳା, ମଞ୍ଚେଶ୍ୱରରୁ ୯ଜଣ (ସମସ୍ତେ ପୁରୁଷ ଓ ଅଧିକାଂଶ ଯୁବକ), ନୟାପଲ୍ଲୀ ବାଲିତୋଟାସାହି ବସ୍ତିରୁ ଜଣେ ୨୬ ବର୍ଷୀୟ ଯୁବକଙ୍କ ସମେତ ୨ଜଣ ସରକାରୀ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ୪ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ୩ ଜଣ ଏକ ଘରୋଇ ହସ୍ପିଟାଲର କର୍ମଚାରୀ ହୋଇଥିବାବେଳେ ଜଣେ ଖଣ୍ଡଗିରି ଅଞ୍ଚଳର ବୋଲି ଜଣାପଡ଼ିଛି।

# ରାଜଧାନୀରେ ଆଉଏକ ମୁଣ୍ଡ ନେଲା କରୋନା
## ନୂଆଗାଁକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ରାଜଧାନୀରେ ଏବେ ଆଉଏକ ମୁଣ୍ଡ ନେଇଛି ମହାମାରୀ କରୋନା। ମୃତକଙ୍କ ଘର ନୂଆଗାଁ ଅଞ୍ଚଳରେ ହୋଇଥିବାବେଳେ ସେ କିଛିଦିନ ତଳେ ପଜିଟିଭ୍ ଚିହ୍ନଟ ହେବା ପରେ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଶନିବାର ଏନେଇ ବିଏମ୍‌ସି ପକ୍ଷରୁ ବିଧିବଦ୍ଧ ଭାବେ ସୂଚନା ଦିଆଯିବା ସହ କରୋନା ମୃତ୍ୟୁ ତାଲିକାରେ ମୃତକଙ୍କ ନାମ ଯୋଡ଼ାଯିବ ବୋଲି ଜଣେ ଅଧିକାରୀ ନାମ ଗୋପନ ରଖି ଜଣାଇଛନ୍ତି। ଏହାକୁ ମିଶାଇଲେ ରାଜଧାନୀରେ କରୋନା ମୃତ୍ୟୁ ସଂଖ୍ୟା ୫ରେ ପହଞ୍ଚିଛି। ତେବେ ସାମନ୍ତରାପୁର ନିକଟ ଓ ନୂଆଗାଁ ରାଜସ୍ୱ ଗ୍ରାମ ଅଞ୍ଚଳରେ ୧୦ କରୋନା ଆକ୍ରାନ୍ତ ଚିହ୍ନଟ ହେବା ଏବଂ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାରୁ ଉକ୍ତ ଅଞ୍ଚଳକୁ ବିଏମ୍‌ସି କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛି। କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ କହିଛନ୍ତି, ନୂଆଗାଁ ହୋମିଓପ୍ୟାଥିକ୍ ଚିକିତ୍ସାଳୟରୁ ଲକ୍ଷ୍ମୀଧର ସାହୁ ଓ ଭୁବନାନନ୍ଦ ଜେନାଙ୍କ ଘର, ଏଠାରୁ ସୁଦର୍ଶନ ସାହୁ ଓ ଶଙ୍କର ସାହୁଙ୍କ ଘର ଦେଇ ହୋମିଓପ୍ୟାଥିକ୍ ଚିକିତ୍ସାଳୟ ଯାଏ ରାସ୍ତାକୁ ସିଲ୍ କରାଯାଇଛି। ଏହି ଅଞ୍ଚଳରେ ସମସ୍ତ ଦୋକାନ ବଜାର ଓ କାର୍ଯ୍ୟାଳୟ ବନ୍ଦ କରାଯାଇଛି। ଲୋକଙ୍କ ସୁବିଧା ପାଇଁ ବିଏମ୍‌ସି ସମସ୍ତ ବ୍ୟବସ୍ଥା କରିଛି। ଏହି ଅଞ୍ଚଳରୁ ବହୁ ନମୁନା ପରୀକ୍ଷା ପାଇଁ ଯାଇଥିବାରୁ ଆହୁରି ପଜିଟିଭ୍ ଚିହ୍ନଟ ହେବେ ବୋଲି ଆଶଙ୍କା କରାଯାଉଛି।

# ଭୁବନେଶ୍ୱରକୁ ବାହାର ରାଜ୍ୟ ଶ୍ରମିକ ମନା

**ଭୁବନେଶ୍ୱର, ୩।୭(ବ୍ୟୁରୋ):** ବାହାର ରାଜ୍ୟରୁ ବହୁ ସଂକ୍ରମିତ ଶ୍ରମିକ ଭୁବନେଶ୍ୱର ଆସି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏମାନଙ୍କ ମଧ୍ୟରୁ ୩୪ଜଣ ଶ୍ରମିକ କରୋନା ସଂକ୍ରମିତ ହେବାପରେ ବିଏମ୍‌ସିର ଚିନ୍ତା ପଶିଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ଭିତରୁ ଓ ବାହାରୁ ରାଜଧାନୀକୁ ଶ୍ରମିକ ଆଣି କାମ କରିବାକୁ ବିଏମ୍‌ସି ଶୁକ୍ରବାର ବାରଣ କରିଛି। ଏହାସହିତ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ରାଜ୍ୟ ବାହାରୁ ଶ୍ରମିକ ଆଣିବେ ସେମାନଙ୍କୁ ନିଶ୍ଚିତ ଭାବେ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରଖିବା ସହ ଲକ୍ଷଣ ଦେଖାଦେଲେ ନିଜ ଖର୍ଚ୍ଚରେ କୋଭିଡ ପରୀକ୍ଷା କରାଇବେ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଲୋକଙ୍କ ସୁରକ୍ଷା ଓ ସଂକ୍ରମଣ ରୋକିବା ପାଇଁ ଏପରି କଟକଣା ଜାରି କରାଯାଇଛି। ସେହିପରି ରାଜ୍ୟର ହଟ୍‌ସ୍ପଟ ଜିଲା ଗଞ୍ଜାମ, ଗଜପତି, ବାଲେଶ୍ୱର, କଟକ ଓ ଯାଜପୁରରୁ ରାଜଧାନୀକୁ ଶ୍ରମିକଙ୍କୁ ନ ଆଣିବାକୁ କୁହାଯାଇଛି।

**ବାହାର ରାଜ୍ୟର ୩୪ ଶ୍ରମିକ ସଂକ୍ରମିତ**

# ସବୁଜ ସାହିତ୍ୟର ଶ୍ରେଷ୍ଠ ବିନ୍ଧାଣି ଥିଲେ କାଳିନ୍ଦୀଚରଣ

**କଟକ ଅଫିସ,୩।୭**


କଟକସ୍ଥିତ ସାରଳା ଭବନରେ ଆୟୋଜିତ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ।

ସବୁଜ ସାହିତ୍ୟର ଶ୍ରେଷ୍ଠ ବିନ୍ଧାଣୀ ଥିଲେ କାଳିନ୍ଦୀ ଚରଣ ପାଣିଗ୍ରାହୀ। ଫକୀର ମୋହନ ସେନାପତିଙ୍କ ପରେ ସେ ଓଡ଼ିଆ ସାହିତ୍ୟକୁ ନୂତନ ଦିଶା ଦେଇଛନ୍ତି। ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ଗୁରୁବାର ଆୟୋଜିତ ପ୍ରଖ୍ୟାତ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ୧୧୯ତମ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହଦେବ ସାହୁ ଏହି ମତ ରଖିଛନ୍ତି। ମୁଖ୍ୟବକ୍ତା ଥିବା ଡ. ବୈଷ୍ଣବ ଚରଣ ସାମଲ କହିଥିଲେ ଯେ, କାଳିନ୍ଦୀ ଚରଣ ଓଡ଼ିଆ ସାହିତ୍ୟର ଜଣେ କ୍ରାନ୍ତିକାରୀ ସ୍ରଷ୍ଟା। ତାଙ୍କ ରଚିତ କାଳଜୟୀ ଉପନ୍ୟାସ 'ମାଟିର ମଣିଷ' ତାଙ୍କୁ ଭାରତବର୍ଷରେ ପରିଚୟ ଦେଇଛି। ସଂସଦର ପ୍ରତିଷ୍ଠାତା ତଥା ସଭାପତି ଡ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ ଯେ, ମନୁଷ୍ୟ ଜୀବନର ସ୍ୱପ୍ନ ଓ ସମ୍ଭାବନା ସହ ବାସ୍ତବବାଦର ସମନ୍ୱୟ ତାଙ୍କ ସୃଷ୍ଟିକୁ ସର୍ବକାଳୀନ କରିଛି। ଅନ୍ୟମାନଙ୍କ ମଧ୍ୟରେ ଡା. ନୀରଦ ଗୋଚ୍ଛାୟତ, ଡା. ନିମାଇଁ ଚରଣ ପରିଜା, ଡା. ନିରଞ୍ଜନ ତ୍ରିପାଠୀ, ସଞ୍ଜିତ ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିପରି ଉତ୍କଳ ପୂଜନ ପରିଷଦ ଓ ବିଦ୍ୟା ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ବରାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କାଳିନ୍ଦୀଙ୍କ ଜୀବନୀ ଓ ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବିଚିତ୍ରାନନ୍ଦ ସ୍ୱାଇଁ, ଶ୍ୟାମସୁନ୍ଦର ସାମଲ, ଡ. ଅର୍ଦ୍ଧେନ୍ଦୁ ଶେଖର ଭୋଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୩।୭:** ୮ଦଫା ଦାବି ଏବଂ ତୈଳ ଦର ବୃଦ୍ଧି ପ୍ରତିବାଦରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ନୀତିକୁ ବିରୋଧ କରିବା ସହ ତୈଳ ବୃଦ୍ଧି ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ପ୍ରବାସୀ ଓଡ଼ିଆଙ୍କ ସମେତ ସାଧାରଣ ପରିବାରକୁ ୬ ମାସ ପର୍ଯ୍ୟନ୍ତ ମାଗଣା ୧୦କେଜି ଚାଉଳ ଓ ଗହମ ଦିଆଯାଉ। ଏଥିସହ ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ବର୍ଷକୁ ୨ଶହ ଦିନ କାମ ଏବଂ ରାଷ୍ଟ୍ରାୟତ୍ତ ଶିଳ୍ପର ଅଂଶଧନ ବିକ୍ରି ଏବଂ ବିଦେଶୀ ପୁଞ୍ଜି ବିନିଯୋଗ ବନ୍ଦ କରାଯାଉ ବୋଲି ଦାବି କରିଥିଲେ। ଏଥିରେ ସିଟୁ ଓ ଏଆଇସିଟୁୟୁ ପକ୍ଷରୁ ଅନନ୍ତ ପ୍ରହରାଜ, ଶୈଳେଶ ବଳିୟାରସିଂ, ଗିରିଶ ମହାରଣା, ଶଙ୍କର୍ଷଣ ପ୍ରଧାନ, କିଶୋର ଚନ୍ଦ୍ର ପରମଗୁରୁ, ରାଜକିଶୋର ପ୍ରଧାନ, ପୀତବାସ ବାରିକ, ଅଶୋକ ସାହୁଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

# ପୁରୀରେ ହେବ ସାପ୍ତାହିକ ଶଟ୍‌ଡାଉନ

**ପୁରୀ ଅଫିସ,୩।୭:** ଜୁଲାଇ ମାସ ଆମ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ରହିବ। ଏଥିପାଇଁ ଜିଲାବାସୀଙ୍କୁ ସତର୍କ ରହିବାକୁ ହେବ। ଶୁକ୍ରବାର ଜିଲାରେ ୧୭ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ସ୍ଥାନୀୟ ଲୋକ ରହିଥିବା ବେଳେ ୧୪ ଜଣ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ତେଣୁ ସରକାରଙ୍କ ପକ୍ଷରୁ ଘୋଷିତ ଶଟ୍‌ଡାଉନ ତାଲିକାରେ ଯଦିଓ ପୁରୀ ଜିଲା ନାହିଁ କିନ୍ତୁ ଜୁଲାଇରେ ପୁରୀରେ ସାପ୍ତାହିକ ଶଟ୍‌ଡାଉନ ରହିବ। ଗତ ୧ ଓ ୨ ତାରିଖ ଜିଲା ଶଟ୍‌ଡାଉନ ଥିବାରୁ ୪ ଓ ୫ ତାରିଖ ଏହା ଲାଗୁ କରାଯିବ ନାହିଁ। ମାତ୍ର ଚଳିତ ମାସର ଅନ୍ୟ ଶନିବାର ଓ ରବିବାର ସାପ୍ତାହିକ ଶଟ୍‌ଡାଉନ ବଳବତ୍ତର ରହିବ ବୋଲି ଜିଲାପାଳ ବଳଓ୍ୱନ୍ତ ସିଂ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ଆହୁରି ସେ କହିଛନ୍ତି, ସହରରେ ଯେପରି କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡ଼ି ପାଳନ କରାଯିବ ସେନେଇ ଶନିବାରଠାରୁ ସଚେତନ କରାଯିବ। ମାସ୍କ ନ ପିନ୍ଧିଲେ ଏବଂ ଦୋକାନ କିମ୍ବା ପରିବା ବଜାରରେ ସାମାଜିକ ଦୂରତା ନ ରଖିଲେ ଜରିମାନା ଆଦାୟ କଡ଼ାକଡ଼ି ହେବ। ଏଥିପାଇଁ ୫ଟି ସ୍କ୍ୱାଡ୍ ବୁଲିବେ। ସେହିପରି ୩୨ଟି ୱାର୍ଡ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩୨ଟି ଟିମ୍ ଗଠନ ହେବ। ଏହି ଟିମ୍ ଘର ଘର ବୁଲି ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବେ। କାହା ପାଖରେ କୌଣସି ଲକ୍ଷଣ ଦେଖାଗଲେ ସେ ନେଇ ପଦକ୍ଷେପ ନିଆଯିବ ସାଧାରଣ କୌଣସି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗହଳି ନ କରି ଆଖପାଖରେ ଥିବା ସିଏଚ୍‌ସି, ପିଏଚ୍‌ସିକୁ ଯାଇ ଔଷଧ ନେବାକୁ ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ବାହୁଡ଼ା ଦିନ ପୁରୀରୁ ୧୨ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ପରେ ୭୦ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଯାଇଥିଲା। ସେଥିମଧ୍ୟରୁ ସମସ୍ତଙ୍କର ନେଗେଟିଭ ରହିଛି। ରଥଯାତ୍ରାରେ ପୁରୀବାସୀ ଯେଉଁଭଳି ଭାବେ ପ୍ରଶାସନକୁ ସହଯୋଗ କରିଛନ୍ତି ସେଥିପାଇଁ ଜିଲାବାସୀଙ୍କୁ ଜିଲାପାଳ ଧନ୍ୟବାଦ ଦେଇଛନ୍ତି।

**ପୁଣି ୧୭ କରୋନା ପଜିଟିଭ ଚିହ୍ନଟ**

# ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜୀବିକା ମିଶନରେ ଥଇଥାନ ହେବେ ପ୍ରବାସୀ


ସମୀକ୍ଷା ବୈଠକରେ ଆରଡିସି ଅନିଲ କୁମାର ସାମଲ, ଜିଲାପାଳ ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୩।୭**

ଖୋର୍ଦ୍ଧା ଜିଲାରେ କୋଭିଡ୍ ପରିଚାଳନା ଓ ପ୍ରବାସୀ ଓଡ଼ିଆଙ୍କ ଥଇଥାନ ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରବାସୀଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନଆରଇଜିଏସ୍) ଓ ଜୀବିକା ମିଶନ ଜରିଆରେ କାମ ଯୋଗାଇ ଦିଆଯିବ। କୁଶଳୀ ଶ୍ରମିକଙ୍କୁ ବିଭିନ୍ନ ସଂସ୍ଥାରେ ନିର୍ମାଣ କାର୍ଯ୍ୟରେ ନିୟୋଜନ ଉପରେ ଆରଡିସି ସାମଲ ଗୁରୁତ୍ୱ ଦେଇଥିଲେ। ଏହା ସହ କୋଭିଡ୍ ପରିଚାଳନା କମିଟି ଗଠନ, କୋଭିଡ୍ କେୟାର ହୋମ ଓ କ୍ଲଷ୍ଟର ଏବଂ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର (ଟିଏମ୍‌ସି) କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ପରେ ନନ୍ଦପୁର କ୍ଲଷ୍ଟର ଟିଏମ୍‌ସି ପରିଦର୍ଶନ କରିବା ସହ ଜିଲା ପ୍ରଶାସନ ସହ ଆଲୋଚନା କରିଥିଲେ।

ଏହିଅବସରରେ ଜିଲାପାଳ ଶୀତାଂଶୁ କୁମାର ରାଉତ କହିଛନ୍ତି, ଖୋର୍ଦ୍ଧା ଜିଲା(ଭୁବନେଶ୍ୱରକୁ ବାଦ୍ ଦେଇ)ରେ ଜୁଲାଇ ୧ ସୁଦ୍ଧା ୯୮୧୦ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୯୧୩୫ ରିପୋର୍ଟ ଆସିଛି। ସେଥିମଧ୍ୟରୁ ୮୭୯୮ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା ବେଳେ ୩୩୭ଜଣ ପଜିଟିଭ୍ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୭୩ଜଣ ସୁସ୍ଥ ହୋଇ ଫେରିଛନ୍ତି। ୬୪ ଆକ୍ଟିଭ କେସ ରହିଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଜିଲାରେ ସର୍ଭେ କାର୍ଯ୍ୟ ଜାରି ରହିଛି। ଜିଲାରେ ୨୬୯ ଟିଏମସି ଏବଂ ୬୮ ଅଣଟିଏମ୍‌ସି ରହିଛି। ପ୍ରତିପଞ୍ଚାୟତରେ କୋଭିଡ୍ କେୟାର ହୋମ ଏବଂ କୋଭିଡ୍ ପରିଚାଳନ କମିଟି ଗଠନ କରାଯିବ ବୋଲି ଜିଲାପାଳ ରାଉତ କହିଛନ୍ତି। ସେହିପରି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ(ଡିଆରଡିଏ)ଦିଗନ୍ତ ରାଉତରାୟ କହିଛନ୍ତି, ପ୍ରବାସୀମାନେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଫେରିବା ପରେ ପ୍ରତ୍ୟେକଙ୍କୁ ୨ହଜାର ଟଙ୍କା ପ୍ରଦାନ କରାଯାଇଛି। ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଲାଗି ଯୋଜନା ଚାଲିଛି। କୋଭିଡ୍ ପରିଚାଳନା ଲାଗି ଜିଲା ଓ ବ୍ଲକ ସ୍ତରରେ ରିସୋର୍ସ ଟିମ୍ ଗଠନ କରାଯାଇଛି। ଗ୍ରାମ୍ୟ ଓ ୱାର୍ଡସ୍ତରୀୟ କମିଟି ଗଠନ କରାଯିବ। ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବିଶ୍ୱରଞ୍ଜନ ପତିଙ୍କ ସମେତ ଜନସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ।

**ଆରଡିସିଙ୍କ ସମୀକ୍ଷା ବୈଠକ**
- କୋଭିଡ୍ ପରିଚାଳନା କମିଟି, କେୟାର ହୋମ ଗଠନ ଉପରେ ଗୁରୁତ୍ୱ
- ଗଠନ ହେବ ଜିଲା, ବ୍ଲକ, ଗ୍ରାମ୍ୟ ଓ ୱାର୍ଡସ୍ତରୀୟ କମିଟି


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

କୋଭିଡ୍-19 (ସ୍ପେଶାଲ ଋଣ ଅଫର)
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ଛାଡ଼
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
079061-42337
094682-97482
ADDRESS: T-51, GAUTAMPURI, DELHI

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

BALAJI FINANCE LIMITED
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

FINANCE
ପଇସା ଆମର କାମ ତମର
SREE Vinayak capital
ବ୍ୟକ୍ତିଗତ ସମ୍ପତ୍ତି, ଶିକ୍ଷା, ଆଧାରକାର୍ଡ ଉପରେ କେବଳ ୨୪ ଘଣ୍ଟା ଭିତରେ 3 % ବର୍ଷକୁ ସୁଧରେ ଋଣ ଯୋଗାଇ ଦେଉଛି। ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଲାଭ
2nd Floor, Block-B, Ansal Complex Boring Road, Patna-3
8570815828
8376093742

BUSINESS
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com

ଖର୍ଚ୍ଚ ଋଣରୁ କଟିବ
HDB FINANCE
ନ୍ୟାଶନାଲ ଅୱାର୍ଡ ଭାରତର ନଂ.1 କମ୍ପାନୀ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ, ଆଦି ସବୁ ଋଣ
2% ସୁଧ 40% ଛାଡ଼
ଋଣ ଧମାକା
ମହିଳା, ସରକାରୀ କର୍ମଚାରୀଙ୍କୁ ବିଶେଷ ରିହାତି
94572-93387
94572-94728
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
REG. NO. U6519TN198PLC00855
ପର୍ସନାଲ, ଏଗ୍ରିକଲ୍ଚର, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ସବୁ ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
77519-71907
73765-91521
H.No. 12, Sohana Distt. Mohali

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଲକ୍‌ଡାଉନକୁ କୋହଳ କରାଯାଇଥିବା ବେଳେ ବଲିଉଡ୍ ସେଲିବ୍ରିଟିଙ୍କ ସମେତ ଅନେକ ଲୋକ କାମ ପାଇଁ ବାହାରକୁ ଯିବା ଆରମ୍ଭ କରିଛନ୍ତି। ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ ବାହାରକୁ ଯିବାବେଳେ ତାଙ୍କର ଫଟୋ ନିଆଯାଇଛି। ସାରାଙ୍କୁ ତାଙ୍କ ପିତା ସୈଫ୍ ଅଲି ଖାନ୍‌ଙ୍କ ବାସଭବନ ବାହାରେ ଦେଖିବାକୁ ମିଳିଥିଲା। ସେ ଏକ ସୁନ୍ଦର କୁର୍ତ୍ତା ପିନ୍ଧିଥିଲେ। ୱାର୍କ ଫ୍ରଣ୍ଟରେ ସାରାଙ୍କୁ ଶେଷ ଥର ପାଇଁ କାର୍ତ୍ତିକ ଆର୍ଯ୍ୟନଙ୍କ ସହ 'ଲଭ୍ ଆଜ୍ କଲ୍' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା।

# 'ସୁପର ଆନାକୋଣ୍ଡା' ପରେ 'ଶେଷନାଗ'

**ଭାରତୀୟ ରେଳ ମନ୍ତ୍ରଣାଳୟ ପ୍ରଚେଷ୍ଟାରେ ଗତମାସରେ ଟ୍ରାକ୍‌ରେ ଗଡ଼ିଥିଲା ସବୁଠାରୁ ଲମ୍ବା ଟ୍ରେନ୍ 'ସୁପର ଆନାକୋଣ୍ଡା'। ମାତ୍ର କେଇଟା ଦିନରେ ଏହି ରେକର୍ଡ ଭାଙ୍ଗିଛି। 'ସୁପର ଆନାକୋଣ୍ଡା'ଠାରୁ ଅଧିକ ଲମ୍ବା ଟ୍ରେନ୍ ଟ୍ରାକ୍‌ରେ ଗଡ଼ି ନୂଆ ରେକର୍ଡ ସୃଷ୍ଟି କରିଛି, ଯାହାର ନାମ 'ଶେଷନାଗ'।**



ଟ୍ରାକ୍‌ରେ ଗଡ଼ିଲା ସବୁଠୁ ଲମ୍ବା ଟ୍ରେନ୍

**ନୂଆଦିଲ୍ଲୀ:** ଯାତ୍ରୀଗଣ...ଏହି ଶବ୍ଦ ଉଚ୍ଚାରଣ ହେବା ମାତ୍ରକେ ଆଖି ଆଗରେ ଭାସିଉଠେ ଭାରତୀୟ ରେଳସେବାର ଚିତ୍ର। ତେବେ କରୋନାଜନିତ ଲକ୍‌ଡାଉନ୍ ଯୋଗୁ ସବୁଠାରୁ ବେଶି ପ୍ରଭାବିତ ହୋଇଛି ଟ୍ରେନ୍ ସେବା। ତଥାପି କରୋନା ଆତଙ୍କ ଭିତରେ ମଧ୍ୟ ରେଳ ବିଭାଗ ନୂଆ ପରିକଳ୍ପନାକୁ ବାସ୍ତବ ରୂପ ଦେଉଛି। ଗତ ମାସରେ 'ସୁପର ଆନାକୋଣ୍ଡା' ନାମରେ ରେଲୱେ ଟ୍ରାକ୍‌ରେ ଗଡ଼ିଥିଲା ୨ କିଲୋମିଟର ବିଶିଷ୍ଟ ଲମ୍ବା ଟ୍ରେନ୍। ରେଲୱେ ଇତିହାସରେ ସୃଷ୍ଟି ହୋଇଥିବା ଏହି ରେକର୍ଡକୁ ଭାଙ୍ଗିଛି 'ଶେଷନାଗ'। ୨.୮ କିମି ଲମ୍ବ ବିଶିଷ୍ଟ ଏହି ଟ୍ରେନ୍ ଧାରଣାରେ ଗଡ଼ିବା ସହ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି।

ଦକ୍ଷିଣ ପୂର୍ବ ସେଣ୍ଟ୍ରାଲ ରେଲୱେ ପକ୍ଷରୁ ଏଭଳି ଲମ୍ବା ଟ୍ରେନ୍ ଚଳାଇବାକୁ ଯୋଜନା କରାଯାଇଥିଲା। ଭାରତୀୟ ରେଳ ମନ୍ତ୍ରଣାଳୟ ପକ୍ଷରୁ ଅଦ୍ୟାବଧି ଚାଲୁଥିବା ସମସ୍ତ ଟ୍ରେନ୍ ମଧ୍ୟରେ 'ଶେଷନାଗ' ସବୁଠୁ ଅଧିକ ଲମ୍ବା। ୨୫୧ ଖାଲି ମାଲବାହୀ ୱାଗନକୁ ନେଇ ଟ୍ରାକ୍‌ରେ ଏହି ଟ୍ରେନ୍ ଗଡ଼ିଥିଲା। ଏଥିରେ ମୋଟ ୪ ଇଲେକ୍ଟ୍ରିକ୍ ଲୋକୋମିଟର, ୪ ଇଞ୍ଜିନ ଏବଂ ୪ ଗାର୍ଡ ଭ୍ୟାନ୍ ସଂଯୋଗ କରାଯାଇଥିଲା। ଏଥିପୂର୍ବରୁ ଓଡ଼ିଶାରେ ଗଡ଼ିଥିବା ୧୭୭ ୱାଗନ୍ ବିଶିଷ୍ଟ 'ସୁପର ଆନାକୋଣ୍ଡା'ରେ ୩ଟି ଲୋକୋମିଟର ଉପଯୋଗ କରାଯାଇଥିଲା। ଗୋଟିଏ ଲୋକୋମିଟର ଟ୍ରେନ୍ ମଝିରେ ଖଞ୍ଜାଯାଇଥିଲା। ନାଗପୁର ଡିଭିଜନରୁ ବାହାରି ଥିବା ଏହି ଟ୍ରେନ୍ କୋର୍‌ବାରେ ଯାତ୍ରା ଶେଷ କରିଥିଲା। ୨୬୦ କିମି ଦୂରତା ଅତିକ୍ରମ କରିବାକୁ ଏହା ପାଖାପାଖି ୬ ଘଣ୍ଟା ସମୟ ନେଇଥିଲା।

କରୋନା ସଙ୍କଟ ସମୟରେ ଭାରତରେ ସମସ୍ତ ଟ୍ରେନ୍ ଯାତାୟାତ କରୁନାହିଁ। ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରୁଥିବା ଅନେକ ରୁଟ୍‌ରେ ପରିବର୍ତ୍ତନ କରାଯାଇଛି। ତେବେ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା 'ସୁପର ଆନାକୋଣ୍ଡା' ଏବଂ ଶେଷନାଗ' ଟ୍ରେନ୍‌କୁ ନିୟମିତ ଚଳାଇବା କଷ୍ଟକର ବ୍ୟାପାର। କାରଣ ଭାରତରେ ଏପରି ଟ୍ରେନ ରହଣି ପାଇଁ ସ୍ୱତନ୍ତ୍ର ଷ୍ଟେଶନ ନାହିଁ। ବ୍ୟସ୍ତବହୁଳ ଏବଂ ସିଙ୍ଗଲ୍ ରୁଟ୍‌ରେ ଏପରି ଟ୍ରେନ୍ ଧାରଣାରେ ଗଡ଼ିବା ସମୟରେ ଅନ୍ୟ ଯାତ୍ରୀବାହୀ ଟ୍ରେନ୍ ଆଗକୁ ବଢ଼ିବାରେ ବହୁ ସମସ୍ୟାରେ ସମ୍ମୁଖୀନ ହେବା ଆଶଙ୍କା ବେଶି। ତେବେ ମାଲ୍‌ପରିବହନ ଲାଗି ଏହାକୁ ନିର୍ଦ୍ଦିଷ୍ଟ କେତୋଟି ଟ୍ରାକ୍‌ରେ ଚଲାଯାଇପାରେ।

ସୂଚନାଯୋଗ୍ୟ, ଭାରତୀୟ ରେଲୱେ ଏସିଆର ସର୍ବବୃହତ୍ ଏବଂ ପୃଥିବୀର ଦ୍ୱିତୀୟ ବୃହତ୍ତମ ରେଲ୍‌ୱେ ନେଟ୍‌ୱର୍କ। ଦେଶରେ ମୋଟ ୧,୧୫,୦୦୦ କିମି ଲମ୍ବା ରେଳ ଧାରଣା ରହିଛି। ଏଥିରେ ଦୈନିକ ୭,୪୨୧ ମାଲାବାହୀ ଟ୍ରେନ୍ ଯାତାୟାତ କରିଥାଏ, ଯାହାର ମୋଟ ମାଲ୍ ପରିବହନ କ୍ଷମତା ୩୦ଲକ୍ଷ ଟନ୍। ଭାରତୀୟ ରେଲୱେ ନିକଟରେ ୨ ଲକ୍ଷ ୩୯ ହଜାର ୨୮୧ଟି ମାଲବାହୀ ୱାଗନ୍, ୫୯ ହଜାର ୭୧୩ ଯାତ୍ରୀବାହୀ ଡବା, ୯ହଜାର ୫୪୯ ଲୋକୋମିଟର ରହିଛି। ଦେଶରେ ଦୈନିକ ୧୨ ହଜାର ୬୧୭ଟି ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିଥାଏ। ଏଥିରେ ମୋଟ ୨.୩ କୋଟି ଯାତ୍ରୀ ଗନ୍ତବ୍ୟସ୍ଥଳକୁ ଯାଇଥାନ୍ତି।

### କାହିଁକି ଏଭଳି ପରିକଳ୍ପନା

ବିଳମ୍ବିତ ସେବା ପାଇଁ ଅଧିକାଂଶ ସମୟରେ ନିନ୍ଦିତ ହେଉଛି ଭାରତୀୟ ରେଳ। ହେଲେ ଲକ୍‌ଡାଉନ୍ ସମୟରେ ଫାଙ୍କା ପଡ଼ିଥିବା ଟ୍ରାକ୍ ଏବେ ରେଲ୍‌ୱେକୁ ପରୀକ୍ଷା କରିବା ଲାଗି ସୁଯୋଗ ଆଣି ଦେଇଛି। ଦୀର୍ଘତମ ଟ୍ରେନ୍ ଚଳାଇବା ପଛରେ ଇଞ୍ଜିନ୍‌ର କ୍ଷମତାଠାରୁ ଆରମ୍ଭ କରି ଟ୍ରାକ୍‌ର ପରିବହନ କ୍ଷମତା ଜଣାପଡ଼ିଥାଏ। ଏହାଛଡ଼ା ଏକାଧିକ ମାଲ୍‌ବାହୀ ଟ୍ରେନ୍‌କୁ ସଂଯୋଗ କରିବା ଦ୍ୱାରା ଅଧିକ ମାଲ୍ ପରିବହନ ମଧ୍ୟ ହୋଇପାରିବ, ଯାହା ଉଭୟ ଖର୍ଚ୍ଚ ଏବଂ ସମୟକୁ ବଞ୍ଚାଇବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ସୋସିଆଲ ମିଡିଆରେ ମାଧୁରୀଙ୍କ ଯାଦୁ



ମାଧୁରୀ ଦୀକ୍ଷିତ

**ମୁମ୍ବାଇ:** ବଲିଉଡ୍‌ର ଧକ୍ ଧକ୍ ଗର୍ଲ ମାଧୁରୀ ଦୀକ୍ଷିତ ତାଙ୍କ ଡ୍ୟାନ୍ସ ଓ ଏକ୍ସପ୍ରେଶନ ପାଇଁ ବେଶ୍ ପରିଚିତ। 'ତେଜାବ୍' ଫିଲ୍ମରୁ ହିଟ୍ ହୋଇଥିବା ଏହି ନାୟିକାଙ୍କର ଏବେବି ବଲିଉଡ୍‌ରେ କ୍ରେଜ୍ ରହିଛି। ମାଧୁରୀଙ୍କ ଅଭିନୟ, ନୃତ୍ୟ ଓ ବଡି ଫିଟ୍‌ନେସ୍ ସମସ୍ତଙ୍କୁ ଘାଇଲା କରିଛି। ବଡ଼ ବଡ଼ ଅଭିନେତାଙ୍କ ସହ ବିଭିନ୍ନ ହିଟ୍ ଫିଲ୍ମରେ ତାଙ୍କର ଜଲୱା ଦେଖିବାକୁ ମିଳିଥାଏ। ଅନେକ ରିଆଲିଟି ଶୋ'ରେ ଏବେ ତାଙ୍କୁ ବିଚାରକ ଭାବେ ଦେଖିବାକୁ ମିଳୁଛି। ବିଭିନ୍ନ ଡ୍ୟାନ୍ସ ଶୋ'ରେ ସେ ଛୋଟ ଛୋଟ ପିଲାମାନଙ୍କୁ ଅନେକ ଟିପ୍ସ ମଧ୍ୟ ଦେଉଛନ୍ତି। ଏବେ ସେ ବଡ଼ ପରଦାରେ ଏତେଟା ନଜର ଆସୁ ନ ଥିଲେ ମଧ୍ୟ ସମୟ ସମୟରେ ତାଙ୍କର କିଛି ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ନିକଟରେ ମାଧୁରୀଙ୍କ ଏକ ପୁରୁଣା ଭିଡିଓ ସୋସିଆଲ ମିଡିଆରେ ଧୁମ୍ ମଚେଇଛି। 'ଶୈଲାବ' ଫିଲ୍ମର ଗୀତ 'ହମ୍‌କୋ ଆଜ୍ କଲ୍ ହେ ଇନ୍ତଜାର'ରେ ମାଧୁରୀଙ୍କ ଡ୍ୟାନ୍ସ ପରଫର୍ମାନ୍ସ ଦର୍ଶକଙ୍କୁ ଖୁବ ପସନ୍ଦ ଆସିଥିଲା। କେବଳ ଡ୍ୟାନ୍ସ ନୁହେଁ ଏଥିରେ ମାଧୁରୀଙ୍କ ଏକ୍ସପ୍ରେଶନ ବି ଦର୍ଶକଙ୍କ ହୃଦୟକୁ ଛୁଇଁଛି ଆଉ ସାମ୍ନାରେ ଥିବା ଦର୍ଶକଙ୍କୁ ନାଚିବାକୁ ବାଧ କରିଛି। ଏହି ଅଭିନେତ୍ରୀ ଅନ୍ ଲାଇନରେ ମଧ୍ୟ ଡ୍ୟାନ୍ସ ଶିଖାଉଛନ୍ତି। ଶେଷଥର ପାଇଁ ମୁଭି 'କଲଙ୍କ'ରେ ତାଙ୍କ ଅଭିନୟ ଦେଖିବାକୁ ମିଳିଥିବା ବେଳେ ତାଙ୍କ ଆଗାମୀ ଫିଲ୍ମ ଅପେକ୍ଷାରେ ଦର୍ଶକ ଅଛନ୍ତି।

# ଫିଲ୍ମ 'ଆତ୍ମନିର୍ଭର'ରେ ଜ୍ୟୋତି



**ମୁମ୍ବାଇ:** ମହାମାରୀ କରୋନା ସମୟରେ ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଥିଲା। ଏହି ସମୟରେ ଅନେକ ଲୋକ ଚର୍ଚ୍ଚାକୁ ଆସିଥିଲେ। ସେଭଳି ଜଣେ ଥିଲେ ବିହାର ଦରଭଙ୍ଗାରେ ରହୁଥିବା ଜ୍ୟୋତି କୁମାରୀ। ବୟସ ତାଙ୍କର ମାତ୍ର ୧୫ ବର୍ଷ। ହେଲେ ବାପାଙ୍କୁ ସାଇକେଲରେ ବସାଇ ଦିଲ୍ଲୀରୁ ୧୨୦୦ କି.ମି. ଦୂର ନିଜ ଘର ଦରଭଙ୍ଗାରେ ପହଞ୍ଚିଥିଲେ। ଏହାର ଅନେକ ଭିଡିଓ, ଫଟୋ ଭାଇରାଲ ହୋଇଥିଲା। ଏବେ ତାଙ୍କ ଉପରେ ନିର୍ମାଣ ହେବାକୁ ଯାଉଛି ଏକ ଫିଲ୍ମ। ଜ୍ୟୋତି ନିଜେ ଏଥିରେ ଅଭିନୟ କରିବେ ବୋଲି ଜଣାପଡ଼ିଛି। ଫିଲ୍ମ କରିବାକୁ ଯାଉଥିବାରୁ ସେ ବେଶ୍ ଖୁସି ଅଛନ୍ତି। ଏହି ଫିଲ୍ମର ନାମ ରହିବ 'ଆତ୍ମର୍ନିଭର'। ଏଥିରେ ଜ୍ୟୋତିଙ୍କ ଜୀବନ ସହ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରାଯିବ। ଅଗଷ୍ଟ ମାସରେ ଏହା ପରଦାକୁ ଆସିବ। ଶାଇନ କୃଷ୍ଣା ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି। ଫିଲ୍ମକୁ ଗୁରଗାଓଁରୁ ଦରଭଙ୍ଗା ଆଦି ଅଞ୍ଚଳରେ ଶୁଟିଂ କରାଯିବ। ହିନ୍ଦି, ଇଂରାଜୀ ସହ ମୈଥିଳି ଭାଷାରେ ଏହାକୁ ରିଲିଜ କରାଯିବ। ଅନ୍ତଃରାଷ୍ଟ୍ରୀୟ ଦର୍ଶକଙ୍କ ପାଇଁ 'ଏ ଜର୍ଣ୍ଣି ଅଫ ଏ ମାଇଗ୍ରେଟ' ନାମରେ ଫିଲ୍ମକୁ ରିଲିଜ କରାଯିବ। ଏପରିକି ୩୦ ଭାଷାରେ ଫିଲ୍ମର ଟାଇଟଲ କରାଯିବ ବୋଲି କୁହାଯାଉଛି। ପ୍ରକାଶ ଥାଉ କି, ଜ୍ୟୋତିଙ୍କ ବାପା ଦିଲ୍ଲୀରେ ରିକ୍ସା ଚଳାଇ ପରିବାର ପୋଷନ୍ତି। ଲକ୍‌ଡାଉନ୍ ସମୟରେ ସେ ଫସି ରହିଥିବା ବେଳେ ଜ୍ୟୋତି ତାଙ୍କୁ ସାଇକେଲରେ ଗାଁକୁ ଆଣିଥିଲେ। ଏହି ଯାତ୍ରାକୁ ନେଇ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ହୋଇଥିଲା। ଏହାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଇଭାଙ୍କା ପସନ୍ଦ କରିଥିଲେ।

# କାମେଗୌଡ଼ାଙ୍କୁ ଆଜୀବନ ମାଗଣା ବସ୍‌ସେବା

**ବାଙ୍ଗାଲୁରୁ(କର୍ଣ୍ଣାଟକ):** ବଞ୍ଜର ପାହାଡ଼ ଅଞ୍ଚଳରେ ୧୬ ପୋଖରୀ ଖୋଳି ପୋଖରୀ ମାନବଭାବେ ଚର୍ଚ୍ଚାର ପରିସରକୁ ଆସିଥିବା କର୍ଣ୍ଣାଟକର ୮୪ ବର୍ଷୀୟ କାମେଗୌଡ଼ା(ମେଣ୍ଢା ଚରାଳି)ଙ୍କୁ କର୍ଣ୍ଣାଟକ ରାଜ୍ୟ ସଡ଼କ ପରିବହନ ନିଗମ(କେଏସ୍‌ଆର୍‌ଟିସି) ଆଜୀବନ ମାଗଣା ବସ୍ ପାସ୍ ପ୍ରଦାନ କରିଛି। ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରାପ୍ପାଙ୍କ ନିର୍ଦ୍ଦେଶକ୍ରମେ ଏହା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, କର୍ଣ୍ଣାଟକର ମାଣ୍ଡ୍ୟ ଜିଲା ଅନ୍ତର୍ଗତ ଦାଶନଦୋଦ୍ଦି ଗ୍ରାମର କାମେଗୌଡ଼ାଙ୍କ ପରିବେଶ ପ୍ରତି ଚିନ୍ତା ଓ ୪୦ବର୍ଷର ଅବଦାନକୁ ଗତ ରବିବାର ପ୍ରଧାନମନ୍ତ୍ରୀ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ପ୍ରଶଂସା କରିଥିଲେ। ଏହାର କିଛି ସମୟ ପୂର୍ବରୁ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ମଧ୍ୟ କାମେଗୌଡ଼ାଙ୍କ ସହ ଭିଡିଓ କଲ୍ ମାଧ୍ୟମରେ ଆଲୋଚନା କରି ଜଳ ସଂରକ୍ଷଣ ଦିଗରେ ତାଙ୍କ ମହତ୍ କାର୍ଯ୍ୟର ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ କାମେଗୌଡ଼ାଙ୍କ ନିଃସ୍ୱାର୍ଥପର କାର୍ଯ୍ୟକୁ ସମ୍ମାନ ଜଣାଇ ମାଗଣା ପାସ୍ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ କେଏସ୍‌ଆର୍‌ଟିସିର ପରିଚାଳନା ନିର୍ଦ୍ଦେଶକ ଶିବୟୋଗୀ କଲାଶଦ୍ କହିଛନ୍ତି, କାମେଗୌଡ଼ାଙ୍କ ଅବଦାନ ଆଶ୍ଚର୍ଯ୍ୟଜନକ ଏବଂ ଅନୁକରଣୀୟ। ସେ ନିଗମର ସମସ୍ତ ଶ୍ରେଣୀର ବସ୍‌ସେବା ମାଗଣାରେ ପାଇବେ। ଏହା ଜାଣିବା ପରେ କାମେଗୌଡ଼ା ଅତ୍ୟନ୍ତ ଖୁସି ପ୍ରକାଶ କରିଛନ୍ତି। ଏଥିସହ ସେ ମେଲ ମହାଦେଶ୍ୱର ମନ୍ଦିର ଏବଂ କେଙ୍ଗଲ ହନୁମନ୍ତ ମନ୍ଦିର ଦର୍ଶନ କରିବାକୁ ଚାହୁଁଥିବା କହିଛନ୍ତି। ଏଥିସହ ସେ କହିଛନ୍ତି, ଏବେ ଆଉ ଟଙ୍କାର ଚିନ୍ତା ନାହିଁ। ମାଗଣା ପାସ୍ ସାହାଯ୍ୟରେ ସେ ବସ୍ ଯୋଗେ ଯେକୌଣସି ମନ୍ଦିର ଦର୍ଶନ କରିବାର ସୁଯୋଗ ପାଇପାରିବେ। ସେହିପରି ସେ ସୁଯୋଗ ମିଳିଲେ ଥିମ୍ମାପ୍ପାଙ୍କ ଦର୍ଶନ କରିବାକୁ ଆଶା ରଖିଥିବା କହିବା ସହ ତାଙ୍କ କୃପାରୁ ବସ୍ ପାସ୍ ମିଳିଛି ବୋଲି କହିଛନ୍ତି। ଅଞ୍ଚଳବାସୀ ଏହି ପୋଖରୀ ମାନବଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ପାଇଁ ଦାବି କରୁଛନ୍ତି। ଏଥିସହ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଉଥିବା ଜଳ ଯୋଦ୍ଧା ସମ୍ମାନ ପାଇଁ ମଧ୍ୟ ତାଙ୍କୁ ମନୋନୀତ କରିବାକୁ ନିବେଦନ କରିଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ୟେଦୁରାପ୍ପା କାମେଗୌଡ଼ାଙ୍କୁ ଫୋନ୍ ଯୋଗେ ଅଧିକ ପୋଖରୀ ଖୋଳିବା ପାଇଁ ଆର୍ଥିକ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇ କହିଛନ୍ତି। ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଏକ ଜମି ଏବଂ ଘର ମିଳିବା ସମ୍ଭାବନା ମଧ୍ୟ ରହିଥିବା ଜଣାପଡ଼ିଛି।

### କେଏସ୍‌ଆର୍‌ଟିସି ଦେଲା ପାସ୍



# ଭିଏତ୍‌ନାମର ସୁନା ହୋଟେଲ

**ହନୋଇ:** ସୁନାର ହୋଟେଲ। ଯେଉଁଠି କବାଟଠାରୁ ଆରମ୍ଭ କରି ବାସନକୁସନ ସବୁକିଛି ସୁନାରେ ତିଆରି। ଏମିତି କି ଶୋଇବା ଖଟ ବି ତିଆରି ହୋଇଛି ସୁନାରେ। ଏକଥା ଶୁଣିବାକୁ ହୁଏତ ଆଶ୍ଚର୍ଯ୍ୟ ଲାଗିପାରେ। କିନ୍ତୁ ଏଭଳି ଏକ ହୋଟେଲ ତିଆରି ହୋଇଛି ଭିଏତନାମର ରାଜଧାନୀ ହନୋଇରେ। ପ୍ରଥମଥର ପାଇଁ ଏଠାରେ ଏକ ଫାଇଭ୍ ଷ୍ଟାର ହୋଟେଲ ଖୋଲିଛି, ଯାହାର ନାଁ ରହିଛି ଡୋଲସେ ହନୋଇ ଗୋଲ୍ଡେନ ଲେକ୍।

ଏହି ହୋଟେଲରେ ଗେଟ୍ ଠାରୁ ଆରମ୍ଭ କରି କବାଟ, ଝରକା ଓ ଅଧିକାଂଶ ଆସବାବପତ୍ର ମଧ୍ୟ ସୁନାରେ ତିଆରି ହୋଇଛି। ହୋଟେଲଟି ୨୫ ମହଲା ବିଶିଷ୍ଟ ଏବଂ ଏଠାରେ ୪୦୦ଟି ରୁମ୍ ରହିଛି। ହୋଟେଲର ବାହାର ପ୍ରାଚୀରରେ ପ୍ରାୟ ୫୪ ହଜାର ବର୍ଗ ଫୁଟ ପର୍ଯ୍ୟନ୍ତ ସୁନା ପ୍ଲେଟ୍ ଲାଗିଥିବା ଟାଇଲ୍ ଲଗାଯାଇଛି। ବାଥ୍‌ରୁମରେ ବାଥ୍‌ଟବ୍, ସିଙ୍କ ଏବଂ ଶାୱାର ଆଦି ଅଧିକାଂଶ ଆସବାବପତ୍ରରେ ସୁନା କୋଟିଂ ଦିଆଯାଇଛି। ଛାତ ଉପରେ ଏକ ସୁନ୍ଦର ସୁଇମିଂପୁଲ୍ କରାଯାଇଛି ଏବଂ ଛାତର ଉପରି ଭାଗରେ ବି ସୁନାର ଛାପ ରହିଛି। ଅର୍ଥାତ୍ ଛାତର ପାଚେରିରେ ସୁନାର କୋଟିଂ ଥିବା ଇଟା ବ୍ୟବହାର କରାଯାଇଛି। ଏହା ବ୍ୟତୀତ ହୋଟେଲର ଥାଳି, ଗିନା, କପ୍, ପ୍ଲେଟ୍ ଆଦି ବାସନକୁସନଗୁଡ଼ିକ ବି ସୁନାରେ ତିଆରି କରାଯାଇଛି। ତେଣୁ ଡୋଲସେ ହନୋଇ ଗୋଲ୍ଡେନ ଲେକ୍‌କୁ ଥରେ ଗଲେ କେଉଁ ଏକ ସ୍ୱର୍ଣ୍ଣରାଇଜରେ ବିଚରଣ କରିବା ଭଳି ମନେହେବ। ବର୍ତ୍ତମାନ ସମୟରେ ସୁନା ଦର ବହୁ ଅଧିକ ହୋଇଥିବାବେଳେ ଏଭଳି ଏକ ସୁନା ହୋଟେଲ ସମସ୍ତଙ୍କ ପାଇଁ ଆକର୍ଷଣୀୟ ହୋଇପାରିବ ନିଶ୍ଚୟ। ତେବେ ହୋଟେଲରେ କର୍ମଚାରୀଙ୍କ ପାଇଁ ଲାଲ୍ ଏବଂ ଗୋଲ୍ଡେନ ରଙ୍ଗର ଡ୍ରେସ୍ କୋଡ୍ ବି କରାଯାଇଛି।



# ୭ଘଣ୍ଟାରେ ଯୋଡ଼ିହେଲା କଟାହାତ



**ନଏଡ଼ା:** ଆଧୁନିକ ଚିକିତ୍ସା ପ୍ରଣାଳୀରେ ଏବେ କଟା ହାତକୁ ବି ମଣିଷ ଦେହରେ ଯୋଡ଼ିବା ସମ୍ଭବ ହୋଇପାରୁଛି। ଏମିତି ଏକ ଦୁର୍ଲଭ ଅପରେଶନ କରି ଏବେ ଭଗବାନ ପାଲଟି ଯାଇଛନ୍ତି ନଏଡ଼ାର ଜେପି ହସ୍‌ପିଟାଲର ଡାକ୍ତରମାନେ। ଜେପି ହସପିଟାଲର ଡାକ୍ତରମାନେ ଜଣେ ବ୍ୟକ୍ତିଙ୍କର ହାତ କଟି ତଳେ ପଡ଼ିଯାଇଥିଲେ ବି ଏହାକୁ ଅପରେଶନ କରି ଯୋଡ଼ି ପାରିଛନ୍ତି। ୭ ଘଣ୍ଟାର ପରିଶ୍ରମ ପରେ ଡାକ୍ତରମାନେ ଅପରେଶନରେ ସଫଳତା ହାସଲ କରିଥିଲେ। ଡାକ୍ତରମାନଙ୍କର ଏହି ସଫଳତା ପରେ ଏବେ ଚିକିତ୍ସା ବିଜ୍ଞାନ ଉପରେ ଲୋକଙ୍କର ଆସ୍ଥା ବଢ଼ିବାରେ ଲାଗିଛି।

ଏବେ ଗ୍ରେଟର ନଏଡ଼ାର କାସନା ଥାନା ଅଧୀନରେ ଥିବା ନିୟାନା ଗାଁରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଏକ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗାଁର ଦେବେନ୍ଦ୍ର ନାମକ ଜଣେ ବ୍ୟକ୍ତିଙ୍କର ହାତ କଟି ତଳେ ପଡ଼ି ଯାଇଥିଲା। ତାଙ୍କ ଜେଜେଙ୍କୁ ଗୁଳି କରି ହତ୍ୟା କରି ଦିଆଯାଇଥିଲା। ତେବେ ଘଟଣା ପରେ ଦେବେନ୍ଦ୍ରଙ୍କ କଟାହାତକୁ ଏକ ବାକ୍ସରେ ଭର୍ତ୍ତି କରି ତାଙ୍କର ସମ୍ପର୍କୀୟମାନେ ସଙ୍ଗେ ସଙ୍ଗେ ଜେପି ହସ୍‌ପିଟାଲକୁ ନେଇ ଯାଇଥିଲେ। ଡାକ୍ତରମାନେ ଦେବେନ୍ଦ୍ରଙ୍କର ଏପରି ଅବସ୍ଥା ଦେଖି ପ୍ଲାଷ୍ଟିକ୍ ସର୍ଜନମାନଙ୍କର ଏକ ୫ଜଣିଆ ଟିମ୍ ଗଠନ ହୋଇଥିଲା। ଏହାପରେ ଅପରେଶନ ଆରମ୍ଭ ହୋଇଥିଲା। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ୫ଜଣିଆ ଡାକ୍ତରୀ ଟିମ୍ ୭ ଘଣ୍ଟା ପରିଶ୍ରମ କରିବା ପରେ କଟା ହାତକୁ ଯୋଡ଼ିବାରେ ସକ୍ଷମ ହୋଇ ପାରିଥିଲେ। ଫଳରେ ଦେବେନ୍ଦ୍ର ଏବେ ନୂଆ ଜୀବନ ପାଇଛନ୍ତି।


# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ନିମାଇଁ ଚରଣ ମହାନ୍ତି
(୧୯୨୮-୨୦୦୦)
କଣ୍ଟାପଡ଼ା, କନକପୁର, ଜଗତସିଂହପୁର
ଚାହୁଁ ଚାହୁଁ ଇତି ମଧ୍ୟରେ ୨୦ବର୍ଷ ବିତିଗଲା। ହେଲେ ପ୍ରତ୍ୟେକ ମୁହୂର୍ତ୍ତରେ ତୁମର ସ୍ମୃତି ଆମ ମାନସପଟରେ ଭାସି ଉଠୁଛି। ତୁମର ହସହସ ମୁହଁ, ସରଳତା, ନିଷ୍ଠା ଓ ପରୋପକାର ଗୁଣ ସର୍ବଦା ଆମ ମନ ଭିତରେ ସ୍ମୃତି ହୋଇ ରହିବ। ସ୍ୱର୍ଗରେ ଥାଇ ସର୍ବଦା ଆମ ଉପରେ ତୁମର ଆଶୀର୍ବାଦ ରଖିଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୬୯୧୨୯

**୩୦ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ
ଆବିର୍ଭାବ: ତା.୧୨।୦୪।୧୯୪୫ରିଖ
ତିରୋଧାନ: ତା.୦୪।୦୭।୧୯୯୦ରିଖ
ଆମେ ଆଜିର ୩୦ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନ୍ନିଧ ଲାଭ କରନ୍ତୁ, ଏହାହିଁ କାମନା କରୁଛୁ।
Director and Staff "X" Security Service (P)Ltd.
ଧ-୧୭୬୫୮

**ନବମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଅଜୟ କୁମାର କାନୁନ୍‌ଗୋ
ଭୁବନେଶ୍ୱର
ତିରୋଧାନ: ତା. ୧୫।୦୭।୨୦୧୧
(ଗୁରୁ ପୂର୍ଣ୍ଣିମା)
ଗୋଟିଏ ମୁହୂର୍ତ୍ତ ଭୁଲି ନ ହେଲା ଭଳି ଅମର ଆତ୍ମାଟି ପାଇଁ ଆମ ସମସ୍ତଙ୍କର ଲୁହ-କୋହଭରା ଶ୍ରଦ୍ଧାଞ୍ଜଳି।
ତୁମ ନିଜର ସମସ୍ତେ।
ଧ-୬୯୪୨୧

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ପ୍ରମିଳା ପାତ୍ର/ ଶତପଥୀ
ମହାଦେବ ନଗର, ଭୁବନେଶ୍ୱର
ତିରୋଧାନ: ୦୧।୦୭।୨୦୧୫
ସ୍ୱର୍ଗଦ୍ୱାରରେ ତୁମ ଶରୀର ବିଲୀନ ହୋଇଯିବା ୫ବର୍ଷ ହୋଇଗଲା। କାଲିପରି ଲାଗୁଛି, ଭୁଲି ହେଉନି। ତୁମେ ଛାଡ଼ିଯାଇଥିବା ଅଭୁଲା ସ୍ମୃତି ତୁମକୁ ଆମ୍ଭମାନଙ୍କ ନିକଟରେ ଚିରସ୍ମରଣୀୟ କରି ରଖିବ। ତୁମରି ଚିନ୍ତାଧାରା, ସନ୍ତାନବତ୍ସଳତା, ଅତିଥିପରାୟଣତା, କର୍ତ୍ତବ୍ୟନିଷ୍ଠା ଆଜିମଧ୍ୟ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି। ଆଜି ତୁମର ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ସହ ବିଶ୍ୱ ନିୟନ୍ତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
:ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ:
କିଟି ଲିକି, ବବି, ମକର ଇତ୍ୟାଦି।
ଧ-୧୭୬୨୮

## କବିତା

### କରୋନା କାହାଣୀ

କୁନା କହୁଅଛି ହଇରେ ମୁନା
କରୋନାକୁ ତୁହି ଆଉ ଡରେ ନା ।
ସଚେତନ ହେଲେ ଯିବ ପଳାଇ
ଏ କଥା ନିଶ୍ଚିତ ଜାଣିଥା ଭାଇ ।
ରଖିବା ଆମେରେ ସଫା ସୁତର
ଦେହ ଲୁଗା ପଟା ଘର ବାହର ।
ନ ଯିବା ପଦାକୁ ବିନା କାମରେ
ଖେଳି କୁଦି ଆମେ ରହିବା ଘରେ ।
ହାତ ଧୋଉଥିବା ପ୍ରତି ଘଣ୍ଟାରେ
ସାନିଟାଇଜର ଲାଇଫବୟରେ ।
ହାତ ଧୋଇ ଆମେ ଖାଦ୍ୟ ଖାଇବା
ଗରମ ଖାଦ୍ୟରୁ ଲାଭ ପାଇବା ।
ସୁଷମ ଖାଦ୍ୟ ଯେ ଦେହକୁ ହିତ
ନୀର ଯେଉଁ ପରି ପାଣିର ମିତ ।
ଥଣ୍ଡା ଆଇସ୍କ୍ରିମ୍ ଖାଇବା ନାହିଁ
ସେଥିରେ ବ୍ୟାପନ୍ତି ଭୂତାଣୁ ରହି ।
କବକ ତାହାର ଭାରି ବିପଦ
ରୋଗ ଗ୍ରାସ କଲେ ପଡ଼େ ପ୍ରମାଦ ।
ବାହାରକୁ ଗଲେ ପିନ୍ଧିବା ମାସ୍କ
ତେବେ ଆମ ମୁହେଁ ରହିବ ହସ ।
କଥା ବାର୍ତ୍ତା ବେଳେ ରଖିବା ଦୂର
ଗୋଟିଏ ମିଟର ଥିବ ଅନ୍ତର ।
ବାୟୁ ବାହିତ ଏ ରୋଗ ଭୂତାଣୁ
ପାଖରେ ରହିଲେ ଗ୍ରାସିବ ଜାଣୁ ।
ସରକାରଙ୍କର ଆଦେଶ ମାନି
ଲକ୍‌ଡାଉନରେ ରହିବା ଜାଣି ।
ସମ୍ମାନ କରିବା ସ୍ୱାସ୍ଥ୍ୟକର୍ମୀଙ୍କୁ
ଡାକ୍ତର ନର୍ସ ପୋଲିସ ଭାଇଙ୍କୁ ।
ମହାମାରୀ ବେଳେ ଏମାନେ ଯୋଦ୍ଧା
ସେବାରେ ତାଙ୍କର ନ ଦେବା ବାଧା ।
ତେବେ ଯାଇ ଆମେ ଯୁଦ୍ଧ ଜିତିବା
କରୋନା ରୋଗରୁ ରକ୍ଷାପାଇବା ।
ହସିବ ସୁନ୍ଦର ଏହି ଦୁନିଆ
କରୋନାର ଆଉ ନ ନେବା ନାଆଁ ।
କହିଲି କୁନାରେ ତୋତେ ବୁଝାଇ
କରୋନା ରୋଗର କାହାଣୀ ଏହି ।

**–ଧ୍ରୁବଚରଣ ବେହେରା,** *ଅଠରବାଟିଆ*
*ଚନ୍ଦ୍ରାପୁଟ, ବାଲୁଗାଁ, ଖୋର୍ଦ୍ଧା*

### ଜଗା ବଦଳି ଗଲା



ଜଗାଟା ଆମର ଭାରି ଚଗଲା
ଘରକୁ ଆଣଇ ନିତି ଝମେଲା
କରେ ସଦା ଗଣ୍ଡଗୋଳ
କାହାକୁ କାମୁଡ଼ି କାହାକୁ ଚିମୁଡ଼େ
ପୁଣି ଚୁଟି ଧରି କାହାର ଝାମ୍ପୁଡ଼େ
ଖେଳେ ଯେବେ ନାନା ଖେଳ ।
ଗୁରୁଜନ କଥା କେବେ ନ ଶୁଣେ
ଏ କାନରେ ଶୁଣି କାଢ଼େ ସେ କାନେ
ପବନ ପରି ଚଞ୍ଚଳ
ପାଠପଢ଼ାରେ ନ ଦିଏ ହୃଦୟ
ବିଦ୍ୟାଳୟ ତା' ପାଇଁ ଅତିଥି ଗୃହ
ବିଦ୍ୟାରେ ଅଟେ ଦୁର୍ବଳ ।
ଭଲ ପାଠ ପଢ଼ି ମଣିଷ ହେବ
ଆଗକୁ ବୈଜ୍ଞାନିକ ହୋଇବ ।
ଖୁସିରେ ଝୁମିବ ସାରା ଦୁନିଆ
ସଭିଏ ଜାଣିବେ ତାହାରି ନାଆଁ ।
ତା' ପରେ କଲାନି କେବେ ବି ହେଳା
ଶ୍ରେଣୀରେ ପାଠରେ ପ୍ରଥମ ହେଲା
ବୁଦ୍ଧିଜନେ ହେଲେ କାବା
ପରିବାରେ ସୁନା ପିଲା ବୋଇଲା
ଗାଁ ପଡ଼ିଶାରେ କୁହା ଶୁଭିଲା
ଜଗା ତ ବଦଳି ଗଲା... ।

**–ସୁବ୍ରତ ମଲ୍ଲିକ**
ମଙ୍ଗଳପୁର, ଅସୁରାଳି, ଭଦ୍ରକ

# ମଣିଷ ପଣିଆ

### ଗପ



ଥରେ ଜଣେ ସାଧୁ ବିଭିନ୍ନ ସ୍ଥାନ ବୁଲି ବୁଲି ଗୋଟିଏ ଗାଁ ମୁଣ୍ଡରେ ଥିବା ବୁଢ଼ା ବରଗଛ ମୂଳେ ବିଶ୍ରାମ ନେଲେ । ତାଙ୍କୁ ପ୍ରବଳ ଭୋକ ଲାଗୁଥିଲା । ମାତ୍ର ତାଙ୍କ କଥା ସମସ୍ତେ ଶୁଣି ନ ଶୁଣିଲା ପରି ଚାଲି ଯାଉଥାଆନ୍ତି । ତେଣୁ ସାଧୁ ଘୋଷଣା କଲେ ଯିଏ ତାଙ୍କ ମନ ଜାଣି ପେଟପୂରା ଖାଇବାକୁ ଦେବ ସେ ମୁଣିଟିରେ ରଖିଥିବା ସବୁ ଧନ ରତ୍ନ ତାକୁ ଦେଇଦେବେ । ଏକଥା ଗାଁ ସାରା ରାଷ୍ଟ୍ର ହୋଇଗଲା । ଗାଁ ସାରା ଲୋକ ଭଲ ଭଲ ଖାଦ୍ୟ ଧରି ସାଧୁଙ୍କ ପାଖକୁ ଧାଇଁଲେ । ସାଧୁ ଏତେ ଲୋକଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଓ କହିଲେ ଗୋଟେ ଦିନରେ ସେ ଏକାଥରେ ଏତେ ଖାଦ୍ୟ ଖାଇପାରିବେ ନାହିଁ । ଦିନେ ଦିନେ ପାଳି କରି ଗୋଟିଏ ଗୋଟିଏ ଘର ତାଙ୍କ ପାଇଁ ଖାଇବାକୁ ଆଣିବେ । ଏଠୁ ଫେରିବାର ଶେଷ ଦିନ ସେ ଘୋଷଣା କରିବେ କାହାକୁ ଏ ସମସ୍ତ ଧନ ରତ୍ନ ଦିଆଯିବ ।

ଗୋଟିଏ ଗୋଟିଏ ଘର ପାଳି କରି ସାଧୁଙ୍କ ପାଇଁ ଖାଇବା ଆଣି ଆସନ୍ତି । ସାଧୁ ଖୁସି ମନରେ ଏ ସବୁ ଖାଆନ୍ତି । ସବା ଶେଷରେ ଆସିଲେ ଗାଁର ସବୁଠାରୁ ଗରିବ ଲୋକ ମନୁଆ । ସାଧୁ ତାଙ୍କ ବେଶ ପୋଷାକରୁ ଜାଣିପାରିଲେ ଯେ ଆଜି ଖାଦ୍ୟ ନେଇ ଆସିଥିବା ବ୍ୟକ୍ତି ଜଣକ ବହୁତ ଗରିବ । ସାଧୁ ଖାଦ୍ୟ ପାଇଁ ହାତ ବଢ଼ାଇଲେ । ମାତ୍ର ମନୁଆ କିଛି ସମୟ ତାଙ୍କୁ ଚାହିଁ ପଛକୁ ଦୁଇ ଚାରି ପାଦ ଫେରିଗଲେ । ସେଠି ବସିଥିବା ଜଣେ ଭୋକିଲା ବୃଦ୍ଧ ବ୍ୟକ୍ତିଙ୍କୁ ଖାଦ୍ୟ ବଢ଼ାଇଦେଲେ । ସାଧୁ କହିଲେ, ମତେ ଆଜି ଉପାସରେ ରଖି ତୁମେ ସେ ବୃଦ୍ଧଙ୍କୁ ଖାଦ୍ୟ କିପରି ଦେଇପାରିଲ ? ମନୁଆ ଉତ୍ତର ଦେଲା, 'ଆପଣଙ୍କ ପାଖରେ ଧନ ରତ୍ନ ଅଛି ସେହି ଲାଳସାରେ ଗାଁର ଯେ କୌଣସି ଲୋକ ଆପଣଙ୍କୁ ଦ୍ୱିତୀୟ ଥର ଖାଇବାକୁ ଦେବାକୁ ରାଜି ହୋଇଯିବ । ଏମିତିରେ ବି ଆପଣ ଅନେକ ଦିନ ହେବ ନାନା ପ୍ରକାରର ସୁସ୍ୱାଦୁ ଖାଦ୍ୟ ଖାଉଛନ୍ତି । ଆଜି ଦିନଟି ଚାହିଁଲେ ବି ଆପଣ ଉପବାସରେ ରହିପାରିବେ । ହେଲେ ଏ ଲୋକଟିକୁ ଆପଣଙ୍କ ଅପେକ୍ଷା ଖାଦ୍ୟର ଆବଶ୍ୟକତା ବେଶି ଥିଲା । ତେଣୁ ମୁଁ ଏ ଖାଦ୍ୟକୁ ଉଚିତ ପାତ୍ରରେ ଦେବା ଠିକ୍ ମଣିଲି । ତା'ପରେ ସାଧୁ ସେହି ଗାଁର ସମସ୍ତ ଲୋକଙ୍କୁ ସେ ବସିଥିବା ବରଗଛ ପାଖକୁ ଡାକିଲେ । ସାଧୁ ହଠାତ୍ ମନୁଆର ନାଁ ଘୋଷଣା କଲେ । ଗାଁ ଲୋକେ ସମସ୍ତେ ହତବାକ୍ ହେଲେ ସାଧୁଙ୍କ ନିଷ୍ପତ୍ତିରେ । ତା'ପରେ ସାଧୁ କହିଲେ, ପେଟ ଅପେକ୍ଷା ମୋ' ମନ ସେ ବେଶି କିଣିପାରିଲା । ମୁଁ ଏଠିକୁ ଆସିବା ଦିନ ହିଁ ବୃଦ୍ଧ ଜଣକ ଏହି ଗାଁକୁ ଆସିଥିଲେ । କ୍ଷୁଧାରେ ମୋ' ଠାରୁ କିଛି ହାତ ଦୂରରେ ବସିଥିବା ବୃଦ୍ଧଙ୍କୁ ସମସ୍ତେ ଅତିକ୍ରମ କରି ମୋ' ପାଇଁ ଖାଦ୍ୟ ଆଣିଲ ଅଥଚ ଅନେକ ଦିନ ହେବ କିଛି ଖାଦ୍ୟ ଗ୍ରହଣ କରି ନ ଥିବା ଲୋକଟିକୁ ସମସ୍ତେ ଅଣଦେଖା କରିଲ । କେବଳ ଧନ ଲୋଭରେ ହିଁ ତୁମେମାନେ ଏପରି କଲ । ତୁମେମାନେ ଖାଦ୍ୟ ଦେଇ ଗଲାପରେ ମୁଁ ମୋ' ଖାଦ୍ୟର ଅଧାଭାଗ ବୃଦ୍ଧଙ୍କୁ ଦେଇଦିଏ । ସାଧୁ ଜଣକ କିଛି ରତ୍ନ ବୃଦ୍ଧଙ୍କୁ ଓ କିଛି ମନୁଆକୁ ଦେଇ ସେଠୁ ଚାଲିଗଲେ । ଗାଁ ଲୋକେ ଏବେ ବୁଝିପାରିଲେ ଦୁଃଖୀ, ଦରିଦ୍ରଙ୍କ ଦୁଃଖ ବୁଝିବା, ଅସହାୟକୁ ସହାୟ ହେବା ହିଁ ମଣିଷପଣିଆର ଅସଲ ପରିଚୟ ।

**–ପ୍ରୀତିପ୍ରିୟା ମହାନ୍ତି**
ମୟୂରଝାଲିଆ, ରଣପୁର, ନୟାଗଡ଼

## ଆଇନା



ଭାଗ୍ୟଲକ୍ଷ୍ମୀ
୭ ବର୍ଷ

## କହିଲ ଦେଖି



ଖରାରେ ଚାଲିବା ହୁଅଇ ଇଜି
ବରଷାରେ ଆମେ ଯାଉନା ଭିଜି
ଖରା ବରଷାର ଅଟଇ ସାଥୀ
କିଏ ସେ କହିବ ତା'ର ନାମଟି ।
**ଉତ୍ତର : ଛତା**



ମେଘ ଆକାଶରେ ସିଏ ସୃଜନ
ବାଣ ପରି ଖାଲି କରେ ଗର୍ଜନ
ତା'ର ଗର୍ଜନେ ଛାତି ଉଠଇ ଥରି
ଶ୍ରାବଣ ଆସେ ତାକୁ ସାଥିରେ ଧରି ।
**ଉତ୍ତର : ଘଡ଼ଘଡ଼ି**



ରହିଥିଲେ ସିଏ ଆମ ସାଥିରେ
ଚାଲୁଥାଉ ଆମେ କେଡ଼େ ଶାନ୍ତିରେ
କଣ୍ଟା ଫୁଟେ ନାହିଁ ଆମ ଗୋଡ଼ରେ
ତାତେ ନାହିଁ ପାଦ ଜମା ଖରାରେ ।
**ଉତ୍ତର : ଜୋତା**

**–ପ୍ରଶାନ୍ତ କୁମାର ନାଥ,** ସୁନ୍ଦରପୁର
ଉତ୍ତରକୂଳହାଟ, ପ୍ରୀତିପୁର, ଯାଜପୁର

## ଜାଣିଛ କି

- ମୂଷା ନିଜର ବଂଶବୃଦ୍ଧି ଏପରି କରିଥାଏ ଯେ ମାତ୍ର ଦୁଇଟି ମୂଷା ୧୮ ମାସ ସମୟ ଅବଧି ଭିତରେ ପାଖାପାଖି ଏକ ମିଲିୟନ ମୂଷା ଜନ୍ମ ଦେଇଥାଆନ୍ତି ।



- ଗାଈ ଏବଂ ଘୋଡ଼ା ଠିଆ ହେବା ଅବସ୍ଥାରେ ଶୋଇପାରନ୍ତି ।
- ହମିଙ୍ଗ ବାର୍ଡ ଉଡ଼ିବା ସମୟରେ ନିଜ ଶରୀରକୁ ଏତେ ସନ୍ତୁଳିତ ରଖିଥାଏ ଯେ ସେ ହଠାତ୍ ଏକା ସ୍ପିଡ୍‌ରେ ପଛକୁ ମଧ୍ୟ ଉଡ଼ିପାରେ ।
- ପୃଥିବୀର ସବୁଠାରୁ ବଡ଼ ଅଣ୍ଡା କିଏ ଦେଇଥାଏ ଜାଣିଛ ? ସାର୍କ ।
- ସାପ ଆଖି ବନ୍ଦ କରିଥିଲେ ମଧ୍ୟ ଆଖିପତାକୁ କିଛି ଅଂଶରେ ଖୋଲା ରଖିଥାଏ । ସେହି ବାଟ ମଧ୍ୟରେ ସେ ବେଶ୍ ତୀକ୍ଷଣ ଭାବରେ ଦେଖିପାରେ ।
- ଗୋଟିଏ ମାଛି ୨-୩ ସପ୍ତାହ ପର୍ଯ୍ୟନ୍ତ ବଞ୍ଚିଥାଏ ।
- ଗୋଟିଏ ବାଘ ପ୍ରାୟ ୧୧ ଫୁଟ ଦୂରକୁ ଡେଇଁପାରେ ।



- ବାଘ ଭଲ ପହଁରିପାରେ । ଏକାଥରେ ଗୋଟିଏ ବାଘ ପ୍ରାୟ ୬ କିମି ବାଟ ପହଁରି ଯାଇପାରେ ।

## ଖିଲିଖିଲି ହସ

ଥରେ ରିତେଶ ଦୀପୁକୁ ପଚାରିଲା, ଆରେ ତୁ ଚାଇନା ଭାଷା ପଢ଼ି ପାରିବୁ ? ଦୀପୁ କହିଲା, ଏଥିରେ ଅସୁବିଧା କେଉଁଠି ରହିଲା ? ରିତେଶ କହିଲା, ତା' ଅର୍ଥ, ତୁ ସହଜରେ ସେହି ଭାଷାକୁ ପଢ଼ି ପାରିବୁ ? ଏକଥା ଶୁଣି ଦୀପୁ ଉତ୍ତର ଦେଲା, 'ଆରେ ବୋକା, ଯଦି ଚାଇନା ଭାଷା ଇଂଲିଶ କିମ୍ବା ହିନ୍ଦୀରେ ଲେଖା ହୋଇଥିଲେ ସମସ୍ତେ ପଢ଼ିପାରିବେ ।

ଥରେ ଶିକ୍ଷକ ପିଲାମାନଙ୍କୁ ପଚାରିଲେ, ପିଲାଏ, ତୁମେମାନେ ତ ଆମର ମାତୃଭାଷା କ'ଣ ତାହା ଜାଣିଛ ? ହେଲେ ଆମର ପିତୃଭାଷା କ'ଣ ତାହା କିଏ କହିପାରିବ ? ରାଜେଶ ଠିଆ ହୋଇ କହିଲା, ସାର, ପିତୃଭାଷା କେବଳ ମା'ଙ୍କୁ ହିଁ ଜଣା । କାରଣ ଥରେ ମା' ବାପାଙ୍କୁ ପାଟି କରୁଥିବା ବେଳେ ବାପା ମୋତେ କହିଲେ, ଇଏ ହେଉଛି ପିତୃଭାଷା ।

କ୍ଲାସରେ ଢୁଳାଉଥିବାର ଦେଖି ସୋନୁକୁ ପ୍ରଧାନ ଶିକ୍ଷକ ପଚାରିଲେ, 'ଆରେ ତୁ କ୍ଲାସରେ ଢୁଳାଉଛୁ କାହିଁକି ? କାଲି ରାତିରେ ଶୋଇ ନ ଥିଲୁ କି ? ସୋନୁ ଉତ୍ତର ଦେଲା, ସାର୍, କାଲି ତ ଶୋଇଥିଲି । ଏବେ ଢୁଳାଉଥିବା ବେଳେ ମୁଁ ଜାପାନ ଯାଉଥିଲି । ଆପଣ ମୋ ସୁନ୍ଦର ନିଦ ସହ ସ୍ୱପ୍ନକୁ ଭାଙ୍ଗିଦେଲେ ।

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ସବୁଠୁ ବଡ଼ ପଗଡ଼ି



ପିଲାଏ, ତୁମେମାନେ କେବେ ପଗଡ଼ି ପିନ୍ଧିଛ ? ବିଶେଷଭାବରେ ଶିଖ୍ ଧର୍ମାମ୍ବଲମ୍ବୀମାନେ ପଗଡ଼ି ପିନ୍ଧିଥାଆନ୍ତି । ଆଜିକାଲି ବିବାହ ଉତ୍ସବରେ ବର ପଗଡ଼ି ପିନ୍ଧିଥିବାର ଏକ ଫ୍ୟାଶନ ପାଲଟି ଗଲାଣି । ତେବେ ପଗଡ଼ିକୁ ବିଭିନ୍ନ ଡିଜାଇନରେ ପିନ୍ଧାଯାଏ । ତେବେ କାହାର ପଗଡ଼ି ଟିକେ ବଡ଼ ଲାଗେ ତ କାହାର ଟିକେ ଛୋଟ । ହେଲେ ଏମିତି ପଗଡ଼ି ଦେଖିଛନ୍ତି କି ଯାହାର ଲମ୍ବା ୬୪୫ ମିଟର । ଏକଥା ଶୁଣିବା ପରେ କେହି କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ । କାରଣ ଏତେ ବଡ଼ ପଗଡ଼ି କିପରି ପିନ୍ଧିହେବ ? ତେବେ ଏଭଳି ଏକ ପଗଡ଼ି ବାନ୍ଧି ବିଶ୍ୱ ରେକର୍ଡ କରିବାରେ ସକ୍ଷମ ହୋଇଛନ୍ତି ପଞ୍ଜାବର ପଟିଆଲାରେ ରହୁଥିବା ଅବତାର ସିଂହ ମୌନୀ । ସେ ବାନ୍ଧିଥିବା ପଗଡ଼ିଟିର ଓଜନ କେତେ ଥିଲା ଜାଣନ୍ତି ? ୪୫ କିଲୋଗ୍ରାମ୍ । ଆଉ ଏହାକୁ ଥରେ ମୁଣ୍ଡରେ ବାନ୍ଧିବା ପାଇଁ ପାଖାପାଖି ୬ଘଣ୍ଟା ଲାଗିଥାଏ । ଭିନ୍ନ ଡିଜାଇନରେ ପଗଡ଼ି ବାନ୍ଧିବାର ସୌକ ଥିବାରୁ ଅବତାର ଅନେକ ସମୟରେ ବିଭିନ୍ନ ଡିଜାଇନରେ ପଗଡ଼ି ପିନ୍ଧନ୍ତି । ତେବେ କେବଳ ରେକର୍ଡ କରିବା ଉଦ୍ଦେଶ୍ୟରେ ହିଁ ସେ ୪୫ କିଲୋଗ୍ରାମ୍ ଓଜନର ଏକ ପଗଡ଼ି ବାନ୍ଧିଥିଲେ । ତାଙ୍କର ସେହି ପଗଡ଼ିଟି ବିଶ୍ୱର ସବୁଠୁ ଲମ୍ବା ପଗଡ଼ିର ରେକର୍ଡ କରିଥିଲା । ତେଣୁ ଏହି ପଗଡ଼ି ପାଇଁ ଅବତାରଙ୍କ ନାଁ ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି ।

## ମତାମତ

- ଗତ ସପ୍ତାହରେ ପ୍ରକାଶିତ କବିତା ପଢ଼ି ଭଲ ଲାଗିଲା ।
*–ଶାନ୍ତି ସ୍ୱରୂପ ସାହୁ*
*ବଡବିଲ, କେନ୍ଦୁଝର ।*
- ଗତ ସପ୍ତାହରେ 'ଆଇନା' ସ୍ତମ୍ଭରେ ପ୍ରକାଶିତ ଫଟୋ ସୁନ୍ଦର ହୋଇଥିଲା ।
*–ସୁନନ୍ଦା ନାୟକ, ପୁରୀ*
- ଏହି ପୃଷ୍ଠାରେ ପ୍ରକାଶିତ ସମସ୍ତ ସ୍ତମ୍ଭ ମନଛୁଆଁ ହୋଇପାରୁଛି ।
*–ଦୀପକ ମଲ୍ଲିକ, ଯାଜପୁର*
- ଗତ ସପ୍ତାହରେ ପ୍ରକାଶିତ 'ଗପ' ପଢ଼ି ଭଲ ଲାଗିଲା ।
*–ଟ୍ୱିଙ୍କିଲ୍ ଦାସ, ବ୍ରହ୍ମପୁର*
- ଗତ ସପ୍ତାହରେ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ସୁନ୍ଦର ହୋଇଥିଲା ।
*–ତନ୍ମୟ ରାଉତ, ରେଢ଼ାଖୋଲ*

## ତୁମ ତୂଳୀରୁ



**ଧର୍ମେନ୍ଦ୍ର ଶବର,** କ୍ଲାସ-୮
ପ୍ର.ଉ.ପ୍ରା. ବିଦ୍ୟାଳୟ, ଶୁକ୍ଳିମୁଣ୍ଡି, ନୂଆପଡ଼ା








**କିଶାଳୟ ଷଡ଼ଙ୍ଗୀ,** କ୍ଲାସ-୮,
କେନ୍ଦ୍ରୀୟ ବିଦ୍ୟାଳୟ-୧, କଟକ

**କବିର ବେହେରା,** କ୍ଲାସ-୧୦
ଉତ୍କଳ ବାଳାଶ୍ରମ, ପୁରୀ





## ଟଗଲା ଭୀମୁ



## କଟକ: ବସ୍ତିରୁ ୧୩ କରୋନା ପଜିଟିଭ

**କଟକ ଅଫିସ:** ଭୁବନେଶ୍ୱର ପରେ ଏବେ କଟକ ସହରର ବସ୍ତିକୁ କରୋନା ମାଡ଼ିଯାଇଛି। ଶୁକ୍ରବାର ରାଣୀହାଟସ୍ଥିତ ମାଳିସାହି ବସ୍ତିରେ ୧୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ଗସ୍ତ ବିବରଣୀ ଏବଂ ସେମାନେ କାହା ସଂସ୍ପର୍ଶରେ ଆସିଥିଲେ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଶୁକ୍ରବାର ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନିକ ସ୍ତରରେ ତନାଘନା ଆରମ୍ଭ ହୋଇଯାଇଛି। ଶେଷ ଖବର ଲେଖା ହେବା ବେଳକୁ ପ୍ରଶାସନର ଏକ ଟିମ୍ ବସ୍ତିରେ ପହଞ୍ଚିଥିବା ସୂଚନା ମିଳିଛି। ସେହିଭଳି କଟକ ସହରରୁ ଶୁକ୍ରବାର ଚିହ୍ନଟ ହୋଇଥିବା ଆଉ ୧୦ ଜଣ ଆକ୍ରାନ୍ତ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି।

# ୬ରୁ ଖୋଲିବ ପର୍ଯ୍ୟଟନ ସ୍ଥଳୀ, ସଂଗ୍ରହାଳୟ

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ସ୍ମାରକୀ ଏବଂ ସଂଗ୍ରହାଳୟ ଆସନ୍ତା ୬ ତାରିଖରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲିବ। ଏଏସ୍‌ଆଇ ଭୁବନେଶ୍ୱର ସର୍କଲ୍ ପକ୍ଷରୁ ଏଥିପାଇଁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ରାଜ୍ୟ ଓ ଜିଲା ପ୍ରଶାସନ ଦେଇଥିବା ନିୟମକୁ କଡ଼ାକଡ଼ି ପାଳନ କରାଯିବ ବୋଲି କୁହାଯାଇଛି। ତେବେ ଏସବୁ ନନ୍‌କଣ୍ଟେନମେଣ୍ଟାଲ ଜୋନ୍ ପାଇଁ ଲାଗୁ ହେବ। ଏଥିରେ ଭୁବନେଶ୍ୱରର ରାଜାରାଣୀ ମନ୍ଦିର, ଚୂଡ଼ଙ୍ଗଗଡ଼, ଶାନ୍ତିସ୍ତୁପ ଧଉଳି, ଖଣ୍ଡଗିରି- ଉଦୟଗିରି ଗୁମ୍ଫା, ପାପନାଶିନୀ, କଟକର ଲଳିତଗିରି, ବାରବାଟୀ, ରତ୍ନଗିରି, ଲାଙ୍ଗୁଡ଼ି ପାହାଡ଼, ଅନୁଗୋଳର ରାସୋଳ, ଝରିଆଲ୍, ବିକ୍ରମ ଖୋଲ୍, ସାରଙ୍ଗ ଅନନ୍ତ ଶାୟୀ ବିଷ୍ଣୁ, ଅସୁରଗଡ଼ ଭଳି ଐତିହ୍ୟସ୍ଥଳୀ ରହିଛି। ବର୍ତ୍ତମାନ ପରିସ୍ଥିତିରେ ପୁରୀ ସହରରେ ଥିବା ଅଠରନଳା ଓ କେଣାର୍କକୁ ଖୋଲିବାକୁ ଅନୁମତି ଦିଆଯାଇନାହିଁ। କାରଣ ସେଠାରେ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଞ୍ଚଳକୁ ନିଷିଦ୍ଧ ଘୋଷଣା କରାଯାଇଛି।

ଆସନ୍ତା ଦିନରେ ଏଏସ୍‌ଆଇ ଯେଉଁସବୁ ଐତିହ୍ୟସ୍ଥଳ ଖୋଲିବ ସେଠାରେ କରୋନା ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ପର୍ଯ୍ୟଟକମାନେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇ ମାସ୍କ ପିନ୍ଧି ଆସିବା ବାଧ୍ୟତାମୂଳକ। ନିର୍ଦ୍ଧାରିତ ସ୍ଥାନରେ ପର୍ଯ୍ୟଟକ ଗାଡ଼ି ପାର୍କିଂ କରିବେ। ସେହିପରି ଐତିହ୍ୟସ୍ଥଳୀ ପାଇଁ ଲାଗୁଥିବା ଶୁଳ୍କ ପର୍ଯ୍ୟଟନ ଇ-ପେମେଣ୍ଟ୍ ଜରିଆରେ ଟିକେଟ୍ ପୈଠ କରିବେ। ଥର୍ମାଲସ୍କ୍ରିନିଂ ଓ ସାନିଟାଇଜରକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ପର୍ଯ୍ୟଟନ ସ୍ଥଳୀ ଓ ଐତିହ୍ୟସ୍ଥଳୀର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ଏହି ବ୍ୟବସ୍ଥା ରହିବ। ସମସ୍ତ ପର୍ଯ୍ୟଟକ ଧାଡ଼ିରେ ଆସିବା ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ନଜର ରଖିବେ। ଏମାନେ ଭିଡ଼କୁ ନିୟନ୍ତ୍ରଣ କରିବା ସହ ଲୋକଙ୍କୁ ସାମାଜିକ ଦୂରତ୍ୱ ରଖିବାରେ ସାହାଯ୍ୟ କରିବେ। ଏକ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଐତିହ୍ୟସ୍ଥଳ ପରିସରରେ ରହିପାରିବେ। ପର୍ଯ୍ୟଟନ ସ୍ଥଳକୁ ପ୍ରବେଶ ବେଳେ ସେମାନେ ନିଜ ମୋବାଇଲ୍ ନମ୍ବର ଏଏସ୍‌ଆଇ ଅଧିକାରୀଙ୍କୁ ଦେବେ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ବା ଆବଶ୍ୟକ ସ୍ଥଳେ ପର୍ଯ୍ୟଟକଙ୍କ ଯାତ୍ରା ତାଲିକା ରେକର୍ଡ କରାଯାଇ ପାରିବ। ଏଥିସହ ଏସବୁ ସ୍ଥାନକୁ ନିୟମିତ ବ୍ୟବଧାନରେ ସାନିଟାଇଜ୍ କରାଯିବାର ବନ୍ଦୋବସ୍ତ କରାଯାଉଥିବା ଏଏସ୍‌ଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

- ପର୍ଯ୍ୟଟକମାନେ ସାମାଜିକ ଦୂରତ୍ୱ ସହ ମାସ୍କ ପିନ୍ଧି ଆସିବା ବାଧ୍ୟତାମୂଳକ
- କଣ୍ଟେନମେଣ୍ଟ ଜୋନ୍ ବା କଟକଣା ଅଞ୍ଚଳରେ ଖୋଲିବନି

# ଅନ୍‌ଲାଇନ୍ ପରୀକ୍ଷାକୁ ବିରୋଧ



ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା।

## ବିପିୟୁଟି ଫାର୍ମାସି ଷ୍ଟୁଡେଣ୍ଟ ଆସୋସିଏଶନର ଧାରଣା

**କଟକ ଅଫିସ,୩।୭**

ଅଲ ଓଡ଼ିଶା ବିପିୟୁଟି ଫାର୍ମାସି ଷ୍ଟୁଡେଣ୍ଟ ଆସୋସିଏଶନ ବିଭିନ୍ନ ଦାବି ନେଇ ଶୁକ୍ରବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛି। ରାଜ୍ୟ ସରକାର ବିପିୟୁଟିରେ ଅନ୍‌ଲାଇନରେ ପରୀକ୍ଷା ହେବ ବୋଲି ଘୋଷଣା କରିଛନ୍ତି। ମାତ୍ର ବିଦ୍ୟାର୍ଥୀମାନେ ଏହାକୁ ବିରୋଧ କରି ଧାରଣା ଦେଇଛନ୍ତି। ଯାହର ଲ୍ୟାପଟପ କିମ୍ବା କମ୍ପ୍ୟୁଟର ନାହିଁ, ସେମାନେ ନିକଟସ୍ଥ ଅନ୍‌ଲାଇନ ସେଣ୍ଟରରେ ପରୀକ୍ଷା ଦେବାକୁ କୁହାଯାଇଛି। ମାତ୍ର ଅଧିକାଂଶ ବିଦ୍ୟାର୍ଥୀ କରୋନା ପାଇଁ ଗାଁରେ ଥିବାରୁ ସେଠାରେ ଅନ୍‌ଲାଇନ୍ ସେଣ୍ଟର ମଧ୍ୟ ନାହିଁ। ଅନ୍ୟ କୌଣସି ସେଣ୍ଟରକୁ ଆସି ପରୀକ୍ଷା ଦେଲେ କରୋନା ସଂକ୍ରମଣର ଭୟ ରହିଥିବା ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଅଚ୍ୟୁତାନନ୍ଦ ସ' କହିଛନ୍ତି। ଏନେଇ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଦାବିପତ୍ର ଦିଆଯାଇଛି। ରାଜ୍ୟ ସରକାର ଏହାର ପୁନର୍ବିଚାର କରି ପୂର୍ବ ପରୀକ୍ଷା ଫଳ ଅନୁସାରେ ବିଦ୍ୟାର୍ଥୀଙ୍କୁ ମାର୍କ ଦେବା ପାଇଁ ଆସୋସିଏଶନ ଦାବି କରିଛି।

## ସଂକ୍ଷେପରେ

### ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲିପାଟଣା,୩।୭(ଡି.ଏନ୍.ଏ.):** ବାଲିପାଟଣା ଥାନା ଅଧୀନ ଲକ୍ଷ୍ମୀ ଜନାର୍ଦ୍ଦନ ପାଟଣାର ସାନ ନୁଆପାଟଣାରେ ଶୁକ୍ରବାର ଜଣେ ନବବଧୂଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ସୁଶ୍ରୀ ଜେନା(୨୬)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଅନ୍ୟ ପଟେ ତାଙ୍କ ଝିଅକୁ ଯୌତୁକ ନିର୍ଯାତନା ଦିଆଯାଉଥିଲା ବୋଲି ବାପଘର ଲୋକେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୯୭/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନାଥାଉ କି, ଭାପୁର ପଞ୍ଚାୟତର ଷଡ଼ଙ୍ଗୀ ସାହିର ସୁଶ୍ରୀ ୨ମାସ ପୂର୍ବେ ସାନ ନୁଆପାଟଣା ବିପିନ ବେହେରାଙ୍କୁ ବିବାହ କରିଥିଲେ। କୌଣସି କାରଣରୁ ଶୁକ୍ରବାର ଶୁଶ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୨ ଦେଶ ସମ୍ପର୍କକୁ ହୃଦ୍‌ବୋଧ କରି ନିଷ୍ପତ୍ତି ନିଅ

**ପୁରୀ ଅଫିସ,୩।୭:** ନେପାଳ ଭାରତର ୩ଟି ଅଞ୍ଚଳକୁ ନିଜ ନକ୍ସାରେ ସାମିଲ କରିବା ପରେ ଭାରତ-ନେପାଳ ମଧ୍ୟରେ ସୀମା ବିବାଦ ଦେଖାଦେଇଛି। ଏ ସମ୍ପର୍କରେ ପୁରୀ ଗୋବର୍ଦ୍ଧନ ମଠରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ପ୍ରତିକ୍ରିୟା ରଖିଛନ୍ତି। ଶୁକ୍ରବାର ଶଙ୍କରାଚାର୍ଯ୍ୟ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇ କହିଛନ୍ତି, ସାମାଜିକ, ସାଂସ୍କୃତିକ, ଧାର୍ମିକ, ଆଧାତ୍ମିକ, ବିଶ୍ୱସ୍ତ ପ୍ରତିନିଧିଙ୍କ ସହିତ ସର୍ବଦଳୀୟ ବୈଠକ ଡାକି ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ମାଧମରେ ବିବାଦର ସମାଧାନ କରାଯାଉ। ଭାରତ ଓ ନେପାଳ ସମ୍ପର୍କକୁ ହୃଦ୍‌ବୋଧ କରି ନିଷ୍ପତ୍ତି ନେବାକୁ ଶଙ୍କରାଚାର୍ଯ୍ୟ କହିଛନ୍ତି।

### ଲୋକନାଥଙ୍କ ପୀଠରେ ହେବନି ଜଳ ଲାଗି

**ପୁରୀ ଅଫିସ,୩।୭:** ପୁରୀର ଶୈବପୀଠ ଶ୍ରୀଲୋକନାଥଙ୍କଠାରେ ଜଳ ଲାଗି ହେବ ନାହିଁ। ଏ ନେଇ ଶୁକ୍ରବାର ଏକ ବୈଠକରେ ନିଷ୍ପତ୍ତି ହୋଇଛି। ଉପଜିଲାପାଳ ଭବତାରଣ ସାହୁଙ୍କ ଅଧକ୍ଷତାରେ ଏହି ବୈଠକରେ ସିଟି ଡିଏସ୍‌ପି କ୍ଷୀରସାଗର ନାୟକ, ଲୋକନାଥ ମନ୍ଦିରର ପାଳିଆ ସେବାୟତ, ମ୍ୟାନେଜର ଅପଚ୍ଛ ପରିଡ଼ା ପ୍ରମୁଖ ସାମିଲ ଥିଲେ। ଆସନ୍ତା ୬ ତାରିଖରେ ଶ୍ରାବଣ ମାସର ପ୍ରଥମ ସୋମବାର। ମାତ୍ର କରୋନା ପାଇଁ ଏଥର ଜଳ ଲାଗି ହେବ ନାହିଁ ବୋଲି ଉପଜିଲାପାଳ ପାଳିଆ ସେବାୟତଙ୍କୁ ଅବଗତ କରାଇଥିଲେ।

### ବେଗୁନିଆରେ ଯୁବତୀ ପଜିଟିଭ୍

**ଖୋର୍ଦ୍ଧା ଅଫିସ,୩।୭:** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ଜଣେ ୨୩ବର୍ଷୀୟା ଯୁବତୀ ଶୁକ୍ରବାର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଯୁବତୀଙ୍କୁ ଚିକିତ୍ସା ପାଇଁ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ସେ ଦିଲ୍ଲୀରୁ ଫେରି ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଜିଲାର ୨୭୮ ଜଣଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି।

# ରାଜ୍ୟରେ କମିଛି ବାଲ୍ୟବିବାହ

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ଓଡ଼ିଶାରେ ଗତ କିଛିବର୍ଷ ମଧ୍ୟରେ ବାଲ୍ୟବିବାହ ଆଶାତୀତ ଭାବେ ହ୍ରାସ ପାଇଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣରୁ ଜଣାଯାଇଛି ଯେ, ଗତ ଦଶବର୍ଷ ମଧ୍ୟରେ ରାଜ୍ୟରେ ବାଲ୍ୟବିବାହ ୩୭.୨ ପ୍ରତିଶତରୁ ୨୧.୩ ପ୍ରତିଶତକୁ ହ୍ରାସ ପାଇଛି। ଜାତୀୟ ସ୍ତରରେ ଏହି ହାର ୨୬.୮ ପ୍ରତିଶତ ରହିଛି। ଏବେ ବି ଅନେକ ଜିଲାରେ ଝିଅମାନେ ଅଳ୍ପ ବୟସରେ ବିବାହର ଶିକାର ହେଉଛନ୍ତି ବୋଲି 'ଓଡ଼ିଶାରେ ବାଲ୍ୟବିବାହର ଅନ୍ତ' ଶୀର୍ଷକ ୱେବିନାରରେ ମତପ୍ରକାଶ ପାଇଛି। ଶୁକ୍ରବାର ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ୟୁନିସେଫ୍ ଏବଂ ୟୁନାଇଟେଡ୍ ନେସନ୍ସ ପପୁଲେସନ୍ ଫଣ୍ଡ (ୟୁଏନ୍‌ଏଫ୍‌ପିଏ) ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଅଧକ୍ଷତା କରି ଓଡ଼ିଶାରେ ବାଲ୍ୟବିବାହକୁ ରୋକିବା ନିମନ୍ତେ ରାଜ୍ୟ ସରକାର ବହୁମୁଖୀ କୌଶଳ ପ୍ରୟୋଗ କରୁଛନ୍ତି ବୋଲି କହିଥିଲେ। ବିଭାଗୀୟ ସଚିବ ଅନୁ ଗର୍ଗ କହିଥିଲେ ଯେ, ୨୦୩୦ ମସିହା ସୁଦ୍ଧା ରାଜ୍ୟକୁ ସମ୍ପୂର୍ଣ୍ଣ ବାଲ୍ୟବିବାହରୁ ମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ବହୁମୁଖୀ କୌଶଳ ଆପଣେଇଛନ୍ତି। କୋଭିଡ୍-୧୯ ଅସାଧାରଣ ପରିସ୍ଥିତିରେ ଯେପରି କେଉଁଠାରେ ବାଲ୍ୟବିବାହ ନ ଘଟେ ତାହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ଅନୁ ଗର୍ଗ ଜିଲାସ୍ତରରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମିଶନ ଶକ୍ତିର କମିଶନର ତଥା ନିର୍ଦ୍ଦେଶକ ସୁଜାତା କାର୍ତ୍ତିକେୟନ୍ ରାଜ୍ୟରେ ୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ବାଲ୍ୟବିବାହ ରୋକିବା ଦିଗରେ କିଭଳି ଉଦ୍ୟମ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ୟୁଏନ୍‌ଏଫ୍‌ପିଏର କଣ୍ଟ୍ରି ପ୍ରତିନିଧି ମିସ୍ ଆର୍ଜେଣ୍ଟିନା ମାଟ୍‌ଭେଲ୍ ପିସିନ୍, ୟୁନିସେଫ୍‌ର ଶିଶୁ ସୁରକ୍ଷାର ମୁଖ୍ୟ ମିସ୍ ସୋଲେଡାଡ୍ ହେରେରୋ ପ୍ରମୁଖ ଯୋଗଦେଇଥିଲେ।

## ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ସରକାର: ଭାଜପା

**ଭୁବନେଶ୍ୱର,୩।୭(ବ୍ୟୁରୋ)**

ଓଡ଼ିଶାର ବୈଷୟିକ ବିଦ୍ୟାଳୟ (ବିପିୟୁଟି)ର ଶେଷ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନରେ କରିବା ନିଷ୍ପତ୍ତି ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ। ଅନ୍‌ଲାଇନ ପରୀକ୍ଷା ପାଇଁ ରହିଥିବା ୨୭ ପୃଷ୍ଠାର ନିୟମାବଳୀକୁ ପୂରଣ କରିବା ବହୁ ପିଲାଙ୍କ ପକ୍ଷରେ ଅସମ୍ଭବ ବ୍ୟାପାର। ନିୟମାବଳୀରେ କମ୍ପ୍ୟୁଟର ପାଇଁ ୪ ଜିବି ରାମ୍, ୱେବ୍ କ୍ୟାମ୍, ମାଇକ, ୩ ଘଣ୍ଟା ଲଗାତର ବିଦ୍ୟୁତ୍ ସରବରାହ ଭଳି ଥିବା ଆବଶ୍ୟକତା ଗ୍ରାମାଞ୍ଚଳରେ ରହୁଥିବା ଛାତ୍ରୀଛାତ୍ର ପୂରଣ କରିବା ସମ୍ଭବ ନୁହେଁ ବୋଲି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଇରାଶିଷ କହିଛନ୍ତି ଯେ, ଏହି ସୁବିଧା ନ ଥିବା ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରକୁ ଯିବାରେ କଣ୍ଟେନମେଣ୍ଟ ଜୋନ ସମସ୍ୟା କରିବା ସହ ବାହାର ରାଜ୍ୟରୁ ଆସି ପାଠ ପଢୁଥିବା ପିଲାଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହେବ। ରାଜ୍ୟ ସରକାର ସବୁ ଜାଣି ସରଳ ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। କରୋନା ସଙ୍କଟରେ ଛାତ୍ରୀଛାତ୍ର ହଷ୍ଟେଲ ଛାଡ଼ି ଘରକୁ ଆସିଥିବାରୁ ସେମାନଙ୍କ ପାଖରେ ପାଠ୍ୟପୁସ୍ତକ ନାହିଁ। ଏଭଳି ପରିସ୍ଥିତିରେ ନୂଆ ପ୍ରଣାଳୀରେ ଖୋଲା ବହି ପରୀକ୍ଷା (ଓପନ୍ ବୁକ୍ ଟେଷ୍ଟ) ଏକ ହାସ୍ୟାସ୍ପଦ ବିଷୟ ବୋଲି ସେ କହିଛନ୍ତି।

# ଗୋଖାଦ୍ୟ ବସ୍ତାରେ ଗଞ୍ଜେଇ ଚୋରାଚାଲାଣ

**ଭୁବନେଶ୍ୱର,୩।୭ (ବ୍ୟୁରୋ)**




- ୮୦ କେଜି ଗଞ୍ଜେଇ ଓ କାର୍ ଜବତ, ୪ ଗିରଫ

କନ୍ଧମାଳରୁ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣବେଳେ ଭୁବନେଶ୍ୱର କଳିଙ୍ଗନଗର କେ୨ ଛକରେ ଧରାପଡିଛି। ଖଣ୍ଡଗିରି ଥାନା ପୋଲିସ ଓ କ୍ୟୁଏଟି ମିଳିତ ଚଢ଼ାଉ କରି ଏକ କାର ସହ ଗୋଖାଦ୍ୟ ବସ୍ତାରେ ଥିବା ୮୦ କେଜି ଗଞ୍ଜେଇ ଓ ୪ ମୋବାଇଲ୍ ଫୋନ୍ ଜବତ କରିଛି। ଏଥିସହ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ବାଲିଗୁଡା ଥାନା ଅଞ୍ଚଳର ବିନୋଦ ଦିଗଲ, ଦାରିଙ୍ଗବାଡି ଥାନା ଅଞ୍ଚଳର ଜ୍ୟୋତିରାଜ ଦିଗଲ, ଟିକାବାଲି ଥାନା ଅଞ୍ଚଳର ରାମକୃଷ୍ଣ କହଁର ଓ ଲକ୍ଷ୍ମୀଧର ଦାସ। ପଡୋଶୀ ରାଜ୍ୟର ୨ଜଣ ବେପାରୀଙ୍କୁ ଏସବୁ ଗଞ୍ଜେଇ ଦେବାକୁ ନେଉଥିବା ସେମାନେ କହିଛନ୍ତି। ତେବେ ଏ ନେଇ ଖଣ୍ଡଗିରି ଥାନାରେ ମାମଲା (ନଂ. ୩୭୫/୨୦) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ସରକାରଙ୍କୁ କଂଗ୍ରେସର ଟାର୍ଗେଟ୍

**ଭୁବନେଶ୍ୱର,୩।୭(ବ୍ୟୁରୋ)**

## ଭୂମିହୀନ ଚାଷୀଙ୍କୁ ଋଣ ଦେବା ପ୍ରସଙ୍ଗ

ଓଡ଼ିଶା ସରକାର ଭୂମିହୀନ ଚାଷୀଙ୍କ ପାଇଁ ପୁଣି ଏକ ନୂଆ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନାରେ ଆଗାମୀ ୨ ବର୍ଷ ଭିତରେ ୭ ଲକ୍ଷ ଚାଷୀ ପରିବାର ୧ ହଜାର ୪୦ କୋଟି ଟଙ୍କାର ଋଣ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ସରକାର କାଳିଆ ନାମରେ ଏକ ଯୋଜନା ପ୍ରଣୟନ କରିଥିଲେ। ଏଥିରେ ୭୫ ଲକ୍ଷ ଚାଷୀ ପରିବାରକୁ ପ୍ରତି ବର୍ଷ ୧୦ ହଜାର ଟଙ୍କା ସହୟତା ଦେବା ପାଇଁ ଘୋଷଣା ହୋଇଥିଲା। ଅଦ୍ୟାବଧି ସରକାର ଏହି ଯୋଜନାରେ ୪୨ଲକ୍ଷ ଚାଷୀ ପରିବାରଙ୍କୁ ସାମିଲ କରିଛନ୍ତି। ଏହି ତାଲିକାରେ ଅନେକ ଅଯୋଗ୍ୟ ହିତାଧିକାରୀ ଥିବାର ପ୍ରମାଣ ମିଳିବା ପରେ ସରକାର ସେମାନଙ୍କଠାରୁ ଟଙ୍କା ଫେରାଇବା ପାଇଁ ନୋଟିସ ଜାରି କରିଥିଲେ। ଏହି ତାଲିକାରେ ସରକାରୀ କର୍ମଚାରୀ, ଆୟକର ଦେଉଥିବା ବ୍ୟକ୍ତିବିଶେଷ, ଗୋଟିଏ ପରିବାରର ଏକାଧିକ ବ୍ୟକ୍ତି, ନାବାଳକ ମଧ୍ୟ ରହିଥିଲେ। କେନ୍ଦ୍ର ସରକାର ମଧ୍ୟ ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନା କରି ବର୍ଷକୁ ପାଖାପାଖି ୩୭ ଲକ୍ଷ ଚାଷୀ ପରିବାରକୁ ୬ ହଜାର ଟଙ୍କା ଲେଖାଏ ସହାୟତା ଦେଉଛନ୍ତି। ବର୍ତ୍ତମାନ ଓଡ଼ିଶା ସରକାର କାଳିଆ ଯୋଜନାକୁ ପ୍ରଧାନମନ୍ତ୍ରୀ ଯୋଜନା ସାଥିରେ ମିଶାଇ ଯୋଗ୍ୟ ହିତାଧିକାରୀଙ୍କୁ ୪ ହଜାର ଟଙ୍କା ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ବଳିଆ ଯୋଜନାରେ ଭୂମିହୀନ ଚାଷୀଙ୍କୁ ୫ ଜଣିଆ ଗୋଷ୍ଠୀ କରି ଯେଉଁ ଋଣ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି, ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ କହିଛନ୍ତି। ଏବେ ସୁଦ୍ଧା ଓଡ଼ିଶାରେ ଭାଗଚାଷୀ ଚିହ୍ନଟ ପ୍ରକ୍ରିୟା ହୋଇପାରି ନାହିଁ। ଋଣ ଦେବା ପାଇଁ ଜମି ମାଲିକମାନେ ସେମାନଙ୍କୁ ଅଧିକୃତ ଭାଗଚାଷୀ ଭାବେ ବିଧିବଦ୍ଧ ସ୍ୱୀକୃତି ଦେବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

## ୫ ରାଜନୈତିକ ଦଳ, ସଙ୍ଗଠନ ନାଁରେ ଏତଲା

**ଭୁବନେଶ୍ୱର, ୩।୭(ବ୍ୟୁରୋ):** କରୋନା ନିୟମକୁ ଉଲ୍ଲଂଘନ କରି ବିକ୍ଷୋଭ ଓ ଧାରଣା ଦେଇଥିବା ୫ଟି ରାଜନୈତିକ ଦଳ ଓ ସଙ୍ଗଠନ ବିରୋଧରେ ବିଏମ୍‌ସି ପକ୍ଷରୁ ବିଭିନ୍ନ ଥାନାରେ ଏତଲା ଦିଆଯାଇଛି। ଏହାସହ ଆଗାମୀ ଦିନରେ କୌଣସି ସାମାଜିକ କାର୍ଯ୍ୟକ୍ରମ, ବିକ୍ଷୋଭ ଓ ଏକାଠି ହେବାଭଳି କାର୍ଯ୍ୟକଳାପ ନ କରିବାକୁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ନିର୍ଦ୍ଦେଶ ଦେଇଛନ୍ତି। ଜୁନ୍ ୧୨ରେ ନବନିର୍ମାଣ କୃଷକ ସଂଗଠନର କର୍ମୀ ଭୁବନେଶ୍ୱର ସିବିଆଇ ଅଫିସ୍ ସମ୍ମୁଖରେ ଏକାଠି ହୋଇଥିଲେ। ଜୁନ୍ ୨୬ରେ କଂଗ୍ରେସ ଭବନ ସମ୍ମୁଖରେ ଯୁବ କଂଗ୍ରେସ ପକ୍ଷରୁ ତୈଳଦର ବୃଦ୍ଧିର ପ୍ରତିବାଦ, ଗତ ଗୁରୁବାର ଭାଜପା ପକ୍ଷରୁ କଳ୍ପନା ଛକ ନିକଟରେ ବିକ୍ଷୋଭ, ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକରେ ସିଟୁ, ଆଇଏନ୍‌ଟିୟୁସି, ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ବେଳେ କୋଭିଡ୍ ନିୟମ ଉଲ୍ଲଘନ କରାଯାଇଥିଲା। ୭ରୁ ଅଧିକ ବ୍ୟକ୍ତିବିଶେଷ ଏକାଠି ହୋଇଥିଲେ। ତେଣୁ ବିଏମ୍‌ସି ପକ୍ଷରୁ ଥାନାରେ ଏତଲା ଦିଆଯାଇଥିବା କୁହାଯାଇଛି।

## ଦୁର୍ଘଟଣାର ଟ୍ରାକିଂ କରିବାକୁ ଆପ୍ ଲୋକାର୍ପିତ

**ଭୁବନେଶ୍ୱର, ୩।୭(ବ୍ୟୁରୋ):** ରାଜ୍ୟରେ ଥିବା କାରଖାନାଗୁଡ଼ିକରେ ଘଟୁଥିବା ଦୁର୍ଘଟଣାର ଠିକ୍ ରିପୋର୍ଟିଂ ଏବଂ ଟ୍ରାକିଂ ପାଇଁ ରାଜ୍ୟ ସରକାର ଆକ୍ସିଡେଣ୍ଟ ମନିଟରିଂ ସିଷ୍ଟମ୍ ଶୀର୍ଷକ ଏକ ଅନ୍‌ଲାଇନ୍ ସେବା ବ୍ୟବସ୍ଥାର ଲୋକାର୍ପଣ କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ଅଧୀନ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ୫ଟି କାର୍ଯ୍ୟକ୍ରମରେ ଏକ ନୂଆ ପଦକ୍ଷେପ। ଏହି ନୂତନ ସିଷ୍ଟମ ବ୍ୟବହାର ଦ୍ୱାରା ଫ୍ୟାକ୍ଟ୍ରିଗୁଡ଼ିକରେ ଘଟୁଥିବା ଦୁର୍ଘଟଣାର ରିପୋର୍ଟିଂ ଶୀଘ୍ର ହୋଇପାରିବ ଓ ସାମଗ୍ରିକ ପ୍ରଶାସନିକ ବ୍ୟବସ୍ଥା ଖୁବ୍ ସହଜ ହେବ। ଏଥି ସହିତ ପ୍ରତ୍ୟେକଟି ଦୁର୍ଘଟଣା ଓ କ୍ଷତିଗ୍ରସ୍ତ ଶ୍ରମିକଙ୍କର ସବିଶେଷ ବିବରଣୀ ଏହି ପୋର୍ଟାଲରେ ଉପଲବ୍ଧ ହେବ ବୋଲି ଜଣାପଡିଛି।

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

### ବୀରମିତ୍ରପୁର ନାବାଳିକା ବଳାତ୍କାର ଘଟଣା

**ଭୁବନେଶ୍ୱର, ୩।୭(ବ୍ୟୁରୋ):** ବୀରମିତ୍ରପୁର ଥାନାରେ ନାବାଳିକାଙ୍କୁ ବଳାତ୍କାର ଓ ଗର୍ଭପାତ କରାଯିବା ଘଟଣାରେ ପୋଲିସର ସମ୍ପୃକ୍ତି ରାଜ୍ୟକୁ ନିନ୍ଦିତ କରିଛି। ଏଭଳି ଅମାନୁଷିକ କାର୍ଯ୍ୟରେ ଜଡ଼ିତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଦାବି କରିଛନ୍ତି। ଏହି ଘଟଣାରେ ଏସ୍‌ଡିପିଓ ଏବଂ ଏସ୍‌ପିଙ୍କ କାର୍ଯ୍ୟଶୈଳୀ ଉପରେ ସେ ପ୍ରଶ୍ନ ଉଠାଇବା ସହ ନାବାଳିକାଙ୍କ ଉଦ୍ଦେଶ୍ୟରେ କ୍ଷମା ପ୍ରାର୍ଥନା କରିବା ଡିଜିପିଙ୍କ ଅସହାୟତାକୁ ଦର୍ଶାଉଛି ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପଟେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଘଟଣାରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଛନ୍ତି। ଏଥିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଜଡ଼ିତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଡିଜିପିଙ୍କୁ ଅନୁରୋଧ କରିଛନ୍ତି।



ପୁରୀରେ ରସଗୋଲା ଭୋଗ ଲାଗିହେବାର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଶିଳ୍ପୀ ସୁଦାମ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ୟାଣ୍ଡ ଆନିମେଶନ।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅନ୍‌ଲାଇନ ଶିକ୍ଷା ଦାନ

**ନରାଜ, ୩।୭ (ଡି.ଏନ୍.ଏ.):** କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ରଙ୍କ ନୂତନ ପାଠ୍ୟକ୍ରମ ୧ ଜୁଲାଇରୁ ଅନ୍‌ଲାଇନ୍ ଜରିଆରେ ଆରମ୍ଭ ହୋଇଛି। ସେହିପରି ନୂତନ ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ୨୯ ଜୁଲାଇରୁ ଆରମ୍ଭ ହେବ ବୋଲି ବିଶ୍ୱବିଦ୍ୟାଳୟର କୁଳପତି ଅଜୟ୍ କୁମାର ସିଂ ସୂଚନା ଦେଇଛନ୍ତି। କରୋନ ମହାମାରୀକୁ ଦୃଷ୍ଟିରେ ରଖି ଏହାପୂର୍ବରୁ ଅନ୍‌ଲାଇନ ଜରିଆରେ ପରୀକ୍ଷା ପରିଚାଳନା କରାଯାଇ ଫଳ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ୪୩ ବିଷୟରେ ଶିକ୍ଷାଦାନ ଦିଆଯାଉଛି। ଏହାଛଡ଼ା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଗୁରୁଦେବ ରବିଶଙ୍କରଙ୍କ ଦ୍ୱାରା ଅନ୍‌ଲାଇନ୍ ଜରିଆରେ ପ୍ରତ୍ୟହ ଧାନ ଓ ପ୍ରାଣାୟାମ କାର୍ଯ୍ୟକ୍ରମ କରାଯାଉଛି ବୋଲି କୁଳପତି ସିଂ କହିଛନ୍ତି।

# ଗୋଟିଏ ଦିନ ଶ୍ରୀମନ୍ଦିରରେ ହୁଏ ରସଗୋଲା ଭୋଗ

**ପୁରୀ ଅଫିସ,୩।୭**

## ନୀଳାଦ୍ରିବିଜେ

ନବଦିନାତ୍ମକ ଯାତ୍ରାରେ ବାହାରିଥିବା ମହାପ୍ରଭୁ ନୀଳାଦ୍ରିବିଜେରେ ରତ୍ନବେଦିକୁ ଫେରିଥାନ୍ତି। ଏହି ଗୋଟିଏ ଦିନ ହିଁ ଶ୍ରୀମନ୍ଦିରରେ ରସଗୋଲା ଭୋଗ ହୋଇଥାଏ। ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ନୀଳାଦ୍ରିବିଜେ ଦିନ ତିନିରଥରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ନୀତି ସରିବା ପରେ ପ୍ରତି ରଥରେ ଚାରମାଳ ବନ୍ଧାଯାଏ। ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଭୋଗ ଲାଗି ନୀତି ସମ୍ପନ୍ନ ହୁଏ। ପ୍ରଥମେ ମହାଜନ ସେବକ ମଦନମୋହନ, ରାମ ଓ କୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣିଘରକୁ ବିଜେ କରାଇଥାନ୍ତି। ଏହାପରେ ଗୋଟି ପହଣ୍ଡି କ୍ରମରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନସିଂହାସନକୁ ନିଆଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଚାର ଉପରକୁ ଓହ୍ଲାଇ ଆସିଲେ ମହାଲକ୍ଷ୍ମୀ ଠାକୁରାଣୀ ରୋଷଘର ନିକଟବର୍ତ୍ତୀ ଭେଟ ମଣ୍ଡପକୁ ଆସିଥାନ୍ତି। ଏହାପରେ ମା' ଲକ୍ଷ୍ମୀଙ୍କ ତରଫରୁ ଭିତରଚ୍ଛ ମହାପାତ୍ର ଓ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତି ମହାପାତ୍ର ସେବକ ବନ୍ଦାପନା ନୀତି ବଢ଼ାଇଥାନ୍ତି। ପରମ୍ପରା ଅନୁଯାୟୀ, ପହଣ୍ଡି ବିଜେ କରି ଶ୍ରୀଜଗନ୍ନାଥ ସିଂହଦ୍ୱାରରେ ପହଞ୍ଚିବା ବେଳେ କିଛି ସମୟ ପାଇଁ ଦ୍ୱାର ବନ୍ଦ ରହି ପରେ ଖୋଲାଯାଏ। ମହାପ୍ରଭୁ ଜୟ ବିଜୟ ଦ୍ୱାରରେ ବିଜେ କରିବାବେଳେ ଦ୍ୱାରକୁ ଭିତରପଟୁ ବନ୍ଦ କରାଯାଏ। ମା' ଲକ୍ଷ୍ମୀଙ୍କ ତରଫରୁ ଜୟ ବିଜୟ ଦ୍ୱାରର ଭିତରପଟେ ଜଣେ ଓ ମହାପ୍ରଭୁଙ୍କ ପକ୍ଷରୁ ଜଣେ ଦ୍ୱାରର ଅପରପାର୍ଶ୍ୱରେ ରହନ୍ତି। ଉଭୟଙ୍କ ମଧ୍ୟରେ ବଚନିକା ହୋଇ ଦ୍ୱାର ଖୋଲାଯାଏ। ମହାପ୍ରଭୁ ଭଣ୍ଡାରଘର ଆଗରେ ପହଞ୍ଚିବା ପରେ ରୁକ୍ମିଣୀ ବିବାହକାଳୀନ ଗଇଁଠାଳ ଫିଟେ। ଭିତରଚ୍ଛ ମହାପାତ୍ର ବନ୍ଦାପନା ଓ ରସଗୋଲା ଭୋଗ କରିଥାନ୍ତି। ଏହାପରେ ଘସା, ବିଡ଼ିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି। ବର୍ଷକ ମଧ୍ୟରେ ଏହିଦିନ ଶ୍ରୀମନ୍ଦିର ଭିତରେ ରସଗୋଲା ଭୋଗ ହୁଏ। ଭିତରଚ୍ଛ ମହାପାତ୍ରଙ୍କ ଘରେ ଶୁଦ୍ଧପୁତ ଭାବେ ଏହି ରସଗୋଲା ପ୍ରସ୍ତୁତ ହୋଇଥାଏ। କଥିତ ଅଛି, ରଥଯାତ୍ରାରେ ମହାଲକ୍ଷ୍ମୀଙ୍କୁ ସଙ୍ଗରେ ନେଇ ନ ଥିବାରୁ ସେ ମାନ କରିଥାନ୍ତି। ଏହିଦିନ ମହାପ୍ରଭୁ ରସଗୋଲା ଖୁଆଇ ତାଙ୍କର ମାନ ଭଞ୍ଜନ କରିଥାନ୍ତି। ଏହିଦିନ ଅନେକ ବ୍ୟକ୍ତିବିଶେଷ, ମଠବାଡ଼ି ଓ ସେବକମାନେ ରଥ ଉପରେ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରିଥାନ୍ତି।

# ଆଜି ସିଂହାସନ ମାର୍ଜନା, ବନ୍ଧାଯିବ କନକମୁଣ୍ଡି ଚାନ୍ଦୁଆ

**ପୁରୀ ଅଫିସ,୩।୭**

## ନୀଳଚକ୍ରରେ ଉଡ଼ିବ ୧୫ ହାତର ଧ୍ୱଜା

ମଠ ସଂସ୍କୃତି ଓ ପରମ୍ପରାକୁ ନେଇ ଶ୍ରୀକ୍ଷେତ୍ର ବେଶ୍ ସମୃଦ୍ଧ। ଶ୍ରୀମନ୍ଦିରର ଅଧିକାଂଶ ରୀତିନୀତି ଓ ଯାନିଯାତ୍ରା ସହିତ ମଠଗୁଡ଼ିକର ସମ୍ପର୍କ ବହୁ ପ୍ରାଚୀନ କାଳରୁ ରହିଆସିଛି। ସମ୍ପ୍ରତି ସେହି ପରମ୍ପରା କେତେକାଂଶରେ ଲୋପ ପାଇଯାଇଥିଲେ ହେଁ କେତେକ ରୀତିନୀତି, ବେଶ, ପର୍ବପର୍ବାଣି ସହ ନିର୍ଦ୍ଦିଷ୍ଟ ମଠଗୁଡ଼ିକର ସମ୍ପର୍କ ଏବେ ବି ଅକ୍ଷୁଣ୍ଣ ରହିଛି। ଏଥିମଧ୍ୟରୁ ବଡ଼ ଓଡ଼ିଆ ମଠ ଅନ୍ୟତମ। ଶନିବାର ନୀଳାଦ୍ରିବିଜେ। ରତ୍ନସିଂହାସନକୁ ଫେରିବେ ଚତୁର୍ଦ୍ଧାବିଗ୍ରହ। ତେବେ ବଡ଼ ଓଡ଼ିଆ ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧାଯିବ। ଏଥିସହ ମଠ ମହନ୍ତ ସିଂହାସନ ମାର୍ଜନା କରିବେ ଏବଂ ନୀଳଚକ୍ରରେ ମଠ ପକ୍ଷରୁ ଧ୍ୱଜା ବନ୍ଧାଯିବା ପରେ ରଥାରୂଢ ଠାକୁର ପହଣ୍ଡି ହୋଇ ଶ୍ରୀମନ୍ଦିରକୁ ଆସିବା ପରମ୍ପରା ରହିଛି।

ଏ ସମ୍ପର୍କରେ ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ କୁହନ୍ତି, ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ ସମୟରୁ ଓଡ଼ିଆ ମଠ ରତ୍ନସିଂହାସନର ରକ୍ଷଣାବେକ୍ଷଣ ଏବଂ ମାର୍ଜନା କରିଆସୁଛି। ପରମ୍ପରା ମୁତାବକ, ନୀଳାଦ୍ରିବିଜେ ଦିନ ସକାଳେ ରତ୍ନସିଂହାସନ ଉପରେ ମଠ ପକ୍ଷରୁ କନକମୁଣ୍ଡି ଚାନ୍ଦୁଆ ବନ୍ଧାଯିବ। ଏଥିପାଇଁ ପାଟ ଏବଂ ସୂତା କପଡ଼ାରେ ଚାନ୍ଦୁଆ ତିଆରି ସରିଛି। ସେହିପରି ମଠ ପକ୍ଷରୁ ନୀଳଚକ୍ରରେ ୧୪ ହାତର ପତାକା(ଧ୍ୱଜା) ବିନା ଦେୟରେ ବନ୍ଧାଯିବ। ସନ୍ଧ୍ୟା ଧୂପ ପରେ ସିଂହାସନ ମାର୍ଜନା ହେବ ବୋଲି ମଠ ମହନ୍ତ କହିଛନ୍ତି।

### ସିଂହାସନ ମାର୍ଜନା

ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ ସମୟରୁ ବଡ଼ ଓଡ଼ିଆ ମଠ ମହନ୍ତମାନେ ରତ୍ନସିଂହାସନ ମାର୍ଜନା କରିଆସୁଛନ୍ତି। ନିଳାଦ୍ରୀବିଜେ ଦିନ ଏହି ମାର୍ଜନା କରାଯାଇଥାଏ। ଶ୍ରୀମନ୍ଦିର ପ୍ରଶାସନଠାରୁ ସୂଚନା ପାଇବା ପରେ ମଠ ମହନ୍ତ ଶ୍ରୀମନ୍ଦିର ଅଭିମୁଖେ ବାହାରନ୍ତି। ଗର୍ଭଗୃହ ଭିତରକୁ ଯାଇ ସିଂହାସନ ମାର୍ଜନା କରିଥାନ୍ତି। ପୂର୍ବରୁ ମଠରେ ଘୋରା ଯାଇଥିବା ୭୫୦ ଗ୍ରାମର ଚନ୍ଦନ, ୧୦୦ ଗ୍ରାମ୍ କର୍ପୁର, ୨ ଗ୍ରାମ୍ କେଶର, ୧ ଗ୍ରାମ୍ କସ୍ତୁରୀ ଏବଂ ୨୫୦ ଗ୍ରାମ୍ ଚୁଆରେ ମହନ୍ତ ସିଂହାସନ ମାର୍ଜନା କରନ୍ତି। ପ୍ରାୟ ୨ ଘଣ୍ଟା ଧରି ଏହି ମାର୍ଜନା ହୁଏ। ମାର୍ଜନା ସରିବା ପରେ ସିଂହଦ୍ୱାର ଦେଇ ମଠ ମହନ୍ତ ମଠକୁ ଫେରିଥାନ୍ତି।

ଧରିତ୍ରୀ
DHARITRI
ଶନିବାର, ୪ ଜୁଲାଇ, ୨୦୨୦



**ସର୍ବସାଧାରଣଙ୍କ ପାଇଁ ପୌର କାର୍ଯ୍ୟାଳୟ ମନା**

ନୟାଗଡ଼ ଅଫିସ,୩।୭: କରୋନା ସଂକ୍ରମଣ ପ୍ରତିହତ ପାଇଁ ନୟାଗଡ଼ ପୌର କାର୍ଯ୍ୟାଳୟ ସର୍ବସାଧାରଣଙ୍କ ପାଇଁ ବନ୍ଦ ରଖାଯାଇଛି। ଶୁକ୍ରବାରଠାରୁ ଏହି ନିୟମ କାର୍ଯ୍ୟକାରୀ ହୋଇଥିବା ନେଇ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ବିଜ୍ଞପ୍ତି ଜାରି କରିଛନ୍ତି। ଏପରି କି ଜନ୍ମମୃତ୍ୟୁ ପଞ୍ଜୀକରଣ, ଟ୍ରେଡ୍ ଲାଇସେନ୍ସ, ହୋଲ୍ଡିଂ ଟ୍ୟାକ୍ସ ପଇଠ, ସାଧାରଣ ଅଭିଯୋଗ କରିବାକୁ ଲୋକେ ମନା କରାଯାଇଛି। କେବଳ ମ୍ୟୁନିସିପାଲିଟି ୱେବ୍‌ସାଇଟରେ ଅଭିଯୋଗ କରିହେବ ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଦୈନିକ ଯୋଗଦାନ ୫୦ ପ୍ରତିଶତ କମାଇ ଦିଆଯାଇ ରୋଷ୍ଟର ଡ୍ୟୁଟି ଲାଗୁ କରାଯାଇଛି।

# ଫସଲ ବୀମାରୁ ବଞ୍ଚିତ ଅଣରଣୀ ଚାଷୀ

**ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷତିପୂରଣ ପାଉନାହାନ୍ତି**

କେନ୍ଦ୍ରାପଡ଼ା ଅଫିସ, ୩।୭

କେନ୍ଦ୍ରାପଡ଼ା ଜିଲାରେ ଜଳ ପରିଚାଳନା ସମସ୍ୟା, ବାତ୍ୟା ଓ ମରୁଡ଼ି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଏହି ଦୁର୍ଯୋଗରୁ ବାହାରିବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ସମସ୍ତ ଚାଷୀ ସାମିଲ ହୋଇପାରୁ ନାହାନ୍ତି। ଅଣରଣୀ ଚାଷୀଙ୍କୁ ବୀମା ଯୋଗାଇବାରେ ପ୍ରଶାସନ ବିଫଳ ହୋଇଛି। ଜିଲା କୃଷି ବିଭାଗ ତଥ୍ୟ ଅନୁଯାୟୀ, ୨୦୧୯ ଖରିଫ ଫସଲ ପାଇଁ ମୋଟ ୧ଲକ୍ଷ ୫୨ ହେକ୍ଟର ଜମିରେ ଚାଷ ହେବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହି ସମୟରେ ମୋଟ ୩ଲକ୍ଷ କୃଷକଙ୍କ ମଧ୍ୟରୁ ମାତ୍ର ୧ଲକ୍ଷ ୨୦ କୃଷକଙ୍କୁ ବୀମାଭୁକ୍ତ କରାଯାଇଥିଲା। ମାତ୍ର ୨ହଜାର ଅଣରଣୀ ଚାଷୀ ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନାରେ ସାମିଲ ହୋଇପାରିଥିଲେ। କୃଷକନେତା ବିଧୁଭୂଷଣ ମହାପାତ୍ର କୁହନ୍ତି, ଜିଲାର କୃଷିକ୍ଷେତ୍ରକୁ ଅନୁଧ୍ୟାନ କଲେ ୪ଟି ବୃହତ୍ ସମସ୍ୟା ଚାଷୀଙ୍କୁ ଆତଙ୍କିତ କରୁଛି। ଜିଲାରେ ୩୪,୯୫୨ ହେକ୍ଟର କ୍ଷେତ ଜମି ବନ୍ୟାପ୍ଲାବିତ ଅଞ୍ଚଳରେ ଅଛି। ସେହିପରି ୩୨,୩୫୦ ହେକ୍ଟର କ୍ଷେତ ଲୁଣାଞ୍ଚଳ ହୋଇଥିବାବେଳେ ମରୁଡ଼ିପ୍ରବଣ ୮୪,୯୧୦ ହେକ୍ଟର ଓ ୧୫,୮୫୦ ହେକ୍ଟର ଚାଷ କ୍ଷେତରେ ଜଳ ନିଷ୍କାସନ ସମସ୍ୟା ଅଛି। ଏହାବ୍ୟତୀତ ସାମୁଦ୍ରିକ ଜୁଆର, ବାତ୍ୟା ଦ୍ୱାରା ଖରିଫ ଓ ରବି ଫସଲ ନଷ୍ଟ ହେଉଛି। ୨୦୧୧ ଜନଗଣନା ତଥ୍ୟ ଆଧାରରେ ସେ କହିଥିଲେ, ଜିଲାରେ ମୋଟ ଚାଷୀଙ୍କ ମଧ୍ୟରୁ ୧,୨୦,୩୦୯ ନାମମାତ୍ର ଓ ୩୦,୮୪୧ କ୍ଷୁଦ୍ର ଚାଷୀ ସହ ୧,୪୩,୮୬୪ କୃଷି ଶ୍ରମିକ ଅଛନ୍ତି। ଆର୍ଥିକ ଦୁରବସ୍ଥା ଯୋଗୁ ବହୁ ଚାଷୀ ବ୍ୟାଙ୍କ ଋଣ ନ ପାଇ ହାଉଯାଧାରି ଆଣି ଫସଲ କରିଥାନ୍ତି। ମାତ୍ର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀ ବୀମା ନ ଥିବାରୁ ଫସଲ ହାନିର କ୍ଷତିପୂରଣ ପାଇପାରୁ ନାହାନ୍ତି। ସମସ୍ତ ଚାଷୀଙ୍କୁ ବୀମା ସୁବିଧା ଯୋଗାଇଦେବା ପାଇଁ ସେ ଦାବି କରିଛନ୍ତି। କୃଷକନେତା ଗୟାଧର ଧଳ କୁହନ୍ତି, ବୀମା କମ୍ପାନୀର ଅବହେଳା ଓ ଜନସଚେତନତା ଅଭାବରୁ ଏହି ବୀମା ଯୋଜନା ଫଳପ୍ରଦ ହୋଇ ପାରିନାହିଁ। ବୀମା ହୋଇଥିଲେ ଫସଲହାନିରେ ଚାଷୀ କ୍ଷତିପୂରଣ ପାଇପାରିବେ। ତେବେ ପ୍ରାକୃତିକ ବିପର୍ଯ୍ୟୟରେ ଉପଯୁକ୍ତ କ୍ଷତିପୂରଣ ପାଇପାରୁ ନ ଥିବାରୁ ଯୁବବର୍ଗ ଚାଷ ପ୍ରତି ଆଗ୍ରହ ଦେଖାଉ ନାହାନ୍ତି। ସେହିପରି କେନ୍ଦ୍ରାପଡ଼ା ବ୍ଲକ ଦେଫୁରା ଗ୍ରାମର ଚାଷୀ ଜଗଦୀଶ ପତି କୁହନ୍ତି, ଗତ ୩ ବର୍ଷ ହେଲା କେନାଲ ଜଳ ପରିଚାଳନା ନେଇ ଫସଲ ହାନି ହେଉଛି। ଫସଲ ବୀମା ହୋଇଥିଲେ ଚାଷଜନିତ କ୍ଷତି ଏତେ ବାଧୁ ନ ଥାନ୍ତା। ଫସଲ ଆମଦାନୀ ହେଉ ନ ଥିବାରୁ ଚଳିତବର୍ଷ ୧୩ ଏକର ମଧ୍ୟରୁ ୫ ଏକର ଜମିରେ ଚାଷକାର୍ଯ୍ୟ ବନ୍ଦ କରିଦେଇଛି। ଏ ସମ୍ପର୍କରେ ଭାରପ୍ରାପ୍ତ କୃଷି ଉପନିର୍ଦ୍ଦେଶକ ଅଶୋକ କୁମାର ମହାପାତ୍ର କୁହନ୍ତି, ୨୦୧୬ ମସିହା ଏପ୍ରିଲ ମାସରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ ହେଲା। ଏ ନେଇ ଚିଠି ମିଳିବା ପରେ ଜିଲାର ବହୁ ସ୍ଥାନରେ ବୈଠକ ସହ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ପ୍ରତି ପଞ୍ଚାୟତରେ ଏହି ବୀମା ସମ୍ପର୍କରେ ବାର୍ତ୍ତା ପହଞ୍ଚାଇବା ପାଇଁ ବିଭାଗୀୟ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଅଣରଣୀ ଚାଷୀଙ୍କ ନିକଟରେ ପହଞ୍ଚିବା ପାଇଁ ଆହୁରି ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି।

## ସ୍ଥାନାନ୍ତର ହେଲା କଳିଙ୍ଗନଗର ଆରଆଇସି



ନୂତନ ଆରଆଇସି ଅଫିସ୍ ଆଗରେ ଅଧିକାରୀମାନେ।

**ଧରିତ୍ରୀ ପ୍ରଭାବ**

ଯାଜପୁର ଅଫିସ, ୩।୭

ଯାଜପୁର ଜିଲା ପାଇଁ ଉଦ୍ଦିଷ୍ଟ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପ କେନ୍ଦ୍ର (ଆରଆଇସି) କାର୍ଯ୍ୟାଳୟ କଟକ ଜିଲା ଜଗତପୁରରୁ ବ୍ୟାସନଗର ଚାନ୍ଦମାକୁ ଶୁକ୍ରବାର ସ୍ଥାନାନ୍ତର ହୋଇଛି। ଆରଆଇସିର ଭାରପ୍ରାପ୍ତ ସାଧାରଣ ପରିଚାଳକ ପି. ପ୍ରଭାକର ରାଓ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବାକୁ ପ୍ରାୟ ୧୦ଦିନ ଲାଗିବ ବୋଲି ସୂଚନା ଦେଇଛନ୍ତି। କୋଭିଡ-୧୯ ଗାଇଡ୍ ଲାଇନକୁ ଦୃଷ୍ଟିରେ ରଖି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସାଧାରଣ ଭାବେ କରାଯାଇଛି। ଏହି ଅବସରରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରାୟ ୩ ବର୍ଷ ହେବ ଚାନ୍ଦମାଠାରେ ଇଡକୋ ଦ୍ୱାରା ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚରେ ଆରଆଇସି କାର୍ଯ୍ୟାଳୟ ପାଇଁ ଗୃହ ସମ୍ପୂର୍ଣ୍ଣ ହୋଇଥିଲା। କିନ୍ତୁ କେତେକ ନ୍ୟସ୍ତସ୍ୱାର୍ଥ ଅଧିକାରୀଙ୍କ ପାଇଁ କାର୍ଯ୍ୟାଳୟ ସ୍ଥାନାନ୍ତରଣ ହୋଇ ପାରୁନଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏହା ସମ୍ଭବ ହୋଇପାରିଛି ବୋଲି ମତପ୍ରକାଶ ପାଇଛି। ଏହାସହ ଯାଜପୁର ଜିଲା ଗଠନ ହେବାର ୨୭ ବର୍ଷ ପରେ ଜିଲାର ହସ୍ତଶିଳ୍ପ କାରିଗରମାନଙ୍କ ଆଶା ପୂରଣ ହୋଇଛି। ୨୦୧୯ ଜୁନରେ ଚାନ୍ଦମାଠାରେ ନିର୍ମିତ କୋଠାରେ ବିଦ୍ୟୁତ ସଂଯୋଗ ପରେ କଟକ ଜିଲା ଜଗତପୁରରୁ ଆରଆଇସି କାର୍ଯ୍ୟାଳୟ ସ୍ଥାନାନ୍ତରଣ ହେବ ବୋଲି ସୂଚନା ମିଳିଥିଲା। ଏଥିପାଇଁ ଆରଆଇସିରେ କାର୍ଯ୍ୟରତ କର୍ମଚାରୀଙ୍କୁ କଟକରୁ ଯାଜପୁର ଜିଲାକୁ ବଦଳି ଓ ରିଲିଫ ପାଇଁ ନିର୍ଦ୍ଦେଶ କରିବାକୁ ଅନୁରୋଧ ହୋଇଥିଲା। ଏହାସହ ପରିବହନ, ଲୋଡିଂ ଓ ଅନଲୋଡିଂ ଖର୍ଚ୍ଚ ବାବଦକୁ ପ୍ରାୟ ୨ ଲକ୍ଷ ଟଙ୍କା ମଞ୍ଜୁର ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଶିଳ୍ପ ନିର୍ଦ୍ଦେଶକଙ୍କୁ ଆର୍‌ଆଇସିର ତତ୍କାଳୀନ ଜେନେରାଲ ମେନେଜର ଅନୁରୋଧ କରିଥିଲେ। ତେବେ ଏହି ପଦକ୍ଷେପ ମଧ୍ୟ ଫସର ଫାଟିଥିଲା। ଏହି ନିର୍ଦ୍ଦେଶକୁ ବର୍ଷେ ଅତିକ୍ରାନ୍ତ ହେବା ପରେ ମଧ୍ୟ କାର୍ଯ୍ୟାଳୟ ସ୍ଥାନାନ୍ତରଣ ହୋଇପାରି ନ ଥିଲା। ତେବେ ଏ ସକ୍ରାନ୍ତରେ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ଏବେ ପ୍ରଶାସନର ଚେତା ପଶିଛି।

**ସଂକ୍ଷେପରେ**

## ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

ଧର୍ମଶାଳା, ୩।୭ (ଡି.ଏନ୍.ଏ.): ଚିକିତ୍ସା ଅବହେଳାରୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ବଡ଼ମାଙ୍ଗଳପୁର ଗ୍ରାମ ସେକ୍ କାଲିଆ ଶୁକ୍ରବାରରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଧର୍ମଶାଳା ମେଡିକାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଆବଶ୍ୟକ ଚିକିତ୍ସା କରା ନ ଯିବାରୁ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆଣି ପରିବାର ଲୋକେ ମେଡିକାଲ ପରିସରରେ ପରିସ୍ଥିତି କରିଥିଲେ। ଏହାକୁ ନେଇ ଡାକ୍ତରଖାନା ପରିସରରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ସେକ୍ କାଲିଆ ହୃଦ୍‌ରୋଗୀ ହୋଇଥିବା ବେଳେ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ମିଳିତ କେନ୍ଦ୍ରୀୟ ଟ୍ରେଡ ୟୁନିୟନର ପ୍ରତିବାଦ ସଭା

କଳିଙ୍ଗନଗର/ଯାଜପୁର ରୋଡ୍/ଯାଜପୁର ଟାଉନ୍, ୩।୭ (ଡି.ଏନ୍.ଏ.): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ପ୍ରତିବାଦରେ ମିଳିତ କେନ୍ଦ୍ରୀୟ ଟ୍ରେଡ ୟୁନିଅନ ଆହ୍ୱାନରେ ଶୁକ୍ରବାର ଜିଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି କଳିଙ୍ଗନଗର ଶିଳ୍ପାଞ୍ଚଳ ମାନପୁର ଛକ, ଜିନ୍ଦଲ ମୁଖ୍ୟ ଫାଟକ, ମେସ୍କୋ ମୁଖ୍ୟ ଫାଟକ ସମ୍ମୁଖରେ ପୃଥକ ଭାବେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବ୍ୟାସନଗର ଗୋପବନ୍ଧୁ ଛକଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ୟୁନିୟନ ସଦ୍ୟମାନେ ରେଳ ବିଭାଗକୁ ଘରୋଇକରଣ ପ୍ରସ୍ତାବ, ତୈଳ ଦର ବୃଦ୍ଧିକୁ ଦୃଢ଼ ସମାଲୋଚନା କରିଥିଲେ। ଏହାସହ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ମିଳିତ କେନ୍ଦ୍ରୀୟ ଶ୍ରମ ସଂଗଠନ ପକ୍ଷରୁ ପ୍ରତିବାଦ ସଭା ଆୟୋଜନ କରାଯିବା ସହ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

## ସାହସୀ ବାଳକଙ୍କୁ ସମ୍ବର୍ଦ୍ଧିତ କଲେ ଏମ୍‌ପି



ରାଜନଗର, ୩।୭ (ଡି.ଏନ୍.ଏ.): ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ବରାଡିଆ ଗାଁର ୧୦ ବର୍ଷର ବାଳକ ଅଂଶୁମାନଙ୍କୁ ଶୁକ୍ରବାର କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି ସମ୍ବର୍ଦ୍ଧିତ କରିବା ସହ ତାଙ୍କ ସାହସିକତାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ତାଙ୍କ ସଂସଦୀୟ କ୍ଷେତ୍ରରେ ସାହସୀ ବାଳକ ପାଇଁ ସେ ଗର୍ବିତ ବୋଲି କହିଥିଲେ। ଏହାସହ ଉତ୍ତରୀୟ ଓ ପୁରସ୍କାର ସ୍ୱରୂପ ୨ହଜାର ଟଙ୍କା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏମ୍‌ପିଙ୍କ ସହିତ ବ୍ଲକ ବିଜେଡି ସଭାପତି ତଥା ତାଙ୍କ ପ୍ରତିନିଧି ଅଶୋକ ପ୍ରତିହାରୀ, ଡାଙ୍ଗମାଳ ସରପଞ୍ଚ ରମେଶ ଚନ୍ଦ୍ର ବେହେରା, ବିଜେଡି ନେତା ଲକ୍ଷ୍ମୀଧର ବାରିକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ବରାଡିଆ ଗାଁର ବିଭୀଷଣ ରାଉତଙ୍କ ୨ବର୍ଷର ଶିଶୁପୁତ୍ର ଗତ ୩୦ ତାରିଖରେ ଖେଳୁଥିବା ଅବସ୍ଥାରେ ପୋଖରୀରେ ପଡିଯାଇଥିଲେ। ଅଂଶୁମାନ ଏହାଦେଖି ପୋଖରୀକୁ ଡେଇଁ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ।

## ପୋଲିସ ଅବହେଳା ଦର୍ଶାଇ କୋର୍ଟରେ ମାମଲା

ପଟ୍ଟାମୁଣ୍ଡାଇ, ୩।୭(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଜେଏମ୍‌ଏଫ୍‌ସି କୋର୍ଟରେ ପୋଲିସର ଅବହେଳା ଦର୍ଶାଇ ବୁଧବାର ୱାନ ସିସି ମାମଲା (ନଂ- ୩୫/୨୦) ହୋଇଛି। ଅଭିଯୋଗକାରୀ ଷଣ୍ଢପଲ୍ଲୀ ଗ୍ରାମର ରଞ୍ଜନ ବେହେରା କହନ୍ତି, ତାଙ୍କର ପଡୋଶୀଙ୍କ ସହ ଘରର ଜମି ସମସ୍ୟା ନେଇ ବିବାଦ ଅଛି । ଏ ନେଇ କୋର୍ଟରେ ମାମଲା ହୋଇଛି । ଏହା ସତ୍ତ୍ୱେ ସମ୍ପୃକ୍ତ ପଡୋଶୀ ଜମି ଜବରଦଖଲ ଉଦ୍ଦେଶ୍ୟରେ ଆସି ପରିବାର ସଦସ୍ୟଙ୍କୁ ମାଡ ମାରିବା ସହ ଟଙ୍କା ସୁନା ଛଡାଇ ନେଇଛନ୍ତି । ଏ ନେଇ ଥାନାରେ ଅଭିଯୋଗ ପତ୍ର ଦେଇଥିବା ବେଳେ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଗାଳିଗୁଲଜ କରି ଫେରାଇ ଦେଇଥିଲେ । ଏ ସମ୍ପର୍କରେ ଥାନା ଅଧିକାରୀ ତ୍ରିପାଠୀ କହିଛନ୍ତି, ଅଭିଯୋଗକାରୀଙ୍କ କୋର୍ଟରେ ଅଭିଯୋଗ ଥିବା ଜାଣି ନାହାନ୍ତି । ତେବେ ଏହା ଭିତ୍ତିହୀନ ବୋଲି ସେ ପ୍ରକାଶ କରିଛନ୍ତି।

# ୨ ନଣନ୍ଦଙ୍କୁ ଗିରଫ ଦାବିରେ ଥାନା ଘେରାଉ



ଥାନା ଆଗରେ ମହିଳାମାନେ ଧାରଣାରେ ବସିଛନ୍ତି।

**ନବବଧୂ ହତ୍ୟା ମାମଲା**

ବାଲିଆ/ବିରିଡ଼ି,୩।୭(ଡି.ଏନ.ଏ.)

ବିରିଡ଼ି ଥାନା ଅଧୀନ ଦଣ୍ଡିଲୋ ଗ୍ରାମର ନବବଧୂ ଧରିତ୍ରୀ ସ୍ୱାଇଁ ହତ୍ୟା ମାମଲାର ୨ ଅଭିଯୁକ୍ତ ନଣନ୍ଦଙ୍କୁ ଗିରଫ ଦାବିରେ ଶୁକ୍ରବାର ଥାନା ଘେରାଉ କରାଯାଇଛି। ଧରିତ୍ରୀଙ୍କ ବାପଘର ଗାଁର କେତେଜଣ ମହିଳା ଆସି ଥାନା ଘେରାଉ କରିବା ସହ ତୁରନ୍ତ ତାଙ୍କ ୨ ନଣନ୍ଦଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଧରିତ୍ରୀଙ୍କ ମୃତ୍ୟୁର ୧ ମାସ ପରେ ମଧ୍ୟ ବିରିଡି ପୋଲି ଏପର୍ଯ୍ୟନ୍ତ ସେମାନଙ୍କୁ ଗିରଫ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ୨ ନଣନ୍ଦଙ୍କୁ ଗିରଫ ଦାବିରେ ଦୁଇଦୁଇ ଥର ଧରିତ୍ରୀଙ୍କ ପରିବାର ଓ ଗ୍ରାମବାସୀ ଥାନାକୁ ଆସି ନିବେଦନ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। କେବଳ ଥାନା ଅଧିକାରୀ ପାରାଓ ଚୁଡୁ ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଆସୁଛନ୍ତି ବୋଲି ଧରିତ୍ରୀଙ୍କ ଭାଇ ରାମଚନ୍ଦ୍ର ଅଭିଯୋଗ କରିଛନ୍ତି। ଶୁକ୍ରବାର ହଳଦିଆ ପଡ଼ା ଗ୍ରାମବାସୀଙ୍କ ସହଯୋଗରେ ଶତାଧିକ ମହିଳା ଓ ଧରିତ୍ରୀଙ୍କ ପରିବାର ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇ ଜଗତ୍‌ସିଂହପୁର ଏସଡିପିଓ ପ୍ରିୟରଞ୍ଜନ ଶତପଥୀ ପହଞ୍ଚି ବୁଧବାର ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଯୌତୁକ ଦାବାଦରେ ଦିଆଯାଇଥିବା ସୁନା ଅଳଙ୍କାର ଶାଶୁଘର ଲୋକଙ୍କଠାରୁ ଜବତ କରାଯିବ ବୋଲି କହିଥିଲେ। ଏହାପରେ ସେମାନେ ଧାରଣାରୁ ଓହରି ଯାଇଥିଲେ। ବୁଧବାର ସୁଦ୍ଧା ଯଦି ୨ ନଣନ୍ଦଙ୍କୁ ଗିରଫ କରା ନ ଯାଏ ଧରିତ୍ରୀଙ୍କ ପରିବାର ଜଗତ୍‌ସିଂହପୁର ଏସପି ଅଫିସରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଜୁନ୍ ୧ ରାତିରେ ଧରିତ୍ରୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ୨ ତାରିଖରେ ଧରିତ୍ରୀଙ୍କ ସ୍ୱାମୀ ସ୍ୱାମୀ ଦିଲୀପ ସ୍ୱାଇଁ ଓ ଶାଶୁ ବାସନ୍ତୀ ସ୍ୱାଇଁଙ୍କୁ ଗିରଫ କରାଯାଇଥିଲା।

## ଶ୍ରୀଦଧିବାମନ ଜୀଉଙ୍କ ନୀଳାଦ୍ରି ବିଜେ

କେନ୍ଦ୍ରାପଡ଼ା ଅଫିସ, ୩।୭

କେନ୍ଦ୍ରାପଡ଼ା ବ୍ଲକ ଚଉଦକୁଳାଟସ୍ଥିତ ଶ୍ରୀ ଦଧିବାମନ ଜୀଉ ଶୁକ୍ରବାର ମନ୍ଦିରକୁ ନୀଳାଦ୍ରିବିଜେ କରିଛନ୍ତି। ବିଭିନ୍ନ ନୀତିକାନ୍ତି ପରେ ଗୋଟି ପହଣ୍ଡି ମାଧ୍ୟମରେ ମୁଖ୍ୟ ପୁରୋଧା ଉମାକାନ୍ତ ମିଶ୍ର, ବୃନ୍ଦାବନ ମିଶ୍ର, କାର୍ତ୍ତିକ ମିଶ୍ର, ପ୍ରମୋଦ ମିଶ୍ର, ରାଜକିଶୋର ମିଶ୍ର, ସୁମନ୍ତ ମିଶ୍ର ଶ୍ରୀଜୀଉଙ୍କୁ ମନ୍ଦିରକୁ ନେଇଥିଲେ। ଏହି ଯାତ୍ରାରେ ସାଥିରେ ନେଇ ନ ଥିବାରୁ କ୍ରୋଧିତା ମାଆ ଲକ୍ଷ୍ମୀ ମନ୍ଦିର ମୁଖ୍ୟ କବାଟ ଦେଇ ପଥ ଅବରୋଧ କରିଥିଲେ। ଶ୍ରୀଜୀଉ ଓ ଲକ୍ଷ୍ମୀଙ୍କ ମଧ୍ୟରେ ବିଭିନ୍ନ ବଚନିକା ପରେ ସାଙ୍ଗରେ ଆଣିଥିବା କଳାମେଘୀ ପାଟ ଓ ଅଳଙ୍କାର ଭେଟି ଦେଇ ରୋଷ ଭଙ୍ଗ କରିଥିଲେ। ପରେ ଶ୍ରୀଜୀଉଙ୍କୁ ରତ୍ନବେଦୀକୁ ନିଆଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଅଧରପଣା ଓ ମୁଠା ଗଜା ନୈବେଦ୍ୟ ହୋଇଥିଲା।

## ଶାଶୁଙ୍କୁ ବୋହୂ ହତ୍ୟା କରିଥିବା ଅଭିଯୋଗ

ପାରାଦୀପ,୩।୭(ସ୍ୱ.ପ୍ର.)

ଶାଶୁଙ୍କୁ ବୋହୂ ଖାଦ୍ୟରେ ବିଷଦେଇ ହତ୍ୟା କରିଥିବା ନେଇ ପାରାଦୀପ ଲକ୍ ଥାନାରେ ଶୁକ୍ରବାର ରାତିରେ ଅଭିଯୋଗ ହୋଇଛି। ଏପରି ଅଭିଯୋଗ କରିଛନ୍ତି ମୃତ ବୃଦ୍ଧାଙ୍କ ବିବାହିତ ଝିଅ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ–୧୦୧/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ଏହି ଥାନା ଅନ୍ତର୍ଗତ ସିଜୁ ଗ୍ରାମର ବୃଦ୍ଧା ସତ୍ୟଭାମା ଗୋଚ୍ଛାୟତ ପରିବାର ସହ ରହୁଥିଲେ। ଗତ ମାସ ୨୭ ତାରିଖରେ କୌଣସି କାରଣ ବଶତଃ ସତ୍ୟଭାମା ବିଷ ଖାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇବା ପରେ ସତ୍ୟଭାମାଙ୍କ ଝିଅ ଝୁନି ବେହେରା ଥାନାରେ ପହଞ୍ଚି ତାଙ୍କ ଭାଉଜ (ସତ୍ୟଭାମାଙ୍କ ବୋହୂ)ଖାଦ୍ୟରେ ବିଷଦେଇ ମା'ଙ୍କୁ ମାରି ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି।

# ଚାଷୀଙ୍କ ୧୬ବର୍ଷର ବିଦ୍ୟୁତ୍ ଦେୟ ଛାଡ଼

ଯାଜପୁର ଟାଉନ, ୩।୭ (ଡି.ଏନ୍.ଏ.)

ଜଣେ ଚାଷୀଙ୍କ ୧୬ ବର୍ଷର ବିଦ୍ୟୁତ୍ ଦେୟ ଛାଡ଼ କରିଛନ୍ତି ଯାଜପୁର ଖାଉଟି ଅଦାଲତ ଖଣ୍ଡପୀଠ। ସେ ହେଲେ ଯାଜପୁର ବ୍ଲକ ଏରବାଙ୍କ ପଞ୍ଚାୟତ ଇନ୍ଦାରୋଇ ଗ୍ରାମର ସ୍ୱର୍ଗତ ଶୁକଦେବ ନାୟକଙ୍କ ପୁଅ କୁଳମଣି। ୨୦୦୦ ଅକ୍ଟୋବରରୁ ୨୦୧୬ ଫେବୃୟାରୀ ପର୍ଯ୍ୟନ୍ତ ତାଙ୍କ ବିଦ୍ୟୁତ୍ ଦେୟ ଛାଡ଼ କରିବା ପାଇଁ ଉକ୍ତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶୁକଦେବ ଜୀବିତ ଥିବା ସମୟରେ ନିଜ ଚାଷଜମିରେ ଏକ ଏଲଆଇ ପଏଣ୍ଟ ବସାଇ ବିଦ୍ୟୁତ୍ ସଂଯୋଗ କରିଥିଲେ। ମାତ୍ର ୧୯୯୯ ମହାବାତ୍ୟାରେ ଏଲଆଇ ପଏଣ୍ଟଟି ଅଚଳ ହୋଇଯାଇଥିଲା। ଅକ୍ଟୋବର ୨୦୦୦ରେ ବିଦ୍ୟୁତ୍ ବିଭାଗ ଏହି ପଏଣ୍ଟରୁ ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲା। ୨୦୧୬ରେ କୁଳମଣି ଉକ୍ତ ଏଲଆଇ ପଏଣ୍ଟକୁ ସଚଳ କରିବା ପାଇଁ ୧୦,୬୦୦ ଟଙ୍କାର ବିଲ୍ ପୈଠ କରି ନୂଆ ସଂଯୋଗ ନେଇଥିଲେ। ମାତ୍ର ୨୦୦୦ରୁ ୨୦୧୬ ପର୍ଯ୍ୟନ୍ତ ବିଦ୍ୟୁତ୍ ଦେୟ ବାବଦରେ ୭୦,୫୦୦ ଟଙ୍କା ବାକି ରହିଥିବା ନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଦର୍ଶାଯାଇଥିଲା। ବକେୟା ପୈଠ କରିବାକୁ କୁଳମଣିଙ୍କୁ ନୋଟିସ୍ କରାଯାଇଥିଲା। ଏନେଇ ସେ ବାଧ୍ୟହୋଇ ୨୦୧୭ରେ ବକେୟା ବାବଦରେ ୨୫,୦୦୦ ଟଙ୍କା ପୈଠ କରିଥିଲେ। ଏହାସତ୍ତ୍ୱେ ବାରମ୍ବାର ନୋଟିସ ହେବାରୁ କୁଳମଣି ଯାଜପୁର ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଯାଜପୁର ଖାଉଟୀ ଅଦାଲତ ଖଣ୍ଡପୀଠ ସଭାପତି ଜୀବନ ବଲ୍ଲଭ ଦାସ, ସଭ୍ୟ ପୀତବାସ ମହାନ୍ତି, ସଭ୍ୟା ଶ୍ରୀମତୀ ସ୍ମିତା ରାୟ ୨୯ ଜୁନ୍‌ରେ ଏହି ମାମଲାର ଶୁଣାଣି କରି ବକେୟା ଅର୍ଥ ଛାଡ଼ କିରବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ତୈଳ ଦର ବୃଦ୍ଧିକୁ ବିରୋଧ

ଏରସମା,୩।୭(ସ୍ୱ.ପ୍ର.)

ତୈଳ ଦର ବୃଦ୍ଧି ପ୍ରତିବାଦରେ ଏରସମା ବ୍ଲକ କଂଗ୍ରେସ ପକ୍ଷରୁ ଏକ ପ୍ରତିବାଦ ସଭା କରାଯାଇଛି। ବାଲିକୁଦା ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ବ୍ଲକ କଂଗ୍ରେସ ସଭାପତି ନିତ୍ୟାନନ୍ଦ ଦାସ, ପିସିସି କାର୍ଯ୍ୟକାରିଣୀ ସଦସ୍ୟ ଧ୍ୱଜରାଜ ଖଣ୍ଡୁଆଳ, ଅଭିଳାଷ ବିଶ୍ୱାଳ, ସୁଧାକର ଖଟୁଆ, କୈଳାସ ଚନ୍ଦ୍ର ଜୟସିଂହ, ନଳିନୀ ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତୈଳ ଦର ବୃଦ୍ଧି କରିବା ଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ଆଶାତୀତ ବୃଦ୍ଧି ପାଇବାରେ ଲାଗିଛି। ସାଧାରଣ ଖାଉଟି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୈଳ ଉପରେ ଟିକସ ଛାଡ଼ କରିବା ପାଇଁ କର୍ମୀମାନେ ଏକ ଦାବିପତ୍ର ଏରସମା ବିଡିଓ କୈଳାସଚନ୍ଦ୍ର ବେହେରାଙ୍କୁ ପ୍ରଦାନ କରିଥିଲେ।

# ବଢୁଛି ଗୋଷ୍ଠୀ ସଂକ୍ରମଣ ଆଶଙ୍କା

**କରୋନା କଟକଣା ମାନୁନାହାନ୍ତି ଲୋକେ**

ବରୀ, ୩।୭ (ଡି.ଏନ୍.ଏ)

ରାଜ୍ୟରେ ପ୍ରତିଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ରେକର୍ଡ କରୁଥିବା ବେଳେ ଯାଜପୁର ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଇତିମଧ୍ୟରେ ୫ଶହ ଟପିଛି। ସଂକ୍ରମଣ ରୋକିବାରୁ ରାଜ୍ୟସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ କେତେକ କଟକଣା ଜାରି କରାଯାଇଛି। ହେଲେ ଯାଜପୁର ଜିଲା ବରୀ ବ୍ଲକ ଅଞ୍ଚଳରେ ଲୋକମାନେ କରୋନା କଟକଣା ମାନୁ ନଥିବାରୁ ଏଠାରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ଦେଖାଦେଇଛି। ଅନେକେ ସର୍ବସାଧାରଣ ସ୍ଥାନରେ ମାସ୍କ ବ୍ୟବହାର କରୁଥିବା ବେଳେ କେତେକ ଅଧିକାଂଶ ସାମାଜିକ ଦୂରତା ରଖୁ ନ ଥିବା ଦେଖାଯାଉଛି। ବ୍ଲକ ଅଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ଶହେ ଛୁଇଁବାକୁ ବସିଥିବା ବେଳେ ଲୋକଙ୍କ ଖାମଖିଆଲି ମନୋଭାବ ଯୋଗୁ ଏହା ପ୍ରଶାସନର ମୁଣ୍ଡବିନ୍ଧାର କାରଣ ସାଜିଛି। ବରୀ ମାଉଣ୍ଡଠାରେ ବସୁଥିବା ସପ୍ତାହିକ ହାଟକୁ ଅସ୍ଥାୟୀ ଭାବେ ସ୍ଥାନୀୟ କୃପାସିନ୍ଧୁ ବିଦ୍ୟାଭବନ ଖେଳ ପଡିଆକୁ ସ୍ଥାନାନ୍ତରିତ କରାଯାଇଥିଲା। ସବୁ କଟକଣାକୁ ବେଖାତିର କରି ଗୋଟିଏ ଜାଗାରେ ବହୁ ଲୋକ ଏକତ୍ରୀକରଣ ହେଉଥିବା ବେଳେ ଅନେକ ଲୋକ ମାସ୍କ ପିନ୍ଧି ନ ଥିବା ଦେଖାଯାଇଥିଲା। ସେହିପରି ବିଭିନ୍ନ ବ୍ୟାଙ୍କ, ବଜାର ଓ ହାଟରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବରୀ ଥାନା ଅଧିକାରୀ ମାର୍କଣ୍ଡ ମିଶ୍ରଙ୍କୁ ପଚାରିବାରେ ସରକାରୀ ନିୟମ ପାଳନ କ୍ଷେତ୍ରରେ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। କେହି ନିୟମ ଭାଙ୍ଗୁଥିବା ନଜରକୁ ଆସିଲେ, ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଉର୍ମିଳାଙ୍କ ପାଇଁ ଆବାସ ଯୋଜନା ସ୍ୱପ୍ନ

କେନ୍ଦ୍ରାପଡ଼ା ଅଫିସ, ୩।୭

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ବନ୍ଧକଟା ଗ୍ରାମର ଉର୍ମିଳା ଦାସଙ୍କ ପାଇଁ ଆବାସ ଯୋଜନା ସ୍ୱପ୍ନ ପାଲଟିଛି। ଭଙ୍ଗା ଚାଳଘରେ ସେ ଅଦ୍ୟାବଧି ରହି ଆସୁଛନ୍ତି। ଏ ସମ୍ପର୍କରେ ସେ ବୁଧବାର ଜିଲାପାଳଙ୍କ ନିକଟରେ ନିଜର ଅଭିଯୋଗ ପତ୍ର ଦେଇଛନ୍ତି । ଉର୍ମିଳା କୁହନ୍ତି, ସ୍ୱାମୀଙ୍କର ମୃତ୍ୟୁ ହୋଇଥିବାବେଳେ ଦୁଇଝିଅଙ୍କର ବିଭାଘର ସରିଛି। ଏକୁଟିଆ ଭଙ୍ଗା ଚାଳଘରେ ଦୀର୍ଘଦିନ ହେଲା ପଡିରହିଛନ୍ତି। ଏ ନେଇ ସରପଞ୍ଚଙ୍କ ଠାରୁ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ବର୍ଷାଋତୁ ଆରମ୍ଭ ହୋଇଥିବାରୁ ଏହି ଘର ଏବେ ରହିବା ଉପଯୋଗୀ ହୋଇନାହିଁ। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଉର୍ମିଳାଙ୍କ ଅଭିଯୋଗ ସମ୍ପର୍କରେ ମାର୍ଶାଘାଇ ବିଡିଓଙ୍କୁ ଜଣାଇ ଦିଆଯାଇଛି। ଆସନ୍ତା ଦୁଇଦିନ ମଧ୍ୟରେ ଏ ନେଇ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ।

# କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ




ବିରିଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଉଛି।

ବାଲିଆ,୩।୭

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ବିରିଡି ଶାଖା ପକ୍ଷରୁ ବିରିଡି ବ୍ଲକ ସମ୍ମୁଖରେ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରାଯାଇଛି। କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଡାକରାରେ ଆୟୋଜିତ ଆନ୍ଦୋଳନରେ ଜିଲା କୃଷକ ସଭାର ସଂଗଠକ ଗଣେଶ ଚନ୍ଦ୍ର ମାଣିଆ, ସିଆଇଟିୟୁ ଜିଲା କୋଷାଧ୍ୟକ୍ଷ ବେଣୁଧର ବାରିକ, ଶ୍ରମିକନେତା ଯୁଧିଷ୍ଠିର ଦାସ, ନଟବର ପଲେଇ, ପ୍ରଶାନ୍ତ କୁମାର ମାଣିଆଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏଥିରେ ଶ୍ରମବୋର୍ଡ ବାତିଲ ଓ ଶ୍ରମ ଆଇନ ସଂଶୋଧନ କରିବା, ଶ୍ରମିକଙ୍କ ପାଇଁ ପୂର୍ବ ପରି ୮ ଘଣ୍ଟା କାର୍ଯ୍ୟ ସମୟ ସ୍ଥିର କରିବା, ୨୦୦ ଦିନର କାମ ଏବଂ ଦୈନିକ ୬୦୦ ଟଙ୍କା ମଜୁରି, ଯେଉଁ ନିର୍ମାଣ ଶ୍ରମିକ କରୋନା ସହାୟତା ପାଇନାହାନ୍ତି ସେମାନଙ୍କୁ ତୁରନ୍ତ ଅର୍ଥ ପ୍ରଦାନ ଓ ଅଣ ସଂଗଠିତ ଶ୍ରମିକଙ୍କୁ କରୋନା ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିରିଡି ବିଡିଓ ହେମନ୍ତ ମହନ୍ତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ବ୍ରହ୍ମବରଦା ବଜାର ମୁଖ୍ୟରାସ୍ତା ଜଳମଗ୍ନ

**ନିଷ୍କାସିତ ହେଇପାରୁନି ବର୍ଷାଜଳ**

ରସୁଲପୁର, ୩।୭ (ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ବଜାର ମୁଖ୍ୟରାସ୍ତାରେ ଅସରାଏ ବର୍ଷା ପରେ ଜଳମଗ୍ନ ହୋଇପଡୁଛି। ବ୍ୟାଙ୍କ ଛକଠାରୁ ଇଦ୍‌ଗା ଛକ ପର୍ଯ୍ୟନ୍ତ ପ୍ରାୟ ୫୦୦ମିଟର ରାସ୍ତାରେ ବର୍ଷାପାଣି ଜମି ରହୁଛି। ଫଳରେ ବିଭିନ୍ନ କାର୍ଯ୍ୟରେ ବଜାରକୁ ଆସୁଥିବା ଲୋକମାନେ ବହୁ ଅସୁବିଧାରେ ଯାତାୟାତ କରୁଛନ୍ତି। ବର୍ଷା ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ଯାଜପୁର ଜିଲାର ରସୁଲପୁର, ବରୀ, ଯାଜପୁର ଓ ଧର୍ମଶାଳା ବ୍ଲକର ଅନେକ ପଞ୍ଚାୟତ ଲୋକେ ଉକ୍ତ ବଜାର ଉପରେ ନିର୍ଭର କରନ୍ତି। ରସୁଲପୁର ବ୍ଲକର ବ୍ରହ୍ମବରଦା, ବନ୍ଧଡିହ, ଅର୍ଥଗାଁ, ମଙ୍ଗରାଜପୁର, ମହେଶ୍ୱରପୁର, ବରୀ ବ୍ଲକର ଗୋଳକୁଣ୍ଡ, ହରିପୁର, ଜନକ, ବାଲିକୁଦା, ରାୟପଡା, ଯାଜପୁର ବ୍ଲକର ଝାଲପଡା, କାକୁଡ଼ିକୁଦ, ଧର୍ମଶାଳା ବ୍ଲକର ଅରାବଳ, ମଙ୍ଗଳପୁର ପ୍ରଭୃତି ପଞ୍ଚାୟତବାସୀଙ୍କ ପାଇଁ ବ୍ରହ୍ମବରଦା ବଜାର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଭାବରେ ଜଣାଶୁଣା। ଏଠାକାର ଚାଷୀ ଉତ୍ପାଦିତ ଦ୍ରବ୍ୟ ବିକ୍ରି ପାଇଁ ବ୍ରହ୍ମବରଦା ହାଟ ଓ ବଜାର ଉପରେ ନିର୍ଭର କରନ୍ତି। ଦିନକୁ ପାଖାପାଖି ୧୦ହଜାର ଲୋକ ଉକ୍ତ ବଜାରକୁ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ଏହାଛଡ଼ା ଏହି ରାସ୍ତା ବ୍ରହ୍ମବରଦା ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଥିବାରୁ ମୁଖ୍ୟରାସ୍ତା। ବର୍ଷା ଋତୁ ଆରମ୍ଭରୁ ରାସ୍ତା ସ୍ଥିତି ଏଭଳି ହୋଇଥିବା ବେଳେ ଦୀର୍ଘଦିନ ଧରି ପାଣି ଜମି ରହିବା ଯୋଗୁ ଏହା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସେହି ରାସ୍ତାରୁ ଜଳ ନିଷ୍କାସନ ପାଇଁ ସ୍ଥାନୀୟ ରାଜନେତା ବା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ରାସ୍ତା ଉପରେ ବର୍ଷାପାଣି ଜମି ରହିଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ ଆରୋହୀ ମୃତ

ତିହିଡ଼ି, ୩।୭(ଡି.ଏନ.ଏ.)-ଭଦ୍ରକ-ଚାନ୍ଦବାଲି ରାସ୍ତାର ଗଦିବଜାରରେ ଶୁକ୍ରବାର ଏକ ବୋଲେରୋ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଆରୋହୀଙ୍କ ନାଁ ପୂର୍ଣ୍ଣଚନ୍ଦ୍ର ନାୟକ(୫୫)। ତାଙ୍କ ଘର ତିହିଡ଼ି ଥାନା ଜାମଯୋଡି ପଞ୍ଚାୟତ ଅଧୀନ ସାମନ୍ତରାୟପୁର ଗ୍ରାମରେ। ପୂର୍ଣ୍ଣଚନ୍ଦ୍ର ଗଦିବଜାରରୁ ବାଇକ୍ ନେଇ ଘରକୁ ଫେରୁଥିବା ବେଳେ ଚାନ୍ଦବାଲିରୁ ଆସୁଥିବା ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତିହିଡ଼ି ପୋଲିସ ଏକ ମାମଲା (ନଂ. ୨୪୭/୨୦) ରୁଜୁ କରି ବୋଲେରୋକୁ ଜବତ କରିଛି। ଚାଳକ ଫେରାର ହୋଇଯାଇଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

ଭଣ୍ଡାରିପୋଖରୀ,୩।୭(ଡି.ଏନ.ଏ)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବାଲିପୋଖରୀ ପଞ୍ଚାୟତ କୁମ୍ଭାରିଆ ଗ୍ରାମରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରଛନ୍ତି। ମୃତ ଯୁବକ ହେଲେ ସୁଧାଂଶୁ ଶେଖର ବେହେରା(୨୯)। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୦୨୦) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନାହିଁ।

### ଯୌତୁକଜନିତ ବଧୂହତ୍ୟା ଅଭିଯୋଗ

ପଦ୍ମପୁର, ୩।୭(ଡି.ଏନ୍.ଏ.)-ଭଦ୍ରକ ସଦର ବ୍ଲକ ଅଧୀନ ସାବରଙ୍ଗ ପଞ୍ଚାୟତର ଚକପୁର ଗ୍ରାମରେ ପ୍ରଜ୍ଞାପରମିତା ଜେନା ନାମ୍ନୀ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ତାଙ୍କ ବାପା ଆଦିକନ୍ଦ ଜେନା ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା(ନଂ. ୩୯୪/୨୦) ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଣ୍ଡରାଇ ଗ୍ରାମର ପ୍ରଜ୍ଞାପରମିତା ଚକପୁର ଗ୍ରାମର ତପନ ଜେନାଙ୍କୁ ଗତ ୩ମାସ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରଠାରୁ ତାଙ୍କ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ଦାବି କରି ପ୍ରଜ୍ଞାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବାର ଅଭିଯୋଗ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ପ୍ରଜ୍ଞା ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ପୋଡ଼ିଯାଇଥିବା ଶ୍ୱଶୁର ଘର ଲୋକେ ସୂଚନା ଦେଇଥିଲେ। ପରିବାର ଲୋକେ ପହଞ୍ଚି ଝିଅର ମୃତ୍ୟୁ ହୋଇଯାଇଥିବା ଦେଖିବା ପରେ ଥାନାରେ ଅଭିଯୋଗ କରିଥିଲେ।

### କେନ୍ଦ୍ରୀୟ ଶ୍ରମିକ ସଂଗଠନର ବିକ୍ଷୋଭ

କେନ୍ଦୁଝର,୩।୭(ସ୍ୱ.ପ୍ର./ଡି.ଏନ୍.ଏ.): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତି ଓ ଜନ ବିରୋଧୀ କାର୍ଯ୍ୟ ବିରୋଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇଟିୟୁସି, ସିଟୁ, ଏଚ୍ଏମ୍ଏସ୍, ଆଇଏନ୍ଟିୟୁସି, ଓ ଏଆଇସିଟିୟୁ ସଂଗଠନ ସାମିଲ ହୋଇ ପ୍ରତିବାଦ ଜଣାଇଥିଲେ। ଏହି ବିକ୍ଷୋଭରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ମହେଶ୍ୱର ରାଉତ, ଜିଲା ସଭାପତି ବିଦ୍ୟାଧର ମହାନ୍ତ, ସିଆଇଟିୟୁର ଇନ୍ଦ୍ରମଣି ବେହେରା,ଏଚ୍ଏମ୍ଏସର ସଞ୍ଜୀବ ପଲେଇ, ଡବର ମୁଣ୍ଡା, ଆଇଏନଟିୟୁସିର ମୁନା ଖାଁ, ମୋହନ ପରିଡ଼ା,ଏଆଇସିଟିୟୁର ମହେନ୍ଦ୍ର ମହାନ୍ତି, ବିପିନ ମହାନ୍ତ, ଧରଣୀଧର ମହାନ୍ତଙ୍କ ସମେତ ବ୍ୟାଙ୍କ,ବୀମା କର୍ମଚାରୀମାନଙ୍କ ସ୍ୱାଧୀନ ଫେଡେରେଶନ ଓ ଆସୋସିଏଶନର ସମୂହର କର୍ମକର୍ତ୍ତା ସାମିଲ ହୋଇଥିଲେ।

### ଧାମନଗର ଓକିଲ ସଂଘ କମିଟି ଗଠିତ

ଧାମନଗର,୩।୭(ଡି.ଏନ.ଏ.)- କୋରୋନା ପାଇଁ ସମଗ୍ର ରାଜ୍ୟରେ ଓକିଲ ସଂଘ ନିର୍ବାଚନ ସ୍ଥଗିତ ରହିଥିଲା। ପରେ ରାଜ୍ୟ ଓକିଲ ସଂଘ ତରଫରୁ ସଂଘ ପରିଚାଳନା ପାଇଁ ଏକ ଅନ୍ତରୀଣ କମିଟି ଗଠନ କରାଯାଇଛି। ଧାମନଗର ଓକିଲ ସଂଘ ପାଇଁ ରାଜ୍ୟ ସଂଘରୁ ଅଧ୍ୟକ୍ଷ ଭାବେ ବରିଷ୍ଠ ଓକିଲ ବିଷ୍ଣୁ ମୋହନ ପତିଙ୍କ ନାମ ଚୟନ କରାଯାଇଥିଲା। ଅଧ୍ୟକ୍ଷଙ୍କ ସହିତ ଅନ୍ୟ ଦୁଇ ବରିଷ୍ଠ ଓକିଲଙ୍କ ମଧ୍ୟରୁ ଜଣେ ସମ୍ପାଦକ ଏବଂ ଅନ୍ୟ ଜଣଙ୍କୁ ସଦସ୍ୟ ଭାବେ ଚୟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅଧ୍ୟକ୍ଷ ପତି ଶୁକ୍ରବାର ସଂଘର ସମ୍ପାଦକ ଭାବେ ଅଜିତ କୁମାର ରାଉତ ଏବଂ ସଦସ୍ୟ ଭାବେ ରାମଚନ୍ଦ୍ର ରାଉତଙ୍କୁ ମନୋନୀତ କରିଛନ୍ତି।

# ବ୍ରହ୍ମପୁର ସହରରେ ୯ ପ୍ଲାଟୁନ ଫୋର୍ସ

## ଆଜିଠୁ ୨ ଦିନିଆ ଶଟ୍‌ଡାଉନ୍

ବ୍ରହ୍ମପୁର ଅଫିସ,୩।୭

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଦୁଇ ହଜାର ନିକଟତର ହେଲାଣି। ଶୁକ୍ରବାର ଗଞ୍ଜାମ ଜିଲାରେ ସର୍ବାଧିକ ୨୮୩ ପଜିଟିଭ ଚିହ୍ନଟ ହେବା ରାଜ୍ୟର ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ଅନ୍ୟପଟେ ଦିନକରେ ବ୍ରହ୍ମପୁର ମହାନଗରରେ ୧୪ କରୋନା ଯୋଦ୍ଧାଙ୍କ ସମେତ ୩୫ ଜଣ ସଂକ୍ରମିତ ହୋଇଥିବା ଜିଲାପାଳଙ୍କ ଟୁଇଟରେ ଉଲ୍ଲେଖ ରହିଛି। ଜୁନ୍ ଭଳି ଜୁଲାଇ ମାସରେ ବି ପ୍ରତି ଶନିବାର ଓ ରବିବାର ଜିଲା ଶଟ୍‌ଡାଉନରେ ରହିବ। ଏଥିପାଇଁ ୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଅତିରିକ୍ତ ଏସପି ପି.କେ.ମିଶ୍ର ସୂଚନା ଦେଇଛନ୍ତି।

ମହାନଗରରେ ସଂକ୍ରମଣ ରୋକିବା ପାଇଁ ଜିଲାପାଳ ଜୁନ ୨୯ରୁ ବ୍ରହ୍ମପୁରକୁ ୪ ଦିନ ପାଇଁ ଶଟ୍‌ଡାଉନ କରିଥିଲେ। ଶଟ୍‌ଡାଉନ ହଟିବା ପରେ ଅର୍ଥାତ୍ ଗତ ୩ ତାରିଖ ସକାଳେ ବଜାର, ରାସ୍ତାଘାଟରେ ଲୋକଙ୍କ ଅସମ୍ଭାଳ ଭିଡ଼ ହୋଇଥିଲା। ଏହାକୁ ଆଖି ଆଗରେ ରଖି ଜିଲାପାଳ ବଜାରରେ ବାଇକ ଚଳାଚଳ ଉପରେ କଟକଣା ଜାରି କରିଥିଲେ। ମହାନଗରର ୧୨ଟି ରାସ୍ତା ସିଲ କରାଯାଇଛି। ପଜିଟିଭ ବାହାରିଥିବାରୁ ୬ ସାହିକୁ ନିଷିଦ୍ଧାଞ୍ଚଳ ଘୋଷଣା ହୋଇଛି। ଏବେ ମହାନଗରର ଅଧିକାଂଶ ସ୍ଥାନ ସଂକ୍ରମିତ ଅଞ୍ଚଳ ଚିହ୍ନଟ କରାଯାଇଛି। ତଥାପି ଶୁକ୍ରବାର ବିଭିନ୍ନ ଛକ, ଗଳି, ବଜାର ଆଦିରେ ଲୋକେ କଟକଣା ନ ମାନି ଘୁରି ବୁଲୁଥିବାର ଦେଖିବାକୁ ମିଳିଥିଲା।

## ମାସ୍କ ନ ପିନ୍ଧି ଜରିମାନା ଦେଲେ

ବ୍ରହ୍ମପୁର ଅଫିସ,୩।୭

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତ ସଂଖ୍ୟା ବଢୁଥିବା ଦେଖି କଟକଣାକୁ କଡାକଡ଼ି କରାଯାଇଛି। ବ୍ରହ୍ମପୁର ମହାନଗରରେ କେତେଜଣ ଅମାନିଆ ଏହାକୁ ମାନିବାକୁ ନାରାଜ। ସେମାନେ ଅଯଥାରେ ଘୁରି ବୁଲୁଥିବାରୁ ପୋଲିସ ଅଟକାଇ ଯାଞ୍ଚ କରିବା ସହ ଜରିମାନା ଆଦାୟ କରୁଛି। ସେହିପରି ମାସ୍କ ପିନ୍ଧୁ ନ ଥିବା ଲୋକଙ୍କଠାରୁ ମଧ୍ୟ ଜରିମାନା ଆଦାୟ କରାଯାଉଛି। ଗୁରୁବାର ସକାଳ ୬ ଟାରୁ ଶୁକ୍ରବାର ସକାଳ ୬ଟା ସୁଦ୍ଧା ବ୍ରହ୍ମପୁର ପୋଲିସ ଜିଲା ପକ୍ଷରୁ ସହରର ବିଭିନ୍ନ ଛକରେ ଯାଞ୍ଚ କରାଯାଇ ମାସ୍କ ପିନ୍ଧି ନ ଥିବା ୨୨୨ ଜଣଙ୍କଠାରୁ ୪୪,୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରିଥିବା ୧୩୯ ଜଣ ଅମାନିଆ ଗାଡି ଚାଳକଙ୍କୁ ୬୯, ୫୦୦ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ନିୟମ ଉଲ୍ଲଂଘନ କରି ମଦ ବିକ୍ରି କରିବା ଅଭିଯୋଗରେ ୪ ମାମଲା ରୁଜୁ କରାଯାଇଛି। ୪ ଜଣଙ୍କୁ ନୋଟିସ ଦିଆଯାଇଥିବା ବେଳେ ୨୧୭ ଲିଟର ମଦ ଜବତ ହୋଇଥିବା ନେଇ ବ୍ରହ୍ମପୁର ଏସପି ପିନାକ ମିଶ୍ର ଶୁକ୍ରବାର ଟୁଇଟ କରି ସୂଚନା ଦେଇଛନ୍ତି।


ପୋଲିସର ଯାଞ୍ଚ ।

# ମହିଳା ବ୍ୟାଙ୍କ କର୍ମଚାରୀଙ୍କୁ ଆକ୍ରମଣ, ୨ ଗିରଫ

ବାଲେଶ୍ୱର ଅଫିସ, ୩।୭

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅନ୍ତର୍ଗତ ନୂଆସାହି ଅଞ୍ଚଳର ଜଣେ ମହିଳା ବ୍ୟାଙ୍କ କର୍ମଚାରୀ ଗୁରୁବାର ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କ ଘରେ ରହି କାମ କରୁଥିବା ଜଣେ ମହିଳା, ତାଙ୍କ ନାବାଳିକା ଝିଅ ଓ ପୁତୁରା ମିଶି ମାଲିକଙ୍କୁ ଆକ୍ରମଣ କରିଛନ୍ତି। ଏଥିରେ ମାଲିକାଣୀ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ରାତିରେ ଲିଖିତ ଅଭିଯୋଗ ପାଇବା ପରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏନେଇ ଥାନାରେ ମାମଲା (ନଂ. ୧୭୯/୨୦) ରୁଜୁ ହୋଇଛି। ଶୁକ୍ରବାର ୨ ଆକ୍ରମଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ନାବାଳିକା ଝିଅଙ୍କୁ ଅଟକ ରଖି ଜୁଭେନାଇଲ ଜଷ୍ଟିସ ହୋମ୍‌କୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ବିରଞ୍ଚି ସାହୁ ପ୍ରକାଶ କରିଛନ୍ତି।

ନୂଆସାହି ଅଞ୍ଚଳର ଅମିତା ଦେ ଜଣେ ବ୍ୟାଙ୍କ କର୍ମଚାରୀ। ୪ବର୍ଷ ହେଲା ରେମୁଣା ଥାନା ଅଧୀନ ମୁଖୁରା ଗ୍ରାମର ମମତା ବେହେରା (୪୦)ଙ୍କୁ କାମଦାମରେ ସହଯୋଗ କରିବା ପାଇଁ ଦରମା ଦେଇ ନିୟୋଜିତ କରିଥିଲେ। କିଛିଦିନ ପରେ ଅମିତାଙ୍କ ବିନା ପରାମର୍ଶରେ ମମତା ତାଙ୍କର ନାବାଳିକା ଝିଅ (୧୬) ଓ ପରେ ପୁତୁରା (୨୪)ଙ୍କୁ ଆଣି ପାଖରେ ରଖୁଥିଲେ। ଅମିତାଙ୍କର କେହି ନ ଥିବାର ସୁଯୋଗ ନେଇ ଉକ୍ତ ଘରକୁ କବ୍‌ଜା କରିବା ଆଶାରେ ମମତା ବିଭିନ୍ନ ସମୟରେ ଷଡ଼ଯନ୍ତ୍ର କରୁଥିଲେ। ଅମିତା ଏହା ଜାଣିପାରି ମମତାଙ୍କୁ ଘରୁ ପଳାଇବା ପାଇଁ ବାରମ୍ବାର କହିବା ସତ୍ତ୍ୱେ ମଧ୍ୟ ସେ ଯାଉ ନ ଥିଲେ। ହଠାତ୍ କୌଣସି କଥାକୁ ନେଇ ଗୁରୁବାର ଅମିତା ଓ ମମତାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ମମତା, ତାଙ୍କ ଝିଅ ଓ ପୁତୁରା ମିଳିତ ହୋଇ ଅମିତାଙ୍କୁ ଆକ୍ରମଣ କରିଥିଲେ। ପଡ଼ୋଶୀ ପହଞ୍ଚି ଅମିତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ।

## ଶ୍ୱଶୁରଘରେ ଜ୍ୱାଇଁଙ୍କ ମୃତ୍ୟୁ

ଢେଙ୍କିକୋଟ,୩।୭(ଡି.ଏନ୍.ଏ.): କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅଧୀନ ମଣିପୁର ଗ୍ରାମସ୍ଥିତ ଶ୍ୱଶୁର ଘରେ ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିବାକର ବେହେରା। ତାଙ୍କ ଘର ବାରିଆ ଥାନା ଅନ୍ତର୍ଗତ ଗୁକୁଡିହା ଗ୍ରାମରେ। ସେ ଦୀର୍ଘ ଦିନ ହେବ ଘରଜ୍ୱାଇଁଆ ଭାବେ ଶ୍ୱଶୁର ଘରେ ରହି ଆସୁଥିଲେ। ଗୁରୁବାର ରାତିରେ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପଣ୍ଡାପଡ଼ା ଥାନା ଆଇଆଇସି ପଦ୍ମାଳୟା ସାହୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# ‘ଅସ୍ତହୀନ ମଦନମୋହନ’


ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

ବାଲେଶ୍ୱର ଅଫିସ, ୩।୭

ବାଲେଶ୍ୱର ସଦର ବିଧାୟକ ମଦନ ମୋହନ ଦତ୍ତଙ୍କ ଏକାଦଶାହ ଉପଲକ୍ଷେ ମଙ୍ଗୁ ଭାଇ ସ୍ମୃତିକମିଟି ପକ୍ଷରୁ ଶୁକ୍ରବାର ଗୋପାଳଗାଁସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପରେ ‘ଅସ୍ତହୀନ ମଦନମୋହନ’ ସ୍ମରଣିକା ଉନ୍ମୋଚିତ ହୋଇଯାଇଛି। କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାନସଭା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ଉପନେତା ବିଷ୍ଣୁ ସେଠୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ଏମ୍‌ପି ମହାମେଘବାହାନ ଐର ଖାରବେଳ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ମନମୋହନ ସାମଲ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜୀବନ ପ୍ରଦୀପ ଦାଶ, ସମାଜସେବୀ ମମତା ମହାପାତ୍ର, ସଦର ବ୍ଲକ ଚେୟାରମ୍ୟାନ୍ ନାରାୟଣ ପ୍ରଧାନ, ରେମୁଣା ବ୍ଲକ ଚେୟାରମ୍ୟାନ୍ ସୁଶାନ୍ତ ପଟ୍ଟନାୟକ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଭାଜପା ନେତା ଗୌରାଙ୍ଗ ଦାସ, ପର୍ଶୁରାମ ବେହେରା, ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ସୁଜିତ ଦେବ, ଶୁଭଙ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ମରଣିକା ଉନ୍ମୋଚନ କରିଥିଲେ। ଆୟୋଜିତ ସ୍ମୃତି ସଭାରେ ସମିତିସଭ୍ୟ ରବିନାରାୟଣ ମହାପାତ୍ର ସଞ୍ଚାଳନ କରିଥିବା ବେଳେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ମହାପାତ୍ର, ସମ୍ବଲପୁର ପୂର୍ବତନ ବିଧାୟକ ଜୟନାରାୟଣ ମିଶ୍ର, ବରିଷ୍ଠ ଭାଜପା ନେତା ଡ. ସତ୍ୟଜିତ୍ ମିଶ୍ର, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ ରାଉତ, କଂଗ୍ରେସ ଯୁବନେତା ବିକ୍ରମ ପଣ୍ଡା ପ୍ରମୁଖ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଦତ୍ତଙ୍କ ପତ୍ନୀ ପ୍ରେମଲତା, ପୁତ୍ର ମାନସ ରଞ୍ଜନ, କନ୍ୟା ମଧୁସ୍ମିତା ଓ ଭଉଣୀ ଅଞ୍ଜଳି ଉପସ୍ଥିତ ଥିଲେ।

## ହସ୍ପିଟାଲ ଆଟେଣ୍ଡାଣ୍ଟ ପଜିଟିଭ

ଛତ୍ରପୁର,୩।୭(ଡି.ଏନ୍.ଏ.)

ଛତ୍ରପୁର ହସ୍ପିଟାଲର ଜଣେ ଆଟେଣ୍ଡାଣ୍ଟ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତାଙ୍କୁ ଶିତଳାପଲ୍ଲୀସ୍ଥିତ ପାରଳା କୋଭିଡ୍ କେୟାର ସେଣ୍ଟରକୁ ପଠାଯାଇଛି। ଛତ୍ରପୁର ହସ୍ପିଟାଲକୁ ସାଧାରଣ ରୋଗୀଙ୍କୁ ଯିବାକୁ ଦିଆଯାଉନି। ହସ୍ପିଟାଲ ଓ ଆଟେଣ୍ଡାଣ୍ଟ ରହୁଥିବା ନୂଆ ମେଡିକାଲ କଲୋନୀକୁ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ କରାଯାଇଛି। ଉକ୍ତ କଲୋନୀକୁ ସିଲ କରାଯିବ ବୋଲି ଜଣାପଡିଛି। ସେପଟେ ଛତ୍ରପୁର ଏନ୍ଏସିରେ ୬ ଦିନିଆ ଶଟ୍‌ଡାଉନ୍ ଜାରି ରହିଛି। ପଜିଟିଭ୍ ଚିହ୍ନଟ ପରେ ପୂର୍ବରୁ ଛତ୍ରପୁର ବାରାକ ସାହି, କଲ୍ପବାସୀ ନଗର, ଏନଏସି ସଂଲଗ୍ନ ବ୍ୟାଙ୍କ କଲୋନୀକୁ କଣ୍ଟେନମେଣ୍ଟ ଜୋନ୍ ଏବଂ ଏହାର ସଂଲଗ୍ନ ସାହିଗୁଡିକୁ ବଫର ଜୋନ୍ ଘୋଷଣା କରାଯାଇ ଘରକୁ ଘର ଯାଇ ସ୍ୱାସ୍ଥ୍ୟ ସ୍କ୍ରିନିଂ ଓ କଣ୍ଟାକ୍ଟ ଟ୍ରେସିଂ ଚାଲିଛି।

## ରାମପଲ୍ଲୀ ୭ ଦିନ ଶଟ୍‌ଡାଉନ୍

ଛତ୍ରପୁର,୩।୭(ଡି.ଏନ.ଏ.)

ଛତ୍ରପୁର ବ୍ଲକ ଟାଙ୍ଗଣାପଲ୍ଲୀ ପଞ୍ଚାୟତ ରାମପଲ୍ଲୀ ଗାଁରୁ ଜଣେ ପଜିଟିଭ୍ ଚିହ୍ନଟ ହେବାପରେ ସରପଞ୍ଚ କୁମାରୀ ପ୍ରଧାନ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଉକ୍ତ ଗାଁକୁ୭ଦିନପାଇଁଶଟ୍‌ଡାଉନ୍‌ପାଇଁଘୋଷଣା କରିଛନ୍ତି। ରାମପଲ୍ଲୀ ଗାଁ କଣ୍ଟେନମେଣ୍ଟ ଜୋନ୍ ମଧ୍ୟ ହୋଇଛି। ଏହି ଅବଧି ମଧ୍ୟରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘରେ ରହିବାକୁ ଅନୁରୋଧ କରାଯାଇଛି। ଗାଁକୁ ବ୍ୟାରିକେଡ୍ କରି ସିଲ୍ କରି ଦିଆଯାଇଛି।

## ରୋଜଗାର ଦେଇଛି କଡ଼କନାଥ କୁକୁଡ଼ାଚାଷ



କୁକୁଡ଼ା ଫାର୍ମରେ ସ୍ମିତାରାଣୀ ।

ଶଙ୍କରାଖୋଲ(ଡି.ଏନ୍.ଏ.)/ଫିରିଙ୍ଗିଆ,୩।୭

କରୋନା ଲାଗି ଲକ୍‌ଡାଉନ୍ ଲାଗୁ ହେବାପରେ ଭୁବନେଶ୍ୱରରେ କାମ ନ ମିଳିବାରୁ ଘରକୁ ଫେରିଥିଲେ କନ୍ଧମାଳ ଜିଲା ଚକାପାଦ ବ୍ଲକ ଆରାବକା ଗ୍ରାମର ଦମ୍ପତି ଶରତ ପଟ୍ଟନାୟକ ଓ ସ୍ମିତାରାଣୀ ପଟ୍ଟନାୟକ। ଗାଁରେ କୁକୁଡ଼ା ଚାଷ କରି ସ୍ୱାବଲମ୍ବୀ ହେବାକୁ ସ୍ଥିର କଲେ। ୟୁଟ୍ୟୁବ ଦେଖି କଡ଼କନାଥ କୁକୁଡ଼ା ଚାଷ ସମ୍ପର୍କରେ ଜାଣିବା ପରେ ସେଥିପ୍ରତି ମନ ବଳାଇଥିଲେ। ଏବେ ଏହି କୁକୁଡ଼ା ଚାଷ ଦମ୍ପତିଙ୍କୁ ରୋଜଗାର ସହ ଆତ୍ମସନ୍ତୋଷ ଦେଇଛି। ଗତ ଏପ୍ରିଲରୁ ଶରତ ଏହି କୁକୁଡ଼ା ଚାଷ ଆରମ୍ଭ କରିଛନ୍ତି। ଜିଲା ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ନିଜ ଖର୍ଚ୍ଚରେ ମଧ୍ୟପ୍ରଦେଶରୁ ସେ ୭୫୦ଟି କଡ଼କନାଥ କୁକୁଡ଼ା ଛୁଆଁ ମଗାଇଥିଲେ। ଏହି କୁକୁଡ଼ା ମାଂସ, ଅଣ୍ଡା, ହାଡ଼ ଓ ରକ୍ତ ରଙ୍ଗ କଳା। ଅଣ୍ଡା ଥଣ୍ଡାଜନିତ ରୋଗ ପ୍ରତିରୋଧକାରୀ। ମାଂସ ମଧ୍ୟ ବହୁ ଉପକାରୀ। ମାଂସ କେଜି ପ୍ରତି ୭୫୦ ଟଙ୍କା ଓ ଅଣ୍ଡା ଗୋଟାକୁ ୪୦ରୁ ୪୫ ଟଙ୍କା ମଧ୍ୟରେ ରହିଛି। ମକା, ଗହମ, ଚାଉଳ, ଧାନ, କଅଁଳିଆ ଘାସ ଓ ଶାଗ ଖାଇ ବଞ୍ଚୁଥିବା ଏହି କୁକୁଡ଼ା ୪ ମାସରେ ପ୍ରାୟ ୧.୭୦୦ ଗ୍ରାମ ପର୍ଯ୍ୟନ୍ତ ବଢ଼ିଥାନ୍ତି। ଇତିମଧ୍ୟରେ ପ୍ରାୟ ୧୫୦ କୁକୁଡ଼ା ବିକ୍ରି କରି ସାରିଲେଣି ଶରତ। ଆଗାମୀ ଦିନରେ ବ୍ୟବସାୟ ବଢ଼ାଇବା ପାଇଁ ସରକାରୀସ୍ତରରେ ପ୍ରୋତ୍ସାହନକୁ ଆଶା ରଖିଛନ୍ତି ଦମ୍ପତି। କଡ଼କନାଥ କୁକୁଡ଼ା ମାଂସରେ ଆଇରନ, ପ୍ରୋଟିନ, ଭିଟାମିନ ବି୨, ବି୩, ବି୬, ବି୧୨ ଅଧିକ ଥାଏ ବୋଲି ଶଙ୍କରାଖୋଲ ପ୍ରାଣୀ ଚିକିତ୍ସକ ସୁଶିଲ ସେଠୀ କହିଛନ୍ତି।

## ମୋବାଇଲ ପାଇଁ ଟଙ୍କା ନ ଦେବାରୁ ଯୁବକଙ୍କ ଆତ୍ମହତ୍ୟା

ବୁଗୁଡ଼ା,୩।୭(ଡି.ଏନ୍.ଏ.)

ନୂଆ ମୋବାଇଲ ପାଇଁ ମା’ ଟଙ୍କା ନ ଦେବାରୁ ବିଷ ପିଇ ଜୀବନ ହାରିଛି ପୁଅ। ଏଭଳି ଅଭାବନୀୟ ଘଟଣା ଘଟଣା ଘଟିଛି ବୁଗୁଡ଼ା ଥାନା ଭାମଶିଆଳି ଗାଁରେ। ମୃତକ ହେଲେ କୃଷ୍ଣ ନାହାକ (୨୦)। କୃଷ୍ଣ ନୂଆ ମୋବାଇଲଟିଏ କିଣିବା ପାଇଁ ବିଧବା ମା’ଙ୍କୁ ୧୦ହଜାର ଟଙ୍କା ମାଗିଥିଲେ। ମା’ ଟଙ୍କା ନାହିଁ ବୋଲି କହିବାରୁ କୃଷ୍ଣ କୀଟନାଶକ ପିଇ ଦେଇଥିଲା। ତାଙ୍କୁ ବୁଗୁଡ଼ା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡମେଡିକାଲ ସ୍ଥାନାନ୍ତର ପାଇଁ ଡାକ୍ତର କହିଥିଲେ। ମାତ୍ର ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଅପରାହ୍ନ ପ୍ରାୟ ୫ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୦ରେ)ରୁଜୁ କରିଛି।

## ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ

ଦିଗପହଣ୍ଡି,୩।୭(ଡି.ଏନ୍.ଏ.)

ଦିଗପହଣ୍ଡିସ୍ଥିତ ଶ୍ରମିକ ସଙ୍ଗଠନ ଏଆଇଟିୟୁସି, ସିଆଇଟିୟୁ ଏବଂ ଆଇଏନ୍ଟିୟୁସିର ମିଳିତ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସିପିଆଇ(ଏମ୍) ଗଞ୍ଜାମ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ, ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ଗଞ୍ଜାମ ଜିଲା ସମ୍ପାଦକ ଅଳକ ନାଥ ମିଶ୍ର, ସିପିଆଇ ବଡ଼ଖେମୁଣ୍ଡି ଜୋନାଲ ସମ୍ପାଦକ କିଶୋର ଶତପଥୀ, ଗଞ୍ଜାମ ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଫୁଲ୍ଲ ପଣ୍ଡାଙ୍କ ସମେତ ବହୁ ଶ୍ରମଜୀବୀ ସାମିଲ ହୋଇଥିଲେ। ଆୟକର ଦେଉନଥିବା ସମସ୍ତ ପରିବାରଙ୍କୁ ୬ମାସ ପର୍ଯ୍ୟନ୍ତ ମାସିକ ୭୫୦୦ଟଙ୍କା ପ୍ରଦାନ, ପେଟ୍ରୋଲ, ଡିଜେଲ, ଜାଳେଣି ଗ୍ୟାସ ସମେତ ୮ ଦଫା ଦାବି ଉପସ୍ଥାପନ କରିଥିଲେ।

## ଗାଁ ରାସ୍ତା ପାଇଁ ୨୫ ଲକ୍ଷ ମଞ୍ଜୁର

ଖଇରା, ୩।୭(ଡି.ଏନ.ଏ.)

ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଗୁରୁବାର ମନ୍ତ୍ରୀ ଡଗରପଡା ପଞ୍ଚାୟତ ଗସ୍ତ ବେଳେ ସେଠାକାର ଲୋକଙ୍କ ସହ ଆଲୋଚନା କରିଥିଲେ। ରାସ୍ତା ପାଇଁ ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ମନ୍ତ୍ରୀ ଘୋଷଣା କରିଥିଲେ। ଗାଁ ଦାଣ୍ଡରେ ଆଲୋଚନା ବେଳେ ସରପଞ୍ଚ ପ୍ରତିନିଧି ରତ୍ନାକର ଦଳେଇ ,ସମିତି ସଭ୍ୟା ପ୍ରତିନିଧି ଦିନବନ୍ଧୁ ପାଣିଗ୍ରାହୀଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ନାୟକ, କୃତିବାସ ଜେନା, ରାଜେନ୍ଦ୍ର କଳାପାହାଡ, ୱାର୍ଡସଭ୍ୟ ଶମ୍ଭୁନାଥ ବେହେରା, ନାଏବ ସରପଞ୍ଚ ବିଷ୍ଣୁମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଲୋକମାନଙ୍କ ସହ ମନ୍ତ୍ରୀ ଆଲୋଚନା କରୁଛନ୍ତି।

# ବୟସ ବଢୁଛି, ବେକ ବଙ୍କୁଛି

## ପୁଅ ଚିକିତ୍ସା ଚିନ୍ତାରେ ମା’ବାପା

ଖଇରା, ୩।୭(ଉତ୍କଳବନ୍ଧୁ ପଣ୍ଡା)

୭ବର୍ଷର ପୁଅ ଶଙ୍କର୍ଷଣ। ଏହି ବୟସରେ ସମସ୍ତେ ଖେଳକୁଦ କରି ମଜାମସ୍ତିରେ ରହୁଥିବା ବେଳେ ଶଙ୍କର୍ଷଣ କିନ୍ତୁ ଅନ୍ୟମାନଙ୍କ ସହ ମିଶିପାରୁନାହିଁ। ବେଳେ ବେଳେ ଅନ୍ୟ ସାଙ୍ଗମାନଙ୍କୁ ଦେଖି ଦୌଡକୁଦ ଆରମ୍ଭ କରିବା ମାତ୍ରେ ବେକରେ ଯନ୍ତ୍ରଣା ଅଥୟ କରୁଛି। ବୟସ ଯେତେ ବଢୁଛି ତାଙ୍କ ବେକ ପାଖରୁ ମୁଣ୍ଡ ପଛପଟକୁ ଅଧିକ ବଙ୍କୁଛି। ସାଙ୍ଗମାନଙ୍କ ସହ ସ୍କୁଲକୁ ଯାଉଛି ସତ, ହେଲେ ଅସହଜ ଲାଗୁଥିବାରୁ ପ୍ରବଳ ଇଚ୍ଛା ଥିଲେ ବି ପାଠ ପଢିବା ସମ୍ଭବ ହେଉନାହିଁ। ୭ବର୍ଷ ପରେ ମଧ୍ୟ ଚିକିତ୍ସା ପାଇଁ ସେଭଳି କିଛି ବଡ ପଦକ୍ଷେପ ନିଆଯାଇ ନ ଥିବାରୁ ରୋଗ ମଧ୍ୟ ଠିକ୍ ଭାବରେ ଚିହ୍ନଟ ହୋଇପାରୁନାହିଁ। ପୁଅ ଶଙ୍କର୍ଷଣଙ୍କୁ ନେଇ ଆଶା ଆଶଙ୍କାରେ ଦିନ ବିତାଉଛନ୍ତି ଦମ୍ପତି ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ବେଗୁନିଆ ଗ୍ରାମର କୈଳାସ ଚନ୍ଦ୍ର ବାରିକ ଓ ସୁମତୀ।

ପ୍ରଥମେ ପୁଅଟିଏ ହେବା ପରେ ମା’ ବାପାଙ୍କ ମନ ଖୁସିରେ ପୂରି ଉଠିଥିଲା। ହେଲେ ବୟସ ବଢିବା ସାଙ୍ଗକୁ ବେକ ପଛକୁ ବଙ୍କିବା ଆରମ୍ଭ କରିଥିଲା। ଅଙ୍ଗନୱାଡି କର୍ମୀ ଏହା ଦେଖୁଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ନିକଟସ୍ଥ ବେଗୁନିଆ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଯିବା ପରେ ବାଲ୍ ସ୍ୱାସ୍ଥ୍ୟ ଯୋଜନାରେ ଶଙ୍କର୍ଷଣଙ୍କୁ ବାଲେଶ୍ୱର ନେଇ ପ୍ରାଥମିକ ଚିକିତ୍ସା କରାଯାଇ କିଛି ଔଷଧ ଦେଇଥିଲେ। ସମୟ ଆସିଲେ ଅସ୍ତ୍ରୋପଚାର କରାଯିବ ବୋଲି କହି ଘରେ ଛାଡି ଦେଇ ଯାଇଥିଲେ। ହେଲେ ସେବେଠାରୁ ସେ ଟିମ୍‌ର ଆଉ ଦେଖାନାହିଁ ବୋଲି ମା’ ସୁମତୀ କହିଛନ୍ତି। ଦିନ ମଜୁରିଆ ଭାବେ ଚଳୁଥିବା ବାପା କୈଳାସଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ନିଜ ଉଦ୍ୟମରେ ଅସ୍ତ୍ରୋପଚାର କରିବାକୁ ସକ୍ଷମ ହୋଇପାରୁନାହାନ୍ତି। ପିଲାଟିର ଅବସ୍ଥା ଦିନକୁ ଦିନ ସାଂଘାତିକ ହେଉଥିବାରୁ ଏଥିପ୍ରତି ଉଭୟ ଶିକ୍ଷା ଓ ସ୍ୱାସ୍ଥ୍ୟବିଭାଗ ଧ୍ୟାନ ଦେବାକୁ ପଡୋଶୀ ପୂର୍ଣ୍ଣଚନ୍ଦ୍ର ସେଣ୍ଠ କହିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଗୋଷ୍ଠୀସମ୍ବଳ ଶିକ୍ଷକ ମନୋଜ ମହାପାତ୍ରଙ୍କୁ ଯୋଗାଯୋଗ କରିବାରେ ସେ ଯଥାଶୀଘ୍ର ଏହାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି।


ମା’ବାପାଙ୍କ ସହ ଶଙ୍କର୍ଷଣ।

## ପୁଅ ବାହାଘର ନିମନ୍ତ୍ରଣ ଦେବାକୁ ଆସି ମା’ ମୃତ

ଢେଙ୍କିକୋଟ,୩।୭(ଡି.ଏନ୍.ଏ.)

ପୁଅ ବାହାଘର ପାଇଁ ନିମନ୍ତ୍ରଣ ଦେବାକୁ ଆସି ଦୁର୍ଘଟଣାରେ ମା’ଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ କେନ୍ଦୁଝର ଜିଲା ତେଲକୋଇ ଥାନା ଅଧୀନ କୁଳାଡ଼େରା ଗ୍ରାମର କୁଇନ ନାଏକ। ଶୁକ୍ରବାର ସେ ତାଙ୍କ ବାପଘର ପଣ୍ଡାପଡ଼ା ଥାନା ଝାରବେଡ଼ା ଗ୍ରାମକୁ ପୁଅ ବାହାଘର ପାଇଁ ନିମନ୍ତ୍ରଣ ଦେବାକୁ ଜଣେ ବାଇକ୍ ଚାଳକଙ୍କ ସହ ଆସୁଥିଲେ। ଝାରବେଡ଼ା ଗ୍ରାମ୍ୟ ରାସ୍ତାରେ ଥିବା ହମ୍ପସ୍‌ରେ କୁଇନ ବାଇକ୍‌ରୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ୯ ଦଫା ଦାବିରେ ମିଳିତ ମଞ୍ଚର ବିକ୍ଷୋଭ

ବାରିପଦା ଅଫିସ,୩।୭

ଶ୍ରମ ଆଇନ ସଂଶୋଧନ, ଦୈନିକ କାର୍ଯ୍ୟ ସମୟ ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି ଆଦେଶ ବାତିଲ, ଆୟକର ଦେଉ ନ ଥିବା ସମସ୍ତ ପରିବାରକୁ ମାସକୁ ୭୫୦୦ ଟଙ୍କା ୬ ମାସ ପର୍ଯ୍ୟନ୍ତ ପ୍ରଦାନ କରିବା, ପ୍ରବାସୀ ଶ୍ରମିକମାନଙ୍କୁ ୬ ମାସ ପର୍ଯ୍ୟନ୍ତ ୧୦ କିଲୋ ଚାଉଳ,ଗହମ ପ୍ରଦାନ କରିବା ଭଳି ୯ ଦଫା ଦାବିରେ ମିଳିତ ଟ୍ରେଡ଼ ୟୁନିୟନ ଓ ମହାସଂଘର ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଇଏନଟିୟୁସି, ଏଆଇଟିୟୁସି, ସିଟୁ, ଏଆଇୟୁଟିୟୁସି,ଏଚ୍ଏମସି, ବିଜୁ ସାମ୍ଭୁଖ୍ୟ, ମୟୂରଭଞ୍ଜ ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତି ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସିଟୁର ଜିଲା ସଭାପତି ରବି ଗୋସ୍ୱାମୀଙ୍କ ପୌରହିତ୍ୟରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏହି ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବକ୍ତାମାନେ ୯ ଦଫା ଦାବିକୁ ଦୃଢ଼ ସମର୍ଥନ କରିଥିଲେ। ରାକେଶ ସିଂ, ଡ. ପ୍ରଶାନ୍ତ ମିଶ୍ର, ଜଗବନ୍ଧୁ ମିଶ୍ର, ଅମଳ ଦେ, ରଘୁନାଥ ପଣ୍ଡା,ପୀତାମ୍ବର ନାୟକ, ସିମ୍ନଲତା ମାଝୀ, ଅକ୍ଷୟ କୁମାର ଖୁଣ୍ଟିଆ ପ୍ରମୁଖ ଏକାଧିକ କର୍ମକର୍ତ୍ତା ଯୋଗ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଧରିତ୍ରୀ
DHARITRI
ଶନିବାର, ଜୁଲାଇ ୪, ୨୦୨୦



## ହଜାରେ ଚାରା ରୋପଣ

ପାପଡାହାଣ୍ଡି (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ବନ ମହୋତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଛି। ଜଟାବାଲ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଜାନୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ପାତ୍ରୀ ସରପଞ୍ଚ ଯଦୁ ନାୟକ, ସମିତି ସଭ୍ୟ ସୁଜାତା ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲିଙ୍ଗରାଜ ଭତରା, ପାତ୍ରୀ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀଉପସ୍ଥିତ ଥିଲେ। ପାତ୍ରୀ ଜଙ୍ଗଲରେ ୧୦୨୦ଟି ଚାରା ରୋପଣ କରାଯାଇଛି। ସପ୍ତାହ ମଧ୍ୟରେ ୧୦ ହଜାର ଚାରା ରୋପଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ତେନ୍ତୁଳିଖୁଣ୍ଟି କନିଷ୍ଠ ରାଜସ୍ୱ ସହାୟକ ନିଲମ୍ବିତ

ନବରଙ୍ଗପୁର,୩ା୭(ବି.ପ୍ର.)- ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ତେନ୍ତୁଳିଖୁଣ୍ଟି ତହସିଲ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ (ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଡ) ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କୁ ନିଲମ୍ବିତ କରିଛନ୍ତି। ଏକ ମୁଖ୍ୟ ଦସ୍ତାବିଜରେ ତହସିଲଦାରଙ୍କ ନକଲି ଦସ୍ତଖତ କରିଥିବା ନେଇ ତାଙ୍କ ନାମରେ ଅଭିଯୋଗ ଥିଲା। ଜିଲାପାଳ ଏହି ଘଟଣାର ତଦନ୍ତ ଭାର ଏକ କମିଟିକୁ ଦେଇଥିଲେ। କମିଟି ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲା। ନକଲି ଦସ୍ତଖତ କରିଥିବା ନେଇ କନିଷ୍ଠ ରାଜସ୍ୱ ସହାୟକ ମାନିଥିଲେ। କମିଟି ରିପୋର୍ଟକୁ ଆଧାର କରି ଜିଲାପାଳ ସ୍ୱର୍ଣ୍ଣଲତାଙ୍କୁ ନିଲମ୍ବନ କରିଛନ୍ତି।

## ପେଟ୍ରୋଲ ଦର ବୃଦ୍ଧିକୁ କଂଗ୍ରେସର ବିରୋଧ

ରାୟଗଡା ଅଫିସ, ୩ା୭-ପେଟ୍ରୋଲ ଦର ବୃଦ୍ଧି ପ୍ରତିବାଦରେ ଶୁକ୍ରବାର ରାୟଗଡାର ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପଣ୍ଡାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାଟି କଂଗ୍ରେସ ଭବନରୁ ବାହାରି ବ୍ଲକ ଅଫିସ ପର୍ଯ୍ୟନ୍ତ ଯାଇଥିଲା। କର୍ମୀମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓ ରାଜେନ୍ଦ୍ର ମାଝି ଏବଂ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀଙ୍କୁ ଦେଇଛନ୍ତି। ଏହି ସମୟରେ କୋରାପୁଟ ଲୋକ ସଭା ଏମ୍‌ପି ସପ୍ତଗିରି ଉଲାକା, ଆପଲ ସ୍ୱାମୀ କାଡ୍ରାକା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଉନ୍ନୟନ ସମୀକ୍ଷା

ନବରଙ୍ଗପୁର,୩ା୭(ବି.ପ୍ର.)- ନବରଙ୍ଗପୁରସ୍ଥିତ ଅଶୋକ ମେହେଟ୍ଟା ସଭାଗୃହରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାସ୍ତରରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଶୁଭାଶିଷ ମାନସିଂହ, ନିମାଇ ଚରଣ ସୁତାର, ଉପ ଜିଲାପାଳ ଭାସ୍କର ରଇତଙ୍କ ସମେତ ଜିଲାସ୍ତରୀୟ ସମସ୍ତ ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ।

## କରୋନା ଯୋଦ୍ଧାଙ୍କୁ ସମ୍ମାନ

ପାରଳାଖେମୁଣ୍ଡି, ୩ା୭(ସ୍ୱ.ପ୍ର.)-ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦ ଗଜପତି ଜିଲା ଶାଖା ବୋର୍ଡ ପକ୍ଷରୁ କରୋନା ଯୋଦ୍ଧାଭାବେ ଜିଲାପାଳ ଅନୁପମ ସାହା,ଏସପି ସାରା ଶର୍ମା ଏବଂ ପାରଳା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କୁ ସମ୍ମାନୀତ କରାଯାଇଛି। ଦୀର୍ଘ ୪ ମାସ ଧରି ଏହି କରୋନା ଯୋଦ୍ଧାମାନେ ଲୋକଙ୍କୁ ସଚେତନ କରୁଥିବାରୁ ସେମାନଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ମାନବାଧିକାର ପରିଷଦ ଗଜପତି ଜିଲା ବୋର୍ଡ ସଭାପତି ଆଲୋକ କୁମାର ବୋଷ, ଉପସଭାପତି ପ୍ରଦୀପ କୁମାର ଚୌଧୁରୀ, ସାଧାରଣ ସମ୍ପାଦିକା ମଞ୍ଜୁଳା ଚୌଧୁରୀ ଓ ଲିଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୋଗ ଶୁଣୁନି ପ୍ରଶାସନ

ପାଣ୍ଡ୍ରିପାଣି, ୩ା୭ (ଡି.ଏନ.ଏ.)- ମାଲକାନଗିରି ସଦର ବ୍ଲକ ବୀରଲକ୍ଷ୍ମଣପୁର ପଞ୍ଚାୟତର ଗୁଡୁମପଦର ଗ୍ରାମଠାରୁ ସିରାଗୁଡା ଯିବାକୁ ରହିଥିବା ୪ କିମି, ରାସ୍ତା ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତାରେ ସାଇକେଲ, ବାଇକ୍‌ରେ ଯିବା ଦୂର କଥା ଚାଲିଚାଲି ଯିବା ମଧ୍ୟ ଗ୍ରାମବାସୀଙ୍କ ପାଇଁ କଷ୍ଟକର ହୋଇପଡୁଛି। ଏବେ ବର୍ଷା ଋତୁରେ ରାସ୍ତା ଅବସ୍ଥା ଆହୁରି ଖରାପ ହୋଇପଡିଛି। ଏନେଇ ଲୋକେ ପ୍ରଶାସନକୁ ବହୁ ବାର ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ପ୍ରଶାସନ ନେଇନାହିଁ। ଚିତ୍ରକୋଣ୍ଡା-ଛତିଶଗଡକୁ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ମେଟାଗୁଡା, କଣ୍ଟାମାଡି, କରଞ୍ଜକୁପଲି,ଆଡିଗୁଡା ଗ୍ରାମର ଲୋକେ ନିର୍ଭର କରନ୍ତି। ପ୍ରଶାସନ ତୁରନ୍ତ ରାସ୍ତା ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜ୍ୱରରେ ନାବାଳକଙ୍କ ମୃତ୍ୟୁ

ମାଥିଲି ,୩ା୭ (ଡି.ଏନ.ଏ.)- ମାଲକାନଗିରି ଜିଲା ମାଥିଲି ବ୍ଲକ ଆମ୍ବାଗୁଡା ଗ୍ରାମରେ ଶୁକ୍ରବାର ଜଣେ ନାବାଳକଙ୍କ ଜ୍ୱରରେ ମୃତ୍ୟୁ ହୋଇଛି। ସେ ହେଲେ ବିଶ୍ୱନାଥ ହନ୍ତାଳଙ୍କ ପୁଅ ଅନନ୍ତ ହନ୍ତାଳ (୧୪)। ନବମ ଶ୍ରେଣୀରେ ପଢୁଥିବା ଅନନ୍ତଙ୍କୁ ଜ୍ୱର ହୋଇଥିଲା। ପରିବାର ଲୋକେ ତାଙ୍କୁ ମାଥିଲି ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଡାକ୍ତର ଠିକ୍ ରୂପେ ଚିକିତ୍ସା ନ କରିବାରୁ ତାଙ୍କ ପୁଅର ମୃତ୍ୟୁ ହୋଇଥିବା ବାପା ବିଶ୍ୱନାଥ କହିଛନ୍ତି। ତେବେ ସମ୍ପୃକ୍ତ ନାବାଳକ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ଏବଂ ଶେଷ ମୁହୂର୍ତ୍ତରେ ପରିବାର ଲୋକେ ଡାକ୍ତରଖାନା ଆଣିଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି।

# ଅଭିଯୁକ୍ତଙ୍କୁ ଖସିଯିବାକୁ ସୁଯୋଗ ଦେଇଥିଲେ ବନ କର୍ମଚାରୀ

**ଜୟପୁର,୩ା୭ (ନି.ପ୍ର.)**

ଜୟପୁର ଜୟନଗର ଚିଲିଗୁଡାରେ ଚୋରା କାଠ କାରବାର ଚାଲିଥିବା ଖବର ପାଇ ନିକଟରେ ବନ ବିଭାଗ ଓ ପୋଲିସ ମିଳିତ ଚଢ଼ାଉ କରି କାଠ ଜବତ ହୋଇଥିଲା । ଏହି ମାମଲାରେ ବନ ବିଭାଗ ମହେନ୍ଦ୍ରଙ୍କ ସ୍ତ୍ରୀ ସୁଲୋଚନା ସ୍ୱାଇଁ (୪୦)ଙ୍କୁ ଗିରଫ କରିଥିଲା। ଏହି ସମୟରେ ସେଠାରେ ଏକ ମଦ କାରଖାନା ଠାବ କରାଯାଇଥିଲା। ପୋଲିସ ମଦ ପ୍ରସ୍ତୁତ ସାମଗ୍ରୀ ସହ ବିଭିନ୍ନ କମ୍ପାନୀର ବୋତଲ ଜବତ କରିଥିଲା। ଏଥିରେ ଜଡିତ ୨ ଅଭିଯୁକ୍ତ ମହେନ୍ଦ୍ର ସ୍ୱାଇଁ ଓ ତାଙ୍କ ସାନଭାଇ ଲମ୍ବୋଦର ସ୍ୱାଇଁ ଫେରାର ହୋଇଯାଇଥିଲେ। ତେବେ ସେମାନଙ୍କୁ ଫେରାର କରାଇବାରେ ବନ ବିଭାଗ କର୍ମଚାରୀ ସହାୟତା କରିଥିବା ସାଧାରଣରେ ଅଭିଯୋଗ ହେଉଛି। ୪ଘଣ୍ଟା ଧରି ହୋଇଥିବା ଏହି ଚଢାଉରେ ବନ ବିଭାଗ କର୍ମଚାରୀମାନେ କିପରି ଉଭୟଙ୍କୁ କାବୁକରି ପୋଲିସକୁ ହସ୍ତାନ୍ତର କରିପାରିଲେନି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ସୋମବାର ଟାଉନ ଥାନାରେ ଅଭିଯୋଗ କରାଯାଇଛି। ଟାଉନ ଥାନା ପକ୍ଷରୁ ପୋଲିସ ଘର ମାଲିକ ମହେନ୍ଦ୍ର ଓ ସ୍ତ୍ରୀ ସୁଲୋଚନା ସ୍ୱାଇଁଙ୍କ ନାମରେ ଏକ ମାମଲା (୧୭୮/୨୦) ରୁଜୁ କରିଛି। ଦଫା ୪୨୦,୨୭୨,୨୭୩ ଏବଂ ୩୪ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଜଣାପଡିଛି। ସେହିପରି ମହେନ୍ଦ୍ରଙ୍କ ନାମରେ ବୈପାରିଗୁଡା ଥାନା ଏବଂ ମାଲକାନଗିରି ଜିଲା ଥାନାରେ ମାଦକଦ୍ରବ୍ୟ ଚାଲାଣ ଏବଂ ରାସ୍ତାରେ ଯାଞ୍ଚ ବେଳେ ପୋଲିସକୁ ଧକ୍କାଦେବା ନେଇ ମାମଲା ରହିଥିବା ଜୟପୁର ପୋଲିସକୁ ସୂଚନା ମିଳିଛି । ଉଭୟ ମାଲକାନଗିରି ଏବଂ ବୈପାରିଗୁଡା ଥାନା ସହିତ ଯୋଗାଯୋଗ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ତେବେ ଏ ସମ୍ପର୍କରେ ରେଞ୍ଜର ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ ଯେ, ଉଭୟ ମହେନ୍ଦ୍ର ଓ ଲମ୍ବୋଦର ଚଢାଉ ବେଳେ ଆମକୁ ସହଯୋଗ କରୁଥିଲେ। ମାତ୍ର ସେମାନେ ଯେ ଆମ ପାଖରୁ ଖସି ଫେରାର ହୋଇଯିବେ ତାହା ଭାବି ନ ଥିଲୁ। ଆମ ଟିମ୍‌ର ବ୍ୟସ୍ତତା ସୁଯୋଗ ନେଇ ଉଭୟେ ଖସିଗଲେ ବୋଲି ସ୍ୱାଇଁ କହିଛନ୍ତି। ଏନେଇ ଡିଏଫ୍‌ଓ ଜେ.ପି. ସିଂଙ୍କୁ ପଚାରିବାରୁ ସେ କହିଲେ ଯେ, ଘଟଣା ଜାଣିବା ପରେ ଏସିଏଫ୍‌ଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିଷାକ୍ତ ଛତୁ ଖାଇ ପରିବାରର ୫ଅସୁସ୍ଥ

**ଚନ୍ଦାହାଣ୍ଡି, ୩ା୭(ଡି.ଏନ୍.ଏ.)**

ବିଷାକ୍ତ ଛତୁ ଖାଇ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବନାମହୁଲ ଗାଁର ଗୋଟିଏ ପରିବାରର ୫ଜଣ ଅସୁସ୍ଥ ଅଛନ୍ତି। ଅସୁସ୍ଥମାନଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଗୌରୀଶଙ୍କର ଜାଲ (୯), ଲଳିତା ଜାଲ(୩୦), ପଦ୍ମନ ଜାଲ(୪୦), ଡିପେନ୍ଦ୍ର ଜାଲ (୧୨), କିଶୋରୀ ଜାଲ(୨୨)।

ପ୍ରକାଶଯେ, ପଦ୍ମନଙ୍କ ପରିବାର ଲୋକେ ଶୁକ୍ରବାର ସକାଳେ ଜଙ୍ଗଲରୁ ଛତୁ ଆଣି ରୋଷେଇ କରି ଖାଇଥିଲେ। ଏହାପରେ କିନ୍ତୁ ସମସ୍ତଙ୍କର ଝାଡାବାନ୍ତି ହୋଇଥିଲା। ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସକୁ ପଦ୍ମନ ଖବର ଦେଇଥିଲେ। ଅସୁସ୍ଥମାନେ ଚନ୍ଦାହାଣ୍ଡି ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ମନୀଷ କୁମାର ପୁରୋହିତ ଏବଂ ସଂଗ୍ରାମ କେଶରୀ ସାହୁ ସେମାନଙ୍କ ଚିକିତ୍ସା କରୁଛନ୍ତି। ଏବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**କୋରୁକୋଣ୍ଡା/କୁଡୁମୁଲୁଗୁମ୍ମା, ୩ା୭ (ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଡ୍ରାଇଭରଗୁଡାଠାରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ନିଳାକାମ୍ବେରୁ ପଞ୍ଚାୟତ ଅଧିକାରୀ ସୁଦର୍ଶନ ଘାରାମୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଢୁଡାମେଟା ପଞ୍ଚାୟତ ଅଧିକାରୀ ଭାସ୍କର ଖରା ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଖବରରୁ ଜଣାପଡିଛି ଗୁରୁବାର ସନ୍ଧ୍ୟାରେ ବ୍ଲକର ସମସ୍ତ ପଞ୍ଚାୟତ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକ ପରେ କୋରୁକୋଣ୍ଡା ବ୍ଲକରେ କାର୍ଯ୍ୟ କରୁଥିବା ଦୁଇ ପଞ୍ଚାୟତ ଅଧିକାରୀ ସୁଦର୍ଶନ ଓ ଭାସ୍କର ଗୋଟିଏ ବାଇକ୍‌ରେ ନିଜ ଘର କୁଡୁମୁଲୁଗୁମ୍ମା ଓ ଖଇରପୁଟକୁ ଫେରୁଥିଲେ। ତେବେ ଡ୍ରାଇଭରଗୁଡା ଗ୍ରାମ ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ଉଭୟଙ୍କୁ କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୁଦର୍ଶନଙ୍କ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ। ଭାସ୍କରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଛି। ସୁଦର୍ଶନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



କୋରାପୁଟ ଜିଲା ଦାମନଯୋଡି ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ଚତୁର୍ଦ୍ଧାମୂର୍ତ୍ତି ନୀଳାଦ୍ରୀବିଜେ କରିଛନ୍ତି।

## ପୂର୍ବତନ ଓଏସ୍ଏପି ଯବାନଙ୍କ ଆତ୍ମହତ୍ୟା

**ପାରଳାଖେମୁଣ୍ଡି, ୩ା୭(ସ୍ୱ.ପ୍ର.)**

ଗଜପତି ଜିଲା ଗୁମ୍ମା ବ୍ଲକ ଅଧୀନ ପାତିମିଲ କଲୋନୀରୁ ସ୍ଥାନୀୟ ପୋଲିସ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ଜଣେ ପୂର୍ବତନ ଓଏସ୍ଏପି ଯବାନ। ତାଙ୍କ ନାମ ସିପିଏମ୍ ଗମାଙ୍ଗ ବୋଲି ସୂଚନା ମିଳିଛି। ଶୁକ୍ରବାର ଅପରାହ୍ନରେ ସିପିଏମ୍‌ଙ୍କ ଘର ଭିତରୁ ଦୁର୍ଗନ୍ଧ ବାହାରିବାରୁ ଅଞ୍ଚଳବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଗୁମ୍ମା ଫାଣ୍ଡିରେ ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ଯବାନ ଜଣଙ୍କ ୩ ବର୍ଷ ହେଲା ସେ ଚାକିରୀକୁ ନଯାଇ ଗୁମ୍ମାରେ ରହୁଥିଲେ। ଗୁଣୁପୁରରେ ତାଙ୍କ ପରିବାରର ଅନ୍ୟମାନେ ରୁହନ୍ତି। ଘରୋଇ କଳି ଯୋଗୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି ବୋଲି ସବ୍‌ଇନ୍‌ସ୍ପେକ୍ଟର ଡି.ଗଜପତି ଦୋରା କହିଛନ୍ତି।

## ୧୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ

**ଚିତ୍ରକୋଣ୍ଡା,୩ା୭(ଡି.ଏନ.ଏ.)**



ଜବତ ଗଞ୍ଜେଇ ବୋଝେଇ ଟ୍ରାକ୍ଟର,ବାଇକ୍ ଏବଂ ଗିରଫ ଅଭିଯୁକ୍ତ।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଗୁଣ୍ଠାୱାଡା ପଞ୍ଚାୟତର ଘାଟକୋଣ୍ଡା ଓ ବୁରୁଡ଼ିପୁଟ ଗ୍ରାମରୁ ଆନ୍ଧ୍ରକୁ ଏକ ଟ୍ରାକ୍ଟର ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଧରାପଡିଛି। ଏହାର ପରିମାଣ ୧୧ କୁଇଣ୍ଟାଲ ୭୦ କେଜି। ଚିତ୍ରକୋଣ୍ଡା ଥାନା ଅଧିକାରୀ ଯୁଗଳ ଶବରଙ୍କ ନେତୃତ୍ୱରେ ଗୁଣ୍ଠାୱାର୍ଡା ପଞ୍ଚାୟତ କାଙ୍କରାଇପ ଛକଠାରେ ଗୁରୁବାର ରାତିରେ ପାଟ୍ରୋଲିଂ ଚାଲିଥିବା ବେଳେ ଏକ ଟ୍ରାକ୍ଟର ସିଲେରୁ ଆଡକୁ ଯାଉଥିଲା। ଟ୍ରାକ୍ଟର ଆଗରେ ଏକ ବାଇକ୍ ମଧ୍ୟ ଯାଉଥିବା ଦେଖି ପୋଲିସର ସନ୍ଦେହ ହେବାରୁ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରାଯିବାରୁ ଗଞ୍ଜେଇ ବାହାରିଥିଲା। ତେବେ ଯାଞ୍ଚ ବେଳେ ଅଭିଯୁକ୍ତମାନେ ଖସି ପଳାଉଥିବା ବେଳେ ପୋଲିସ ଜଣକୁ ଧରିଥିଲା। ଟ୍ରାକ୍ଟର, ବାଇକ୍ ସହ ଗଞ୍ଜେଇ ଥିବା ୩୯ ବସ୍ତା ଥାନାକୁ ଅଣାଯାଇଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧୧ ଲକ୍ଷରୁ ଅଧିକ ହେବ। ଏନେଇ ଏକ ମାମଲା ରୁଜୁ କରି ପୋଲିସ ଧରାପଡିଥିବା ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ପାଣିରେ ବୁଡ଼ି ୫ ବର୍ଷ ଶିଶୁ ମୃତ

**କାଲିମେଳା,୩ା୭(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଇଞ୍ଜମେଟଲା ଗ୍ରାମ ପୋଖରୀରେ ଗୁରୁବାର ଅପରାହ୍ନ ୪ଟାରେ ଜଣେ ୫ବର୍ଷର ଶିଶୁ ବୁଡିଯାଇଛି। ଫଳରେ ତା'ର ମୃତ୍ୟୁ ହୋଇଛି। ଶିଶୁଟି ଗ୍ରାମର ମୁକେଶ ମାଡକାମିଙ୍କ ପୁଅ ଉମେଶ ମାଡକାମି ବୋଲି ଜଣାପଡିଛି । ଉମେଶ ଗୁରୁବାର ଅପରାହ୍ନ ୩ଟାରେ ଖେଳିବା ପାଇଁ ଘରୁ ବାହାରକୁ ଯାଇଥିଲେ। ବହୁ ସମୟ ଧରି ସେ ଘରକୁ ନ ଫେରିବାରୁ ତାଙ୍କ ମା' ଦେବେ ମାଡକାମି ଏବଂ ବାପା ମୁକେଶ ବହୁ ଖୋଜାଖୋଜି କରିବା ପରେ ଗ୍ରାମ ପୋଖରୀରେ ବୁଡି ଯାଇଥିବା ଜାଣିବାକୁ ପାଇଥିଲେ। ଶୁକ୍ରବାର ସକାଳେ ପରିବାର ଲୋକେ ମୃତଦେହ ଉଦ୍ଧାର କରିଥିଲେ। ଉମେଶ କିପରି ପାଣିରେ ବୁଡିଲେ ତାହା ସ୍ପଷ୍ଟ ହୋଇନାହିଁ। ତାଙ୍କ ଜେଜେ ବାପା କସା ମାଡକାମି କାଲିମେଳା ଥାନାରେ ଏନେଇ ଲିଖିତ ଭାବେ ଜଣାଇବା ପରେ ଏଏସ୍ଆଇ ମହେଶ୍ୱର ଢୁଡୁୱାଡେ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ୧୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ବନ ମହୋତ୍ସବ ସପ୍ତାହ: ୫ହଜାର ଚାରା ବିକ୍ରୟ ଲକ୍ଷ୍ୟ



**ମୁନିଗୁଡ଼ା,୩ା୭(ଡି.ଏନ୍.ଏ.):**

ରାୟଗଡା ବନଖଣ୍ଡ ଅଧୀନ ମୁନିଗୁଡ଼ା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଲୋକଙ୍କୁ ବିଭିନ୍ନ କିସମର ଚାରା ସୁଲଭ ମୂଲ୍ୟରେ ପ୍ରଦାନ କରାଯାଇଛି। ମୁନିଗୁଡ଼ା ବନ କର୍ମଚାରୀ ଆବାସ ପରିସରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିରେ ମୁନିଗୁଡ଼ା ଆଇଆଇସି ରାଜେନ୍ଦ୍ର ଦେହୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରା ବିକ୍ରୟର ଶୁଭାରମ୍ଭ କରିଥିଲେ। ସହ ମୁଖ୍ୟ ଜିଲା ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଚାରାରୋପଣ ପାଇଁ ଉତ୍ସାହିତ କରିଥିଲେ। ସ୍ଥାନୀୟ ବନପାଳ ହରିଶ୍ଚନ୍ଦ୍ର ମାର୍ଥା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବନ ମହୋତ୍ସବ ସପ୍ତାହରେ ୫ହଜାର ଚାରା ବିକ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅପରାହ୍ନରେ ବନ ସୁରକ୍ଷା ରଥ ନଗର ପରିକ୍ରମା କରିଥିଲା।

## ଶଟ୍‌ଡାଉନ ପୂର୍ବରୁ ବଜାରରେ ଭିଡ଼

**ମାଲକାନଗିରି,୩ା୭ (ଡି.ଏନ୍.ଏ./ସ୍ୱ.ପ୍ର.)**

ମାଲକାନଗିରି ଜିଲ୍ଲାରେ ଆଜି ସୁଦ୍ଧା ୧୦୬ଟି କରୋନା ରୋଗୀ ଚିହ୍ନଟ ହୋଇଥିଲା ବେଳେ ମାଲକାନଗିରି ପୌର ପରିଷଦ ଅଞ୍ଚଳରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ଶୁକ୍ରବାର ରାତି ୮ଟାରୁ ରବିବାର ରାତି ୧୨ଟା ପର୍ଯ୍ୟନ୍ତ ପୌର ପରିଷଦ ଅଞ୍ଚଳକୁ ଶଟ ଡାଉନ୍ ଘୋଷଣା କରାଯାଇଛି। ଏନେଇ ଡାକବାଜି ଯନ୍ତ୍ର ଦ୍ୱାରା ସହରର ସମସ୍ତ ଅଞ୍ଚଳରେ ପ୍ରଚାର କରି ଜନସାଧାରଣଙ୍କୁ ଅବଗତ କରାଯାଇଛି। ବନ୍ଦକୁ ଦୃଷ୍ଟିରେ ରଖି ସହରବାସୀ ଏହି ଦୁଇଦିନ ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଖରିଦ ପାଇଁ ଶୁକ୍ରବାର ବଜାରରେ ଭିଡ ଜମାଇଛନ୍ତି। ମାସ୍କ ବ୍ୟବହାର କରୁ ନ ଥିବା ଏବଂ ସାମାଜିକ ଦୂରତ୍ୱ ରକ୍ଷା କରି ନ ଥିବାରୁ କେତେକ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ତହସିଲଦାର ଡ. ଗୁଣନିଧି ନାୟକ, ଆଇଆଇସି ରାମ ପ୍ରସାଦ ନାଗ, ସହକାରୀ ଜିଲାପାଳ ପ୍ରମୋଦ ବେହେରାଙ୍କ ସମେତ ଅଧିକାରୀମାନେ ପୌରାଞ୍ଚଳର ବିଭିନ୍ନ ଅଞ୍ଚଳ ଉପରେ ନଜର ରଖିଛନ୍ତି। ତେବେ ଶଟ୍‌ଡାଉନ ସମୟରେ ମେଡିକାଲ, ଔଷଧଦୋକାନ, ପେଟ୍ରୋଲ ପମ୍ପ ଓ ଅତ୍ୟାବଶକୀୟ ସାମଗ୍ରୀ ଦୋକାନ କେବଳ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲାରହିବ ବୋଲି ପ୍ରଶାସନ ଅନୁମତି ଦେଇଛି।

## ଏଆଇସିସିଟିୟୁର ପ୍ରତିବାଦ ସଭା



ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯାଉଛି।

**ଗୁଣପୁର,୩ା୭(ଡି.ଏନ୍.ଏ.)**

ଦେଶବ୍ୟାପୀ ଏଆଇସିସିଟିୟୁ, ପାଚିକା, ପାଚିକା ସହାୟକ ଏବଂ ବାମପନ୍ଥୀ ଶ୍ରମିକ ସଙ୍ଗଠନ ପକ୍ଷରୁ ହରତାଳ ଡାକରା ଦିଆଯାଇଛି। ରାୟଗଡ଼ା ଜିଲାର ଗୁଣପୁର ନିକଟ ଲଙ୍ଗରତାଲଠାରେ ଠାରେ ମଧ୍ୟ ଶୁକ୍ରବାର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମ ଆଇନ ସଂଶୋଧନ ଓ ଶ୍ରମବୋର୍ଡ ବନ୍ଦ କରିବା, ଠିକା ଚାଷୀ ଅଧ୍ୟାଦେଶ ଓ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ସଂଶୋଧନ ଅଧ୍ୟାଦେଶ ବନ୍ଦ କରିବା, ଆୟକର ଦେଉ ନ ଥିବା ସମସ୍ତ ପରିବାରକୁ ୭ହଜାର ୫ଶହ ଟଙ୍କା ଏବଂ ୬ମାସର ଭତ୍ତା ଯୋଗାଇଦେବା ଆଦି ୧୧ଦଫା ଦାବି ଉପସ୍ଥାପନ କରାଯାଇଛି।

## ଜୟପୁରରେ ଶ୍ରମିକ ସଙ୍ଗଠନର ବିକ୍ଷୋଭ

**ଜୟପୁର ୩ା୭ (ନି.ପ୍ର.)**

ଜୟପୁର ମୁଖ୍ୟ ଟ୍ରାଫିକ ଛକ ନିକଟରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରେଳବାଇ ଘରୋଇକରଣ, ବ୍ୟାଙ୍କ, ବୀମା କମ୍ପାନୀ ଘରୋଇକରଣ, ଶ୍ରମ ଆଇନ ସଂଶୋଧନ, ସମସ୍ତ ଶ୍ରମିକଙ୍କୁ ନିଯୁକ୍ତି, ପେଟ୍ରୋଲ ଡିଜେଲ ଦର ବୃଦ୍ଧି କମାଇବା, ବିଏସଏନଏଲ ଠିକା ଶ୍ରମିକଙ୍କ ଛଟେଇ ବନ୍ଦ କରିବା ସହ ଅନ୍ୟାନ୍ୟ ଦାବି ନେଇ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଆହ୍ୱାନରେ କର୍ମକର୍ତ୍ତାମାନେ ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଇଏନ୍‌ଟିୟୁସି, ଏଆଇଟିୟୁସି, ସିଆଇଟିୟୁ, ଏଆଇସିସିଟିୟୁସି, ଏଚ୍.ଏମ୍.ଏସ୍, ଟ୍ରାନସପୋର୍ଟ, ବିଏସଏନଏଲ, ପିଏଚଡି, ପେପର ମିଲ ଆଦି ସଙ୍ଗଠନ ଏଥିରେ ସାମିଲ ହୋଇଥିଲେ । ଜୟପୁର ସଙ୍ଗଠନର ଯଧିଷ୍ଠିର ରାଉଳ, ସୁବାସ ଭଟ୍ଟାଚାର୍ଯ୍ୟ, ସୁରେଶ ଚନ୍ଦ୍ର ଗୌଡ, ଏସ୍ଏନ ବରାଳ, ରାମକୃଷ୍ଣ ଦାସ, ପ୍ରମୋଦ ମହାନ୍ତି, ସୁଦର୍ଶନ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।





ବିକ୍ଷୋଭ ପ୍ରଦର୍ଶନ କରୁଥିବା କର୍ମକର୍ତ୍ତା।

## ସାପ୍ତାହିକ ହାଟରେ ଦୋକାନ ସିଲ୍, ଜରିମାନା

**ଦଶମନ୍ତପୁର, ୩ା୭( ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସାପ୍ତାହିକ ହାଟରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଛି। କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଘଂନ କରିଥିବା ଦୋକାନୀ, ସାଧାରଣ ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଏଥିସହ ୬ଟି ଦୋକାନକୁ ମଧ୍ୟ ସିଲ୍ କରାଯାଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ତହସିଲଦାର ଅଜୟ ପ୍ରକାଶ ତିର୍କୀ, ଥାନାଧିକାରୀ କ୍ଷୀରେଶ୍ୱର ସାହୁ ହାଟରେ ପହଞ୍ଚି ସେଠାରେ ବିକ୍ରି କରାଯାଉଥିବା ପେଣ୍ଡମ, ଲନ୍ଦା ଭଳି ନିଶା ଦ୍ରବ୍ୟକୁ ନଷ୍ଟ କରିଦେଇଥିଲେ। ଏହି ସହ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତା ରକ୍ଷା ନ କରି ଗ୍ରାହକଙ୍କୁ ଜିନିଷ ବିକିବା ଅଭିଯୋଗରେ ୫ଟି ତେଜରାତି ଓ ଗୋଟିଏ ମୋବାଇଲ ଦୋକାନକୁ ସେମାନେ ସିଲ୍ କରିଦେଇଥିଲେ। ଏଥିସହ କୋଭିଡ୍ ନିୟମ ଉଲ୍ଲଘଂନ କରୁଥିବା ବେପାରୀ ଓ ଲୋକଙ୍କଠାରୁ୧୨ ହଜାର ୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରତ୍ୟେକ ଶନିବାର ଓ ରବିବାର ଶଟ୍‌ଡାଉନ୍ କରାଯାଇଛି। ଏହାର ନିୟମ ନ ମାନିଲେ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଚେତାବନୀ ଦେଇଛନ୍ତି। ଏହି ଚଢାଉବେଳେ ବି.କେ.ପଣ୍ଡାଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ ଶୁକ୍ରବାର କୋରାପୁଟ ଜିଲାରୁ ୪ଜଣ କରୋନା ପଜିଟିଭ ଚିହ୍ନଟ କରାଯାଇଛି।



ପ୍ରଶାସନିକ ଅଧିକାରୀମାନେ ହାଟରେ ଦେଶୀମଦ ନଷ୍ଟ କରୁଛନ୍ତି ।

## କୋରାପୁଟ ଜିଲାରେ ୪ କରୋନା ଆକ୍ରାନ୍ତ ଚିହ୍ନଟ

**କୋରାପୁଟ,୩ା୭(ସ୍ୱ.ପ୍ର.)-** କୋରାପୁଟ ଜିଲାରେ ଶୁକ୍ରବାର ୪ ଜଣ କରୋନାରେ ଅକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି । ଜିଲାର ନାରାୟଣପାଟଣା ବ୍ଲକ ପୋଡାପଦର ସଙ୍ଗରୋଧ କେନ୍ଦ୍ରରୁ ଜଣେ ଚିହ୍ନଟ ହୋଇଥିବାବେଳେ ବୋରିଗୁମ୍ମା ବ୍ଲକ ଅଞ୍ଚଳରୁ ୩ ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୨କୁ ବୃଦ୍ଧି ପାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଶୁକ୍ରବାର ସୁଦ୍ଧା ଜିଲାରେ ୮ହଜାର ୫୧୧ ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ୭ ହଜାର ୯୨୭ ରିପୋର୍ଟ ଆସିଛି। ସେଥିରୁ ୫୨ ଜଣଙ୍କ ପଜିଟିଭ ଆସିଥିବାବେଳେ ଅନ୍ୟ ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଛି । ବର୍ତ୍ତମାନ ସୁଦ୍ଧା ଚିହ୍ନଟ ୫୨ ଜଣଙ୍କ ମଧ୍ୟରୁ ୨୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲାକୁ ସପ୍ତାହକୁ ୨ଦିନ ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହା ଶୁକ୍ରାବର ରାତି ୧୨ଟାରୁ ଆରମ୍ଭ ହୋଇ ସୋମବାର ଭୋର ୫ଟା ଯାଏ ବଳବତ୍ତର ରହିବ ବୋଲି ଜିଲାପାଳ ମଧୁସୂଧନ ମିଶ୍ର କହିଛନ୍ତି।

## କୋର୍ଟଚାଲାଣ ହେଲେ ଜିଲା କୃଷି ଅଧିକାରୀ

**ଜୟପୁର,୨ା୭(ଡି.ଏନ.ଏ.)-**

ଯୁଗ୍ମ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ପାଇ ଜୟପୁର କାର୍ଯ୍ୟାଳୟରୁ ରିଲିଭ ହୋଇ ଏକ କାର ଯୋଗେ ଭୁବନେଶ୍ୱର ଯାଉଥିବା ବେଳେ ବାଟରେ ଭିଜିଲାନ୍ସ ଜାଲରେ ପଡି ଗିରଫ ହୋଇଥିବା କୋରାପୁଟ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ମହାନ୍ତିଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ତାଙ୍କ ଜାମିନ ଶୁଣାଣି ସ୍ଥଗିତ ରଖି କୋର୍ଟ ଆସନ୍ତା ୬ ତାରିଖ ଯାଏ ମହାନ୍ତିଙ୍କୁ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି। ତାଙ୍କ ସମ୍ପତ୍ତି ଆକଳନ ମଧ୍ୟ ଶେଷ ହୋଇଛି। ଭୁବନେଶ୍ୱର ଶୈଳଶ୍ରୀ ବିହାରସ୍ଥିତ ବାସଭବନ ଉପରେ ଭିଜିଲାନ୍ସ ଚଢାଉ ସହ ଯାଞ୍ଚ ବେଳେ କୃଷି ଅଧିକାରୀ ମହାନ୍ତିଙ୍କ ୧କୋଟି ୩ଲକ୍ଷ ୮୩ ହଜାର ୧୫୧ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ସେଥିରେ ଶୈଳଶ୍ରୀ ବିହାରରେ ଦ୍ୱିତଳ ପ୍ରାସାଦ,୨ଟି ଫ୍ଲାଟ, ଘରୁ ୭ଲକ୍ଷ ୪୫ ହଜାର ୧୦୦ ଟଙ୍କା, ବିଭିନ୍ନ ବ୍ୟାଙ୍କରେ ୩୨ ଲକ୍ଷ୧୬ ହଜାର ୪୨୬ ଟଙ୍କା ଠାବ କରାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଜୁଲାଇ ୪/୨୦୨୦ Saturday, July 4/2020

## ସଂକ୍ଷେପରେ

### ଫୁଟବଲ ପ୍ରତି ଆଗ୍ରହ ବଢୁଛି: ବାଲା ଦେବୀ



**ନୂଆଦିଲ୍ଲୀ, ୩।୭:** ଭାରତ ୨୦୨୨ ଏଏଫସି ଏସିଆନ କପ୍ ଆୟୋଜନ କରିବା ଘଟଣା ଭାରତୀୟ ମହିଳା ଫୁଟବଲ ଦଳର ଫରୱାର୍ଡ ବାଲା ଦେବୀଙ୍କୁ ଖୁବ୍ ଉତ୍ସାହିତ କରିଛି। ଏଥିପାଇଁ ସେ ପଡ଼ିଆକୁ ଓହ୍ଲାଇ ଫିଟ୍‌ନେସ ରହିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସ୍କଟିଶ୍ ପ୍ରିମିୟର ଲିଗ୍‌ରେ ଏହି ଭାରତୀୟ ଷ୍ଟ୍ରାଇକର ଖେଳିବେ। କରୋନା ଭାଇରସ ସଂକ୍ରମଣ ଯୋଗୁ ଏହା ଏବେ ବନ୍ଦ ରହିଛି। ଏହା ପୁଣି ଆରମ୍ଭ ହେବାକୁ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି ଏହି ଭାରତୀୟ ମହିଳା ଫୁଟବଲ ତାରକା। ଭାରତ ଏଏଫସି ଏସିଆନ କପ୍ ଆୟୋଜନ ଅଧିକାର ପାଇଥିବାରୁ ମୁଁ ଅତ୍ୟନ୍ତ ଖୁସି। ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ କରିବା ସମ୍ମାନର କଥା। ଏହା ଭାରତୀୟ ମହିଳା ଫୁଟବଲ ପାଇଁ ଅନେକ ଗୁରୁତ୍ୱ ରଖିବ। ଏହା ବ୍ୟତୀତ ଏହା ଆମକୁ ଅଧିକ ପରିଶ୍ରମ କରିବା ପାଇଁ ପ୍ରେରିତ କରିବ ବୋଲି ବାଲା ଦେବୀ କହିଛନ୍ତି। ଭାରତରେ ୨୦୧୬ରେ ଏଏଫସି ୧୬ ବର୍ଷରୁ କମ୍ ଚାମ୍ପିୟନଶିପ୍, ୨୦୧୭ରେ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ ଆୟୋଜିତ ହୋଇଥିବାବେଳେ ୨୦୨୧ରେ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ ହେବାକୁ ଯାଉଛି। ୨୦୨୨ରେ ଏଏଫସି ଏସିଆନ କପ୍ ଆୟୋଜନ ହେବ। ତେଣୁ ଦେଶରେ ଫୁଟବଲ ପ୍ରତି ଆଗ୍ରହ ବଢ଼ିବାରେ ଲାଗିଛି ବୋଲି ଅନୁଭବ କରୁଛନ୍ତି ବାଲା।

### କୋହଲିଙ୍କ ସହ ତୁଳନାକୁ ବାବରଙ୍କ ନାପସନ୍ଦ

**କରାଚୀ,୩।୭(ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ସହ ତାଙ୍କୁ ତୁଳନା କରାଯାଉଥିବାରୁ ପାକିସ୍ତାନ ସୀମିତ ଓଭର ଅଧିନାୟକ ବାବର ଆଜମ ନାପସନ୍ଦ କରିଛନ୍ତି। କୋହଲିଙ୍କ ସହ ମୋତେ ବାରମ୍ବାର ତୁଳନା କରାଯାଉଛି। ଏ ନେଇ ବାବର ଆପତ୍ତି ଉଠାଇଛନ୍ତି। ବରଂ ନିଜ ଦେଶର ପୂର୍ବତନ ବ୍ୟାଟ୍ସମ୍ୟାନଙ୍କ ସହ ତୁଳନା କଲେ ଭଲ ହୁଅନ୍ତା ବୋଲି ସେ କହିଛନ୍ତି। କୋହଲିଙ୍କଠାରୁ ବାବର ୬ ବର୍ଷ ଛୋଟ। ୩ଟି ଯାକ ଫର୍ମାଟ୍‌ରେ କୋହଲିଙ୍କ ସହ ସମକକ୍ଷ ହେବାକୁ ତାଙ୍କୁ ଆହୁରି ବହୁତ ବାଟ ଯିବାକୁ ଅଛି। କୋହଲି ଏପର୍ଯ୍ୟନ୍ତ ୩ଟି ଫର୍ମାଟରେ ୭୦ଟି ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି ୫୦ରୁ ଊର୍ଦ୍ଧ୍ୱ ରନ୍ ହାରରେ। କୋହଲିଙ୍କ ବଦଳରେ ଯଦି ମୋତେ ଜାଭେଦ୍ ମିଆଁଦାଦ, ମହମ୍ମଦ ୟୁସୁଫ କିମ୍ବା ୟୁନିସ୍ ଖାନଙ୍କ ସହ ତୁଳନା କରାଯାଆନ୍ତା ତା'ହେଲେ ଅଧିକ ଖୁସୀ ହୁଅନ୍ତି ବୋଲି ୨୫ ବର୍ଷୀୟ ବାବର କହିଛନ୍ତି। ମୋତେ କୋହଲି କିମ୍ବା ଭାରତୀୟ ଖେଳାଳିଙ୍କ ସହ କାହିଁକି ତୁଳନା କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ବାବର ଏବେ ପାକିସ୍ତାନ ଦଳ ସହ ଇଂଲଣ୍ଡରେ ଅଛନ୍ତି।

# ଶ୍ରୀଲଙ୍କା ୟୁଭା ଲିଗ୍ ମ୍ୟାଚକୁ ନେଇ ବିବାଦ

**ନୂଆଦିଲ୍ଲୀ, ୩।୭ (ପି.ଟି.)**

ଚଣ୍ଡିଗଡ଼ ନିକଟରେ ଏକ ଟି୨୦ ମ୍ୟାଚ ଖେଳାଯାଇଥିଲା। କିନ୍ତୁ ଅନ୍‌ଲାଇନ୍ ଷ୍ଟ୍ରିମ୍‌ରେ ଏହି ଖେଳ ଶ୍ରୀଲଙ୍କାରେ ହୋଇଥିବା ଦର୍ଶାଯାଇଛି, ଯାହାକି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଦୁର୍ନୀତି ନିବାରଣ ଶାଖା (ଏସିୟୁ), ପଞ୍ଜାବ ପୋଲିସ ଏବଂ ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସ୍‌ଏଲ୍‌ସି)ର ନଜରକୁ ଆସିଛି। ଏସ୍‌ଏଲସି କହିଛି ଏଥିରେ ଏହାର ସମ୍ପୃକ୍ତି ନାହିଁ। ଯଦି ଅଭିଯୋଗ ଆସେ ତେବେ ଆଇନଗତ ପଦକ୍ଷେପ ନେବାକୁ ପଛାଇବ ନାହିଁ। ଏଣେ ଏକ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଅନୁସାରେ ଏହି ମ୍ୟାଚ ଜୁନ୍ ୨୯ ତାରିଖରେ ଚଣ୍ଡିଗଡ଼ଠାରୁ ୧୬ କିଲୋମିଟର ଦୂର ସାଓ୍ୱାରା ଗ୍ରାମ୍‌ରେ ଖେଳାଯାଇଥିଲା। କିନ୍ତୁ ଅନ୍‌ଲାଇନ୍ ଷ୍ଟ୍ରିମ୍‌ରେ ଏହା 'ୟୁଭା ଟି୨୦ ଲିଗ୍'ର ଏକ ମ୍ୟାଚ ବୋଲି ଦର୍ଶାଯାଇଥିଲା। ୟୁଭା ପ୍ରୋଭିନ୍ସ କ୍ରିକେଟ ଆସୋସିଏଶନର ନିଜ ସହର ତଥା ଶ୍ରୀଲଙ୍କାର ବଦୁଲା ସହରରେ ଅନୁଷ୍ଠିତ ହୋଇଥିଲା। ପଞ୍ଜାବ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ମ୍ୟାଚ୍ ସହିତ କୌଣସି ବେଟିଂ ସିଣ୍ଡିକେଟ୍ ସମ୍ପୃକ୍ତ କି ନା ତାହାର ଅନୁସନ୍ଧାନ ଚାଲିଛି। ବିସିସିଆଇ ଏହି ମ୍ୟାଚ ସହିତ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ଖୋଜଖବର ନେଉଛି। ଅନ୍ୟପକ୍ଷରେ ମ୍ୟାଚ୍‌କୁ ନେଇ ଶ୍ରୀଲଙ୍କାରେ ଯୋଜନା ପ୍ରସ୍ତୁତ ହୋଇଥିବା ସମ୍ପର୍କରେ କୌଣସି ଖବର ନ ଥିବା ଏସ୍‌ଏଲ୍‌ସି କହିଛି। ବିସିସିଆଇ ଦୁର୍ନୀତି ନିବାରଣ ଶାଖା ମୁଖ୍ୟ ଅଜିତ୍ ସିଂ କହିଛନ୍ତି, ମ୍ୟାଚ୍ ସହିତ ସମ୍ପୃକ୍ତ ଲୋକମାନଙ୍କ ଖୋଜ ଖବର ନିଆଯାଉଛି। ଆମେ ଆମ ଡାଟାବେସ୍‌କୁ ଅପ୍‌ଡେଟ୍ କରିବାକୁ ଚାହୁଁଛୁ। ବିସିସିଆଇର ଏକ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଭାବେ ଏହା ଆମ କର୍ତ୍ତୃତ୍ୱ ବାହାରେ। କେବଳ ପୋଲିସ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେ କହିଛନ୍ତି, ଯଦି ଏହା ବିସିସିଆଇର ସ୍ୱୀକୃତିପ୍ରାପ୍ତ ଲିଗ୍ ହୋଇଥାନ୍ତା କିମ୍ବା ଆମର କୌଣସି ଖେଳାଳି ଏଥିରେ ଅଂଶଗ୍ରହଣ କରିଥାନ୍ତେ ତେବେ ଆମେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିଥାନ୍ତୁ। ଯଦି ଏହା ବେଟିଂ ଉଦ୍ଦେଶ୍ୟରେ ଖେଳାଯାଇଥାଏ ତେବେ ଏହା ଏକ ଫୌଜଦାରି ଅପରାଧ। କେବଳ ପୋଲିସ ହିଁ ଏକ୍ଷେତ୍ରରେ ଯାହା ପଦକ୍ଷେପ ନେଇ ପାରିବ। ଆମର ଏଥିରେ କିଛି କରିବାର ନାହିଁ। ଶ୍ରୀଲଙ୍କା କ୍ରିକେଟ ତରଫରୁ ଏକ ବିବୃତିରେ କୁହାଯାଇଛି ଯେ, ଏକ ଅଜ୍ଞାତ ପାର୍ଟି ଦ୍ୱାରା ଆୟୋଜିତ 'ୟୁଭା ପ୍ରିମିୟର ଲିଗ୍ ଟି୨୦' ଶୀର୍ଷକ ଟୁର୍ନାମେଣ୍ଟରେ ଏସ୍‌ଏଲ୍‌ସି ସମ୍ପୃକ୍ତ ନାହିଁ କିମ୍ବା ଏହାକୁ ସ୍ୱୀକୃତି ପ୍ରଦାନ କରି ନାହିଁ। ସୂଚନାଯୋଗ୍ୟ, ବାଦୁଲା ଷ୍ଟାଡିୟମରେ ଜୁନ୍ ୨୯ରେ ୟୁଭା ପ୍ରିମିୟର ଲିଗ୍ ଟି୨୦ର ଖେଳାଯାଇଥିବା ଏହି ମ୍ୟାଚରେ ବହୁ ଭାରତୀୟ ୱେବ୍‌ସାଇଟ୍‌ର ବିଜ୍ଞାପନ ସ୍କୋର ବୋର୍ଡରେ ଦେଖିବାକୁ ମିଳିଥିଲା। କିନ୍ତୁ ଏଭଳି ଟୁର୍ନାମେଣ୍ଟ ଶ୍ରୀଲଙ୍କାରେ ଆୟୋଜିତ ହୋଇ ନାହିଁ କି ଭବିଷ୍ୟତରେ ହେବାର ନାହିଁ ବୋଲି ଏସ୍‌ଏଲ୍‌ସି ପକ୍ଷରୁ ଦୃଢ଼ଭାବେ କୁହାଯାଇଛି। ଏସ୍‌ଏଲ୍‌ସିର ସିଇଓ ଆଶଲେ ଡି' ସିଲ୍‌ଭା କହିଛନ୍ତି, ଏହି ବିଷୟର ପ୍ରକୃତ ସତ୍ୟାସତ୍ୟ କ'ଣ ତାହା ଯାଞ୍ଚ କରି ଦେଖିବା ଲାଗି ସେ ଦୁର୍ନୀତି ନିବାରଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଟେସେବ୍ଲ ମାଷ୍ଟର୍ସ ଚେସ୍

### କାର୍ଲସେନ-ଗିରି ଫାଇନାଲ

ରୁଷୀୟ ଗ୍ରାଣ୍ଡମାଷ୍ଟର ଇଆନ ନେପୋମନିଆଚିଙ୍କୁ ୩.୫-୨.୫ ପଏଣ୍ଟରେ ହରାଇ ରୁଷିଆ ଜନ୍ମିତ ଡଚ୍ ଚେସ୍ ତାରକା ଆନିଶ୍ ଗିରି ଅନ୍‌ଲାଇନ୍ ଚେସେବ୍ଲ ମାଷ୍ଟର୍ସ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗ୍ରାଣ୍ଡମାଷ୍ଟର ଗିରି ଫାଇନାଲରେ ବିଶ୍ୱ ଚାମ୍ପିୟନ ମ୍ୟାଗ୍ନସ କାର୍ଲସେନଙ୍କୁ ଭେଟିବେ। ମ୍ୟାଗ୍ନସ କାର୍ଲସେନ ଚେସ୍ ଟୁର୍‌ର ଏହା ହେଉଛି ତୃତୀୟ ଇଭେଣ୍ଟ। ଜୁନ ୨୦ରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ଜୁଲାଇ ୫ରେ ଶେଷ ହେବ। ଫାଇନାଲ ପାଇଁ ନରୱେର କାର୍ଲସେନଙ୍କୁ ଫେଭରାଇଟ କୁହା ଯାଉଥିଲେ ହେଁ ଏହି ବିଶ୍ୱ ଚାମ୍ପିୟନଙ୍କୁ ହରାଇବାକୁ ଆଶା ରଖିଛନ୍ତି ଆନିଶ୍। ନେପୋମନିଆଚିଙ୍କ ବିପକ୍ଷ ମ୍ୟାଚ ପରେ ଆତ୍ମବିଶ୍ୱାସ ଦୃଢ଼ ହୋଇଛି। ଫାଇନାଲ ପୂର୍ବରୁ ଆଉ ଅଭ୍ୟାସର ଆବଶ୍ୟକ ନାହିଁ। ଏହା ଖୁବ୍ ଚ୍ୟାଲେଞ୍ଜିଂ ହେବ ବୋଲି ଆନିଶ୍ ପ୍ରକାଶ କରିଛନ୍ତି।



ଆନିଶ୍ ଗିର



ମ୍ୟାଗ୍ନସ କାର୍ଲସେନ

# ଜୁନିୟର ଆଥଲେଟ୍‌ଙ୍କ ପାଇଁ ଟାର୍ଗେଟ୍ ଅଲିମ୍ପିକ୍ ପୋଡିୟମ

**ନୂଆଦିଲ୍ଲୀ, ୩।୭(ପି.ଟି.)**




ଜୁନିୟର ଆଥଲେଟ୍‌ଙ୍କ ପାଇଁ ଦେଶରେ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍ (ଟପ୍ସ) ଆରମ୍ଭ ହେବ। ୨୦୨୮ ସୁଦ୍ଧା ଅଲିମ୍ପିକ୍ ଚାମ୍ପିୟନ ସୃଷ୍ଟି କରିବା ମୁଖ୍ୟ ଲକ୍ଷ୍ୟ। 'ଫିଟ୍ ହେ ତୋ ହିଟ୍ ହେ ଫିଟ୍ ଇଣ୍ଡିଆ' ୱେବିନାର ଅବସରରେ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଏହା ଘୋଷଣା କରିଛନ୍ତି। ଏଥିରେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖ୍ରିଆଲ, ଅଲିମ୍ପିକ୍ ମେଡାଲିଷ୍ଟ ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ ଏବଂ ଭାରତୀୟ ଫୁଟବଲ ଅଧିନାୟକ ସୁନୀଲ ଛେତ୍ରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ''ଅଲିମ୍ପିକ୍ସରେ ପଦକ ସମସ୍ତ ଭାରତୀୟଙ୍କ ସ୍ୱପ୍ନ। ଅଲିମ୍ପିକ୍ସ ସବୁଠାରୁ ବଡ଼ କ୍ରୀଡ଼ା। ଏହାର ପଦକ ତାଲିକାରେ ଭାରତ ବହୁ ପଛରେ ରହିବା ସମସ୍ତଙ୍କୁ ଆଘାତ ପହଞ୍ଚାଉଛି। ଆମେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରୁଛୁ। ଅଲିମ୍ପିକ୍ସରେ ପଦକ ଜିତିବା ସମ୍ଭାବନା ଥିବା ସିନିୟର ଆଥଲେଟ୍‌ଙ୍କୁ ଟପ୍ସ ସ୍କିମ୍‌ରେ ସାମିଲ କରାଯାଇଛି। ଏବେ ଜୁନିୟର ଆଥଲେଟ୍‌ଙ୍କ ପାଇଁ ଏହା ଖୁବ୍ ଶୀଘ୍ର ଆରମ୍ଭ ହେବ'' ବୋଲି ରିଜିଜୁ କହିଛନ୍ତି। ସରକାର ୧୦ରୁ ୧୨ ବର୍ଷର ପ୍ରତିଭାଙ୍କୁ ଅନ୍ୱେଷଣ କରି ଏହି ସ୍କିମ୍‌ରେ ସାମିଲ କରିବେ। ଆମେ ସେମାନଙ୍କର ସବୁ ପ୍ରକାର ଯତ୍ନ ନେଇ ୨୦୨୮ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ କରିବୁ ବୋଲି ସେ କହିଛନ୍ତି। ୨୦୨୮ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଟପ୍-୧୦ ଫିନିଶ୍ କରିବା ଭାରତର ଲକ୍ଷ୍ୟ।

# ଲିଭରପୁଲ୍ ପରାସ୍ତ

**ମାଞ୍ଚେଷ୍ଟର,୩।୭(ଏପି):** ୩୦ ବର୍ଷ ପରେ ଇଂଲିଶ୍ ପ୍ରିମିୟର ଲିଗ୍ ହାସଲ କରିଥିବା ଲିଭରପୁଲ ଏକ ବୃହତ୍ ପରାଜୟ ବରଣ କରିଛି। ଗୁରୁବାର ଖେଳାଯାଇଥିବା ଇଂଲିଶ୍ ପ୍ରିମିୟର ଲିଗ୍‌ର ଏକ ମ୍ୟାଚ୍‌ରେ ମାଞ୍ଚେଷ୍ଟର ସିଟି ୪-୦ରେ ଲିଭରପୁଲ୍‌କୁ ହରାଇଛି। ଦୀର୍ଘ ୩ ଦଶନ୍ଧି ପରେ ଟାଇଟଲ ହାସଲ କରିଥିବାରୁ ଲିଭରପୁଲ୍‌କୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସିଟି ତରଫରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏଥିରେ ଲିଭରପୁଲ୍ ଖେଳାଳି ଖୁସି ହୋଇଥିଲେ। ତେବେ ଏହା ବେଶି ସମୟ ତିଷ୍ଠି ନ ଥିଲା। ସିଟି ତରଫରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରାଯାଇଥିଲା। ସିଟି ତରଫରୁ ୨୫ ତମ ମିନିଟ୍‌ରେ ଡି କେଭିନ୍ ଡି ବ୍ରୁନେ ପ୍ରଥମ ଗୋଲ ସ୍କୋର କରି ଖାତା ଖୋଲିଥିଲେ। ଏହାପରେ ୩୫ତମ ମିନିଟ୍‌ରେ ରାହିମ ଷ୍ଟର୍ଲିଂ ଓ ୪୫ତମ ମିନିଟ୍‌ରେ ଫିଲ୍ ଫୋଡେନ ଗୋଲ ସ୍କୋର କରିଥିଲେ। ଶେଷରେ ଲିଭରପୁଲ୍ ତରଫରୁ ୬୬ତମ ମିନିଟ୍‌ରେ ଓକ୍ସଲାଡ-ଚାମ୍ବରଲାନଙ୍କ ଆତ୍ମଘାତୀ ଗୋଲ ବଳରେ ସିଟି ୪-୦ରେ ବିଜୟୀ ହୋଇଥିଲା। ଷ୍ଟର୍ଲିଂଙ୍କ ଲୋ-ଡ୍ରାଇଭ୍ ଚାମ୍ବରଲେନ୍‌ଙ୍କ ଦ୍ୱାରା ସ୍ଲାଇଡ୍ ହୋଇଥିଲା ଓ ଲିଭରପୁଲ୍ ନେଟ୍ସ ଭିତରକୁ ବଲ୍ ଚାଲିଯାଇଥିଲା। ତେବେ ଏହି ପରାଜୟ କୌଣସି ଫରକ ଆଣିବ ନାହିଁ। ୩୨ଟି ମ୍ୟାଚ୍ ଖେଳି ଲିଭରପୁଲ ୮୬ ପଏଣ୍ଟ ହାସଲ କରିଛି ଓ ଗତ ସପ୍ତାହରେ ଚାମ୍ପିୟନ ଘୋଷିତ ହୋଇସାରିଛି। ୭ଟି ଗେମ୍ ବାକିଥାଇ ଲିଭରପୁଲ ସର୍ବାଧିକ ପଏଣ୍ଟ ହାସଲ କରି ଚାମ୍ପିୟନ ଘୋଷିତ ହୋଇଥିଲା।

# ପ୍ରାକ୍ଟିସ୍‌ରେ ହାମିଲଟନ ଦ୍ରୁତତମ

**ସ୍ପିଲବର୍ଗ (ଅଷ୍ଟ୍ରିଆ), ୩।୭ (ଏପି):** ସିଜନ ଓପନିଂ ଫର୍ମୁଲାୱାନ୍ ରେସ୍ ଅଷ୍ଟ୍ରିଆନ ଗ୍ରାଁ ପ୍ରିର ପ୍ରଥମ ପ୍ରାକ୍ଟିସ୍ ସେସନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫର୍ମୁଲାୱାନ୍ ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ ଦ୍ରୁତତମ ବିବେଚିତ ହୋଇଛନ୍ତି। ସ୍ପିଲବର୍ଗର ରେଡ୍‌ବୁଲ୍ ରିଙ୍ଗ୍ ସର୍କିଟ୍‌ରେ ୪.୩ କିଲୋମିଟର (୨.୭ ମାଇଲ୍) ବିଶିଷ୍ଟ ରେସ୍‌ରେ ବ୍ରିଟିଶର ଏହି ଡ୍ରାଇଭର ତାଙ୍କ ମର୍ସିଡିଜ ଟିମ୍‌ମେଟ୍ ଭାଲ୍‌ଟେରୀ ବୋଟାସଙ୍କୁ .୩୫୬ ସେକେଣ୍ଡ ଟାଇମିଂ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଠାରେ ଅତୀତର ଦୁଇଟି ରେସ୍ ଜିତିଥିବା ରେଡ୍‌ବୁଲ୍ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍ ହାମିଲ୍‌ଟନ୍‌ଙ୍କଠାରୁ .୬୦୨ ସେକେଣ୍ଡ ପଛରେ ତୃତୀୟ ଦ୍ରୁତତମ ହୋଇଥିଲେ। ଫେରାରିର ଦୁଇ ଡ୍ରାଇଭରଙ୍କୁ ସ୍ପିଡ୍ ପାଇଁ ସଂଘର୍ଷ କରିବାକୁ ପଡ଼ିଥିଲା। ଚାର୍ଲ୍ସ ଲେକ୍‌ରେକ୍ ୧୦ମ ଏବଂ ସେବିଷ୍ଟିଆନ ଭେଟେଲ ୧୨ତମ ସ୍ଥାନ ଅଧିକାର କରିଥିଲେ। ଫେବୃୟାରୀ ପ୍ରି-ସିଜନ ଟେଷ୍ଟିଂ ବେଳେ ଫେରାରି ଯେଉଁ କାର୍ ବ୍ୟବହାର କରିଥିଲା, ଏଠାରେ ଅପ୍‌ଗ୍ରେଡ୍ ନ କରି ସେହି ସମାନ କାର୍ ବ୍ୟବହାର କରିଥିଲା। ଅନ୍ୟପକ୍ଷରେ ମର୍ସିଡିଜ ଏବଂ ଅନ୍ୟ ଟିମ୍‌ଗୁଡ଼ିକ ସେମାନଙ୍କ କାର୍‌ର ଅପ୍‌ଗ୍ରେଡ୍ କରିଥିଲେ।



# ୱେଷ୍ଟଇଣ୍ଡିଜ ଟେଷ୍ଟ ଦଳରେ ଗାବ୍ରିଏଲ୍

**ମାଞ୍ଚେଷ୍ଟର,୩।୭ (ପି.ଟି.):** ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଅଭିଜ୍ଞ ଦ୍ରୁତ ବୋଲର ଶାନନ ଗାବ୍ରିଏଲଙ୍କୁ ଦଳରେ ସାମିଲ କରିଛି ୱେଷ୍ଟଇଣ୍ଡିଜ। ଗୋଇଠିରେ ଅସ୍ତ୍ରୋପଚାର କରାଇଥିବା ଗାବ୍ରିଏଲ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କୁ ୧୫ ଜଣିଆ ଦଳରେ ସାମିଲ କରାଯାଇଛି। ୮ ତାରିଖରୁ ଟେଷ୍ଟ ସିରିଜ ଆରମ୍ଭ ହେବ। ଇଂଲଣ୍ଡରେ ୱେଷ୍ଟଇଣ୍ଡିଜ ଦଳ ପହଞ୍ଚିବା ପରେ ଗାବ୍ରିଏଲଙ୍କୁ ରିଜର୍ଭ ଖେଳାଳି ଭାବେ ସାମିଲ କରାଯାଇଥିଲା। ସେ ଓଲ୍ଡ ଟ୍ରାଫର୍ଡରେ ଅନୁଷ୍ଠିତ ଦୁଇଟି ଇଣ୍ଟର-ସ୍କ୍ୱାଡ୍ ୱାର୍ମ- ଅପ୍ ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲିଂ ବିଭାଗର ଅଂଶବିଶେଷ ହୋଇଛନ୍ତି ବୋଲି ଚୟନକର୍ତ୍ତା ରୋଜର ହାର୍ପର କହିଛନ୍ତି। ତାଙ୍କ ସହିତ ଅଧିନାୟକ ଜାଶନ ହୋଲ୍ଡର, କେମର ରୋଚ, ଚେମର ହୋଲ୍ଡର, ଅଲଜାରୀ ଜୋଶେଫ୍ ଓ ରେମନ ରେଇଫର ଦ୍ରୁତ ବୋଲିଂର ଦାୟିତ୍ୱ ସମ୍ଭାଳିବେ।

୩ଟି ଇନିଂସ୍‌ରେ ବୋଲିଂ କରି ଗାବ୍ରିଏଲ ୧୨୨ ରନ ବ୍ୟୟ କରି ୮ ଉଇକେଟ ହାସଲ କରିଥିଲେ। ୨୦୧୨ ମେ'ରେ ଲର୍ଡ୍ସ ଗ୍ରାଉଣ୍ଡରେ ଗାବ୍ରିଏଲ ଟେଷ୍ଟ ପଦାର୍ପଣ କରିଥିଲେ। ସେ ଏପର୍ଯ୍ୟନ୍ତ ୪୫ଟି ଟେଷ୍ଟ ଖେଳି ୧୩୩ ଉଇକେଟ ହାସଲ କରିଛନ୍ତି। ଦୁଇବର୍ଷ ତଳେ ସେ ସେଣ୍ଟ ଲୁସିଆରେ ଶ୍ରୀଲଙ୍କା ବିପକ୍ଷ ଘରୋଇ ଟେଷ୍ଟରେ ୬୨ ରନରେ ୮ ଉଇକେଟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏହି ମ୍ୟାଚ୍‌ରେ ସେ ୧୨୧ ରନ ବ୍ୟୟ କରି ମୋଟ ୧୩ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ଟେଷ୍ଟ ବୁଧବାରଠାରୁ ଏଜାସ୍ ବାଓଲ୍‌ରେ ଆରମ୍ଭ ହେବ।

**ୱେଷ୍ଟଇଣ୍ଡିଜ ଟେଷ୍ଟ ଦଳ:** ଜାସନ ହୋଲ୍ଡର (ଅଧିନାୟକ), ଜର୍ମେନ ବ୍ଲାକ୍‌ଉଡ୍, ଏନ୍‌କ୍ରୁମା ବୋନର, କ୍ରେଗ ବ୍ରାଥୱେଟ୍, ଶମରା ବ୍ରୁକ୍ସ, ଜନ୍ କ୍ୟାମ୍ପବେଲ, ରୋଷ୍ଟନ ଚେଜ, ରାଖିମ କର୍ନୱାଲ, ଶେନ୍ ଡୋରିଚ୍, ଶାନନ ଗାବ୍ରିଏଲ୍, ଚେମର ହୋଲ୍ଡର, ସାଇ ହୋପ୍, ଅଲ୍‌ଜାରି ଜୋଶେଫ୍, ରେମନ ରିଫର ଓ କେମର ରୋଚ୍।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ